- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-204 ◆MONDAY ◆19 JANUARY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୦୪ ◆ସୋମବାର ◆୧୯ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




ସାବାଲେଙ୍କାଙ୍କ ବିଜୟ ଅଭିଯାନ

▶ପୃଷ୍ଠା ୧୨ ଦେଖନ୍ତୁ...

# ନଥିରେ 'ପରିଷଦ'; ବ୍ୟାଙ୍କରେ ପାଣ୍ଠି

## ଦୁଇ ବର୍ଷ ହେଲା ପଶ୍ଚିମ ଓଡ଼ିଶା ବିକାଶ ପରିଷଦରେ ପଡ଼ିଛି ହଜାରେ କୋଟି ଟଙ୍କା

## ଉତ୍ତର ଓ ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ ପାଇଁ ହୋଇଥିଲା ୪୦୦ କୋଟି ବରାଦ

■ ଭୁବନେଶ୍ୱର, ୧୮ ।୧ (ସମିସ): ସରକାରକୁ ୧୯ ମାସ ପୂରି ୨୦ ମାସ ଚାଲିଲାଣି । ତେଣୁ ସରକାରଙ୍କୁ ଆଉ ନୂଆ ବୋଲି କହି ହେଉ ନାହିଁ । ବିଭାଗୀୟ ସଚିବଙ୍କ ପରାମର୍ଶ ଓ ମାର୍ଗଦର୍ଶନରେ ମନ୍ତ୍ରୀମାନେ ଏବେ ପୁରୁଖା ହୋଇ ସାରିଲେଣି । ମାତ୍ର ସରକାରଙ୍କ ଦ୍ୱାରା ଘୋଷିତ ଉତ୍ତର ଓଡ଼ିଶା ବିକାଶ ପରିଷଦ ଓ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଏଯାଏ ଗଠନ ହୋଇ ପାରିଲା ନାହିଁ । ବିଡ଼ମ୍ବନା ହେଉଛି ଯେଉଁ ପଶ୍ଚିମ ଓଡ଼ିଶାରୁ ବିଜେପିକୁ ସର୍ବଦା ସର୍ବାଧିକ ସମର୍ଥନ ମିଳି ଆସିଛି, ସେହି ପଶ୍ଚିମ ଓଡ଼ିଶାର ବିକାଶ ପାଇଁ ଗଠନ ହୋଇଥିବା ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଏଯାଏ ନିଯୁକ୍ତି ପାଇ ପାରିଲେ ନାହିଁ । ବର୍ଷବର୍ଷ ଧରି ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରେ ହଜାର ହଜାର କୋଟି ଟଙ୍କା ପଡ଼ି ରହିଛି, ମାତ୍ର ଗାଁରେ ବିକାଶକାମ ହେଉ ନାହିଁ । ଉତ୍ତର ଓ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ପାଇଁ ବରାଦ ୪୦୦ କୋଟି ଟଙ୍କା ବଜେଟ୍ ବରାଦ ଖର୍ଚ୍ଚ ହୋଇ ପାରୁନାହିଁ; ଏପରିକି ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ସରକାରୀ ଅର୍ଥ ରଖିବାକୁ ସରକାରଙ୍କ ନିର୍ଦ୍ଦେଶ ଏଠି କାମ କରୁନାହିଁ ।


୨୦୧୯ରେ ରାଜ୍ୟରୁ ୮ ଜଣ ସାଂସଦ ନିର୍ବାଚିତ ହୋଇଥିବାବେଳେ କେବଳ ପଶ୍ଚିମ ଓଡ଼ିଶାରୁ ଏମାନଙ୍କ ସଂଖ୍ୟା ଥିଲା ୫ । ୨୦୨୪ ନିର୍ବାଚନରେ ଆନୁପାତିକ ସଫଳତା ଦୃଷ୍ଟିରୁ ବିଜେପି ଲୋକସଭା କ୍ଷେତ୍ରଗୁଡ଼ିକରେ ପଶ୍ଚିମ ଓଡ଼ିଶାରୁ ସର୍ବାଧିକ ଭୋଟ ପାଇଛି । ମାତ୍ର ଯେଉଁ ପଶ୍ଚିମ ଓଡ଼ିଶାବାସୀ ବିଜେପିକୁ ଭୋଟ ଅଜାଡ଼ି ଦେଇଛନ୍ତି; ସେହି ପଶ୍ଚିମ ଓଡ଼ିଶାକୁ ରାଜ୍ୟ ବିଜେପି ସରକାର ପ୍ରତ୍ୟେକ କ୍ଷେତ୍ରରେ ଉପେକ୍ଷା କରି ଚାଲିଥିବା ଅଭିଯୋଗ ହୋଇଛି । ଧାନ କ୍ରୟ କ୍ଷେତ୍ରରେ ପଶ୍ଚିମ ଓଡ଼ିଶାର ଚାଷୀ ସବୁଠାରୁ ଅଧିକ ଶୋଷଣର ଶିକାର ହୋଇଛନ୍ତି । ପଶ୍ଚିମ ଓଡ଼ିଶାର ନେତା ତଥା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଚାଷୀଙ୍କୁ 'ଦଲାଲ' ଓ'ନୌଟଙ୍କି' କରୁଥିବା ଆକ୍ଷେପ କରିଛନ୍ତି । ସବୁଠାରୁ ବିଡ଼ମ୍ବନା ହେଉଛି ପଶ୍ଚିମ ଓଡ଼ିଶା ବିକାଶ ପରିଷଦରେ ବିଜେଡି ସରକାର ସମୟର ବକେୟା ୨୦୦ କୋଟିକୁ ମିଶାଇ ଗତ ଦୁଇଟି ବଜେଟ୍‌ରେ ବରାଦ ପ୍ରାୟ ୧ ହଜାର କୋଟି ଟଙ୍କା ପଡ଼ିଥିଲେ ହେଁ ଏଥିରେ ହାତ ବାଜିନାହିଁ । ଆର୍ଥିକ ବର୍ଷ ଶେଷ ହେବାକୁ ଆଉ ମାତ୍ର ୧୦ ସପ୍ତାହ ବାକିଥିବାବେଳେ ଏହି ଅର୍ଥ କେବେ ବ୍ୟୟ ହେବ ତାହାକୁ ନେଇ ପ୍ରଶ୍ନ ଉଠିଛି ।

ପଶ୍ଚିମ ଓଡିଶାର ସାମଗ୍ରିକ ବିକାଶ ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦ ଗଠନ ହୋଇଥିଲା । ଏଥିରେ ବରଗଡ଼, ବଲାଙ୍ଗିର, ବୌଦ୍ଧ, ଦେବଗଡ଼, ଝାରସୁଗୁଡ଼ା, କଳାହାଣ୍ଡି, ନୂଆପଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ ଜିଲ୍ଲା ସହ ଅନୁଗୋଳ ଜିଲ୍ଲାର ଦୁଇଟି ଉପଖଣ୍ଡକୁ ସାମିଲ କରାଯାଇଥିଲା । ବିଜେଡି ସରକାର ପ୍ରତିବର୍ଷ ବିକାଶ ପରିଷଦ ପାଇଁ ବଜେଟରେ ୫୦୦ କୋଟି ଟଙ୍କା ବରାଦ କରୁଥିଲେ ଓ ବିଜେପି କ୍ଷମତାକୁ ଆସିବା ପରେ ଅନୁରୂପ ଭାବରେ ୫୦୦ କୋଟିଟଙ୍କା ମଞ୍ଜୁର କରିଛନ୍ତି । ମାତ୍ର ବର୍ଷ ସରିବାକୁ ବସିଥିଲେ ବି ଏହି ଅନୁଦାନ ଅର୍ଥରେ ହାତ ବାଜିନାହିଁ । ସେହିପରି ପଶ୍ଚିମ ▶ପୃଷ୍ଠା-୭

### ଖୋଲିଲା ଅଲ୍-ଫଲାହର ଗୁମର

# ଡାକ୍ତର ନକଲି; ରୋଗୀ ବି ନକଲି

■ ଫରିଦାବାଦ, ୧୮ ।୧ (ଏଜେନ୍ସି): ଆତଙ୍କବାଦୀ କାରଖାନା ଭାବେ ପରିଚିତ ଫରିଦାବାଦ ସ୍ଥିତ ଅଲ୍-ଫଲାହ ବିଶ୍ୱବିଦ୍ୟାଳୟର ଗୋଟିଏ ପରେ ଗୋଟିଏ ଗୁମର ଖୋଲିବାରେ ଲାଗିଛି । ଆତଙ୍କବାଦୀଙ୍କ ପେଣ୍ଠ ସ୍ଥଳ ପାଲଟିଥିବା ଏହି ୟୁନିଭର୍ସିଟି ଅନେକ କେଳେଙ୍କାରୀ କରିଛି । ଜାଲ୍ ରୋଗୀ, ଡାକ୍ତର ମାଧ୍ୟମରେ ନ୍ୟାସନାଲ ଆସେସମେଣ୍ଟ ଆଣ୍ଡ ଆକ୍ରିଡିସେନ କାଉନସିଲ (ନାକ) ଏବଂ ୟୁଜିସିକୁ ଭୁଆଁ ବୁଲାଇ ଥିଲା । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତରୁ ଏଭଳି ଭୟଙ୍କର ତଥ୍ୟ ସାମ୍ନାକୁ ଆସିଛି । ଏହି ମାମଲାରେ ୟୁନିଭର୍ସିଟିର ଅଧ୍ୟକ୍ଷ ଜବାଦ ଅହମ୍ମଦ ସିଦିକିଙ୍କୁ ଗିରଫ କରାଯାଇଛି । ଇଡି ଆରୋପପତ୍ରରେ କୁହାଯାଇଛି ଯେ ଆତଙ୍କବାଦୀ ଡାକ୍ତର ଏହି କ୍ୟାମ୍ପସ୍‌କୁ ଏକ ଆଧାର ଭାବରେ ବ୍ୟବହାର କରିଥିଲେ । ସେମାନେ ବେଆଇନ କାର୍ଯ୍ୟକଳାପକୁ ଲୁଚାଇବା ପାଇଁ ଏଠାରେ ରହୁଥିଲେ । ଏହି କାର୍ଯ୍ୟରେ ବିଶ୍ୱବିଦ୍ୟାଳୟର ଅନ୍ୟ କର୍ମଚାରୀ ଏବଂ ଅଧିକାରୀଙ୍କ ହାତ ଥିବା ମଧ୍ୟ ସନ୍ଦେହ କରାଯାଉଛି । ଦିଲ୍ଲୀ ବିସ୍ଫୋରଣରେ ସାମିଲ ତିନି ଡାକ୍ତରଙ୍କୁ ବିନା ଯାଞ୍ଚରେ ଅଲ-ଫଲାହରେ ନିଯୁକ୍ତି କରାଯାଇଥିଲା । ଏମାନଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ଡ. ମୁଜାମିଲ ଗନି ଓ ଡ. ସାହିନ ସୈଦଙ୍କୁ ଏନଆଇଏ ପୂର୍ବରୁ ଗିରଫ କରିଥିଲା ।




ଜାତୀୟ ଚିକିତ୍ସା କମିସନ (ଏନ୍‌ଏମ୍‌ସି)ରୁ ଅନୁମୋଦନ ପାଇବା ପାଇଁ କେବଳ କାଗଜପତ୍ରରେ ଡାକ୍ତର ଥିବା ଅଲ-ଫଲାହ ଦର୍ଶାଇ ଥିଲା । ଡାକ୍ତରଙ୍କୁ ନିୟମିତ ଅଧ୍ୟାପକ ଭାବରେ ପ୍ରଦର୍ଶିତ କରିବା ପାଇଁ ୨୨ ଦିନ ଉପସ୍ଥିତି ନିୟମ ଅନୁଯାୟୀ କେବଳ କାଗଜପତ୍ରରେ ନିଯୁକ୍ତି ଦିଆଯାଇଥିଲା । ଏମାନେ ନିୟମିତ ଭାବେ କଲେଜକୁ ଯାଉ ▶ପୃଷ୍ଠା-୭

### ପରିବହନ ବିଭାଗର 'ଅନ୍ଧ ନୀତି'

# ଅପାରଗତା ଲୁଚାଇବାକୁ ମାଷ୍ଟର୍‌ପ୍ଲାନ୍

## ୨୦୦ କୋଟି ରାଜସ୍ୱ ଲକ୍ଷ୍ୟ; ପୂରଣ ହୋଇଛି ୨୦%

## କାର୍ ଚାଳକଙ୍କ ପାଖକୁ ଯାଉଛି ହେଲ୍‌ମେଟ୍ ଫାଇନ୍

## ୭୦ କିମି ବେଗରେ ସ୍କୁଟି ଚାଳନା ପାଇଁ ଜରିମାନା

■ ଭୁବନେଶ୍ୱର, ୧୮ ।୧ (ସମିସ): ଲୋକଙ୍କଠାରୁ ଯେନତେନ ପ୍ରକାରେ ଜୋରିମାନା ଆଦାୟ ହେବା ଆବଶ୍ୟକ । କାର୍ ଚଳାଉଥିଲେ ବି ହେଲ୍‌ମେଟ୍ ପିନ୍ଧି ନ ଥିବା ଯୋଗୁଁ ଫାଇନ୍ କରାଯିବ । ସହର ଭିତରେ ସର୍ବାଧିକ ୪୦ କିଲୋମିଟର ବେଗରେ ଯାଉଥିବା ସ୍କୁଟିକୁ ୭୦ କିମି ଚଳାଉଥିବା ଦର୍ଶାଇ ଚାଲାଣ ପଠାଯିବ । ରାଜପଥରେ ସ୍ପିଡ଼ୋମିଟର କଣ୍ଟା ୫୦ ଟପିଲେ ଜୋରିମାନା ହେବ । ଟୋଲଗେଟ୍ କଥା ନ କହିବା ଭଲ, ଇନ୍‌ସ୍ୟୁରାନ୍ସ ଥିଲେ ବି ଟୋଲ୍‌ଗେଟ୍‌ରେ ଜରିମାନା ଲାଗିବ । ପରିବହନ ବିଭାଗର ଏଭଳି ଅନ୍ଧ ନୀତି ଯୋଗୁଁ ରାଜ୍ୟବାସୀ ଅତିଷ୍ଠ । ସବୁଆଡ଼େ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି । ମାତ୍ର ବିଭାଗର ଏହି 'ଅନ୍ଧ ନୀତି' ପଛର ରହସ୍ୟ ଏବେ ପଦାରେ ପଡ଼ିଛି । କାହିଁକି ବିଭାଗୀୟ ଅଧିକାରୀମାନେ ଏଭଳି ଜରିମାନା ଖୋର ମନୋଭାବ ଛାଡ଼ିପାରୁ ନାହାନ୍ତି, ତାହା ଏବେ ସ୍ପଷ୍ଟ ହୋଇଛି । ଜରିମାନା ଆଦାୟର ଟାର୍ଗେଟ୍ ନିଶା ବିଭାଗକୁ ଅନ୍ଧ କରି ଦେଇଛି । ପରିବହନ ବଭାଗ ପକ୍ଷରୁ ବର୍ଷ ଆରମ୍ଭରୁ ରାଜ୍ୟର ସମସ୍ତ ଆର୍‌ଟିଓ, ଅତିରିକ୍ତ ଆର୍‌ଟିଓ ଟ୍ରାଫିକ୍ ଡିସିପିମାନଙ୍କୁ ଚିଠି ଲେଖି ଏକ ବାର୍ଷିକିଆ ଟାର୍ଗେଟ୍ ଧରାଯାଇଥିଲା । ଏହି ବିଭାଗଗୁଡ଼ିକ ଯେମିତି ବିଭିନ୍ନ ନିୟମ ଉଲ୍ଲଂଘନକାରୀଙ୍କୁ ୨୦୨୫-୨୬ରେ ମାସକୁ ଅତି କମ୍‌ରେ ୧୧୦୩୨୦ ଇ-ଚାଲାଣ କରିବେ । ଏ ବାବଦରେ ମାସକୁ ୧୫ କୋଟି ୮୮ ଲକ୍ଷ ଟଙ୍କାର ଜରିମାନା ହିସାବରେ ଲୋକଙ୍କ ଉପରେ ଜୁଲୁମ । ଆଦାୟର ଟାର୍ଗେଟ୍ ବାବଦରେ ମନେ ପକାଇ ଦିଆଯାଇଛି ।

ଏହି ଚିଠିରେ ଜରିମାନା ଆଦାୟରେ ଖରାପ ପ୍ରଦର୍ଶନ କରିଥିବା ଆର୍‌ଟିଓଗୁଡ଼ିକୁ ତାଗିଦ୍ କରାଯାଇ ଲକ୍ଷ୍ୟ ପୂରଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବିଭାଗର ଏଭଳି ବାର୍ଷିକ ୨୦୦ କୋଟି ଟଙ୍କାର ଟାର୍ଗେଟ୍ ସେଟ୍ କରାଯାଇଛି । ହେଲେ ଚଳିତ ଆର୍‌ଥିକ ବର୍ଷ ଶେଷ ହେବାକୁ ହାତରେ ମାତ୍ର ୨ ମାସ ସମୟ ବାକି ଥିବା ବେଳେ ଏବେ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟର ୨୦ ପ୍ରତିଶତ ଜରିମାନା ଆଦାୟ ହୋଇ ପାରିଛି । ତେଣୁ ପରିବହନ ପ୍ରାଧିକରଣ କର୍ତ୍ତୃପକ୍ଷ ଆଉଥରେ ଚିଠି ଲେଖି ଯେବେଠାରୁ ଟାର୍ଗେଟ କଥା ମନେ ପକାଇ ଦେଇଛନ୍ତି; ସେବେଠାରୁ ବିଭାଗ ଆରମ୍ଭ କରିଛି ନିର୍ଦ୍ଦେଶନାମା ପରେ ଆର୍‌ଟିଓମାନଙ୍କୁ ଘାରିଛି ଇ-ଚାଲାଣ ଭୂତ । ଏହାର ପରିଣାମ ସ୍ୱରୂପ ରାଜ୍ୟରେ ଜରିମାନା ବ୍ୟବସ୍ଥାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲେ ମଧ୍ୟ ଏହି ପ୍ରସଙ୍ଗରେ ପରିବହନ ବିଭାଗ ଆଦୌ ପଛକୁ ହଟୁ ନାହିଁ । ବଡ଼ କଥା ହେଉଛି ସରକାରଙ୍କ ଟାର୍ଗେଟ୍ ଆଗରେ ନିୟମ ଉଲ୍ଲଂଘନକାରୀଙ୍କ ସମେତ କିଛି ସାଧାରଣ ଲୋକମାନେ ମଧ୍ୟ ଫସୁଛନ୍ତି । କାର୍ ଚାଳକଙ୍କୁ ହେଲମେଟ୍ ▶ପୃଷ୍ଠା-୭

# ୪ ଦିନରେ ୪ ଡିଗ୍ରୀ ବଢ଼ିବ ତାପମାତ୍ରା

■ ଭୁବନେଶ୍ୱର, ୧୮ ।୧ (ସମିସ): ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରାରେ ବୃଦ୍ଧି ଘଟିଛି । ଫଳରେ ପୂର୍ବାପେକ୍ଷା ଶୀତର ପ୍ରଭାବ ହ୍ରାସ ହୋଇଛି । ଆଗାମୀ ଦିନରେ ତାପମାତ୍ରା ଆହୁରି ବଢ଼ିବାକୁ ଥିବାରୁ ଶୀତର ପ୍ରଭାବ କମିବା ସମ୍ଭାବନା ରହିଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୪ ଦିନ ମଧ୍ୟରେ ତାପମାତ୍ରାରେ ୪ ଡିଗ୍ରୀ ବୃଦ୍ଧି ପାଇବ । ଫଳରେ ଆଗକୁ ଥଣ୍ଡାର ପ୍ରଭାବ ହ୍ରାସ ହେବ ।

ଶୀତର ପ୍ରଭାବ କମିବାର ମୁଖ୍ୟ କାରଣ ଭାବେ ପଶ୍ଚିମାଝଡ଼କୁ ବିବେଚନା କରାଯାଉଛି । ରାଜ୍ୟ ଉପରେ କ୍ରମାଗତ ଭାବେ ଦୁଇଟି ପଶ୍ଚିମା ଝଡ଼ର ପ୍ରଭାବ ପଡ଼ିବ । ୧୯ ତାରିଖ ଓ ୨୧ ତାରିଖରେ ଉତ୍ତରପଶ୍ଚିମ ଭାରତକୁ ପଶ୍ଚିମାଝଡ଼ ଅତିକ୍ରମ କରି ଓଡ଼ିଶା ଉପରେ ପ୍ରଭାବ ପକାଇବ । ପଶ୍ଚିମାଝଡ଼ ଯୋଗୁଁ ରାଜ୍ୟକୁ ପ୍ରଚୁର ମାତ୍ରାରେ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବାହିତ ହେବ । ଏହା ତାପମାତ୍ରା ବୃଦ୍ଧିରେ ସହାୟକ ହେବ । ଆଗାମୀ ୨୪ଘଣ୍ଟା ପରେ ଦେଶର ପୂର୍ବ ଭାଗରେରେ ରାତିର ତାପମାତ୍ରା ୩ ରୁ ୫ ଡିଗ୍ରୀ ଯାଏଁ ବୃଦ୍ଧି ହେବା ନେଇ ଆକଳନ କରାଯାଉଥିବା ବେଳେ ଓଡ଼ିଶାରେ ମଧ୍ୟ ସମାନ ସ୍ଥିତି ସୃଷ୍ଟି ହେବ ବୋଲି ଆକଳନ କରାଯାଉଛି । ଗତ ୨୪ ଘଣ୍ଟାରେ ରାଉରକେଲାରେ ତାପମାତ୍ରା ୬ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଝାରସୁଗୁଡ଼ାରେ ୬.୮, କେନ୍ଦୁଝର ୯.୨, ଭୁବନେଶ୍ୱର ୧୦.୯, ସମ୍ବଲପୁର ୧୧.୨, ହୀରାକୁଦ ୧୧.୬, ପାରାଦ୍ୱୀପ ୧୩ ଓ ଚାନ୍ଦବାଲିରେ ତାପମାତ୍ରା ୧୩.୫ ଡିଗ୍ରୀ ରେକର୍ଡ ହୋଇଛି । ଅନ୍ୟପଟେ ଶୀତର ପ୍ରଭାବ କମିବା ନେଇ ସମ୍ଭାବନା ସୃଷ୍ଟି ହେବା ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2026

Empowering students for a brighter future

NURSING PROGRAMMES
- B.Sc. (Nursing) (Basic)
- B.Sc. (Nursing) (Post Basic)
- M.Sc. (Nursing)

APPROVAL & RECOGNITIONS
- Approved by UGC, ONMRC and INC
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 15th Best in University Category
- 15th Best in Medical Category
- 09th Best in Dental Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


# ଟ୍ରମ୍ପଙ୍କୁ ଗ୍ରୀନଲାଣ୍ଡରେ ବିରୋଧ

■ ନୁକ, ୧୮ ।୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବଳ ଏବଂ ଅର୍ଥ ପ୍ରୟୋଗ କରି ଗ୍ରୀନଲାଣ୍ଡକୁ କବ୍‌ଜା କରିବାକୁ ଚାହୁଁଛନ୍ତି । ଏଥିପାଇଁ ସେ ବାରମ୍ବାର ଗ୍ରୀନଲାଣ୍ଡ ଏବଂ ଡେନମାର୍କକୁ ଧମକ ଦେଇ ଆସୁଛନ୍ତି । ଏହି ଯୋଜନାକୁ ବିରୋଧ କରୁଥିବା ଦେଶ ଉପରେ ୧୦ ପ୍ରତିଶତ ଲେଖାଏଁ ଶୁଳ୍କ ଲଗାଇଛନ୍ତି । ଟ୍ରମ୍ପଙ୍କ ଏଭଳି ଏକଛତ୍ରନୀତିକୁ ବିରୋଧ କରି ଗ୍ରୀନଲାଣ୍ଡରେ ବଡ଼ଧରଣର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ହଜାର ହଜାର ଲୋକ ରାସ୍ତାକୁ ଓହ୍ଲାଇଛନ୍ତି । ସେମାନେ ଟ୍ରମ୍ପଙ୍କ ବୟାନକୁ ତୀବ୍ର ସମାଲୋଚନା କରିଛନ୍ତି । ଗ୍ରୀନଲାଣ୍ଡ ବିକ୍ରି ପାଇଁ ଉପଲବ୍ଧ ନାହିଁ ବୋଲି କହିଛନ୍ତି । ଏହାକୁ ଦେଶର ବଡ଼ ବିକ୍ଷୋଭ ପ୍ରଦର୍ଶନ କୁହାଯାଉଛି । ବରଫ ଆଚ୍ଛାଦିତ ରାସ୍ତାରେ ଗ୍ରୀନଲାଣ୍ଡବାସୀ ବିକ୍ଷୋଭ କରିଛନ୍ତି । ଆମେରିକା ରାଷ୍ଟ୍ରପତିଙ୍କ ଚାପକୁ ପ୍ରତ୍ୟାଖାନ କରିଛନ୍ତି । ଆମେରିକା ଗ୍ରୀନଲାଣ୍ଡରୁ ପଳାଉ ବୋଲି କହିଛନ୍ତି । ଏହା ସହିତ ଲୋକେ ସହର କେନ୍ଦ୍ରରୁ ଆମେରିକାର ବାଣିଜ୍ୟିକ ଦୂତାବାସ ପର୍ଯ୍ୟନ୍ତ ପଦଯାତ୍ରା ବାହାର କରିଥିଲେ । ଲୋକମାନେ ଗ୍ରିନଲାଣ୍ଡିକ୍ ଭାଷାରେ ସ୍ଲୋଗାନ ଦେଇଥିଲେ । ଏହି ପଦଯାତ୍ରା ନୁକ୍ ଜନସଂଖ୍ୟାର ପ୍ରାୟ ଏକ ଚତୁର୍ଥାଂଶ ଲୋକ ସାମିଲ ହୋଇଥିଲେ । ଗ୍ରିନଲାଣ୍ଡର ▶ପୃଷ୍ଠା-୭

### ଅଟକିବ ଇୟୁ-ଆମେରିକା ବାଣିଜ୍ୟ ଚୁକ୍ତି

ୟୁରୋପୀୟ ଦେଶଗୁଡ଼ିକ ଗ୍ରୀନଲ୍ୟାଣ୍ଡ ଉପରେ ଆମେରିକାର ଦଖଲକୁ ନିରନ୍ତର ବିରୋଧ କରୁଛନ୍ତି । ଏହି ବିରୋଧକୁ ପ୍ରଶମିତ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚାପ ପ୍ରୟୋଗ କରିବାରେ ଲାଗିପଡିଛନ୍ତି । ଏହାର ପ୍ରଭାବ ଇୟୁ-ଆମେରିକା ବାଣିଜ୍ୟ ଚୁକ୍ତି ଉପରେ ପଡିବାକୁ ଯାଉଛି । କୁହାଯାଉଛି ଯେ ୟୁରୋପୀୟ ସଂଘ(ଇୟୁ)ର ଆଇନ ପ୍ରଣୟନକାରୀମାନେ ଆମେରିକା ସହିତ ସ୍ୱାକ୍ଷରିତ ବାଣିଜ୍ୟ ଚୁକ୍ତିକୁ ଅବରୋଧ କରିବାକୁ ପ୍ରସ୍ତୁତ ହେଉଛନ୍ତି । ଏହା ମଧ୍ୟ ଗ୍ରୀନଲ୍ୟାଣ୍ଡ ଉପରେ ଆମେରିକାର ନିୟନ୍ତ୍ରଣକୁ ବିରୋଧ କରି କରାଯାଉଛି ।




# ଦେଶ ବିଦେଶ



ଇରାନ ବିକ୍ଷୋଭକାରୀଙ୍କ ଟିପ୍ପଣୀ

## ଧୋକା ଦେଲେ ମିଛୁଆ ଟ୍ରମ୍ପ

ତେହରାନ, ୧୮।୧ (ଏଜେନ୍ସି):

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ୍ ବିକ୍ଷୋଭକାରୀଙ୍କୁ ବଡ଼ ଧୋକା ଦେଇଛନ୍ତି। ସର୍ବାଧିକ ଆବଶ୍ୟକତା ଥିବା ସମୟରେ ହାତ ଛାଡ଼ି ଦେଇଛନ୍ତି। ସହାୟତା କରିବା ବଦଳରେ ମୃତ୍ୟୁର କାରଣ ପାଲଟି ବିଶ୍ୱାସଘାତ କରିଛନ୍ତି। ଆନ୍ଦୋଳନକୁ ଉସୁକାଇ ସହାୟତା ଦେବାରେ ପଛଘୁଞ୍ଚା ଦେଇଛନ୍ତି। ଟ୍ରମ୍ପ ପୁଣି ନିଜ ପ୍ରତିଶ୍ରୁତି ପୂରଣ କରିନାହାନ୍ତି। ସେ ନିଜ ଆଭିମୁଖ୍ୟ ବଦଳାଇ ଆମକୁ ବୋକା ବନାଇ ଦେଇଛନ୍ତି। ଏଥିପାଇଁ ଠକାମିର ଶିକାର ହୋଇଥିବା ଭଳି ଅନୁଭବ କରୁଛୁ। ଇରାନରେ ସରକାର ବିରୋଧୀ ଆନ୍ଦୋଳନର ନେତୃତ୍ୱ ନେଇଥିବା ବ୍ୟକ୍ତି କ୍ଷୋଭର ସହ ଏହି ଟିପ୍ପଣୀ ଦେଇଛନ୍ତି। ଇରାନ ଛାଡ଼ି ପଳାଇ ଥିବା ଅନ୍ୟ ଜଣେ ବ୍ୟକ୍ତି କହିଛନ୍ତି ଯେ ଟ୍ରମ୍ପ ଯାହା କହିଥିଲେ ଏବଂ ଯାହା କରିଥିଲେ ତାହା ମଧ୍ୟରେ ବହୁତ ବଡ଼ ପାର୍ଥକ୍ୟ ରହିଛି। ଜଣେ ଇରାନ ଅଧିକାରୀ ଅଧିକ ହତ୍ୟା ନ କରିବାକୁ ପ୍ରତିଶ୍ରୁତି ଦେଇଥିବା ଟ୍ରମ୍ପ ଆମକୁ କହିଥିଲେ। ଏହା ଶୁଣି ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ଟ୍ରମ୍ପଙ୍କ ଟିପ୍ପଣୀ ପାଇଁ ଲୋକଙ୍କ ମଧ୍ୟରେ ନୂଆ ଆଶା ସଞ୍ଚାର ହୋଇଥିଲା। ସେମାନେ ଜୀବନ ବିପଦରେ ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମାତ୍ର ସର୍ବାଧିକ ଆବଶ୍ୟକତା ଥିବା ସମୟରେ ଆମେରିକା ସମର୍ଥନ ଦେଇ ନ ଥିଲା। ଟ୍ରମ୍ପଙ୍କ କଥା ଓ କାମରେ ବହୁ ଫରକ୍ ରହିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି।

ଇରାନରେ ଦରଦାମ ବୃଦ୍ଧିକୁ ନେଇ ବିକ୍ଷୋଭ ଆରମ୍ଭ ହେବା ପରେ ଟ୍ରମ୍ପ ଆନ୍ଦୋଳନକାରୀଙ୍କୁ ଉତ୍ସାହିତ କରିବା ସହିତ ସର୍ବୋଚ୍ଚ ନେତା ଅୟତୁଲ୍ଲା ଅଲ ଖାମେନେଇଙ୍କୁ ଚେତାବନୀ ଦେଇଥିଲେ। ସହାୟତା ଆସୁଛି, ମାଡ଼ି ଚାଲ ବୋଲି ଟ୍ରମ୍ପ ଘୋଷଣା କରିଥିଲେ। ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ କରୁଥିବା ଲୋକଙ୍କ କ୍ଷତି କଲେ ଆମେରିକା କଡ଼ା କାର୍ଯ୍ୟାନୁଷ୍ଠାନ ନେବ ବୋଲି ଇରାନ ସରକାରଙ୍କୁ ଚେତାବନୀ ଦେଇଥିଲେ। ଇରାନବାସୀ ଏହାକୁ ସତ ଭାବି ପୁଣି ରାସ୍ତାକୁ ଓହ୍ଲାଇଲେ। ମାତ୍ର ଇରାନ ସରକାର ଏହାକୁ ଦମନ ପାଇଁ କଠୋର ରଣନୀତି ଆପଣାଇ ଗୁଳି ମାଡ଼ କରିଥିଲେ। ଇଣ୍ଟରନେଟ ବନ୍ଦ କରି ଭଡ଼ାଟିଆ ସେନା ଆଣି ନରସଂହାର କରିଥିଲେ। ଏହା ପରେ ପେଣ୍ଟାଗନ କିଛି ଅଣ-ଅତ୍ୟାବଶ୍ୟକ କର୍ମଚାରୀଙ୍କୁ ମଧ୍ୟପ୍ରାଚ୍ୟରେ ଥିବା ଏକ ପ୍ରମୁଖ ଆମେରିକୀୟ ଘାଟି ଛାଡିବା ପାଇଁ ନିର୍ଦ୍ଦେଶ ଦେଇଥିଲା। ଆମେରିକା ଯୁଦ୍ଧ ଜାହାଜ ଇରାନ ଅଭିମୁଖେ ବଢୁଥିବା କୁହାଯାଇଥିଲା। ଏହି ଖବରକୁ ଆମେରିକାର ଯୁଦ୍ଧ ପ୍ରସ୍ତୁତି କୁହାଯାଉଥିଲା। ମାତ୍ର କିଛି ସମୟ ମଧ୍ୟରେ ସ୍ଥିତି ଓଲଟି ଯାଇଥିଲା। ଇରାନର ସରକାର ତାଙ୍କୁ ହତ୍ୟା ଓ ମୃତ୍ୟୁଦଣ୍ଡ ବନ୍ଦ କରିବାକୁ ପ୍ରତିଶ୍ରୁତି ଦେଇଥିବା ଟ୍ରମ୍ପ ଘୋଷଣା କରିଥିଲେ। ଆମେରିକୀୟ ସାମରିକ କାର୍ଯ୍ୟାନୁଷ୍ଠାନ ଆଉ ଆଗକୁ ବଢ଼ିବ ନାହିଁ ବୋଲି ସଙ୍କେତ ଦେଇଥିଲେ। ଏହା ଆନ୍ଦୋଳନକାରୀଙ୍କ ପାଇଁ କାଳ ପାଲଟି ଯାଇଥିଲା। ଇରାନ ସେନା ଗୁଳିରେ ଜୀବନକୁ ବାଜି ଲଗାଇ ଆନ୍ଦୋଳନ କରୁଥିବା ୧୫,୦୦୦ ଲୋକଙ୍କ ମୃତ୍ୟୁ ହୋଇଥିଲା। ଏଥିପାଇଁ ଟ୍ରମ୍ପ ଦାୟୀ ବୋଲି ପ୍ରଦଶନକାରୀ ଅଭିଯୋଗ କରିଛନ୍ତି। ଏହାକୁ ନେଇ ବିକ୍ଷୋଭକାରୀ ଆମେରିକା ବିରୋଧରେ ଗମ୍ଭୀର ଅଭିଯୋଗ ଲଗାଇଛନ୍ତି। ଇରାନ ସହ ଆମେରିକା ଚୁକ୍ତି କରି ନେଇଥିବା ସେମାନେ ଅଭିଯୋଗ କରିଛନ୍ତି। ଅନ୍ୟ ଜଣେ ଆନ୍ଦୋଳନକାରୀ କହିଛନ୍ତି ଯେ ଟ୍ରମ୍ପ ଆମକୁ ବଳିବୋଦା ଭଳି ବ୍ୟବହାର କରିଛନ୍ତି। ସେ ପାଦତଳୁ ମାଟି ଖସାଇ ଦେଇଛନ୍ତି। ବିକ୍ଷୋଭକାରୀଙ୍କ ବିଷୟରେ ଚିନ୍ତା କରୁଥିବା ନେଇ ଟ୍ରମ୍ପ ମିଛ କହିଥିଲେ ବୋଲି ପ୍ରଦର୍ଶନକାରୀ ଅଭିଯୋଗ ଆଣିଛନ୍ତି। ଏବେ ଟ୍ରମ୍ପ ଇରାନ ବାସୀଙ୍କୁ ବିଶ୍ୱାସ ହରାଇ ଦେଇଛନ୍ତି।

### ଆବଶ୍ୟକତା ବେଳେ ହାତ ଛାଡ଼ିଦେଲେ

### ଆନ୍ଦୋଳନ ପାଇଁ ଉସୁକାଇ ସହାୟତା ଦେବାକୁ ମନା କରିଦେଲେ



### ଆଇଆର୍‌ଜିସି ସମ୍ପର୍କରେ ସୂଚନା ଦେଲେ ପୁରସ୍କାର: ଟ୍ରମ୍ପ




ୱାସିଂଟନ, ୧୮।୧ (ଏଜେନ୍ସି): ଇରାନ ଆନ୍ଦୋଳନକାରୀଙ୍କ ବିଶ୍ୱାସ ହରାଇବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନୂଆ ପଇଁତରା ମାରିଛନ୍ତି। ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆର୍‌ଜିସି)କୁ ଦୁର୍ବଳ କରିବା ପାଇଁ କୂଟନୈତିକ ପଦକ୍ଷେପ ନେଇଛନ୍ତି। ଆଇଆରଜିସି ବିଷୟରେ ସୂଚନା ଦେଲେ ବିପୁଳ ପୁରସ୍କାର ଦିଆଯିବ ବୋଲି ଘୋଷଣା କରିଛନ୍ତି। ଇରାନ ନାଗରିକଙ୍କୁ ଆଇଆର୍‌ଜିସିର ଅର୍ଥନୈତିକ ନେଟୱର୍କ ଓ ଗୁପ୍ତ କାର୍ଯ୍ୟକଳାପ ସମ୍ପର୍କରେ ସଠିକ୍ ସୂଚନା ପ୍ରଦାନକରିବାକୁ ଆମେରିକା ଅନୁରୋଧ କରିଛି। ଇରାନ ସରକାର ନିଜର ସାମରିକ ଶକ୍ତି ଓ ଦମନମୂଳକ ନୀତି ପାଇଁ ଲୋକଙ୍କ କୋଟି କୋଟି ଡଲାରର ଅର୍ଥ ଖର୍ଚ୍ଚ କରୁଛନ୍ତି। ଆମେରିକା ପକ୍ଷରୁ କୁହାଯାଇଛି ଯେ ଆଇଆର୍‌ଜିସିର ଆର୍ଥିକ ଉତ୍ସ ଓ ଏହାର କାର୍ଯ୍ୟକଳାପ ସୂଚନା ଦେଲେ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ଆଇଆର୍‌ଜିସିର ଆର୍ଥିକ ସମ୍ବଳକୁ ରୋକିବା ଏହାର ଉଦ୍ଦେଶ୍ୟ। ହିଂସାକୁ ଜାରି ରଖିବା ଓ କ୍ଷମତା ବଜାୟ ରଖିବାକୁ ଏହି ଅର୍ଥ ବ୍ୟବହାର କରାଯାଉଛି। ଏହି ସୂଚନା ଦେଉଥିବା ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସୁରକ୍ଷିତ ସ୍ଥାନକୁ ନିଆଯିବ ବୋଲି ଆମେରିକା ପ୍ରତିଶ୍ରୁତି ଦେଇଛି।

## ଇରାନ ସରକାର କିଛି ସମୟର ଅତିଥି: ଟ୍ରମ୍ପ

ତେହରାନ, ୧୮।୧ (ଏଜେନ୍ସି): ସରକାର ବିରୋଧୀ ବିକ୍ଷୋଭରେ ହଜାର ହଜାର ଲୋକଙ୍କ ଜୀବନ ଯାଇଛି ବୋଲି ଇରାନର ସର୍ବୋଚ୍ଚ ନେତା ଅୟତୁଲ୍ଲା ଅଲ ଖାମେନେଇ ପ୍ରଥମ ଥର ପାଇଁ ସ୍ୱୀକାର କରିଥିଲେ । ସେ ଏହି ମୃତ୍ୟୁ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଦାୟୀ କରିଥିଲେ। ଇରାନୀ ନାଗରିକଙ୍କ ମୃତ୍ୟୁରେ ଟ୍ରମ୍ପଙ୍କ ହାତ ରକ୍ତରଞ୍ଜିତ ବୋଲି କହିଥିଲେ। ଏବେ ଟ୍ରମ୍ପ ଏହାର ଜବାବ ଦେଇଛନ୍ତି। ଇରାନୀ ସରକାର କିଛି ଦିନର ଅତିଥି ବୋଲି କହିଛନ୍ତି। ନୂତନ ନେତୃତ୍ୱ ଖୋଜିବାର ସମୟ ଆସି ଯାଇଥିବା ଉଲ୍ଲେଖ କରିଛନ୍ତି।

### ମୃତଦେହ ମଧ୍ୟରୁ ଝିଅକୁ ଖୋଜିଲେ ପରିବାର

ଅନ୍ୟପଟେ ଇରାନରୁ ହୃଦୟ ବିଦାରକ ଦୃଶ୍ୟ ସାମ୍ନାକୁ ଆସିଛି। ଦେଶରେ ବିଭିନ୍ନ ସ୍ଥାନରେ ସରକାରଙ୍କ ଗୁଳିରେ ପ୍ରାଣ ହରାଇଥିବା ଆନ୍ଦୋଳନକାରୀଙ୍କ ମୃତଦେହ ପଡ଼ି ରହିଛି। ସରକାରଙ୍କ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ଲାଗି ପରିବାର ସଦସ୍ୟ ଲୁଚି ଲୁଚି ନିଜ ସମ୍ପର୍କୀୟଙ୍କ ମୃତଦେହ ନେଇ ଯାଉଛନ୍ତି। ଗତ ୮ ତାରିଖରେ ଇରାନ ସେନା ଗୁଳିରେ ଫ୍ୟାସନ ଡିଜାଇନ ପଢୁଥିବା ରୁବିନା ଅମିନିୟମ (୨୩) ଙ୍କୁ ଗୁଳି ମାରି ହତ୍ୟା କରିଥିଲା। ଏବେ ତାଙ୍କ ମାଆ ମୃତଦେହ ମଧ୍ୟରୁ ଝିଅକୁ ଖୋଜି ନେଇଛନ୍ତି। ରିପୋର୍ଟ ଅନୁଯାୟୀ, ଛାତ୍ରୀ ରୁବିନାଙ୍କ ମୁଣ୍ଡ ପଛରେ ଗୁଳି ବାଜି ଥିଲା। ମୃତ୍ୟୁର ଗୋଟିଏ ସପ୍ତାହ ପରେ ମଧ୍ୟ ତାଙ୍କ ପରିବାର ରୀତିନୀତି ଅନୁଯାୟୀ ଅନ୍ତିମ ସଂସ୍କାର କରିନାହାନ୍ତି।



ସୁରକ୍ଷାବାହିନୀ ଠାରୁ ରକ୍ଷା ପାଇବା ପାଇଁ ତାଙ୍କ ଶରୀରକୁ ଗୁପ୍ତ ଭାବରେ ରାସ୍ତା କଡ଼ରେ ପୋତି ଦିଆଯାଇଥିଲା। ଘଟଣା ସମୟରେ ରୁବିନାଙ୍କ ମାଆ ତେହେରାନରୁ ପ୍ରାୟ ୪୬୦ କିମି ଦୂର କେରମାନଶାହ ସହରରେ ଥିଲେ। ବନ୍ଧୁମାନେ ରୁବିନାଙ୍କ ମାଆଙ୍କୁ ଫୋନ୍ କରି ଏହି ଖବର ଦେଇଥିଲେ। ଗତ ୮ ତାରିଖରେ କଲେଜରୁ ଘରକୁ ଫେରୁଥିବା ସମୟରେ ଏକ ପ୍ରତିବାଦ ଦେଖି ରୁବିନା ସେଥିରେ ଯୋଗ ଦେଇଥିଲେ। ଇରାନୀ ଏଜେଣ୍ଟମାନେ ପ୍ରତିବାଦକାରୀଙ୍କୁ ଘଉଡ଼ାଇବା ପାଇଁ ରାଇଫଲ୍ ଏବଂ ବନ୍ଧୁକ ବ୍ୟବହାର କରୁଥିଲେ। ଏହି ସମୟରେ ସୁରକ୍ଷା ବାହିନୀର ଏକ ଗୁଳି ରୁବିନାଙ୍କ ମୁଣ୍ଡରେ ବାଜିଥିଲା।

କାଳ ପାଲଟିଲା କୁହୁଡ଼ି

## କାର୍ ସହିତ ଡ୍ରେନ୍‌କୁ ଖସି ସଫ୍ଟୱେୟାର ଇଞ୍ଜିନିୟର ମୃତ

ନୋଏଡ଼ା, ୧୮।୧ (ଏଜେନ୍ସି): ଉତ୍ତର ପ୍ରଦେଶ ନୋଏଡ଼ାରେ ଘନ କୁହୁଡ଼ି ଜଣେ ସଫ୍ଟୱେୟାର ଇଞ୍ଜିନିୟରଙ୍କ ଜୀବନ ନେଇଛି। କାର୍ ସମେତ ଡ୍ରେନକୁ ଖସି ସେ ପ୍ରାଣ ହରାଇଛନ୍ତି। ଗାଡ଼ି ଦଳକୁ ଖସି ପଡ଼ିବା ପରେ ସେ ୮୦ ମିନିଟ ପର୍ଯ୍ୟନ୍ତ ବାପାଙ୍କ ସହ ଫୋନ୍ କରି କଥା ହୋଇଥିଲେ। ବାପା ମୋତେ ବଞ୍ଚାଇ ଦିଅ, ମୁଁ ମରିବାକୁ ଚାହେଁନି ବୋଲି କହିଥିଲେ। କିନ୍ତୁ ଘଟଣାସ୍ଥଳରେ ଆସି ବାପା ପହଞ୍ଚି ଥିଲେ ବି ପୁଅର ଜୀବନ ବଞ୍ଚାଇବାରେ ଅସମର୍ଥ ହୋଇଥିଲେ। ସମସ୍ତ ପ୍ରୟାସ କରି ସେ ବିଫଳ ହୋଇଥିଲେ। ଶେଷରେ କାର୍ ସମେତ ୩୦ ଫୁଟ ଦଳ ଭିତରେ ବୁଡ଼ି ପୁଅ ପ୍ରାଣ ହରାଇଥିଲେ।

ସୂଚନା ଅନୁଯାୟୀ, ସଫ୍ଟୱାର ଇଞ୍ଜିନିୟର ଯୁବରାଜ ମେହେଟା ତାଙ୍କ ଗ୍ରାଣ୍ଡ ଭିଟାରା କାରରେ ଶୁକ୍ରବାର ବିଳମ୍ବିତ ରାତିରେ ଏଟିଏସ ଲେ ଗ୍ରାଣ୍ଡ ନିକଟରେ ଡ୍ରେନ୍ କାନ୍ଥ ଭାଙ୍ଗି ପାଣିରେ ଭର୍ତ୍ତି ୩୦ ଫୁଟ ଗଭୀର ଜଳଖାଇକୁ ଖସି ପଡ଼ିଥିଲା। କାର ଖାତରେ ପଡ଼ିବା ମାତ୍ରେ ଏହା ବୁଡ଼ିବାକୁ ଲାଗିଲା। ଯୁବରାଜ କୌଣସି ପ୍ରକାରରେ ବାହାରି ଆସି କାର୍ ଉପରକୁ ଉଠିଗଲେ। ସେ ଫୋନ୍ କରିବା ପରେ ତାଙ୍କ ବାପା ଘଟଣାସ୍ଥଳରେ ପହଞ୍ଚିଲେ। ଇନ୍ସପେକ୍ଟର ସର୍ବେଶ ସିଂହ, ଅଗ୍ନିଶମ ବାହିନୀ କ୍ରେନ୍ ସହିତ ପହଞ୍ଚି ଥିଲା। ଯୁବରାଜଙ୍କ ବାପା ଏବଂ ଅନ୍ୟ ଫୋର୍ସ ତାଙ୍କଠାରୁ କିଛି ମିଟର ଦୂରରେ ଥିଲେ ବି କୁହୁଡ଼ି ଯୋଗୁଁ ପରସ୍ପରକୁ ଦେଖିପାରି ନ ଥିଲେ। ସେ ତାଙ୍କ ମୋବାଇଲ୍ ଟର୍ଚ୍ଚଲାଇଟ୍ ଚାଲୁ କରି ଚିତ୍କାର କଲେ, 'ବାପା ମୋତେ ବଞ୍ଚାଅ, କାର ବୁଡ଼ି ଯାଉଛି!' ମାତ୍ର କିଛି ସମୟ ପରେ ତାଙ୍କ ସ୍ୱର ଆସିବା ବନ୍ଦ ହୋଇଗଲା।

ପୌର ନିର୍ବାଚନକୁ ନେଇ ମହାରାଷ୍ଟ୍ର ମହିଳାଙ୍କ ଦାବି

## ଭୋଟ ଦେବାକୁ ଅନ୍ୟ ଜିଲ୍ଲାକୁ ନିଆଯାଇଥିଲା

ମୁମ୍ବଇ, ୧୮।୧ (ଏଜେନ୍ସି): ବିରୋଧୀଙ୍କ ଭୋଟ ଚୋରି ଅଭିଯୋଗ ମଧ୍ୟରେ ମହାରାଷ୍ଟ୍ର ବିଡ ଜିଲ୍ଲାର ଜଣେ ମହିଳା ବଡ଼ ଦାବି କରିଛନ୍ତି। ନିକଟରେ ଶେଷ ହୋଇଥିବା ନିର୍ବାଚନରେ ଭୋଟ ଦେବା ପାଇଁ ତାଙ୍କ ସମେତ ଅନ୍ୟ ମହିଳାଙ୍କୁ ଅନ୍ୟ ଜିଲ୍ଲାକୁ ନିଆଯାଇଥିଲା ବୋଲି ସେ କହିଛନ୍ତି। ଗତ ୧୫ ତାରିଖରେ ନିର୍ବାଚନ ଦିନ ୪ଟି ବସ୍ରେ ମହିଳାଙ୍କୁ ପିମ୍ପରି-ଚିଞ୍ଚୱାଡ ନିଆଯାଇଥିଲା। ସେଠାରେ ସେମାନେ ଭୋଟ ଦେଇଥିଲେ। ମହିଳା କହିଛନ୍ତି ଯେ ସେ ବିଡ୍ର ଗେଭରାଇ ବ୍ଲକର ବାସିନ୍ଦା। ସେ ଭୋଟ୍ ପ୍ରକ୍ରିୟା ବିଷୟରେ ଅଜ୍ଞ ଥିଲେ। ପୁନେ ଜିଲ୍ଲାର ଜେଜୁରିର ଖଣ୍ଡୋବା ମନ୍ଦିରରେ ଏକ ସ୍ୱୟଂ ସହାୟକ ଗୋଷ୍ଠୀ ବୈଠକ ହେବାକୁ ଯାଉଛି ବୋଲି ତାଙ୍କୁ କୁହାଯାଇଥିଲା। ତେଣୁ ମହିଳାମାନେ ଏକ ବସ୍ ଚଢ଼ି ସେଠାକୁ ଯାଇଥିଲେ। ଶନିବାର ମହିଳା ଏ ନେଇ ବିଡ୍ ଏସ୍ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି ଏସ୍ପି କହିଛନ୍ତି। ମହିଳା କହିଥିଲେ ଯେ ଏହି ଘଟଣା ପଛରେ ଆଉ ଜଣେ ମହିଳା ଅଛନ୍ତି। ସେ ଅଭିଯୁକ୍ତ ମହିଳାଙ୍କ ବିରୋଧରେ ଠକେଇ ପାଇଁ ଏତଲା ରୁଜୁ କରିବାକୁ ଦାବି କରିଛନ୍ତି। ଅଭିଯୁକ୍ତ ମହିଳା ତାଙ୍କୁ ଏକ ନିର୍ଦ୍ଦିଷ୍ଟ ଦଳକୁ ଭୋଟ୍ ଦେବାକୁ କହିଥିଲେ। ପିମ୍ପରି-ଚିଞ୍ଚୱାଡରେ ଭୋଟ ଦେବା ପରେ ପୁଲିସ ତାଙ୍କୁ ଗିରଫ କରିଥିଲା। ମାତ୍ର ସନ୍ଧ୍ୟା ୬ଟା ପରେ ଛାଡି ଦେଇଥିଲା।

ମହାଯୁତିରେ ମହା ଫାଟ

## ଅଢ଼େଇ ବର୍ଷ ପାଇଁ ମେୟର ପଦ ଚାହୁଁଛନ୍ତି ସିନ୍ଦେ

### ମୁମ୍ବାଇ ମହାନଗରନିଗମର ୨୯ ନବନିର୍ବାଚିତ କାଉନ୍‌ସିଲରଙ୍କ ଗୋପନବାସ

ମୁମ୍ବଇ, ୧୮।୧ (ଏଜେନ୍ସି): ମହାରାଷ୍ଟ୍ର ପୌର ନିର୍ବାଚନ ପରେ ପୁଣି ମହାନାଟକ ଆରମ୍ଭ ହୋଇଯାଇଛି। ବିଧାନସଭା ନିର୍ବାଚନରେ ବିଜୟୀ ହେବା ପରେ ଏନଡିଏ ମେଣ୍ଟରେ ଆରମ୍ଭ ହୋଇଥିବା କ୍ଷମତା ଟଣାଓଟରା ଅଧ୍ୟାୟର ପୁନରାବୃତ୍ତି ଘଟିଛି। ସରକାରୀ ମେଣ୍ଟ ମହାଯୁତିରେ ଭାଗବଣ୍ଟାକୁ ନେଇ ଅଡୁଆ ଲାଗି ରହିଛି। ଏପରି ସମୟରେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ତଥା ଶିବସେନା ନେତା ଏକନାଥ ସିନ୍ଦେ ନିଜ ଦଳର ୨୯ କାଉନସିଲରଙ୍କୁ ବାନ୍ଦ୍ରା ସ୍ଥିତ ହୋଟେଲ ହୋଟେଲ ତାଜ୍ ଲ୍ୟାଣ୍ଡସ ଏଣ୍ଡରେ ନେଇ ରଖିଛନ୍ତି। ଏଠାରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯାଇଛି। ମୁମ୍ବଇର ବିଏମସି ମେୟର ପଦକୁ ନେଇ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ବିଜେପି ମୁମ୍ବଇରେ ସବୁଠାରୁ ବଡ଼ ଦଳ ଭାବେ ଉଭା ହୋଇଛି। ପ୍ରଥମ ଥର ପାଇଁ ଏହି ଦଳ ମୁମ୍ବଇ ମେୟର ପାଇବାକୁ ଯାଉଛି। କିନ୍ତୁ ନିଜ ମେଣ୍ଟରେ ସାମିଲ ଏକନାଥ ସିନ୍ଦେଙ୍କ ଶିବସେନା ଏଥିରେ କଣ୍ଟା ସୃଷ୍ଟି କରିଛି। ଏହି ଦଳ ଅଢେଇ ବର୍ଷ ପାଇଁ ବିଏମସି ମେୟର ପଦ ଚାହୁଁଛି। ଶିବସେନା ଏଥିପାଇଁ ବାଲ୍ ଠାକରେଙ୍କ ଜନ୍ମ ଶତବାର୍ଷିକକୁ ଦ୍ୱାହି ଦେଉଛି। ଚଳିତ ବର୍ଷ ଠାକରେଙ୍କ ଏହି ଜୟନ୍ତୀକୁ କ୍ଷମତାର ପ୍ରତୀକ ଭାବେ ପାଳନ କରିବାକୁ ଚାହୁଁଛି। ତେଣୁ ବିଜେପିକୁ ମେୟର ପଦ ମାଗୁଛି। ବିଜେପି କୁନ୍ଥୁ କୁନ୍ଥୁ ହେଉଥିବାରୁ ମାମଲା ଫସି ରହିଛି।

ଅନ୍ୟପଟେ ଉଦ୍ଧବ ଗୋଷ୍ଠୀର ଶିବସେନା ବଡ଼ ଦାବି କରିଛି। ଭଗବାନ ଚାହିଁଲେ ଦଳର ପ୍ରାର୍ଥୀ ମେୟର ହୋଇପାରନ୍ତି ବୋଲି କୁହାଯାଇଛି। ଶିବସେନା ଏପରି କହି ସଂଶୟକୁ ବଢ଼ାଇ ଦେଇଛି। ବିରୋଧୀ ଏକାଠି ହୋଇଗଲେ ବିଜେପି ମେଣ୍ଟ ପାଇଁ ସମସ୍ୟା ସୃଷ୍ଟି ହୋଇପାରେ ବୋଲି କୁହାଯାଉଛି। ଶିବସେନା ସାଂସଦ ସଞ୍ଜୟ ରାଉତ କହିଛନ୍ତି ଯେ ଏକନାଥ ସିନ୍ଦେ ତାଜ ହୋଟେଲକୁ ୟରୱାଡ ଜେଲ୍ କରିଦେଇଛନ୍ତି। ନବନିର୍ବାଚିତ କାଉନସିଲରଙ୍କୁ ଏଠାରେ ବନ୍ଦୀ କରି ରଖାଯାଇଛି। ହୋଟେଲ ତାଲା ଭାଙ୍ଗି କାଉନସିଲରଙ୍କୁ ମୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପୁଲିସକୁ ନିର୍ଦ୍ଦେଶ ଦେବା ଉଚିତ।

ମୁମ୍ବଇର ୨୨୭ଟି ୱାର୍ଡ ମଧ୍ୟରୁ ବିଜେପି ୮୯ଟି ଏବଂ ସିନ୍ଦେ ଗୋଷ୍ଠୀ ୨୯ଟିରେ ବିଜୟୀ ହୋଇଥିଲା। ୧୧୪ଟି ସଂଖ୍ୟାଗରିଷ୍ଠତା ହାସଲ କରିବା ପାଇଁ ବିଜେପିକୁ ସିନ୍ଦେ ଗୋଷ୍ଠୀର ୨୯ ଜଣ କାଉନସିଲର ଆବଶ୍ୟକ। ଉଦ୍ଧବଙ୍କ ମରାଠୀ କାର୍ଡ ସିନ୍ଦେ ଗୋଷ୍ଠୀର କାଉନସିଲରଙ୍କ ସଂଖ୍ୟାକୁ ସୀମିତ କରି ଦେଇଥିଲା। ଏଭଳି ସ୍ଥିତିରେ ସିନ୍ଦେ ଗୋଷ୍ଠୀ ମେୟର ପଦବୀ ପାଇଁ ଦାବି ଉପସ୍ଥାପନ କରିଛି। ଯଦି ବିଜେପି ଏହି ଦାବି ଗ୍ରହଣ ନ କରେ ତେବେ କ୍ଷମତା ସମୀକରଣ ବଦଳିପାରେ। ଏଥିପାଇଁ ହୋଟେଲରେ ବୈଠକ କରି ଦଳୀୟ ନେତାଙ୍କୁ ଚୟନ କରିବାକୁ ନିଷ୍ପତ୍ତି ନିଆଯାଇଛି। ସୂତ୍ର ଅନୁଯାୟୀ, ଘୋଡା ବେପାରକୁ ରୋକିବା ପାଇଁ ହୋଟେଲରେ କାଉନସିଲରଙ୍କୁ ରୋକା ଯାଇଛି। ସମସ୍ତ ୨୯ ଜଣ କାଉନସିଲରଙ୍କୁ ବୁଧବାର ଅପରାହ୍ନ ୩ଟା ପର୍ଯ୍ୟନ୍ତ ହୋଟେଲରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଘଟଣା ୨୦୨୨ରେ ସିନ୍ଦେ ଗୋଷ୍ଠୀ କରିଥିବା ବିଦ୍ରୋହର ସ୍ମୃତିକୁ ତାଜା କରିଦେଇଛି। ଏଥିପାଇଁ ଶିବସେନା ଭାଗ ଭାଗ ହୋଇଯାଇଥିଲା। ଏକନାଥ ସିନ୍ଦେ ୩୯ ଜଣ ବିଧାୟକଙ୍କୁ ଧରି ବିଦ୍ରୋହ କରିଥିଲେ।



### ବିଜେପିରୁ ମେୟର ହୁଅନ୍ତୁ ବୋଲି ଚାହୁଁନାହାନ୍ତି ଉପ-ମୁଖ୍ୟମନ୍ତ୍ରୀ: ସଞ୍ଜୟ

### ଉଦ୍ଧବ ଗୋଷ୍ଠୀରୁ ବି ମେୟର ହୋଇପାରନ୍ତି

ସୋନମ୍ ୱାଙ୍ଗଚୁକ୍‌ଙ୍କ ପତ୍ନୀଙ୍କ ଟିପ୍ପଣୀ

## ଏନ୍‌ଏସ୍‌ଏ ମାମଲାରେ କୌଣସି ଆଧାର ନ ଥିବାରୁ ତାରିଖ ଗଡ଼ାଉଛନ୍ତି ସରକାର

ନୂଆଦିଲ୍ଲୀ, ୧୮।୧ (ଏଜେନ୍ସି): ଲଦାଖ ହିଂସାକୁ ନେଇ ସାମାଜିକ କର୍ମୀ ତଥା ମାଗ୍‌ସେସେ ପୁରସ୍କାର ବିଜେତା ସୋନମ୍ ୱାଙ୍ଗଚୁକ୍ ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ) ବଳରେ ଗିରଫ କରାଯାଇଥିଲା। ଏହାକୁ ନେଇ ସୋନମଙ୍କ ପତ୍ନୀ ଗୀତାଞ୍ଜଳି ଅଙ୍ଗମୋ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଏହି ମାମଲାରେ କୌଣସି ଆଧାର ନ ଥିବାରୁ ସରକାର ତାରିଖ ଗଡ଼ାଇ ଚାଲିଥିବା ସେ ଅଭିଯୋଗ କରିଛନ୍ତି। ଏହା ସହିତ ସ୍ୱାମୀଙ୍କୁ ଜେଲ୍‌ରେ ନିର୍ଯାତନା ଦିଆଯାଉଥିବା ଅଭିଯୋଗ କରିଛନ୍ତି। ସୋନମଙ୍କୁ ଜେଲ୍‌ରେ ତଳେ ଶୋଇବାକୁ ପଡ଼ିଛି। ତାଙ୍କ ପାଖରେ କୌଣସି ଆସବାବପତ୍ର ନାହିଁ। ବାରାକ ଜଣେ ବୁଲିବା ପରି ବି ସ୍ଥାନ ନାହିଁ। ସଲିସିଟର ଜେନେରାଲ ତାରିଖ ପରେ ତାରିଖ ମାଗି ଚାଲିଛନ୍ତି। କାରଣ ଏହି ମାମଲାରେ କୌଣସି ଦମ୍ ନ ଥିବା ସେ ଜାଣିଛନ୍ତି।



ଗୀତାଞ୍ଜଳି କହିଛନ୍ତି ଯେ ସ୍ୱାମୀଙ୍କ ଗିରଫ ଗିରଫଦାରୀ ଗଣତନ୍ତ୍ରର ସ୍ଥିତିକୁ ଦର୍ଶାଉଛି। କେମିତି କ୍ଷମତାର ଅପବ୍ୟବହାର କରି ଲୋକମାନଙ୍କୁ ବେଆଇନ ଭାବେ ଅଟକ ରଖାଯାଉଛି ଏହା ତାହାର ପ୍ରକୃଷ୍ଟ ଉଦାହରଣ। ଏହା କେବଳ ଜଣେ ସୋନମଙ୍କ ପ୍ରସଙ୍ଗ ନୁହେଁ। ୱାଙ୍ଗଚୁକ୍‌ଙ୍କ ଗିରଫକୁ ନେଇ ସମାଜ ତଥା ରାଜନୀତି କ୍ଷେତ୍ରରୁ ଯେଉଁଳି ଦୃଢ ପ୍ରତିକ୍ରିୟା ଆସିବା କଥା ସେପରି ଆସିନାହିଁ। ଏନ୍‌ଏସ୍‌ଏ ମାମଲାରେ ଅଭିଯୁକ୍ତଙ୍କୁ ୫ରୁ ୧୦ ଦିନ ମଧ୍ୟରେ ସମସ୍ତ କାଗଜପତ୍ର ଯୋଗାଇ ଦେବା କଥା। ମାତ୍ର ସୋନମ୍‌ଙ୍କୁ ଗୁରୁତ୍ୱପୂର୍ଣ୍ଣ ଭିଡିଓ ୨୮ ଦିନରେ ଦେଲେ। ଏହା ଧାରା ୮ ଓ ଧାରା ୧୧ର ଉଲ୍ଲଙ୍ଘନ। ଏଥିପାଇଁ ତାଙ୍କୁ ଅଟକ ରଖିବା ନିର୍ଦ୍ଦେଶ ବେଆଇନ।

## ସାନ୍ତ୍ରାଗାଛି-ତାମ୍ବରମ୍ ଅମୃତ ଭାରତ ଏକ୍ସପ୍ରେସର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

କୋଲକାତା, ୧୮।୧ (ଏଜେନ୍ସି):

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ସାନ୍ତ୍ରାଗାଛି (କୋଲକାତା)-ତାମ୍ବରମ୍ (ଚେନ୍ନଇ) ଅମୃତ ଭାରତ ଏକ୍ସପ୍ରେସ୍ ସେବାର ଶୁଭାରମ୍ଭ କରିଛନ୍ତି। ଆଧୁନିକ, ସୁଲଭ ଏବଂ ଅନ୍ତର୍ଭୁକ୍ତ ରେଳ ସଂଯୋଗୀକରଣ ଦିଗରେ ଏହା ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଏହି ଟ୍ରେନ ପୂର୍ବ ଭାରତକୁ ଦକ୍ଷିଣ ଭାରତ ସହିତ ସଂଯୋଗ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ଦୂରଗାମୀ ସେବାର ଶୁଭାରମ୍ଭକୁ ସୂଚିତ କରୁଛି। ଏହା ଦ୍ୱାରା ପଶ୍ଚିମବଙ୍ଗ, ଓଡ଼ିଶା, ଆନ୍ଧ୍ରପ୍ରଦେଶ ଏବଂ ତାମିଲନାଡୁକୁ ସଂଯୋଗ କରୁଥିବା ଏକ ଦୃଢ଼ ନୂତନ ରେଳ କରିଡର ପ୍ରତିଷ୍ଠା ହେବ। ଆନ୍ତଃ ଆଞ୍ଚଳିକ ରେଳ ସଂଯୋଗୀକରଣରେ ଉଲ୍ଲେଖନୀୟ ବୃଦ୍ଧି ଘଟିବ। ଏହି ସେବା ଓଡ଼ିଶା ପାଇଁ ବିଶେଷ ଲାଭଦାୟକ ହେବ, କାରଣ ଏହା ଉନ୍ନତ ରେଳ ସମନ୍ୱୟ ମାଧ୍ୟମରେ ଦେଶର ବିଭିନ୍ନ ଅଂଶକୁ ଦ୍ରୁତ ଏବଂ ଅଧିକ ଆରାମଦାୟକ ସେବା ପ୍ରଦାନ କରୁଛି। ଓଡ଼ିଶାର ଲୋକଙ୍କ ପାଇଁ ଏହି ଟ୍ରେନ୍ ପୂର୍ବ ଏବଂ ଦକ୍ଷିଣ ଭାରତର ପ୍ରମୁଖ ସହରାଞ୍ଚଳ, ବାଣିଜ୍ୟିକ, ଶିକ୍ଷାଗତ ଏବଂ ସ୍ୱାସ୍ଥ୍ୟସେବା କେନ୍ଦ୍ରଗୁଡ଼ିକୁ ସଂଯୋଗ ଭାବରେ କାର୍ଯ୍ୟ କରିବ। ଏହି ସେବା ଚିକିତ୍ସା, ଶିକ୍ଷା, ନିଯୁକ୍ତି, ପର୍ଯ୍ୟଟନ ଏବଂ ତୀର୍ଥଯାତ୍ରା ପାଇଁ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ପାଇଁ ବହୁ ଉପଯୋଗୀ ସାବ୍ୟସ୍ତ ହେବ। ବିଶେଷ କରି ଚେନ୍ନଇ ଏବଂ କୋଲକାତା ଭଳି ସହରଗୁଡ଼ିକୁ ଯୋଗାଯୋଗ ଅଧିକ ମଜବୁତ ହେବ।

ଅମୃତ ଭାରତ ଏକ୍ସପ୍ରେସ ହେଉଛି ଏକ ଆଧୁନିକ ଏଲଏଚବି ରେକ୍ ଟ୍ରେନ। ଏଥିରେ ଉନ୍ନତ ପୁସ୍-ପୁଲ୍ ପ୍ରଯୁକ୍ତିବିଦ୍ୟା ରହିଛି। ଅଧିକ ବେଗ, ସୁଗମ କାର୍ଯ୍ୟ ଏବଂ ବର୍ଦ୍ଧିତ ଯାତ୍ରୀ ଆରାମ ପ୍ରଦାନ କରେ। ଏହି ଟ୍ରେନରେ ଏରଗୋନୋମିକାଲି ଡିଜାଇନ୍ ହୋଇଥିବା ବର୍ଥ, ମଡ୍ୟୁଲାର୍ ଶୌଚାଳୟ, ଏଲଇଡି ଆଲୋକୀକରଣ, ସିସିଟିଭି ନିରୀକ୍ଷଣ ଏବଂ ମୋବାଇଲ୍ ଚାର୍ଜିଂ ଭଳି ସୁବିଧା ରହିଛି। ସାନ୍ତ୍ରାଗାଛି-ତାମ୍ବରମ୍ ଅମୃତ ଭାରତ ଏକ୍ସପ୍ରେସ (୦୬୧୦୮) ଆଜି ୨ଟା୪୫ରେ ସାନ୍ତ୍ରାଗାଛି ଛାଡିଛି। ଏହା ପରଦିନ ୬ଟା ୪୫ରେ ତାମ୍ବରମରେ ପହଞ୍ଚିବ। ଏହି ଟ୍ରେନ୍ ଭଦ୍ରକ, ଯାଜପୁର କେନ୍ଦୁଝର ରୋଡ , କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍, ବାଲୁଗାଁ , ବ୍ରହ୍ମପୁର, ପାଲାସା, ବିଜୟନଗରମ୍ ଏବଂ ଦୁଭଭଡା ସମେତ ପୂର୍ବ ତଟ ରେଳ ଅଧୀନରେ ଥିବା ପ୍ରମୁଖ ଷ୍ଟେସନ ଦେଇ ଯିବ। ଟ୍ରେନରେ ୨୨ଟି ଆଧୁନିକ ଶ୍ରେଣୀ କୋଚ୍ ରହିବ। ଏଥିରେ ୧୧ ଟି ଜେନେରାଲ୍ ଶ୍ରେଣୀ ସିଟିଂକୋଚ, ୮ ଟି ସ୍ଲିପର୍ ବଗି, ୨ଟି ଲଗେଜ୍ କମ ଡିଭିଆଙ୍ଗଜାନ୍ କୋଚ୍ ଏବଂ ଗୋଟିଏ ପ୍ୟାଣ୍ଟ୍ରି କାର୍ ରହିଛି।



୧୩ ଶ୍ରମିକଙ୍କୁ ଚାପିଦେଲା କାର୍

## ୨ ମହିଳା ଶ୍ରମିକଙ୍କ ସମେତ ୩ ମୃତ

ଭୋପାଳ, ୧୮।୧ (ଏଜେନ୍ସି): ମଧ୍ୟପ୍ରଦେଶ ଜବଲପୁରର ଏକତା ଛକ ନିକଟରେ ରବିବାର ଦ୍ୱିପହରେ ଭୟଙ୍କର ଦୁର୍ଘଟଣା ଘଟିଛି। ଏଠାରେ ଏକ ଦ୍ରୁତଗାମୀ କାର ୧୩ ଜଣ ଶ୍ରମିକଙ୍କୁ ଚାପି ଦେଇଛି। ଘଟଣାସ୍ଥଳେ ଦୁଇ ମହିଳା ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ୧୧ ଜଣ ଆହତ ହୋଇଥିଲେ। ଆଉ ଜଣେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇ ଥିଲେ। ଆହତଙ୍କ ମଧ୍ୟରୁ ୭ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ସମସ୍ତଙ୍କୁ ମେଡିକାଲ କଲେଜ ହସ୍ପିଟାଲକୁ ପଠାଯାଇଛି। ସୂଚନା ଅନୁଯାୟୀ, ସମସ୍ତ ମୃତାହତ ମଣ୍ଡଲା ଜିଲ୍ଲା ବିଜାଦଣ୍ଡି ଥାନା ଅଞ୍ଚଳର ବିହାରିଆ ଗ୍ରାମର ବାସିନ୍ଦା। ସମସ୍ତେ ସେଠାରେ ଦେଢ଼ ମାସ ଧରି କାମ କରୁଥିଲେ। ରାସ୍ତା ଡିଭାଇଡରରେ ଲୁହା ଜାଲି ସଫା କରିବା ପରେ ଶ୍ରମିକମାନେ ବସି ମଧ୍ୟାହ୍ନ ଭୋଜନ ଖାଉଥିଲେ। ଏହି ସମୟରେ ବରେଲାରୁ ଜବଲପୁର ଅଭିମୁଖେ ଆସୁଥିବା ଏକ ଧଳା କାର ସେମାନଙ୍କ ଉପରେ ମାଡ଼ି ଯାଇଥିଲା। ସାହାଯ୍ୟ କରିବା ପରିବର୍ତ୍ତେ ଡ୍ରାଇଭର ଗାଡ଼ି ନେଇ ଫେରାର ହୋଇ ଯାଇଥିଲା।

# ଅନାହାରରେ ପ୍ରାଣ ହରାଇଲେ ମାନସିକ ଭିନ୍ନକ୍ଷମ

ମାଥିଲି,୧୮।୧(ସମିସ): ଅନାହାରରେ ପ୍ରାଣ ହରାଇଲେ ମାନସିକ ଭିନ୍ନକ୍ଷମ। ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଉଦୁଲିବେଡ଼ା ପଞ୍ଚାୟତରୁ ଏଭଳି ଏକ ଖବର ସାମ୍ନାକୁ ଆସିଛି। ମୃତକ ହେଲେ, ଚେଡେଙ୍ଗା ପଞ୍ଚାୟତ ଅନ୍ତର୍ଗତ ସିନ୍ଧାବେଡ଼ା ଗ୍ରାମର ଦିଗାମ ପେର୍ମା (୬୦)। ଦିନ ଦିନ ଧରି ଖାଇବାକୁ ନ ପାଇ ଦିଗାମ ପ୍ରାଣ ହରାଇଥିବା ଅଭିଯୋଗ ହୋଇଛି। ଖାଦ୍ୟ ସୁରକ୍ଷା ଯୋଜନା ମାଧ୍ୟମରେ ରାଜ୍ୟ ଓ କେନ୍ଦ୍ର ସରକାର ମିଳିତ ଭାବେ ମୁଣ୍ଡପିଛା ଚାଉଳ ଯୋଗାଣ କରୁଛନ୍ତି। ଏହାସହ ବୃଦ୍ଧବୃଦ୍ଧା, ବିଧବା, ଭିନ୍ନକ୍ଷମ ଓ ମାନସିକ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ଭତ୍ତାର ମଧ୍ୟ ବ୍ୟବସ୍ଥା କରିଛନ୍ତି। ଏସବୁର ଉଦ୍ଦେଶ୍ୟ ହେଉଛି, କେହି ଯେପରି ଅନାହାରରେ ପ୍ରାଣ ନ ହରାଇବେ। କିନ୍ତୁ, ଖାଇବାକୁ ନ ପାଇ ଦିଗାମଙ୍କ ମୃତ୍ୟୁ ଘଟିବା, ଏସବୁ ସରକାରୀ ଯୋଜନାକୁ ସତେଯେପରି ଉପହାସ କରୁଛି। ଏହାକୁ ନେଇ ବୁଦ୍ଧିଜୀବୀମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

ସୂଚନାନୁଯାୟୀ, ଉଦୁଲିବେଡ଼ା ପଞ୍ଚାୟତ ଅନ୍ତର୍ଗତ ଚାଲାଣଗୁଡ଼ା ଗ୍ରାମ ନିକଟରେ ଦିଗାମଙ୍କ ଶବ ପଡ଼ିଥିବା କିଛି ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ଖବର ପାଇ ଗୋବିନ୍ଦପାଲ୍ଲୀ ଫାଣ୍ଡିଅଧିକାରୀ ଏଏସ୍‌ଆଇ ପଦମନ ପୂଜାରୀ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଦିଗାମ ଜଣେ ମାନସିକ ଭିନ୍ନକ୍ଷମ। କିଛି ଦିନ ତଳୁ ସେ ଘରୁ ଚାଲିଆସିଥିଲେ। ରାସ୍ତାକଡ଼ରେ ବସି ରହି ଯାହା ମିଳୁଥିଲା, ତାହା ଖାଇ ବଞ୍ଚୁଥିଲେ। ତେବେ କିଛି ଦିନ ହେଲା ଖାଇବାକୁ ନ ମିଳିବାରୁ ତାଙ୍କର ମୃତ୍ୟୁ ଘଟିଥିବା ପରିବାରଲୋକେ କହିଛନ୍ତି।

# ଦୁର୍ଘଟଣାରେ ଗଲା ଦୁଇ ସାଙ୍ଗଙ୍କ ଜୀବନ




ଜଳେଶ୍ୱର,୧୮।୧ (ସମିସ): ଦୁର୍ଘଟଣାରେ ଗଲା ଦୁଇ ସାଙ୍ଗଙ୍କ ଜୀବନ। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଦେଇ ଯାଇଥିବା ୫୭ ନମ୍ବର ରାଜ୍ୟ ରାଜପଥର ନାମ୍ପୋ ନିକଟ ଷଡ଼ଙ୍ଗୀ ପୋଲ ନିକଟରେ ଆଜି ଭୋର୍‌ରେ ଏହି ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, କମର୍ଦା ଥାନା ବାଗ ଗ୍ରାମର ଗୌତମ ସାହୁ ଓ ନିମାଇଁ ମହାପାତ୍ର। ଉଭୟ ଜଳେଶ୍ୱରରୁ ଏକ ବାଇକ୍‌ରେ ଘରକୁ ଫେରୁଥିବା ବେଳେ କୌଣସି ଏକ ଗାଡ଼ି ସେମାନଙ୍କୁ ଧକ୍କା ଦେଇ ଫେରାର୍ ହୋଇଯାଇଥିଲା। ନାମ୍ପୋ ଓ ଜଳେଶ୍ୱର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ପୁଲିସ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ଲାଗି ଜିକେଭଞ୍ଜର୍ ହସ୍ପିଟାଲକୁ ପଠାଇଛି। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଦଳକୁ ଦୁର୍ବଳ କରିବାକୁ ଷଡ଼ଯନ୍ତ୍ର କରିଥିଲେ ସନାତନ ଓ ଅରବିନ୍ଦ: ବିଜେଡି

ଭୁବନେଶ୍ୱର,୧୮।୧(ସମିସ): ଦଳକୁ ଦୁର୍ବଳ କରିବା ପାଇଁ ଷଡ଼ଯନ୍ତ୍ର ଓ ଦଳୀୟ କର୍ମୀଙ୍କ ସହ ବିଶ୍ୱାସଘାତକତା ନିମନ୍ତେ ଚମ୍ପୂଆ ବିଧାୟକ ସନାତନ ମହାକୁଡ଼ ଓ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ବିଜେଡିରୁ ନିଲମ୍ବିତ କରାଯାଇଛି ବୋଲି କହିଛନ୍ତି ବିଜେଡି ସାଧାରଣ ସମ୍ପାଦକ ଅମରେଶ ପତ୍ରୀ। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ



ଦ୍ୱାରା ସୁଯୋଗ ପାଇ ବିଧାୟକ ହେବା ପରଠାରୁ ପାଟକୁରାର ଦଳୀୟ କର୍ମୀଙ୍କୁ ଅଣଦେଖା କରି ନିଜସ୍ୱ ସଂଗଠନ ଜରିଆରେ ଅରବିନ୍ଦ କାର୍ଯ୍ୟ କରିଆସୁଥିଲେ। ନିର୍ବାଚନମଣ୍ଡଳୀର ଅରବିନ୍ଦ ପୁରୁଖା ଦଳୀୟ କର୍ମୀଙ୍କୁ ସଂପୂର୍ଣ୍ଣ ଅଣଦେଖା କରୁଥିବା ବେଳେ ସେଠାରେ ବାପା-ପୁଅଙ୍କ ଶାସନ ଚାଲିଥିଲା । ସେହିପରି ଚମ୍ପୂଆରେ ସନାତନ ମଧ୍ୟ ଦଳବିରୋଧୀ କାର୍ଯ୍ୟରେ ଲିପ୍ତ ଥିଲେ ଓ ସମାନ୍ତରାଳ ସଙ୍ଗଠନ ଚଳାଇଥିଲେ ବୋଲି ସାଂଘାତିକ ଅଭିଯୋଗ କରିଛନ୍ତି ବିଜେଡି ସାଧାରଣ ସମ୍ପାଦକ ତଥା ପାଟକୁରାର ଯୁବ ନେତା ଅମରେଶ ପତ୍ରୀ।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପତ୍ରି କହିଛନ୍ତି ଯେ ଅରବିନ୍ଦଙ୍କୁ ନବୀନ ପାଟକୁରାରେ ଦଳୀୟ ଟିକଟ ଦେଇଥିଲେ। ୨୫ ବର୍ଷ ଧରି ଯେଉଁ ଦଳୀୟ କର୍ମୀମାନେ ପାଟକୁରାରେ ବିଜେଡି ସଂଗଠନକୁ ସଶକ୍ତ କରି ରଖିଥିଲେ, ସେହି ପୁରୁଖା ନେତା ଓ କର୍ମୀଙ୍କୁ ଜାଣିଶୁଣି ଉପେକ୍ଷା କରି ନିଜର ଚାଟୁକାରମାନଙ୍କୁ ପଞ୍ଚାୟତ ଦାୟିତ୍ୱ ଦେଇ ସେମାନଙ୍କ ଜରିଆରେ ବିଧାୟକ ପାଣ୍ଠି ବିନିଯୋଗ କରୁଥିଲେ । ଗତ ସାଧାରଣ ନିର୍ବାଚନରେ ଟିକେଟ ପାଇଲା ପରେ ଦଳର ସାଂସଦ ପ୍ରାର୍ଥୀଙ୍କୁ ଅସହଯୋଗ ସହ ବାପାଙ୍କ ଇସାରାରେ ସବୁ କାମ କରୁଥିଲେ ଅରବିନ୍ଦ । ଅତୀତରେ ସ୍ୱର୍ଗତ ବିଜୁ ବାବୁଙ୍କ ବିରୋଧରେ ଅରବିନ୍ଦ ମହାପାତ୍ରଙ୍କ ପିତା ଯେଭଳି ଷଡଯନ୍ତ୍ର କରିଥିଲେ, ଆଜି ନବୀନ ପଟ୍ଟନାୟକଙ୍କ ବିରୋଧରେ

**■ ପାଟକୁରାରେ ଚାଲିଥିଲା ବାପା-ପୁଅ ଶାସନ**
**■ ଚମ୍ପୂଆରେ ଚାଲିଥିଲା ସମାନ୍ତରାଳ ସଙ୍ଗଠନ**
**■ ଉପେକ୍ଷିତ ହୋଇଥିଲେ ପୁରୁଖା ଦଳୀୟ କର୍ମୀ**

ସେହିଭଳି ବିଶ୍ୱାସଘାତକତା ଯୋଜନାରେ ସେ ନିଜକୁ ସାମିଲ କରିଥିଲେ। କିଛି ମାସ ଧରି ଏହି ଷଡ଼ଯନ୍ତ୍ରର ସୁରାକ ବିଜେଡି ସଭାପତି ପାଇଥିଲେ ମଧ୍ୟ, ତ୍ରୁଟି ସୁଧାରିବା ପାଇଁ ଉଭୟ ସନାତନ ଓ ଅରବିନ୍ଦଙ୍କୁ ସୁଯୋଗ ଦେଇଥିଲେ; ମାତ୍ର ଉଭୟଙ୍କ ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ ନ ହେବାରୁ ସେମାନଙ୍କୁ ଦଳରୁ ନିଲମ୍ବିତ କରାଯାଇଛି ବୋଲି ଶ୍ରୀ ପତ୍ରୀ କହିଛନ୍ତି।

ସେହିପରି ବିଜେଡି ମୁଖପାତ୍ର ତୁମ୍ବନାଥ ପଣ୍ଡା କହିଛନ୍ତି ଯେ ଗତ ତିନି ଦଶନ୍ଧି ମଧ୍ୟରେ ନବୀନ ପଟ୍ଟନାୟକ ଅନେକ ଯୁବ ପ୍ରତିଭାଙ୍କୁ ସମାଜସେବା ପାଇଁ ସୁଯୋଗ ଦେଇଛନ୍ତି, ରାଜନୀତିକୁ ଆଣିଛନ୍ତି । ସେହି କ୍ରମରେ ଅରବିନ୍ଦଙ୍କୁ ପାଟକୁରାରୁ ବିଧାନସଭାର ପ୍ରତିନିଧିତ୍ୱ କରିବାକୁ ସୁଯୋଗ ଦେଇଥିଲେ। ଏହି ସୁଯୋଗର ସଦବ୍ୟବହାର କରି ଲୋକଙ୍କ ସେବା କରିବା ପରିବର୍ତ୍ତେ ଏଭଳି ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବା ଦୁର୍ଭାଗ୍ୟଜନକ। ଶୃଙ୍ଖଳିତ ଆଚରଣ ପାଇଁ ସାରା ଦେଶରେ ବିଜେଡି ଓ ନବୀନ ବାବୁଙ୍କ ନେତୃତ୍ୱ ବେଶ୍ ପରିଚିତ। ବିଜୁ ଜନତା ଦଳରେ ବିଶୃଙ୍ଖଳାର ସ୍ଥାନ ନାହିଁ ବୋଲି ଶ୍ରୀ ପଣ୍ଡା କହିଛନ୍ତି।

## ବିସ୍ଫୋରଣରେ ଉଡ଼ିଗଲା ଘର

# ଖଣ୍ଡଖଣ୍ଡ ହୋଇଗଲା ବାଣ ଭିଡ଼ାଳିଙ୍କ ଶବ

ଫୁଲନଖରା, ୧୮।୧(ସମିସ): କଟକ ସଦର ଥାନା ଅନ୍ତର୍ଗତ ଖଲର୍ଦ୍ଧାଠାରେ ଆଜି ଏକ ବଡ଼ଧରଣର ଅଘଟଣ ଘଟିଛି। ବାଣ ଭିଡ଼ିବା ବେଳେ ପ୍ରଚଣ୍ଡ ବିସ୍ଫୋରଣ ଘଟି ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ, ଖଲର୍ଦ୍ଧା ବାଡ଼ାସାହିର ସୁରେଶ ଭୋଇ ଓରଫ୍ କୁନ୍ଥା(୪୪)। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଘରଟି ସଂପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବା ବେଳେ କୁନ୍ଥାଙ୍କ ଶବ ଖଣ୍ଡବିଖଣ୍ଡିତ ହୋଇଯାଇଥିଲା। ସଦର ଥାନା ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ ମେଡିକାଲକୁ ପଠାଇ ଘଟଣାର ତଦନ୍ତ କରୁଛି। ଏହା ଏକ ସମ୍ବେଦନଶୀଳ ମାମଲା ହୋଇଥିବାରୁ ଅତିରିକ୍ତ ଡିସିପି ରଣଜିତ୍ ପୃଷ୍ଟି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିବା ସହ ମୁଖ୍ୟ ଆସାମୀ ବୈକୁଣ୍ଠ ସାମଲ ଓରଫ୍ ବଇନ(୫୦)କୁ ଧରିବାକୁ ୩ଟି ଟିମ୍ ଗଠନ କରିଛନ୍ତି।

ସୂଚନାନୁଯାୟୀ, ଖଲର୍ଦ୍ଧା କେନାଲ ରୋଡ୍ ପାର୍ଶ୍ୱରେ ବୈକୁଣ୍ଠ ସାମଲଙ୍କ ଘର। ସେ ସେଠାରେ ଦୀର୍ଘ ବର୍ଷ ହେବ ବେଆଇନ୍ ବାଣ ତିଆରି କରି ବିକ୍ରୟ କରୁଥିଲେ। ବାଡ଼ାସାହିର ସୁରେଶ ଦିନମଜୁରିଆ ଭାବେ ବଇନଙ୍କ ପାଖରେ ବେଆଇନ ବାଣ ଭିଡ଼ିବାରେ କାର୍ଯ୍ୟ କରି ନିଜର ପରିବାର ପ୍ରତିପୋଷଣ କରିଥାଏ। ପ୍ରତିଦିନ ଭଳି ରବିବାର ଦିନ ମଧ୍ୟ କୁନ୍ଥା ବାଣ ଭିଡ଼ିବା କାର୍ଯ୍ୟରେ ନିୟୋଜିତ ଥିଲେ। ରବିବାର ମଧ୍ୟାହ୍ନରେ ହଠାତ୍ ଘର ଭିତରେ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ୧ କିଲୋମିଟର ପର୍ଯ୍ୟନ୍ତ ଘର ଭିତରେ ଥିବା ଜନସାଧାରଣ ଭୟଭୀତ ହୋଇପଡ଼ିଥିଲେ। ଦୀର୍ଘ ସମୟ ଧରି ଆକାଶ ଧୂଆଁଳିଆ ହୋଇ ଯାଇଥିଲା। ବାଣ ଭିଡ଼ାଯାଉଥିବା ଆଜବେଷ୍ଟସ୍ ଘରଟି ସଂପୂର୍ଣ୍ଣ ଧ୍ୱଂସ ହୋଇଯାଇଥିଲା। ବିସ୍ଫୋରଣର କାରଣ ଅସ୍ପଷ୍ଟ ଥିଲେ ସୁଦ୍ଧା ପ୍ରଚୁର ବିସ୍ଫୋରକ ଦ୍ରବ୍ୟ ଗଚ୍ଛିତ ଥିଲା ବୋଲି ସନ୍ଦେହ କରାଯାଉଛି। ପ୍ରଚଣ୍ଡ ଶବ୍ଦ ଶୁଣି ନିକଟସ୍ଥ ଲୋକମାନେ



ଘଟଣାସ୍ଥଳରେ ପହଞ୍ଚିବା ବେଳକୁ କୁନ୍ଥାର ମୃତଦେହ ଘର ଦୁଆରମୁହଁ ବାହାରେ ପଡିଥିବାର ଦେଖିବାକୁ ପାଇଥିଲେ।

ଘଟଣାସ୍ଥଳରୁ ଧୂଆଁ ବାହାରୁଥିବାରୁ ଲୋକମାନେ ଦୂରରେ ଥାଇ ସଦର ପୁଲିସକୁ ଖବର ଦେଇଥିଲେ। ସଦର ଆଇଆଇସି ତୁଷାରକାନ୍ତ ସେଠୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ସଙ୍ଗେସଙ୍ଗେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଘଟଣା ଘଟିବାର ୧ ଘଣ୍ଟା ବିଳମ୍ବରେ ବାରଙ୍ଗସ୍ଥିତ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଧୂଆଁ ବାହାରୁଥିବା ସ୍ଥାନକୁ ଲିଭାଇବା ସହ କୁନ୍ଥାର ମୃତ ଶରୀରକୁ ଉଦ୍ଧାର କରିଥିଲେ। ଅପରପକ୍ଷେ ଏହି ଘଟଣା ପରେ ମୁଖ୍ୟ ଆସାମୀ ବୈକୁଣ୍ଠ ସାମଲ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, କଟକ ସଦର ପୁଲିସ ଅପରେସନ୍ ଅଗ୍ନି ମାଧ୍ୟମରେ ଅନେକ ବେଆଇନ୍ ବାଣ କାରଖାନା ସିଜ୍ ଏବଂ ବିପୁଳ ପରିମାଣରେ ବିସ୍ଫୋରକ ଦ୍ରବ୍ୟ ଜବତ କରିଥିବା ବେଳେ ଖଲର୍ଦ୍ଧା ମୁଖ୍ୟ ରାସ୍ତା କଡରେ ଥିବା ଉକ୍ତ ବେଆଇନ୍ ବାଣ କାରଖାନାଟିକୁ କିଭଳି ଅଣଦେଖା କରିଥିଲେ ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

**ଅପାରଗ ଅଧ୍ୟାପକଙ୍କୁ ବିଦା ନିଷ୍ପତ୍ତିକୁ ବିଶେଷଜ୍ଞଙ୍କ ବିରୋଧ**

# ବିଗିଡ଼ିବ ଶିକ୍ଷାନୁଷ୍ଠାନର ଶୈକ୍ଷିକ ବାତାବରଣ

ଭୁବନେଶ୍ୱର, ୧୮।୧(ସମିସ): ବିଶ୍ୱବିଦ୍ୟାଳୟର କୁଳସଚିବଙ୍କ ସମେତ ସରକାରୀ ଡିଗ୍ରୀ କଲେଜର ଅଧ୍ୟକ୍ଷ, ସରକାରୀ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷମାନେ ନିମ୍ନ-ପ୍ରଦର୍ଶନ କରୁଥିବା କର୍ମଚାରୀଙ୍କ ତାଲିକା ଦେବା ପରେ ସେମାନଙ୍କୁ ବିଦା କରାଯିବ ବୋଲି ସରକାର ନିର୍ଦ୍ଦେଶନାମା ଜାରିକୁ ନେଇ ଶିକ୍ଷାନୁଷ୍ଠାନରେ ଛକାପଞ୍ଝା ଆରମ୍ଭ ହୋଇଛି। ପ୍ରଦର୍ଶନର ନିର୍ଦ୍ଦିଷ୍ଟ ମାପଦଣ୍ଡ ନିର୍ଦ୍ଧାରଣ କରାଯାଇ ନ

## ଅଧ୍ୟାପକଙ୍କ ବିରୋଧରେ ଆକ୍ରୋଶମୂଳକ ପଦକ୍ଷେପ ଆଶଙ୍କା

ଥିବାବେଳେ କାହାକୁ କିପରି ଅପାରଗ ବିବେଚନା କରାଯିବ ବୋଲି ଦର୍ଶାଯିବ, ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅପରପକ୍ଷରେ ଅଧିକାଂଶ ମହାବିଦ୍ୟାଳୟରେ ନିୟମିତ ଅଧ୍ୟକ୍ଷ ନାହାନ୍ତି। ଅଧ୍ୟକ୍ଷ ହେବା ପାଇଁ ଏକାଧିକ ଦାବିଦାର ଥିବାରୁ ଅନେକ ଶିକ୍ଷାନୁଷ୍ଠାନରେ ବିବାଦ ରହିଛି। ଏପରିକି ବରିଷ୍ଠଙ୍କ ବଦଳରେ କନିଷ୍ଠ ଅଧ୍ୟାପକଙ୍କୁ ଅଧ୍ୟକ୍ଷ କରାଯାଇଥିବା ନେଇ ବହୁ ମାମଲା ଉଚ୍ଚଶିକ୍ଷା ବିଭାଗରେ ଓ ଉଚ୍ଚ ନ୍ୟାୟାଳୟରେ ପହଞ୍ଚିଛି। ଅର୍ଥାତ୍ ଶିକ୍ଷାନୁଷ୍ଠାନରେ ଅଧ୍ୟକ୍ଷଙ୍କୁ ବିରୋଧ କରୁଥିବା ଅଧ୍ୟାପକମାନେ ରହିଛନ୍ତି। ସେହିପରି ବହୁ ଅଧ୍ୟକ୍ଷଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ସେହି ଶିକ୍ଷାନୁଷ୍ଠାନର ଅଧ୍ୟାପକ ଓ କର୍ମଚାରୀମାନେ ହିଁ କରିଛନ୍ତି। ସବୁଠାରୁ ବଡ଼ କଥା ହେଲା, ମହାବିଦ୍ୟାଳୟଗୁଡ଼ିକରେ ଏସ୍‌ଏସ୍‌ବି ଓ ବ୍ଲକ୍ ଗ୍ରାଣ୍ଟ ଅଧ୍ୟାପକଙ୍କ ମଧ୍ୟରେ ବହୁ ଆଗରୁ ବିବାଦ ରହିଛି। ଏହାର ପ୍ରତିଫଳନ ରାଜରାସ୍ତାରେ ମଧ୍ୟ ଦେଖିବାକୁ ମିଳିଛି। ବିଧାନସଭା ସମ୍ମୁଖରେ ଆନ୍ଦୋଳନ କି ପରସ୍ପର ବିରୋଧରେ ବିଷୋଦ୍‌ଗାର କରିଛନ୍ତି। ବରିଷ୍ଠତା ଭିତ୍ତିରେ ବହୁ ଶିକ୍ଷାନୁଷ୍ଠାନରେ ବ୍ଲକ୍ ଗ୍ରାଣ୍ଟ ଅଧ୍ୟାପକମାନେ ଅଧ୍ୟକ୍ଷ ହୋଇଥିବାରୁ ଏସ୍‌ଏସ୍‌ବି ଅଧ୍ୟାପକଙ୍କ ମଧ୍ୟରେ ଭାଲେଣି ପଡ଼ିଛି।

କ୍ୟାମ୍ପସ୍‌ରେ ଅଧ୍ୟକ୍ଷ ଓ ଅଧ୍ୟାପକଙ୍କ ମଧ୍ୟରେ ବିବାଦ ଥିବାବେଳେ ଏକ ପ୍ରକାର ସିସିଆର୍ ଦେବାର କ୍ଷମତା ମିଳିଥିବାରୁ ଅଧ୍ୟକ୍ଷମାନେ ଯେ ଆକ୍ରୋଶମୂଳକ ଭାବେ ରିପୋର୍ଟ ନ ଦେବେ, ତାହାକୁ ଏଡ଼ାଯାଇ ନ ପାରେ ବୋଲି ଶିକ୍ଷାବିତ ଡ. ମାନସ ବେହେରା କହିଛନ୍ତି। ପୁଣି ଆସନ୍ତା ୩୧ ତାରିଖ ଅର୍ଥାତ୍ ମାତ୍ର ୧୫ ଦିନ ମଧ୍ୟରେ ଅଧ୍ୟାପକ/ଅଧ୍ୟାପିକାଙ୍କ ସର୍ଭିସ ରେକର୍ଡ ସହ କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନ ରିପୋର୍ଟ, ସାଧୁତା ସ୍ଥିତି ଏବଂ ସାମଗ୍ରିକ ଆଚରଣକୁ କିପରି ଯାଞ୍ଚ କରିବେ ବୋଲି ପ୍ରଶ୍ନ କରିଛନ୍ତି। ସରକାରଙ୍କ ଏହି ତରବରିଆ ନିଷ୍ପତ୍ତି ଶିକ୍ଷାନୁଷ୍ଠାନରେ ବ୍ୟାପକ ଅସ୍ଥିରତା ସୃଷ୍ଟି କରିବ। ପର୍ଯ୍ୟାୟକ୍ରମେ ଶୈକ୍ଷିକ ବାତାବରଣ ନିମ୍ନଗାମୀ ହେବ। ସରକାରଙ୍କ ତତ୍କାଳ ନିର୍ଦ୍ଦେଶନାମା ବଦଳରେ ଏହାକୁ ଏକ ପ୍ରକ୍ରିୟା କରାଯାଉ। ପ୍ରଦର୍ଶନର ମାନ ନିର୍ଦ୍ଧାରଣ କରିବା ପାଇଁ ଏକ ମାନଦଣ୍ଡ ପ୍ରସ୍ତୁତ କରାଯାଉ। ପ୍ରତି ବର୍ଷ ଏହାକୁ ସମୀକ୍ଷା କରିବା ସହ ଶିକ୍ଷାବର୍ଷ ଶେଷରେ ବା ପ୍ରାରମ୍ଭରେ ପ୍ରଦର୍ଶନକୁ ଅନୁଧ୍ୟାନ କରାଯାଉ। ଅଧ୍ୟକ୍ଷ ବା ବିଶ୍ୱବିଦ୍ୟାଳୟ କୁଳସଚିବଙ୍କୁ ଏପରି କ୍ଷମତା ଦେବା ପରିବର୍ତ୍ତେ ଏକ ବିଶେଷଜ୍ଞ କମିଟି ଗଢ଼ି ତର୍ଜମା କରାଗଲେ ସରକାରଙ୍କ ଉଦ୍ଦେଶ୍ୟ କିଛିକାଂଶରେ ସଫଳ ହୋଇପାରିବ ବୋଲି ଡ. ବେହେରା କହିଛନ୍ତି।

## ଗୋରୁମାଫିଆଙ୍କ ଘରେ ଚଢ଼ଉ ବେଳେ ପୁଲିସକୁ ବାଧା

# ୨୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କ ନାମରେ ମାମଲା

ରାଇରଙ୍ଗପୁର, ୧୮।୧(ସମିସ): ଗୋରୁ ମାଫିଆଙ୍କ ଘରେ ଚଢ଼ଉ ବେଳେ ପୁଲିସ୍ କାର୍ଯ୍ୟରେ ବାଧା ଦେବା ଅଭିଯୋଗରେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ପୁଲିସ ଟେଣ୍ଟୋପୋଷି ଗ୍ରାମର ୨୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କ ନାମରେ ମାମଲା ରୁଜୁ କରିଛି। ସୂଚନାନୁଯାୟୀ, କେନ୍ଦୁଝର ପୁଲିସ ପକ୍ଷରୁ ଗତକାଲି ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଟେଣ୍ଟୋପୋଷି ଗ୍ରାମସ୍ଥିତ କିଛି ଗୋ-ମାଫିଆଙ୍କ ଘରେ ଚଢ଼ଉ କରିଥିଲା। ଏହି ସମୟରେ ଗାଁର ସେକ୍ ଅଲ୍ଲୀ, ଇଦ୍ ମହମ୍ମଦ, ସେକ୍ ବସିର, ସେକ୍ ଲାଲ, ସେକ୍ ମୁନ୍ନା, ସେକ୍ ଅୱାଜ, ସେକ୍ ଜାହିର, ସେକ୍ ତାଉହିଦଙ୍କ ସମେତ ବହୁ ଗ୍ରାମବାସୀ ପୁଲିସକୁ ବାଧା ଦେଇଥିଲେ। ପୁଲିସ ଜବତ କରିଥିବା କାର୍‌ଗୁଡ଼ିକର ଚକରୁ ପମ୍ପ ଖୋଲିଦେବା ସହ ରାସ୍ତା ଅବରୋଧ କରିଥିଲେ। ଏପରିକି, ପୁଲିସକୁ ଠେଲାପେଲା ଓ ଧସ୍ତାଧସ୍ତି କରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏହାର ଭିଡିଓ ଓ ଫଟୋକୁ ଆଧାର କରି ପୁଲିସ ପକ୍ଷରୁ ମାମଲା ରୁଜୁ କରାଯାଇଛି। ତଦନ୍ତ ପ୍ରକ୍ରିୟା ଜାରି ରହିଥିବା ବେଳେ ଆଗକୁ ଅନ୍ୟମାନଙ୍କ ନାମରେ ମାମଲା ରୁଜୁ



କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଇରଙ୍ଗପୁର ପୁଲିସ କହିଛି।

ସୂଚନାନୁଯାୟୀ, ଗୋ-ତସ୍କରୀ ଲିଙ୍କ୍‌କୁ ନେଇ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବାଦାମପାହାଡ଼ ବ୍ଲକ ଅଞ୍ଚଳର ଟେଣ୍ଟୋପୋଷି ଗ୍ରାମର ସେକ ରାଜୁ, ସେକ ନଇଁନ, ସେକ ରିଆଜଉଦ୍ଦିନ, ସେକ ଜାଫର, ସେକ ମୁଜାଫର ଘରେ ଗତକାଲି କେନ୍ଦୁଝର ପୁଲିସର ଏକ ଟିମ୍ ଚଢ଼ଉ କରିଥିଲା। ସେମାନଙ୍କ ଘରୁ ପୁଲିସ ୯ଟି କାର୍, ୭ଟି ବାଇକ୍, ୧.୫ ଲକ୍ଷ ଟଙ୍କା, ୩୫ ଗ୍ରାମ ସୁନା ଓ ୯୫ ଗ୍ରାମ ରୁପା ଜବତ କରିଥିଲା। ପୁଲିସ ଉକ୍ତ ସାମଗ୍ରୀଗୁଡ଼ିକୁ ଜବତ କରି ଫେରିବା ସମୟରେ ଉତ୍ତେଜନା ପ୍ରକାଶ ପାଇଥିଲା। କିଛି ଗ୍ରାମବାସୀ ପୁଲିସ୍ କାର୍ଯ୍ୟରେ ବାଧା ଦେଇଥିଲେ। ଶତାଧିକ ମହିଳା ଘରୁ ବାହାରି ରାସ୍ତା ଅବରୋଧ କରି ବିରୋଧ ପ୍ରଦର୍ଶନ କରିଥିଲେ। ଏଥିଯୋଗୁଁ ପୁଲିସ ଓ ମହିଳାଙ୍କ ମଧ୍ୟରେ କିଛି ସମୟ ଠେଲାପେଲା ହୋଇଥିଲା। ପାଖାପାଖି ୨/୩ ଘଣ୍ଟା ଧରି ଏମିତି ସ୍ଥିତି ଉପୁଜିଥିଲା। ପରେ ବୁଝାସୁଝା କରିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। ଗାଡ଼ି ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରି ପୁଲିସ ଫେରିଥିଲା। ଏନେଇ କେନ୍ଦୁଝର ପୁଲିସର ଏତଲା ଆଧାରରେ ରାଇରଙ୍ଗପୁର ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଆଜି ଗୋ-ମାଫିଆଙ୍କ ବ୍ୟାଙ୍କଜମା ଓ ଲକର୍ ଖୋଲତାଡ଼

ବାରିପଦା, ୧୮।୧(ସମିସ): ଅବୈଧ ଗୋ-ଚାଲାଣ ଅଭିଯୋଗରେ ଗତକାଲି ଝାରପୋଖରିଆରୁ ଗିରଫ ସୁଜିତ ମହାନ୍ତିଙ୍କ ସମ୍ପର୍କୀୟଙ୍କ ନାମରେ ଥିବା ଏକ ଦାମୀ ବିଏମ୍‌ଡବ୍ଲୁ କାର୍‌କୁ ଆଜି ପୁଲିସ ବାଲେଶ୍ୱରରୁ ଜବତ କରିଛି। ସେହିପରି ଅନ୍ୟତମ ଅଭିଯୁକ୍ତ

**ସୁଜିତଙ୍କ ସମ୍ପର୍କୀୟଙ୍କ ନାମରେ ଥିବା ବିଏମଡବ୍ଲୁ ବାଲେଶ୍ୱରରୁ ଜବତ**

କୁନୁ ପଠାନ୍ ଓରଫ୍ ଶେଖ ଆକବର, ବିଶୋଇ ଥାନା ଅଞ୍ଚଳର ଟୁନା ଓରଫ୍ ମୃତ୍ୟୁଞ୍ଜୟ ମହାପାତ୍ର, ରାଇରଙ୍ଗପୁର ନିକଟ ଟେଣ୍ଟୋପୋଷି ଗ୍ରାମର ଶେଖ ନଇମଙ୍କୁ ପୁଲିସ ପଚରାଉଚରା କରୁଛି। ସୋମବାର ଏହି ଅଭିଯୁକ୍ତମାନଙ୍କ ବ୍ୟାଙ୍କ ଜମା ବିବରଣୀ ଓ ଲକର୍ ଯାଞ୍ଚ କରାଯିବ ବୋଲି ପୁଲିସ କହିଛି। ଏହାଦ୍ୱାରା ସେମାନଙ୍କ ଅନୈତିକ ଆୟର ପର୍ଦ୍ଦାଫାସ ହେବ ବୋଲି ପୁଲିସ ଆଶାବାଦୀ ରହିଛି।

## ଆଜି 'ମନରେଗା' ପାଇଁ କଂଗ୍ରେସର ସତ୍ୟାଗ୍ରହ

# ବି ଭି ଜି ରାମ୍ ଜି ଗରିବଙ୍କ ପାଇଁ ଏକ ଅଭିଶାପ

ଭୁବନେଶ୍ୱର, ୧୮।୧(ସମିସ): ଗତ ସଂସଦୀୟ ଅଧିବେଶନରେ କେନ୍ଦ୍ର ସରକାର ଐତିହାସିକ ମନରେଗା ଆଇନକୁ ବିକୃତ କରି ବିଜିଜିରାମଜି ନାମରେ ନୂଆ ଯୋଜନା ଆଣିଛନ୍ତି। ନୂଆ ଯୋଜନାରେ କେବଳ ମହାତ୍ମା ଗାନ୍ଧୀଙ୍କ ନାମକୁ ବାଦ୍ ଦିଆଯାଇନାହିଁ, ବରଂ ଆଇନରେ ଥିବା ବିଭିନ୍ନ ନିୟମଗୁଡ଼ିକୁ ନଷ୍ଟ କରି ଦିଆଯାଇଛି। ଏହା ସମଗ୍ର ଭାରତବର୍ଷ ପାଇଁ ଏକ ନିନ୍ଦନୀୟ ଘଟଣା ବୋଲି କହିଛି ରାଜ୍ୟ କଂଗ୍ରେସ। ରବିବାର ଦଳର ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀରେ ସଙ୍ଗଠନର ରାଜ୍ୟ ଅଧ୍ୟକ୍ଷ ସୁଦର୍ଶନ ଦାସ କହିଛନ୍ତି, କେନ୍ଦ୍ର ସରକାରଙ୍କ ଏହି ନୂତନ ଯୋଜନା ଗରିବଙ୍କ ପାଇଁ ଏକ ଅଭିଶାପ। ତେଣୁ, ସୋମବାର ଲୋୟର୍ ପିଏମଜିଠାରେ ମନରେଗା ବଞ୍ଚାଅ ସତ୍ୟାଗ୍ରହ ଅନୁଷ୍ଠିତ ହେବ।

ସେ ଆହୁରି କହିଛନ୍ତି, ମନରେଗା ଆଇନ ୧୨କୋଟି ପରିବାରଙ୍କୁ କର୍ମସଂସ୍ଥାନ ଯୋଗାଇବା ସହ ସେମାନଙ୍କ କ୍ରୟଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥିଲା। ଭାରତର ବିକାଶରେ ମନରେଗା ଆଇନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଏହି ଆଇନରେ କେନ୍ଦ୍ର ସରକାର ୯୦ ପ୍ରତିଶତ



ଏବଂ ରାଜ୍ୟ ସରକାର ୧୦ ପ୍ରତିଶତ ବିନିଯୋଗ କରୁଥିଲା। କିନ୍ତୁ, ବିଜିଜିରାମଜି ଆଇନ ଅନୁସାରେ କେନ୍ଦ୍ର ୬୦ ଓ ରାଜ୍ୟ ୪୦ ପ୍ରତିଶତ ଭାଗୀଦାରି ରହିବ, ଯାହା ଏକ ଅସମ୍ଭବ ବ୍ୟାପାର। ମନରେଗାରେ ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଏବଂ ପଞ୍ଚାୟତିରାଜ ବ୍ୟବସ୍ଥା ଦ୍ୱାରା କାର୍ଯ୍ୟକାରୀ ହେଉଥିଲା। ତଳସ୍ତରରେ ଥିବା ଗରିବ ଲୋକମାନଙ୍କ ଦାବୀ ମୁତାବକ କର୍ମ ଯୋଗାଇ ଦେବାରେ ଏହି ଆଇନ ସମର୍ଥ ହେଉଥିଲା। ହେଲେ ବିଜିଜିରାମଜି ଆଇନରେ ଏହି ଅଧିକାରକୁ ହଟାଇ ଦିଆଯାଇଛି। କାମ କରିବାର ସ୍ଥାନ, ସମୟ ଏବଂ ଅଟକଳ ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ଇଚ୍ଛା ଉପରେ ନିର୍ଭର କରୁଛି। ଏବେ ସାଧାରଣଲୋକଟି ଗ୍ରାମ ପାଖରେ କାମ ପାଇବା ଦୁଃସ୍ୱପ୍ନ ହେବ।

ଏହି ପରିପେକ୍ଷୀରେ ଜାତୀୟ କଂଗ୍ରେସ ପକ୍ଷରୁ ଦେଶସାରା ମନରେଗା ବଞ୍ଚାଅ ସଂଗ୍ରାମ ଜାରି ରହିଛି। ତୁରନ୍ତ ବିଭିଜିରାମଜି ଆଇନ ପ୍ରତ୍ୟାହାର ଓ ମନରେଗା ଆଇନର ପୁନଃ ପ୍ରଣୟନ ଦାବି ନେଇ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଓ ରାଜୀବଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ସୋମବାର ଲୋୟର ପିଏମଜିରେ ଏକ ରାଜ୍ୟସ୍ତରୀୟ ଦିନବ୍ୟାପୀ ସତ୍ୟାଗ୍ରହ କାର୍ଯ୍ୟକ୍ରମ କରିବ। ଏହାସହ ରାଜ୍ୟପାଳଙ୍କୁ ଏକ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯିବ। କାର୍ଯ୍ୟକ୍ରମରେ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ଜାତୀୟ ଅଧ୍ୟକ୍ଷ ଡଃ ସୁନୀଲ ପନୱାର ଓ ଉପାଧ୍ୟକ୍ଷ କୁନାଲ ବାନାର୍ଜୀଙ୍କ ସହ ହଜାର ହଜାର ସଙ୍ଗଠନର କର୍ମକର୍ତ୍ତା ଯୋଗଦେବେ ବୋଲି ସଙ୍ଗଠନର ରାଜ୍ୟ ଅଧ୍ୟକ୍ଷ ଶ୍ରୀ ଦାସ ସୂଚନା ଦେଇଛନ୍ତି।

# ପ୍ରଫେସର ଗାୟତ୍ରୀବାଳା ପଣ୍ଡାଙ୍କ 'ସ୍ତ୍ରୀୟାଁ' ଲୋକାର୍ପିତ



ଭୁବନେଶ୍ୱର,୧୮।୧(ସମିସ): ନୂଆଦିଲ୍ଲୀର ପ୍ରଗତି ମଇଦାନରେ ଅନୁଷ୍ଠିତ ବିଶ୍ୱ ପୁସ୍ତକ ମେଳାରେ ପ୍ରଖ୍ୟାତ ଓଡ଼ିଆ କବି, ଶିକ୍ଷାବିତ୍, ସମ୍ପାଦକ, ସ୍ତମ୍ଭକାର ପ୍ରଫେସର ଗାୟତ୍ରୀବାଳା ପଣ୍ଡାଙ୍କ କବିତା ପୁସ୍ତକ 'ସ୍ତ୍ରୀୟାଁ'ର ଲୋକାର୍ପିତ ହୋଇଛି। ବିଶିଷ୍ଟ ଅନୁବାଦକ ଡ. ରାଜେନ୍ଦ୍ର ପ୍ରସାଦ ମିଶ୍ରଙ୍କ ଦ୍ୱାରା ଅନୁଦିତ ଓ ମୁମ୍ବାଇର ପ୍ରଲେକ ପ୍ରକାଶନୀ ଦ୍ୱାରା ପ୍ରକାଶିତ ଏହି ପୁସ୍ତକ ଲୋକାର୍ପଣ ଉତ୍ସବରେ ଡ. ରାଜେନ୍ଦ୍ର ପ୍ରସାଦ ମିଶ୍ର, ପ୍ରକାଶକ ଜିତେନ୍ଦ୍ର ପାତ୍ର, ପ୍ରଖ୍ୟାତ ହିନ୍ଦୀ କବି ଅଶୋକ ବାଜପେୟୀ, ବିଶିଷ୍ଟ ହିନ୍ଦୀ କବି ତଥା ଚିତ୍ରଶିଳ୍ପୀ ଲୀଳାଧର ମଣ୍ଡଲୋଇ, ବିଶିଷ୍ଟ ହିନ୍ଦୀ କବି ତଥା ଇଗ୍ନୁର କୁଳସଚିବ ପ୍ରଫେସର ଜିତେନ୍ଦ୍ର ଶ୍ରୀବାସ୍ତବ, ବିଶିଷ୍ଟ ହିନ୍ଦୀ କବି ପ୍ରଫେସର ସବିତା ସିଂହ, ବିଶିଷ୍ଟ ହିନ୍ଦୀ କବି ଅଗ୍ନିଶେଖର, ବିଶିଷ୍ଟ ହିନ୍ଦୀ ଲେଖିକା କ୍ଷମା କୌଲ, ବିଶିଷ୍ଟ ହିନ୍ଦୀ ଲେଖକ ଜୟ ପ୍ରକାଶ କର୍‌ଦମ, ପ୍ରଖ୍ୟାତ ପଞ୍ଜାବୀ କବି ତଥା ଅନୁବାଦକ ଡଃ ବନୀତା, କେନ୍ଦ୍ର ସାହିତ୍ୟ ଅକାଦେମୀ ଉପ ସଚିବ କୁମାର ଅନୁପମ ପ୍ରମୁଖ ଉପସ୍ଥିତ ଥିଲେ। 'ସ୍ତ୍ରୀୟାଁ' କବିତା ସଙ୍କଳନରେ ମୋଟ ୧୦୮ଟି କବିତା ସ୍ଥାନିତ ହୋଇଛି ଏବଂ ଏଥିରେ ଥିବା କବିତାରେ ମହିଳାମାନଙ୍କ ସଂଘର୍ଷ, ସମସ୍ୟା, ଆଦି ପ୍ରସଙ୍ଗ ପ୍ରତିଧ୍ୱନିତ ହୋଇଛି। ଏହି ସଂଗ୍ରହରେ କବି ପୁରୁଷତାନ୍ତ୍ରିକ ଓ ପାରମ୍ପରିକ ସମାଜିକ ନୀତିଗୁଡ଼ିକୁ ପ୍ରଶ୍ନ କରିବା ସହିତ, ସ୍ତ୍ରୀ ଅସ୍ତିତ୍ୱର ଶକ୍ତି, ଜିଜୀବିଷା ଓ ମର୍ଯ୍ୟାଦାକୁ ସ୍ୱର ଦେଇଛନ୍ତି। ଦୀର୍ଘ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ କବିତା, ଗପ, ଉପନ୍ୟାସ, ପ୍ରବନ୍ଧ ଓ ଖବରକାଗଜରେ ସ୍ତମ୍ଭ ରଚନା କରି ଯଥେଷ୍ଟ ପାଠକୀୟ ସ୍ୱୀକୃତି ହାସଲ କରିଥିବା କବି ଗାୟତ୍ରୀବାଳା ପଣ୍ଡାଙ୍କର ବର୍ତ୍ତମାନ ସୁଦ୍ଧା ୩୯ଟି ପୁସ୍ତକ ପ୍ରକାଶ ପାଇଛି। କବିତା ସଙ୍କଳନ 'ଦୟା ନଦୀ' ପାଇଁ ୨୦୨୨ରେ ଗାୟତ୍ରୀବାଳା କେନ୍ଦ୍ର ସାହିତ୍ୟ ଅକାଦେମୀ ପୁରସ୍କାର, କବିତା ସଙ୍କଳନ 'ଗାଁ' ପାଇଁ ୨୦୧୧ରେ କେନ୍ଦ୍ର ସାହିତ୍ୟ ଅକାଦେମୀ ଯୁବ ପୁରସ୍କାରରେ ପୁରସ୍କୃତ ହେବା ସହ ଜାତୀୟ ଓ ରାଜ୍ୟସ୍ତରରେ ଅନେକ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି।

# ସହାୟତାର ହାତ ବଢ଼ାଇଲା ପ୍ରଶାସନ



ଚମ୍ପୁଆ, ୧୮।୧(ସମିସ): ଚମ୍ପୁଆ ବାସୁଦେବପୁର ରାସ୍ତାର ବସାସାହି ଛକଠାରେ ସଂଘଟିତ ଦୁର୍ଘଟଣାରେ ବଡଭାଇର ମୃତ୍ୟୁର କିଛି ଘଣ୍ଟା ପରେ ଜିଲ୍ଲା ଚିକିତ୍ସାଳୟରେ ସାନଭାଇର ମୃତ୍ୟୁକୁ ନେଇ ଦୁଃଖଦ ଘଟଣାରେ ଶୋକର ଛାୟା ଖେଳିଯାଇଛି। ଏନେଇ ପ୍ରସାସନ ପକ୍ଷରୁ ମୃତ ଦୁଇ ଭାଇର ପରିବାରକୁ ସମବେଦନା ଜଣାଇବା ସହ ରେଡକ୍ରସ ଫଣ୍ଡରୁ ମୃତକ ପ୍ରତି ୩୦ହଜାର ଟଙ୍କାର ପରିବାରକୁ ପ୍ରଦାନ କରାଯାଇଥିବା ବେଳେ ଗୁରୁତ୍ୱର ଆହାତକୁ ୧୦ହଜାର ଟଙ୍କାର ସହାୟତା ରାଶି ଚେକ ଯୋଗେଁ ପ୍ରଦାନ କରାଯାଇଛି। ଗତ ୧୭ ତାରିଖ ସନ୍ଧ୍ୟା ୬ଟାରେ ଯୁଧିଷ୍ଠିର ମହାନ୍ତ, ସୁଜିତ ମହାନ୍ତ, ଯଶୋବନ୍ତ ମହାନ୍ତ ଓ ଅନିଲ ମହାନ୍ତ ଜଡ଼ିପଦା ଗ୍ରାମରୁ ବସାସାହି ଛକକୁ ଚାଲି ଚାଲି ଯାଉଥିବା ବେଳେ ବାସୁଦେବପୁର ଅଞ୍ଚଳରୁ ଦ୍ରୁତ ଗତିରେ ଆସୁଥିବା ଏକ ୪ ଚକିଆ ଯାନ ତାଙ୍କୁ ପଛଆଡ଼ୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଗୁରୁତ୍ୱରଙ୍କୁ ପ୍ରଥମେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲେ ହେଁ ସେଠାରେ ଯୁଧିଷ୍ଠିର ମହାନ୍ତଙ୍କ ମୃତ୍ୟୁ ହୋଇଯାଇଥିଲା। ମାତ୍ର ସଙ୍କଟାପନ୍ନ ଅବସ୍ଥାରେ ଥିବା ଯୋଶବନ୍ତ ମହାନ୍ତଙ୍କୁ ତୁରନ୍ତ କେନ୍ଦୁଝର ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ଗୋଟିଏ ପରିବାରର ୨ ଭାଇଙ୍କ ମୃତ୍ୟୁ ହୋଇଥିବା ବେଳେ ପରିବାରଟି ସନ୍ତାନ ହୀନ ହୋଇଯାଇଛି। ଚମ୍ପୁଆ ପୁଲିସ ପକ୍ଷରୁ କେସ୍ ନଂ ୧୫/୨୬ ରଜୁକରି ତଦନ୍ତ ଚାଲିଥିବା ଥାନା ପକ୍ଷରୁ ସୂଚନା ମିଳିଛି। ଏହି ଖବର ପାଇବା ପରେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ଏସଡିପିଓ ରଶ୍ମିରଂଜନ ସାହୁ, ଏସଡିଏମଓ ଉମାକାନ୍ତ ସାହୁ, ଓକିଲ ସଂଘ ସଭାପତି ରମେଶ ଚନ୍ଦ୍ର ପ୍ରଧାନ ଓ ଅତିରିକ୍ତ ତହସିଲଦାର ପ୍ରତିକ୍ଷା ପ୍ରିୟଦର୍ଶିନୀ ଉପଖଣ୍ଡ ଚିକିତ୍ସାଳୟଠାରେ ମୃତକଙ୍କ ପିତା ସୁବାସଚନ୍ଦ୍ର ମହାନ୍ତଙ୍କୁ ସାନ୍ତ୍ୱନା ଦେବା ସହିତ ଉପରୋକ୍ତ ସହାୟତା ପ୍ରଦାନ କରିଥିଲେ।


# ଆନନ୍ଦପୁର ବ୍ୟାରେଜ୍ ପ୍ରକଳ୍ପର ସମୀକ୍ଷା; ପାଣି ମିଳିବ କେବେ ?

ଆନନ୍ଦପୁର,୧୮।୧ (ସମିସ):



ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗର ମୁଖ୍ୟ ଶାସନ ସଚିବ ଶୁଭ ଶର୍ମା ଆନନ୍ଦପୁର ବ୍ୟାରେଜ୍ ପ୍ରକଳ୍ପ ପରିଦର୍ଶନ କରି ନିର୍ମାଣାଧୀନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ପୂର୍ବରୁ ମଧ୍ୟ ପରିଦର୍ଶନ ହୋଇଥିଲା ହେଲେ ଚାଷୀଙ୍କୁ ବାମପାର୍ଶ୍ୱ କେନାଲରେ ଏଯାଏ ମିଳୁନି ପାଣି। ଗତ ୨୦୨୨ରୁ ପରୀକ୍ଷାମୂଳକ ଭାବେ ପାଣି ଛାଡ଼ିବା ପରେ ପୁଣି ବନ୍ଦ ହୋଇ ପଡ଼ିଛି। ଜଳସମ୍ପଦ ବିଭାଗ ମୁଖ୍ୟଙ୍କ ସହିତ ଏହି ପରିଦର୍ଶନ ସମୟରେ ସର୍ବୋଚ୍ଚ ଯନ୍ତ୍ରୀ ଇଂ. ସାଗର ମହାନ୍ତି ଏବଂ ଓସିସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଇଂ ବିଘ୍ନରାଜ ପୁରୋହିତ ମଧ୍ୟ ଉପସ୍ଥିତ ଥିଲେ। ମୁଖ୍ୟ ଶାସନ ସଚିବ ବ୍ୟାରେଜ୍ ସ୍ଥଳ ଏବଂ କେନାଲ୍ ସାଇଟ୍ ପରିଦର୍ଶନ କରି ଚାଲୁ ରହିଥିବା ବିଭିନ୍ନ ବୈଷୟିକ କାର୍ଯ୍ୟର ତଦାରଖ କରିଥିଲେ। ବିଶେଷକରି ପ୍ରକଳ୍ପର ବିଭିନ୍ନ ଅଂଶ ବୈତରଣୀ ବାମ ପାର୍ଶ୍ୱ ମୁଖ୍ୟ କେନାଲ, ବୈତରଣୀ ଦକ୍ଷିଣ ପାର୍ଶ୍ୱ ମୁଖ୍ୟ କେନାଲ, ଶାଳନ୍ଦୀ ପାର୍ଶ୍ୱ ମୁଖ୍ୟ କେନାଲଗୁଡ଼ିକର ବିତରଣ ପ୍ରଣାଳୀର କାର୍ଯ୍ୟକାରିତା ଉପରେ ସେ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟର ଗୁଣବତ୍ତା ବଜାୟ ରଖିବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯାହାଦ୍ୱାରା ସ୍ଥାନୀୟ ଚାଷୀମାନେ ଜଳସେଚନର ସୁବିଧା ଶୀଘ୍ର ପାଇପାରିବେ। ପ୍ରେମ କୁମାର ଅଧୀକ୍ଷଣ ଯନ୍ତ୍ରୀ, ଆନନ୍ଦପୁର ବ୍ୟାରେଜ୍ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ ମାନସ ରଞ୍ଜନ ମଣ୍ଡଳ ଆନନ୍ଦପୁର ବ୍ୟାରେଜ୍ ବିଭାଗ, ଶାଳପଦା, ଇଂ. ଅସିତ କୁମାର ମହାନ୍ତି ଅଧୀକ୍ଷଣ ଯନ୍ତ୍ରୀ, ଆନନ୍ଦପୁର କେନାଲ ବିଭାଗ, ଶାଳପଦା, ଇଂ ସ୍ନେହାଶିଷ ବେହେରା ମାର୍କଣା କେନାଲ ବିଭାଗ, ମାର୍କଣା, ଇଂ ଦୀପକ ମହାନ୍ତି ସୋର କେନାଲ ବିଭାଗ, ସୋର ଏବଂ ଅନ୍ୟାନ୍ୟ ବୈଷୟିକ ପଦାଧୀକାରୀମାନେ ପ୍ରକଳ୍ପ ସମ୍ବନ୍ଧୀୟ ତଥ୍ୟ ଉପସ୍ଥାପନ କରିଥିଲେ।

## ଗଛରେ ପିଟିହୋଇ ଦୁର୍ଘଟଣା; ଅଟୋ ଚାଳକ ଗୁରୁତର




ତୁରୁମୁଙ୍ଗା, ୧୮।୧(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ତୁରୁମୁଙ୍ଗା ଚମ୍ପୁଆ ରାସ୍ତାର ନେଉଳିପଶି ନିକଟରେ ରବିବାର ଅପରାହ୍ନରେ ଏକ ଅଟୋ ଭାରସାମ୍ୟ ହରାଇ ରାସ୍ତାକଡ଼ ଗଛକୁ ଧକ୍କା ଦେବା ଫଳରେ ଅଟୋ ଚାଳକ ଭିତରେ ଚାପି ହୋଇ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛନ୍ତି। ଗୁରୁତର ଅଟୋ ଚାଳକ ହେଲେ ବନମାଳିପୁର ଗ୍ରାମର ଧରଣୀଧର ନାଏକ। ସେ ଅଟୋରେ କିଛି ଲୋକଙ୍କୁ ଆଣି ଟାଙ୍ଗରବନ୍ତଲା ମକରଯାତ୍ରାରେ ଛାଡି ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ତୁରୁମୁଙ୍ଗା ପୁଲିସ ଦୁର୍ଘଟଣାର ପ୍ରାଥମିକ ତଦନ୍ତ କରୁଛି।

## ସାନଭାଇର ହତ୍ୟା ଅଭିଯୁକ୍ତ ଗିରଫ

ତୁରୁମୁଙ୍ଗା, ୧୮।୧(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଡଳଙ୍ଗ ଗ୍ରାମରେ ଶନିବାର ଅପରାହ୍ନରେ ସାମାନ୍ୟ ବଚସାକୁ ନେଇ ସାନଭାଇକୁ ବଡ଼ଭାଇ ମାଡ଼ ମାରିବା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସାନ ଭାଇର ମୃତ୍ୟୁ ହୋଇଥିଲା। ମୃତ ସାନଭାଇ ଜିତେନ୍ଦ୍ର ମହାନ୍ତ ହୋଇଥିବା ବେଳେ ପୁଲିସ ବଡ଼ଭାଇକୁ ଉଠାଇ ଆଣି ଥାନାରେ ଅଟକ ରଖିଥିଲା। କୌଣସି କାରଣରୁ ବଚସା ହେବା ପରେ ଏଥିରେ ବଡ଼ଭାଇ ସତ୍ୟାନନ୍ଦ ମହାନ୍ତ ଉତକ୍ଷିପ୍ତ ହୋଇ ସାନଭାଇକୁ ମାଡ଼ ମାରି ଗୁରୁତର କରିଦେଇଥିଲା। ଗୁରୁତର ଅବସ୍ଥାରେ ସାନଭାଇକୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ବଡ଼ଭାଇକୁ ଗିରଫ କରି କୋର୍ଟ ଚାଲାଣ କରିଛି। ତୁରୁମୁଙ୍ଗା ଥାନାରେ ୧୦/୧୬ ରେ ଏକ ମାମଲା ରୁଜୁ ହେବା ସହ ଏସଆଇ ସୁରେଶ ସାହୁ ତଦନ୍ତ କରୁଛନ୍ତି।

# ଖାଳିଆମେଣ୍ଟା ହାଇସ୍କୁଲରେ ଏନର୍ଜି କ୍ଲବ୍‌ର ପ୍ରଦର୍ଶନୀ




ଆନନ୍ଦପୁର, ୧୮।୧(ସମିସ) : ଘସିପୁରା ବ୍ଲକ୍ ଖାଳିଆମେଣ୍ଟାସ୍ଥିତ ଧନେଇ ଉଚ୍ଚବିଦ୍ୟାଳୟରେ ବ୍ଲକସ୍ତରୀୟ ମେଧା ଅନ୍ୱେଷଣ ଓ ଏନର୍ଜି କ୍ଲବ୍‌ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମୟୀ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ କେନ୍ଦୁଝର ଜିଲ୍ଲା ସହକାରୀ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ସମାଜସେବୀ ଦେବେନ୍ଦ୍ର ଜେନା, ବିଇଓ ସଦ୍ୟସ୍ନାନ ପଣ୍ଡା, ସରପଞ୍ଚ ବୃନ୍ଦାବନ ଜେନା, ପଞ୍ଚସଖା ଶିକ୍ଷାସେତୁ ଯୋଜନାର ସଭାପତି ବିଭୂତି ଭୂଷଣ ଜେନା,ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ ସଭାପତି ରଙ୍ଗାଧର ମହାରଣା ପ୍ରମୁଖ ସାମ୍ପ୍ରତିକ ପରିବେଶରେ ଉତ୍ତମ ଜୀବନଶୈଳୀ ପାଇଁ ବିଜ୍ଞାନର ଆବଶ୍ୟକତା ସମ୍ପର୍କରେ ସଚେତନ କରିଥିଲେ। ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରୁ ୪୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ପ୍ରଧାନଶିକ୍ଷକ ଜୟକୃଷ୍ଣ ମିଶ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶତ୍ରୁଘ୍ନ ସାହୁ, ବିଜୟ କୁମାର ସୁର ଯୋଗ ଦେଇଥିଲେ। ପ୍ରଦର୍ଶନୀରେ ଜନମଙ୍ଗଳ ଉଚ୍ଚବିଦ୍ୟାଳୟର ସାଇ ନାରାୟଣ ମହାରଣା ପ୍ରଥମ, ନନ୍ଦିନୀ ଦେବୀ ଉଚ୍ଚବିଦ୍ୟାଳୟ କାନପୁରର ତାପସ କୁମାର ଜେନା ଦ୍ୱିତୀୟ, ଗଡ଼ବାନ୍ଧଗୋଡ଼ା ଉପ୍ରା ବିଦ୍ୟାଳୟର ଆରାଧ୍ୟା ମହାନ୍ତି ତୃତୀୟ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରକୁ ଉନ୍ନୀତ ହୋଇଛନ୍ତି। ଏବିଇଓ ହାଡିବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ସରପଞ୍ଚ ବୃନ୍ଦାବନ ଜେନା, ସମ୍ମାନିତଅତିଥି ଭାବେ ପ୍ରଧାନଶିକ୍ଷକ ଜୟକୃଷ୍ଣ ମିଶ୍ର, ଜୟଦେବ ସାହୁ, ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମୟୀ ବରାଳ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶତ୍ରୁଘ୍ନ ସାହୁ, ବିଜୟ କୁମାର ସୁର ଯୋଗ ଦେଇଥିଲେ। ଶିକ୍ଷକ ବିଶିକେଶନ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଦେବାଶିଷ ଜେନା, ପ୍ରଦୀପ କୁମାର ପାତ୍ର, ଶେଷଦେବ ପତି, ସୀମାଞ୍ଚଳ ସାହୁ, ମୋନାଲିସା ମହାନ୍ତି, ସତ୍ୟାନନ୍ଦ ନାୟକ, ବିଶ୍ୱାଳ, ଜାନକୀଲତା ସୀତାଂଶୁ କୁମାର ଭଞ୍ଜ, ଭଞ୍ଜ ସୋରେନ୍ ସିଆର୍‌ସିସି ପ୍ରସନ୍ନ କୁମାର ଶା, ଆଦିକନ୍ଦ ସାହୁ, ସଞ୍ଜୟ କୁମାର ସାହୁ, ତପନ କୁମାର ସାହୁ, ଅଶୋକ କୁମାର ବାରିକ, ପ୍ରାଣନାଥ ଜେନା, ନିତ୍ୟାନନ୍ଦ ବାରିକ, ସଂଜୀବ କୁମାର ବେହେରା, ଦୀନେଶ କୁମାର ଚକ୍ର, ପ୍ରଦ୍ୟୁମ୍ନ କୁମାର ବାରିକ, ଧନୁର୍ଦ୍ଧର ସାହୁ, ଅଫିସ ସହାୟକ ସୌରଭ କୁମାର ପଣ୍ଡା ସହଯୋଗ କରିଥିଲେ।

# ଶତାୟୁ ପୁରୁଷଙ୍କ ଜନ୍ମଦିନ ପାଳନ



ହାଟଡ଼ିହୀ,୧୮।୧(ସମିସ): ହାଟଡ଼ିହୀ ବ୍ଲକ୍ ବଞ୍ଚୋ ଗାଁର ଶତାୟୁ ପୁରୁଷ ରାମଚନ୍ଦ୍ର ବରାଳଙ୍କ ଶହେତମ ଜନ୍ମଦିନ ଅବସରରେ ଏହି ଐତିହାସିକ ତଥା ଭାବପୂର୍ଣ୍ଣ ମୁହୂର୍ତ୍ତକୁ ପରିବାର ଲୋକେ ଅତ୍ୟନ୍ତ ଆନନ୍ଦ ଓ ଉଲ୍ଲାସର ସହିତ ପାଳନ କରିଛନ୍ତି। ଗାଁ ପାଇଁ ଏକ ଖୁସି ଏବଂ ଗର୍ବର ମୁହୂର୍ତ୍ତ ପାଲଟିଥିଲା। ଏହି ଅବସରରେ ତାଙ୍କ ପୁଅ ସନ୍ତୋଷ ଓ ବୋହୂ ମମତା ବରାଳଙ୍କ ସହ ନାତି ଆଶୀର୍ବାଦ, ନାତୁଣୀ ଶୁଭସ୍ମିତା, ସୌଦାମିନୀ ଓ ମାନାଙ୍କ ସହ ପରିବାରର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ପରିବାରର ସମସ୍ତେ ଶତାୟୁ ଶ୍ରୀ ବରାଳଙ୍କ ସୁସ୍ଥ, ନିରାମୟ ଓ ଆହୁରି ଦୀର୍ଘ ଜୀବନର କାମନା କରି ଗାଁର ରାଷ୍ଟ୍ରଦେବତା ଶ୍ରୀଦଧିବାମନଜୀଉ ଏବଂ ଅଧିଷ୍ଠାତ୍ରୀ ଦେବୀ ମା' ବରାହୀଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଗାଁଲୋକେ ମଧ୍ୟ ଶତାୟୁ ରାମଚନ୍ଦ୍ର ବରାଳଙ୍କୁ ହୃଦୟପୂର୍ଣ୍ଣ ଅଭିନନ୍ଦନ ଜଣାଇବା ସହ ତାଙ୍କର ଦୀର୍ଘାୟୁ ଓ ସୁସ୍ଥ ଜୀବନ ପାଇଁ ଈଶ୍ୱରଙ୍କ ନିକଟରେ କାମନା କରିଥିଲେ।

## ତରୁଆଁ କ୍ରିକେଟ୍ ପ୍ରତିଯୋଗିତାରେ ଜମ୍ବୀରା ଚାମ୍ପିଅନ



ଆନନ୍ଦପୁର, ୧୮।୧ (ସମିସ): ତରୁଆଁ ପଞ୍ଚାୟତର ମା'ମଙ୍ଗଳା କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ତିନି ଧରି ଚାଲି ଆସିଥିବା କ୍ରିକେଟ୍ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ କେନ୍ଦୁଝର ଜିଲ୍ଲାର ଜମ୍ବୀରା ଏକାଦଶ ଏବଂ ଯାଜପୁର ଜିଲ୍ଲାର ଏସଆର ଷ୍ଟାର ଏକାଦଶ ମଧ୍ୟରେ ଜମ୍ବୀରା ଏକାଦଶ ୭୧ ରନରେ ବିଜୟୀ ହୋଇ ପ୍ରତିଯୋଗିତାର ଚାମ୍ପିଅନ୍ ହୋଇଛି। ମୁଖ୍ୟଅତିଥି ଭାବେ ଘସିପୁରାର ବିଜେପି ନେତା ପୃଥୀରାଜ କୁଅଁର ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ କୈଳାଶଚନ୍ଦ୍ର ବେହେରା, କୁଳମଣି ଲେଙ୍କା, କୁଳମଣି ଜେନା ଯୋଗ ଦେଇଥିଲେ। କ୍ଲବର ବିଶ୍ୱଜିତ ନାୟକ, ସିପୁନ ଲେଙ୍କା, ଅର୍ଜୁନ ନାୟକ, ଓମ୍‌ପ୍ରକାଶ ନାୟକ, ଚିନ୍ମୟ ଖୁଣ୍ଟିଆ, ଆଦିଶ ଭଞ୍ଜ, ଶୁଭେନ୍ଦୁ ଖୁଣ୍ଟିଆ, କାଳିଆ ଖୁଣ୍ଟିଆ, ଶରତ ଭଞ୍ଜ, ନିରାକାର ନାୟକ, ଦିଲ୍ଲୀପ ମାଝୀ, ପ୍ରିତିଶ ଖୁଣ୍ଟିଆ, ଦୁର୍ଯ୍ୟୋଧନ ରାଉତ, ପ୍ରମୋଦ ରାଉତ, ମହେନ୍ଦ୍ର ରାଉତ, ମହେନ୍ଦ୍ର ଖୁଣ୍ଟିଆ ସହଯୋଗ କରିଥିଲା ବେଳେ ଧାରାବିବରଣୀ ପ୍ରଦାନ କରୁଥିଲେ ଦିଲ୍ଲୀପ।

## ଶାଳପଡ଼ା ପ୍ରିମିୟର ଲିଗ୍: ଆନନ୍ଦପୁର ଚାମ୍ପିଅନ



ଆନନ୍ଦପୁର, ୧୮।୧ (ସମିସ): ଆନନ୍ଦପୁର ପୌରପାଳିକା ଶାଳପଡ଼ା କ୍ଷେତ୍ରମୋହନ ଖେଳପଡ଼ିଆରେ ପ୍ରିନ୍ସ କ୍ଲବ ପକ୍ଷରୁ ୨୬ତମ ଶାଳପଡ଼ା ପ୍ରିମିୟର ଲିଗ ଉଦଯାପିତ ହୋଇଯାଇଛି। ଫାଇନାଲ ମୁକାବିଲାରେ ଆନନ୍ଦପୁର ଏକାଦଶ ଓ ପଦନାକୁ ଦୁଇ ୱିକେଟ୍‌ରେ ହରାଇ ଚାମ୍ପିଅନ ହୋଇଛି। ଦଳ ପକ୍ଷରୁ ଜଗନ ୧୨ ବଲରେ ୨୭ ରନ୍ କରିଥିଲେ। ଆନନ୍ଦପୁର ଏକାଦଶର ମ୍ୟାନ ଅଫ ଦି ସିରିଜ୍ ବୁବୁ ଓ ପଦନା ଟିମ ସିପୁ ମ୍ୟାନ ଅଫଦି ମ୍ୟାଚ ହୋଇଥିଲେ। ସନ୍ତୋଷ ଶତପଥୀ ସ୍କୋରର, ଭାଷ୍ୟକାର ଜୀବନ ଓ ରିଙ୍କୁ, ଅମ୍ପାୟାର ଭାବେ ରାଜେନ୍ଦ୍ର ପ୍ରସାଦ ଦାଶ, ଅରବିନ୍ଦ ରାଉତ ଖେଳକୁ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ କଂଗ୍ରେସ ଜିଲ୍ଲା ସଭାପତି ଇଂ ମନୋଜ ଜେନା, ସମ୍ମାନିତଅତିଥି ଭାବେ ଶିକ୍ଷାବିତ ପୁରନ୍ଦର ମିଶ୍ର, ଯୁବବ୍ୟବସାୟୀ ସଞ୍ଜୟ ଯେନା, ଅଭିନେତା ଗଯାଧର ପତି, ନୃତ୍ୟଗୁରୁ ଜୁତୁ ଦାଶ, କଂଗ୍ରେସ ନେତା ହାଡ଼ିବନ୍ଧୁ ଖୁଣ୍ଟିଆ, ଚିତ୍ତ ପାତ୍ର ଯୋଗ ଦେଇଥିଲେ।

## ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

କେନ୍ଦୁଝର, ୧୮।୧(ସମିସ): ଜିଲ୍ଲା ସଂସ୍କୃତି ଭବନ ପ୍ରେକ୍ଷାଳୟରେ ଓଡିଶା ମାଧ୍ୟମିକ ସ୍କୁଲ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଙ୍ଘ ପକ୍ଷରୁ ୨୦୨୬ ବର୍ଷ ନିମନ୍ତେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୧୩ ଜଣ ମହିଳା ୧୧୨ଜଣ ପୁରୁଷ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ସେମାନଙ୍କ ଦୀର୍ଘ ନିରାମୟ ଜୀବନ କାମନା କରାଯାଇଛି। ସଞ୍ଜୟ ବସନ୍ତ ଚକ୍ରଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଧରଣୀଧର ବିଶ୍ୱବିଦ୍ୟାଳୟ କୁଳସଚିବ ସୁଶ୍ରୀ ପ୍ରତିଭା ପୃଷ୍ଟି ମୁଖ୍ୟଅତିଥି, ରାଜ୍ୟ ଶିକ୍ଷା ବିଭାଗ ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟବକ୍ତା, ଦାନୀଗ୍ରୁପ ଅଫ ଇନଷ୍ଟିଚ୍ୟୁଟର ଅଧକ୍ଷ ବସନ୍ତ କୁମାର ଦାନୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ରବୀନ୍ଦ୍ର ପଣ୍ଡା ସମ୍ବର୍ଦ୍ଧନାର ଉଦ୍ଦେଶ୍ୟ ଓ ଆବଶ୍ୟକତା ସମ୍ପର୍କରେ କହିଥିଲେ। କାର୍ଯ୍ୟକାରୀ ସଭାପତି ଚିନ୍ତାମଣି ଜେନା, କୋଷାଧକ୍ଷ ମଦନମୋହନ ଦ୍ୱିବେଦୀ ବକ୍ତବ୍ୟ ରଖିଥିଲେ। ସୁଶୀଲ ନାୟକ, କ୍ଷୀରୋଦ ରାଉତ, ଭିକାରି ସାହୁ, ରଘୁନାଥ ବେହେରା, ମନ୍ମଥନାଥ ମହାନ୍ତ, ସୁଧାକର ପଣ୍ଡା, ଅଜ୍ଞାନ ଚାନ୍ଦ, ନଳିନୀକାନ୍ତ ଘଣା, କାଶୀନାଥ ମହାନ୍ତ, ପ୍ରସନ୍ନ ପରିଡ଼ା, କୃଷ୍ଣଚନ୍ଦ୍ର ରଥ, ବାଙ୍କବିହାରୀ ମହାନ୍ତ, ଗୌର ଗିରି, ରବି ସାହୁ, ବଳରାମ ରାଉତ, ଭାଗୀରଥି ଗିରି, ଦିଗାମ୍ବର ଗିରି ପରିଚାଳନା କରିଥିଲେ।

# ବାଇଡ଼ଙ୍କ ବାବାଙ୍କୁ ସମ୍ବର୍ଦ୍ଧନା



ହାଟଡ଼ିହୀ,୧୮।୧(ସମିସ): ଭୁବନେଶ୍ୱର ବାର୍ ଆସୋସିଏସନ୍‌ର ଲିଟେରାରୀ କ୍ଲବ୍ ପକ୍ଷରୁ ସପ୍ତମ ସାହିତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ 'କାକର'ର ବାର୍ଷିକ ସାହିତ୍ୟ ସମାରୋହରେ ବ୍ୟଙ୍ଗକବି ବାଇଡଙ୍କ ବାବାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଭୁବନେଶ୍ୱରର ବିଜେବି ନଗରସ୍ଥିତ ଜୁଡ଼ିସିଆଲ୍ କୋର୍ଟ କମ୍ପ୍ଲେକ୍ସ ପରିସରରେ ଅନୁଷ୍ଠିତ ଏହି ସମାରୋହରେ ୫୦ରୁ ଉର୍ଦ୍ଧ୍ୱ ଓକିଲ ସେମାନଙ୍କର ସ୍ୱରଚିତ କବିତା ମାନ ପାଠ କରିଥିଲେ। ଓଡ଼ିଶାର ବହୁଚର୍ଚ୍ଚିତ ଆକାଶବାଣୀ, ଦୂରଦର୍ଶନ, ମଞ୍ଚ ଓ ସାମାଜିକ ଗଣମାଧ୍ୟମର ବ୍ୟଙ୍ଗକାର ତଥା ହାଟଡ଼ିହୀ ବ୍ଲକ୍ ଛେନାପଦିସ୍ଥିତ ବିଶ୍ୱତାରିଣୀ ମହିଳା କଲେଜର ସାହିତ୍ୟ ଅଧ୍ୟାପକ ବାଇଡ଼ଙ୍କ ବାବା ହାସ୍ୟ ପରିବେଷଣ କରିଥିବା ବେଳେ ଓକିଲ ସଂଘର ସଭାପତି ଅଶୋକ ପାତ୍ର, ସମ୍ପାଦକ ସତ୍ୟରଞ୍ଜନ ସେନାପତି ଓ କାକରର ସମ୍ପାଦକ ଗୋବିନ୍ଦ ପଟ୍ଟନାୟକ ଏବଂ ଡଃ ସ୍ମିତା କାନୁନଗୋ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟଅତିଥି ଭାବେ ଡଃ ନାରାୟଣ ସେନାପତି ଓ ମୁଖ୍ୟବକ୍ତା ଭାବେ ଡଃ ତାନଶ୍ରୀ ପାଣିଗ୍ରାହୀ ଯୋଗ ଦେଇଥିବା ବେଳେ ପ୍ରାୟ ୧ହଜାର ଓକିଲ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ।

# ମା'ମଙ୍ଗଳା କପ୍ କ୍ରିକେଟ୍ ସେମିରେ ରାଞ୍ଚି



ଆନନ୍ଦପୁର, ୧୮।୧(ସମିସ): ଘସିପୁରା ମା'ମଙ୍ଗଳା କ୍ଲବ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଘସିପୁରା କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆଜିର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ରାଞ୍ଚିର ୟୁନିଟ କ୍ରିକେଟ କ୍ଲବ ୯୦ ରନରେ ଛତିଶଗଡ଼ କ୍ରିକେଟ ଟିମ୍‌କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ରାଞ୍ଚିର ଶିତ କୁମାର ୫ଟି ୱିକେଟ୍ ଅକ୍ତିଆର କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ମୁଖ୍ୟଅତିଥି ଭାବେ ଆନନ୍ଦପୁରର ନୂତନ ଏସ୍‌ଡ଼ିପିଓ କମଳ ପଣ୍ଡା ଓ ପୂର୍ବତନ ଏସ୍‌ଡ଼ିପିଓ ପ୍ରଶାନ୍ତ ବେହେରା ଯୋଗ ଦେଇଥିଲେ। ଅଶୋକ ରାଉତ, ସୁନୀଲ ସ୍ୱାଇଁ ମ୍ୟାଚ ପରିଚାଳନା କରିଥିବାବେଳେ ମୃତ୍ୟୁଞ୍ଜୟ ସାହୁ, ସମ୍ବିତ ଜେନା ସ୍କୋରର ରହିଥିଲେ। ମାନସ ସାହୁ, ତାପସ ପଢ଼ିଆରୀ ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବ ସଭାପତି ପ୍ରସନ୍ନଜିତ ପଟ୍ଟନାୟକ, ସମ୍ପାଦକ ନାରାୟଣ ସାହୁ, ସଦସ୍ୟ ବୁଲୁ ପଟ୍ଟନାୟକ, ସୁରେଶ ସାହୁ, ରମେଶ ସାହୁ, ନୃତ୍ୟଗୁରୁ ଜିତୁ ଦାଶ, ମନୋରଂଜନ ସାହୁ, ନିରଞ୍ଜନ ସାହୁ, ଦାମୋଦର ସାହୁ, ତୋଫାନ୍ ସାହୁ, ସୌମିତ୍ର ସାହୁ, ଜ୍ୟୋତିର୍ମୟ ଦାଶ, ଆଶିଷ ବେହେରା, ମଙ୍ଗଳ ନାୟକ, ପୌଲସ୍ତ୍ୟ ସାହୁ, ମୃତ୍ୟୁଞ୍ଜୟ ସାହୁ, ଧବଳେଶ୍ୱର ସାହୁ, ଚିନ୍ମୟ ନାୟକ, ବସନ୍ତ ଜେନା, ରାଜେଶ ପଣ୍ଡିତ, ଉଜ୍ଜ୍ୱଳ ସେନାପତି, ସତ୍ୟଜିତ ଜେନା, ରାଜମଙ୍ଗଳ ନାୟକ, ସାହିଦ ନାୟକ, ରାଜକିଶୋର ପେରେଇ, ସାଇଶୁଭଙ୍କର ପାଢ଼ୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଚତୁର୍ଥ ଶ୍ରାଦ୍ଧବାର୍ଷିକ



ସ୍ୱର୍ଗତ-ଅର୍ଜୁନ ପୃଷ୍ଟି
ଭୁଷଣ୍ଡପୁର,ଖୋର୍ଦ୍ଧା
ଆବିର୍ଭାବ-୧ .୦୭.୧୯୩୩
ତିରୋଧାନ-୧୯.୦୧.୨୦୨୨
ଆପଣଙ୍କ ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତ ଯନ୍ତ୍ରଣା ଦାୟକ। ବାପା ଆପଣଙ୍କ ସ୍ନେହ,ଶ୍ରଦ୍ଧା,ଧର୍ମ,କର୍ମ,ସେବା ଓ କର୍ତ୍ତବ୍ୟନିଷ୍ଠା ସର୍ବଦା ମନେରହିଥିବ। ସ୍ୱର୍ଗତ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରାର୍ଥନା।
ଶୋକସନ୍ତପ୍ତ
ଭଣପୁଲ ଓ ଚାନ୍ଦପୁର ଲୋକଙ୍କ ...ପରିବାର ତଥା ବନ୍ଧୁ ଓ ଆତ୍ମୀୟସ୍ୱଜନଙ୍କ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।

## ଆଞ୍ଚଳିକ କ୍ରୀଡ଼ା

# ଜୀବନଜ୍ୟୋତି କ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ଆନନ୍ଦପୁର, ୧୮।୧ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଜଳସୁଆଁ ଗ୍ରାମର ଜୀବନଜ୍ୟୋତି କ୍ଲବ ପକ୍ଷରୁ ନବମ ବାର୍ଷିକ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଏହି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ମୋଟ୍ ୮ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ଯାଜପୁର ଜିଲ୍ଲାର ତୁଳତି ଏକାଦଶ ସହିତ ବୈତରଣୀ ରୋଡ଼ର ବଗିରିଆ ଏକାଦଶ ମଧ୍ୟରେ ମହାମୁକାବିଲା ହୋଇଥିବା ବେଳେ ପ୍ରଥମେ ଟସ ବଗିରିଆ ଏକାଦଶ ଜିତି ବୋଲିଂର ନିଷ୍ପତ୍ତି ନେଇଥିଲା। ଏଥିରେ ତୁଳତି ଏକାଦଶକୁ ବଗିରିଆ ଏକାଦଶ ୪ ୱିକେଟ୍‌ରେ ହରାଇ ଚାମ୍ପିଅନ ହୋଇଛି। ବରିଷ୍ଠ ଅମ୍ପାୟାର ଦୀପକ ରଣା, ବ୍ରହ୍ମରାଶି ତପୋଧନ ମହାପାତ୍ର ପରିଚାଳନା କରିଥିଲେ। ସଞ୍ଜୟ ମହାପାତ୍ର ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ସ୍କୋରର ଭାବେ ଜସ୍‌ବସ୍ ବିଜୟ ମହାନ୍ତି, ଆଶୁତୋଷ ମହାପାତ୍ର, ଅଂଶୁମାନ ମାଝୀ ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟଅତିଥି ଭାବେ ଜଳସୁଆଁ ପଞ୍ଚାୟତର ସରପଞ୍ଚ ପ୍ରତିନିଧି ପ୍ରକାଶଚନ୍ଦ୍ର ମାଝୀ, ଜଳସୁଆଁ ଡାକ୍ତରଖାନାର ଡାକ୍ତର ମୋନାଲିସା ନାଏକ, ସମ୍ମାନିତ ଅତିଥି ଭାବେ ସମାଜସେବୀ ହିମାଂଶୁ ଶେଖର ନାଏକ, ପ୍ରସନ୍ନ ମାଝୀ, ପ୍ରସାନ୍ତ ମହାପାତ୍ର ଯୋଗ ଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

## ମା'ତାରିଣୀ ମେଡିକାଲରେ ଇଏସଆଇ ଚିକିତ୍ସା ସୁବିଧା



ଚମ୍ପୁଆ, ୧୮।୧(ସମିସ): ଚମ୍ପୁଆସ୍ଥିତ ମା'ତାରିଣୀ ବେସରକାରୀ ଚିକିତ୍ସାଳୟଠାରେ ଇଏସଆଇ ଚିକିତ୍ସା ସେବା ଆଜିଠାରୁ ଶୁଭାରମ୍ଭ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ସମ୍ମାନିତ ଅତିଥି ଉପଖଣ୍ଡ ଚିକିତ୍ସାଧିକାରୀ ଡା ଉମାକାନ୍ତ ପରିଡା, ଇଏସଆଇ ଯୁଗ୍ମ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ନାଏକ, ମାତାରିଣୀ ଚିକିତ୍ସାଳୟର ପଟିଚାଳନା ମୁଖ୍ୟ ଡ. ଗଣେଶ୍ୱର ମହାନ୍ତ, ତାରିଣୀ ହସ୍ପିଟାଲର ନିର୍ଦ୍ଦେଶିକା ଶୁଚିସ୍ମିତା ମହନ୍ତ ପ୍ରମୁଖ ଯୋଗଦେଇଥିଲେ। ଓଡିଶା ରାଜ୍ୟ କର୍ମଚାରୀ ବିମାଭୂକ୍ତ କର୍ମଚାରୀମାନେ ଏହି ଚିକିତ୍ସାଳୟରେ ମାଗଣା ଚିକିତ୍ସା ସେବା ପାଇପାରିବେ। ବିଷେଷ ଭାବରେ ଇଏସଆଇ ବୀମାଭୁକ୍ତ ବ୍ୟକ୍ତିବିଷେଷ ସହିତ ତାଙ୍କ ଉପରେ ନିର୍ଭର କରୁଥିବା ପରିବାର ସଦସ୍ୟମାନେ ଚକ୍ଷୁ, ମେଡିସିନ, ଗାଇନିକ ଓ ସର୍ଜରୀ ଚିକିତ୍ସା ସେବା ପାଇପାରିବେ ବୋଲି ଶ୍ରୀ ମହାନ୍ତ ସୂଚନା ଦେଇଛନ୍ତି।

## ପୋଲରୁ ଖସି ବୃଦ୍ଧଙ୍କ ମୃତ୍ୟୁ

**ରାଇରଙ୍ଗପୁର/ବହଳଦା, ୧୮।୧ (ସମିସ):** ବହଳଦା ଥାନା ଅନ୍ତର୍ଗତ ଗମ୍ଭାରିଆ ନିକଟରେ ପୋଲ ତଳକୁ ଖସି ଜଣେ ମାନସିକ ବିକାରଗ୍ରସ୍ତ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ଗମ୍ଭାରିଆ ଗ୍ରାମର ଭୋଲାନାଥ ସାହୁ। ମାନସିକ ବିକାରଗ୍ରସ୍ତ ଥିବାବେଳେ ରବିବାର ଅପରାହ୍ନରେ ଚାଲି ଚାଲି ଯାଉଥିବାବେଳେ ଅସାବଧାନତାରୁ ପୋଲ ତଳକୁ ଖସିପଡ଼ିଥିଲେ। ଫଳରେ ପ୍ରଚୁର ରକ୍ତସ୍ରାବ ହୋଇ ମୃତ୍ୟୁ ହୋଇଛି। ପୁଲିସ ପହଞ୍ଚି ମୃତଦେହ ଜବତ କରି ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

## ପୋଲ ତଳୁ ମୃତଦେହ ଉଦ୍ଧାର

**ରାଇରଙ୍ଗପୁର, ୧୮।୧(ସମିସ):** ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବିଜାତଳା ପୋଲ ତଳୁ ମୃତଦେହ ଉଦ୍ଧାର ହୋଇଛି। ମୃତକ ଜଣକ ବିଜାତଳା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବିଜାତଳା ଗାଁର ଜଗନ୍ନାଥ ମୁର୍ମୁ (୫୫)। ମକର ଓ ଟୁସୁ ମେଳା ଜାରି ଥିବାବେଳେ ବୁଧବାର ସେ ମେଳା ଦେଖିବାକୁ ଆସି ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ରବିବାର ସକାଳେ ବିଜତାଳ ପୋଲ ତଳୁ ଭାସୁଥିବା ଦେଖି ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଓ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ମୃତଦେହ ଉଦ୍ଧାର କରି ରାଇରଙ୍ଗପୁର ହସ୍ପିଟାଲକୁ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଛି। ଏ ନେଇ ପୁଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ଗାଁରେ ପହଞ୍ଚିଲା ମଙ୍ଗଳଙ୍କ ମୃତଦେହ

**ରାସଗୋବିନ୍ଦପୁର, ୧୮।୧(ସମିସ):** ରବିବାର ଆନ୍ଧ୍ରପ୍ରଦେଶର ଶ୍ରୀକାକୁଳମଠାରେ ରେଳ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ମଙ୍ଗଳ ଟୁଡୁଙ୍କ ମୃତଦେହ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ପ୍ରଚେଷ୍ଟାରେ ନିଜ ଗାଁରେ ପହଞ୍ଚିଥିବା ଜଣାପଡ଼ିଛି। ମଙ୍ଗଳଙ୍କ ମୃତଦେହ ନିଜ ଗାଁରେ ପହଞ୍ଚିବା ପରେ ଗ୍ରାମରେ



ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପରେ ସ୍ଥାନୀୟ ସରପଞ୍ଚ ବୁଦ୍ଧିଆ ମୁର୍ମୁ, ବିଜେପି ମଣ୍ଡଳ ସଭାପତି ଅବିନାଶ କୁଣ୍ଡୁ, ପଞ୍ଚାୟତ ସଭାପତି ସତ୍ୟଶିବ ଭାଟ, ବିମଳ ବେହେରା, ମିହିର ସେନାପତି, ଚନ୍ଦନ ଦାସ ଓ ଗ୍ରାମବାସୀ ସେଠାରେ ଉପସ୍ଥିତ ହୋଇ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ ମହାନ୍ତି ମଙ୍ଗଳଙ୍କ ପରିବାରବର୍ଗଙ୍କୁ ସମସ୍ତ ପ୍ରକାରର ସରକାରୀ ସହାୟତା ମନ୍ତ୍ରୀଙ୍କୁ ଜଣାଇ ଯଥାଶୀଘ୍ର ପ୍ରଦାନ କରାଇବେ ବୋଲି ପ୍ରକାଶ କରିଥିଲେ। ୧୪ ତାରିଖ ଦିନ ଶ୍ରୀକାକୁଳମଠାରେ ରେଳ ଦୁର୍ଘଟଣାରେ ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଟିକପଦା ଅଞ୍ଚଳର ସ୍ୱର୍ଗତ ଗକୁଳ ଟୁଡୁଙ୍କ ପୁଅ ମଙ୍ଗଳ ଟୁଡୁ (୨୪)ଙ୍କ ମୃତ୍ୟୁ ଘଟିଥିଲା। ତାଙ୍କର ମୃତ ଶରୀର ନିଜ ଗାଁକୁ ଫେରାଇ ଆଣିବା ପାଇଁ ମଙ୍ଗଳଙ୍କ ମା ଗୁରୁବାରି ଟୁଡୁ ଆର୍ଥିକ ସକ୍ଷମ ନ ଥିବାବେଳେ ପୁଅର ମୃତ ଶରୀର ନିଜ ଗ୍ରାମକୁ ଫେରାଇ ଆଣିବା ପାଇଁ ଜିଲ୍ଲା ଶ୍ରମ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଦୋମୁହାଣୀ ମକର ମହୋତ୍ସବ ଉଦ୍‌ଯାପିତ



**ଖୁଣ୍ଟା, ୧୮।୧(ସମିସ):** ଶୁକୃଳି ବ୍ଲକ ଅନ୍ତର୍ଗତ ପବିତ୍ର ଦୋମୁହାଣୀ ପୀଠରେ ପୁଣ୍ୟତୀର୍ଥ ଦୋମୁହାଣୀ ବିକାଶ ପରିଷଦ ଆନୁକୂଲ୍ୟରେ ଚାଲିଥିବା ଚତୁଃଦିବସୀୟ ମକର ମହୋତ୍ସବ ଉଦ୍‌ଯାପିତ ହୋଇଛି। ଏ ଉପଲକ୍ଷେ ଆୟୋଜିତ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର କୁଡୁମୀ ସମ୍ପ୍ରଦାୟର ଅତି ଆଦରଣୀୟ ଓ ପ୍ରଭାବଶାଳୀ ଟୁସୁ ମେଳା ଓ ଟୁସୁ ମେଢ଼ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିବା ମୁକୁନା ଟୁସୁ ଦଳ, ଦ୍ୱିତୀୟରେ ଥିବା ଜାମୁନ୍ତି ଓ ତୃତୀୟ ସ୍ଥାନରେ ଥବା ଖିରେଇ ଟାଙ୍ଗିରି ଓ ଟାଙ୍ଗରାଣୀକୁ ପୁରସ୍କୃତ କରାଯାଇଥିଲା। ଏଥିସହ ଆଦିପୁର, ବନିକା, ନୂଆଗାଁ, ଚଟିରିସାହି ଓ ରୁଞ୍ଜବିନ୍ଧା ପ୍ରମୁଖ ଟୁସୁ ଦଳକୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଅସନବଣି ଚାଙ୍ଗୁ ନୃତ୍ୟ ପ୍ରତିଷ୍ଠାନ ପକ୍ଷରୁ ପରିବେଷିତ ବାଥୁଡି ସମ୍ପ୍ରଦାୟର ପାରମ୍ପରିକ ଲୋକ ନୃତ୍ୟ ଚାଙ୍ଗୁ ନୃତ୍ୟରେ ହଜାର ହଜାର ଦର୍ଶକ ବିମୋହିତ ହୋଇଥିଲେ। ପରିଷଦର ଉପଦେଷ୍ଟା ମଣ୍ଡଳୀ, ସମସ୍ତ କାର୍ଯ୍ୟକର୍ତ୍ତା, ପୁଲିସ ପ୍ରଶାସନ, ସ୍ୱୟଂସହାୟକ ଗୋଷ୍ଠୀ, ଉଚ୍ଚବାଲି ସରପଞ୍ଚ, ଯୁବ ସମ୍ପ୍ରଦାୟ ସହଯୋଗରେ କାର୍ଯ୍ୟକ୍ରମ ସଫଳତାର ସହ ଶେଷ ହୋଇଛି। ପରିଷଦର ସଭାପତି ଡ. ବଳଭଦ୍ର ଘଡାଇ ଧନ୍ୟବାଦ ଜଣାଇଥିଲେ।

## ଦୁଆରଶୁଣି ପୀଠରେ ୫ଦିନିଆ ମେଳା ଆରମ୍ଭ

**କଳାବାଡ଼ିଆ, ୧୮।୧(ସମିସ):** ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ୪୯ ନଂ ଜାତୀୟ ରାଜପଥ ନିକଟ ଦୁଆରଶୁଣି ପୀଠରେ ପ୍ରତ୍ୟେକ ବର୍ଷ ଭଳି ମକର ସଂକ୍ରାନ୍ତି ପରେ ନାମ ସଂକୀର୍ତ୍ତନ ସହିତ ୫ ଦିନିଆ ମେଳା ଆରମ୍ଭ ହୋଇଛି। ଏହା ୨୨ ତାରିଖରେ ଶେଷ ହେବ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ଗୁମ୍ଫା ସହିତ ମେଳା ଦେଖିବାକୁ ବିହାର, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସୁଅ ଛୁଟୁଥିବାରୁ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଶାନ୍ତିଶୃଙ୍ଖଳା ପାଇଁ ସ୍ଥାନୀୟ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ୪୯ ନଂ ଜାତୀୟ ରାଜପଥ ଘାଟି ରାସ୍ତା ସମ୍ପ୍ରସାରଣ ଓ ଉନ୍ନତିକରଣ କାର୍ଯ୍ୟ ଚାଲୁ ରହିଛି। ଘାଟି ରାସ୍ତା ସମ୍ପ୍ରସାରଣ ପାଇଁ ହେଉଥିବା ପ୍ରତ୍ୟେକ ଗୁରୁବାର ଓ ଶୁକ୍ରବାର ପଥର ବ୍ଲାଷ୍ଟିଙ୍ଗକୁ ମେଳା ପାଇଁ ବନ୍ଦ ରଖାଯାଇଥିବା ଥାନା ଅଧିକାରିଣୀ ସସ୍ମିତା ସାମଲ କହିଛନ୍ତି।

### ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ଉଦ୍‌ଘାଟିତ

# ହାତପାହାନ୍ତାରେ ଉପଲବ୍ଧ ହେବ ପ୍ରକୃତିଜାତ ଦ୍ରବ୍ୟ

ରାଇରଙ୍ଗପୁର, ୧୮।୧ (ସମିସ)





ରାଇରଙ୍ଗପୁର ବନଖଣ୍ଡ ଓ ରାଜ୍ୟ ଔଷଧୀୟ ଉଦ୍ଭିଦ ବୋର୍ଡ ମିଳିତ ଉଦ୍ୟମରେ ୫ ଦିନିଆ ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ରାଇରଙ୍ଗପୁରସ୍ଥ କଚେରୀ ଷ୍ଟାଡ଼ିୟମରେ ରବିବାର ଉଦଘାଟିତ ହୋଇଛି। ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ସୁବ୍ରତ ପାତ୍ରଙ୍କ ପୌରୋହିତରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଙ୍ଗଲ, ପରିବେଶ ଓ ଶ୍ରମ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ଲୋକସଭା ସାଂସଦ ନବଚରଣ ମାଝୀ, ରାଜ୍ୟସଭା ସାଂସଦ ମମତା ମହାନ୍ତ, କରଞ୍ଜିଆ ବନଖଣ୍ଡ ଅଧିକାରୀ ବୈଦ୍ୟନାଥ ମାଝୀ, ଜିଲ୍ଲା ପରିଷଦ ସଦସ୍ୟ ମୀନା ସୋରେନ, ଅତିରିକ୍ତ ବନ ସଂରକ୍ଷକ ପ୍ରଭାକର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ରାଇରଙ୍ଗପୁର କଚେରୀ ଷ୍ଟାଡିୟମରେ ମେଳା ଅନୁଷ୍ଠିତ ହେବ।

ଆଧୁନିକତା ପ୍ରଭାବରେ ପ୍ରାକୃତିକ ପରିବେଶ ଉପରେ ଅନେକ କୁପ୍ରଭାବ ପଡୁଛି। ଔଷଧୀୟ ବୃକ୍ଷ ସହ ଅନେକ ଦରକାରୀ ବୃକ୍ଷଲତା ଧିରେ ଧିରେ ଲୋପ ପାଇବାକୁ ଲାଗିଲେଣି। ପ୍ରାକୃତିକ ଉପଚାର ପ୍ରକ୍ରିୟାଠାରୁ ମଧ୍ୟ ଲୋକ ଦୂରେଇ ଗଲେଣି। ମାତ୍ର ପ୍ରକୃତି ଓ ପ୍ରକୃତିଦତ୍ତ ସମ୍ପଦ ଆମ ପାଇଁ ଅତି ଲାଭପ୍ରଦ ଅଟେ। କଳିଙ୍ଗ ହର୍ବାଲ ମେଳା ଜରିଆରେ ଅଧିକରୁ ଅଧିକ ଔଷଧୀୟ ବୃକ୍ଷରୋପଣ ସହ ଏହାର ଔଷଧୀୟ ଗୁଣକୁ ବ୍ୟାଧି ନିରାକରଣରେ ବ୍ୟବହାର କରିବା ନିମନ୍ତେ ପ୍ରୟାସ କରାଯାଇଛି। ଏହା ପ୍ରତି ଜନସଚେତନତା ସୃଷ୍ଟି କରି ଏକ ସୁସ୍ଥ ସମାଜ ଗଠନ କରିପାରିବ ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି। ଉକ୍ତ ମେଳାରେ ୬୦ଟି ଷ୍ଟଲ ହୋଇଛି। ଯେଉଁଥିରେ କି ରାଜ୍ୟର ୪୦ରୁ ଊର୍ଦ୍ଧ୍ୱ ଅଭିଜ୍ଞ ବୈଦ୍ୟ ଯୋଗ ଦେଇଛନ୍ତି। ପ୍ରାଚୀନ ଆୟୁର୍ବେଦିକ ଚିକିତ୍ସା ପ୍ରଣାଳୀକୁ ଆଧାର କରି ସେମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଚେରମୂଳି ହର୍ବାଲ ଔଷଧ ଇତ୍ୟାଦି ବିକ୍ରୟ ହେଉଛି। ଲୋକଙ୍କ ମଧ୍ୟରେ ଆୟୁର୍ବେଦିକ ଚିକିତ୍ସାର ପ୍ରଚାର ପ୍ରସାର ପାଇଁ ଏହା ଏକ ପ୍ରୟାସ ଅଟେ। ଏଥିସହିତ ଅଭିଜ୍ଞ ସରକାରୀ ସ୍ୱୀକୃତିପ୍ରାପ୍ତ ଆୟୁର୍ବେଦିକ ଡାକ୍ତରଙ୍କ ଦ୍ୱାରା ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ ସୁବିଧା କରାଯାଇଛି। ହର୍ବାଲ ପଦ୍ଧତିରେ ପୂର୍ବ କାଳରୁ ବଇଦ ଓ କବିରାଜ ଚିକିତ୍ସା କରିଆସୁଛନ୍ତି। ତେଣୁ ଏହା ଭାରତର ସଂସ୍କୃତି ଓ ପରମ୍ପରା ସହ ଜଡ଼ିତ। ଏଭଳି ମେଳାକୁ ଆଗାମୀ ଦିନରେ ଅଧିକ ବ୍ୟାପକ କରିବାକୁ ସମସ୍ତଙ୍କ ସହଯୋଗ ପାଇଁ ନିବେଦନ କରାଯାଇଛି।

## ୧୦୦୦ରୁ ଅଧିକ ଗୋରୁଙ୍କୁ ଉଦ୍ଧାର କରି ପୁଲିସ ଜିମାଦେଲେ ସ୍ଥାନୀୟ ଲୋକ



**ସାରସକଣା, ୧୮।୧(ସମିସ):** ସାରସକଣା ବ୍ଲକ ଝାରପୋଖରିଆ ଥାନା ଅଧୀନରେ ଗତକାଲି ଗୋ-ମାଫିଆଙ୍କ ଉପରେ ବଡ଼ଧରଣର ଚଢ଼ଉ ପରେ ସାଧାରଣ ଲୋକଙ୍କ ବଢ଼ିଛି ସାହସ। ଗୋରୁଙ୍କୁ ସୁରକ୍ଷା ଦେବାକୁ ଅଣ୍ଟା ଭିଡିଛନ୍ତି ସାଧାରଣ ଜନତା। ଚଲାଇ ଚଲାଇ ନେଉଥିବା ୧୦୦୦ରୁ ଅଧିକ ଗୋରୁଙ୍କୁ ଉଦ୍ଧାର କରି ପୁଲିସ ପାଖରେ ଜିମା ଦେଇଛନ୍ତି ଗୋ-ସେବକ ଓ ସ୍ଥାନୀୟ ଅଞ୍ଚଳର ଲୋକ। ଏଥିସହ ଗୋରୁ ଚାଲାଣରେ ସମ୍ପୃକ୍ତ ୧୧ ଜଣଙ୍କୁ ଅଟକ ରଖିଛି ପୁଲିସ।

ଗତକାଲି ରାତିରେ ସାରସକଣା ହାଟରୁ କୋଲକାତା ଅଭିମୁଖେ ଯାଉଥିବା ୪୦୦ ଗୋରୁକୁ ଉଦ୍ଧାର କରିଥିଲେ ବାଙ୍ଗିରିପୋଷି ଗୋ-ସେବକ। ଆଜି ପୁଣି ୬୦୦ରୁ ଅଧିକ ଗୋରୁଙ୍କୁ ଉଦ୍ଧାର କରିଛନ୍ତି ଝାରପୋଖରିଆ ଗୋ-ସେବକ। ବିଶେଷ ସୂତ୍ରରୁ ଖବର ପାଇ ଝାରପୋଖରିଆ ମୁଖ୍ୟ ରାସ୍ତାରେ ସ୍ଥାନୀୟ ଲୋକଙ୍କ ସହ ଜଗି ରହିଥିଲା ଗୋ-ସେବକ ଦଳ। ଝାରପୋଖରିଆ ପୁଲିସକୁ ଖବର ଦେଇ ଉଦ୍ଧାର ଗୋରୁକୁ ଜିମା ଦେଇଛନ୍ତି ଗୋ-ସେବକ ସଙ୍ଗଠନର ଯୁବକ। ଏହି ଘଟଣାରେ ୧୧ ଜଣ ଗୋ ଚାଲାଣରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅଟକ ରଖିଛି ପୁଲିସ। ଗତକାଲି କେନ୍ଦୁଝର ପୁଲିସର କାର୍ଯ୍ୟାନୁଷ୍ଠାନକୁ ପ୍ରଶଂସା କରାଯାଇଛି। ଦୀର୍ଘବର୍ଷ ଧରି ଚାଲିଥିବା ଗୋ- ଚାଲାଣ ରୋକିବାକୁ ସମସ୍ତଙ୍କୁ ଗୋ ରକ୍ଷକ ଦେବାଶିଷ ଘୋଷ ଓ ପ୍ରଥମ ବେହେରା ଅନୁରୋଧ କରିଛନ୍ତି।

## ଡନ୍ ବସ୍କୋ ଟେକ୍ ପକ୍ଷରୁ ସାଂସ୍କୃତିକ ଓ ସଚେତନତା କାର୍ଯ୍ୟକ୍ରମ




**ମହୁଲଡିହା, ୧୮।୧(ସମମି):** ଡନ୍ ବସ୍କୋ ଟେକର ୨୦ ବର୍ଷ ପୂର୍ତ୍ତି ଉତ୍ସବ ଅବସରରେ ଡନ୍ ବସ୍କୋ ଟେକ୍ ଠାକୁରମୁଣ୍ଡା ଓ ସମ୍ବଲପୁର କେନ୍ଦ୍ର ମିଳିତ ଭାବେ ବିଭିନ୍ନ ସାଂସ୍କୃତିକ ଓ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି। ଠାକୁରମୁଣ୍ଡା କେନ୍ଦ୍ର ପ୍ରଶିକ୍ଷକ ବିଷୟଭିତ୍ତିକ ସ୍କିଟ୍ (ନାଟକ) ପ୍ରଦର୍ଶନ ମାଧ୍ୟମରେ କୌଶଳ ପ୍ରଶିକ୍ଷଣ, କାର୍ଯ୍ୟସ୍ଥଳ ସୁରକ୍ଷା, ପେଶାଦାରିତା, ଶ୍ରମର ମର୍ଯ୍ୟାଦା ଓ ଗୁରୁତ୍ୱକୁ ସାଧାରଣ ଲୋକଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ସ୍କିଟ୍ ମାଧ୍ୟମରେ ଡନ୍ ବସ୍କୋ ଟେକର ପ୍ରଶିକ୍ଷଣ ପରେ ଯୁବକ/ଯୁବତୀଙ୍କ ଜୀବନରେ ଆସୁଥିବା ସକାରାତ୍ମକ ପରିବର୍ତ୍ତନ ସ୍ପଷ୍ଟ ଭାବେ ପ୍ରତିଫଳିତ ହୋଇଥିଲା। ଏଥିସହିତ ସମ୍ବଲପୁର କେନ୍ଦ୍ରର ପ୍ରଶିକ୍ଷକ ଡିବି ଟେକ୍ ଆନ୍ଥେମ ସଙ୍ଗୀତ, ଶ୍ରେଷ୍ଠ କୋରିଓଗ୍ରାଫି ପ୍ରଦର୍ଶନ ମାଧ୍ୟମରେ ଏକତା, ଗର୍ବ ଓ ଶୃଙ୍ଖଳାର ବାର୍ତ୍ତା ପ୍ରଦାନ କରିଥିଲେ। ନୃତ୍ୟ ପ୍ରଦର୍ଶନ ମାଧ୍ୟମରେ ଡନ୍ ବସ୍କୋ ଟେକର ୨୦ ବର୍ଷର ଯାତ୍ରା, କୌଶଳ ବିକାଶ ଓ ଯୁବ ସଶକ୍ତୀକରଣର ଲକ୍ଷ୍ୟକୁ ପ୍ରଦର୍ଶନ କରିଥିଲା। ଏ ସମସ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ଡନ୍ ବସ୍କୋ ଟେକର ମୂଳ ଦର୍ଶନ, କେବଳ ପ୍ରଶିକ୍ଷଣ ନୁହେଁ; ଜୀବନ ପରିବର୍ତ୍ତନକୁ ସଫଳତାର ସହ ପ୍ରତିବିମ୍ବିତ କରାଯାଇଥିବା ଦେଖିବାକୁ ମିଳିଥିଲା।

## କୁକୁଡ଼ା ଲଢ଼େଇରେ ଲାଗୁଛି ବାଜି

**କୁଆମରା, ୧୮।୧(ସମିସ):** ଖୁଲମଖୁଲାରେ ଚାଲିଛି ବେଆଇନ କୁକୁଡ଼ା ଲଢେଇ। ହାରଜିତ୍‌ରେ ହଜାର ହଜାର ଟଙ୍କା ଲାଗୁଛି ବାଜି। ହେଲେ ପ୍ରଶାସନର ଲାଗୁନି ଅଙ୍କୁଶ। ବିଭିନ୍ନ ପର୍ବପର୍ବାଣୀରେ ଖୁଣ୍ଟା ଓ ଗୋପବନ୍ଧୁ ନଗର ବ୍ଲକର ୮ରୁ ୧୦ଟି ସ୍ଥାନ ରେ ଏହି ଲଢେଇ ଚାଲିଛି। ତାହା ପୁଣି ରାସ୍ତା ପାର୍ଶ୍ୱ ଜଙ୍ଗଲ ଓ ପଡ଼ିଆରେ। କୁକୁଡା ଗୋଟା ୫ରୁ ୨୦ ହଜାର ଟଙ୍କାରେ ବିକ୍ରି ହେଉଛି ଓ ଲଢେଇକୁ ନେଇ ଲାଗୁଛି ବାଜି। ବାଜିରେ ହଜାର ହଜାର ଟଙ୍କା ଦେଇ ସର୍ବସ୍ୱାନ୍ତ ହୋଇପଡୁଛନ୍ତି। ତତ୍ ସହିତ ସେଠାରେ ଜୁଆ ଖେଳରେ ବହୁ ଉଚ୍ଚଶିକ୍ଷିତ ଲୋକ ବି ସାମିଲ ହେଉଥିବାର ଦେଖିବାକୁ ମିଳୁଛି। ଦେଶୀ ଓ ବିଦେଶୀ ମଦର ପସରା ମେଲାଇ ବେପାର ଚାଲିଛି। ଫଳରେ ଉକ୍ତ ଅଞ୍ଚଳର ଅପରାଧ ବୃଦ୍ଧି ସାଙ୍ଗକୁ ଚୋରି ବୃଦ୍ଧି ପାଉଛି। ସାଧାରଣ ଲୋକ ବି ରାସ୍ତା ଘାଟ ରେ ସୁରକ୍ଷିତ ନୁହନ୍ତି। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

## ଶ୍ରୀଚୈତନ୍ୟ ଦେବ ଚ୍ୟାଲେଞ୍ଜ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ରାସଗୋବିନ୍ଦପୁର, ୧୮।୧(ସମିସ):** ତୁଟାପଡ଼ା ପଞ୍ଚାୟତର ହାଟସାହି, ପାଇକସାହିର ରଞ୍ଜିତ କ୍ଲବର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଶ୍ରୀଚୈତନ୍ୟ ଦେବଙ୍କ ୬୭ତମ ଅଲ୍ ଇଣ୍ଡିଆ ଚ୍ୟାଲେଞ୍ଜ ଭଲିବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ସହିତ ଯୁବ ଗୋଷ୍ଠୀଙ୍କୁ ପ୍ରୋତ୍ସାହିତ କରିଥିବା ମତବ୍ୟକ୍ତ କରିଥିଲେ। ଉଦଘାଟନୀ ମ୍ୟାଚ୍ ସିଆଇଏସ୍‌ଏଫ୍ ଓ ବିବିଏସ୍‌ଆର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ରାଜକିଶୋର ଦାସ, ରଞ୍ଜିତ କ୍ଲବର ସଭାପତି ସନ୍ତୋଷ ନାୟକ, ସମ୍ପାଦକ ଡାକ୍ତର ଜୟନ୍ତ



ମୁଖ୍ୟଅତିଥି ଭାବେ ମୋରଡ଼ାର ପୂର୍ବତନ ବିଧାୟକ ରାଜକିଶୋର ଦାସ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିବାବେଳେ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ କ୍ରୀଡାର ବିକାଶ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରଣୟନ କରି କାର୍ଯ୍ୟକାରୀ କରିବା ନାୟକ ଖେଳାଳିଙ୍କ ସହିତ କରମର୍ଦ୍ଦନ କରି ଉତ୍ସାହିତ କରିଥିଲେ। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଆଞ୍ଚଳିକ ଭଲିବଲ ଟୁର୍ଣ୍ଣାମେଣ୍ଟ ୧୫ ଓ ୧୬ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଥିବାବେଳେ ଅଲ୍ ଇଣ୍ଡିଆ ଭଲିବଲ ଟୁର୍ଣ୍ଣାମେଣ୍ଟ ଦୁଇଦିନ ଧରି ଅନୁଷ୍ଠିତ ହେବ।

## ବାରିପଦାରେ ସ୍ୱଦେଶୀ ସଂକଳ୍ପ ଦୌଡ଼



**ବାରିପଦା, ୧୮।୧(ସମିସ):** ସ୍ୱଦେଶୀ ଜାଗରଣ ମଞ୍ଚ ଓ ସ୍ୱାବଲମ୍ବୀ ଭାରତ ଅଭିଯାନର ମିଳିତ ଆନୁକୂଲ୍ୟରେ ବାରିପଦାରେ ରବିବାର ବଡ଼ଧରଣର ସ୍ୱଦେଶୀ ସଂକଳ୍ପ ଦୌଡ଼ ଆୟୋଜିତ ହୋଇଯାଇଛିଫସ୍ଥାନୀୟ ଛଉ ପରଶଆରୁ ବାହାରି ବାରିପଦା ଅମ୍ବିକା ମନ୍ଦିର, ବଡ଼ବଜାର, ଟ୍ରାଫିକ ଛକ, କାଳୀ ମାର୍କେଟ, ଷ୍ଟାଡ଼ିୟମ ଗୋଲେଇ ପ୍ରଭୃତି ଦେଇ ସହର ପରିକ୍ରମା କରିଥିବା ଏହି ଗଣଦୌଡ଼ରେ ଅନ୍ୟମାନଙ୍କ ସହ ବହୁସଂଖ୍ୟକ ଯୁବଛାତ୍ର ସାମିଲ ହୋଇ ସ୍ୱଦେଶୀ ଜିନିଷ କିଣିବା, ସ୍ୱଦେଶୀ ଭାବନାକୁ ଆପଣେଇବା ଓ ସବୁ କ୍ଷେତ୍ରରେ ସ୍ୱଦେଶୀକୁ ପ୍ରାଥମିକତା ଦେବା ଇତ୍ୟାଦି ସପକ୍ଷରେ ସ୍ଲୋଗାନ ଦେଇଥିଲେ। ଏଥିସହ ଲୋକଙ୍କୁ ବୁଝାଇବା ସହ ସାମୂହିକ ସଂକଳ୍ପ ପାଠ ମଧ୍ୟ କରାଇଥିଲେ। ବିଜୟ ଦାସ, ତୁଷାରକାନ୍ତ ମହାନ୍ତ, ବିଶ୍ୱେଶ୍ୱର ଦ୍ୱିବେଦୀ, ଗୋରାଚାନ୍ଦ ମହାନ୍ତ, ରଞ୍ଜନ ନାଏକ ଓ ହେମଲତା ଦାସ ପ୍ରମୁଖଙ୍କ ଦ୍ୱାରା ପରିଚାଳିତ ଏହି ସ୍ୱଦେଶୀ ପାଇଁ ଦୌଡ଼ରେ କବି ବିଷ୍ଣୁ ଶତପଥୀ, ଲକ୍ଷ୍ମୀଧର ହାବଡ଼ା, ଶୋଭାବତୀ ଓତା, ନରୋତ୍ତମ ପାଣିଗ୍ରାହୀ, ମମତା ମଣ୍ଡଳ, ସୌମ୍ୟରଞ୍ଜନ ମିଶ୍ର, ଫକୀର ସିଂ, ଶ୍ରଦ୍ଧାଞ୍ଜଳି ପଣ୍ଡା, ଜ୍ଞାନରଞ୍ଜନ ଜେନା ଓ ବିଜୟ ହୋତା ପ୍ରମୁଖଙ୍କ ନେତୃତ୍ୱରେ ବହୁସଂଖ୍ୟକ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ।

### ରାଇରଙ୍ଗପୁର ବନଖଣ୍ଡରେ ପକ୍ଷୀ ଗଣନା

# ୫ଟି ବନ ରେଞ୍ଜର ୧୪ଟି ସ୍ଥାନରେ ହେଲା ପକ୍ଷୀ ଗଣନା

ରାଇରଙ୍ଗପୁର, ୧୮।୧(ସମିସ)



ରାଇରଙ୍ଗପୁର ବନଖଣ୍ଡ ଅଞ୍ଚଳରେ ରବିବାରଠାରୁ ପକ୍ଷୀ ଗଣନା ପ୍ରକ୍ରିୟା ଆରମ୍ଭ ହୋଇଛି। ବନଖଣ୍ଡ ଅଧୀନରେ ଥିବା ୫ଟି ରେଞ୍ଜର ୧୪ଟି ଜଳଭଣ୍ଡାର ଓ ଆର୍ଦ୍ର ସ୍ଥାନରେ ଏହି ପକ୍ଷୀ ଗଣନା କରାଯାଉଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଶୀତ ଋତୁରେ ଏହି ପକ୍ଷୀ ଗଣନା ପ୍ରକ୍ରିୟା ହୋଇଛି। ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ସୁବ୍ରତ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୫୦ରୁ ଅଧିକ ବନ କର୍ମଚାରୀ ବହଳଦା, ରାଇରଙ୍ଗପୁର, ବାଦାମପାହାଡ଼, ମଣଦା ଓ ବିଶୋଇ ଆଦି ରେଞ୍ଜ ଅଞ୍ଚଳରେ ଗଣନା କରିଥିବା ସୂଚନା ମିଳିଛି।

ଏ ନେଇ ବନ ବିଭାଗ ପକ୍ଷରୁ କର୍ମଚାରୀଙ୍କୁ ପୂର୍ବରୁ ସତନ୍ତ୍ର ତାଲିମ ପ୍ରଦାନ କରାଯାଇଥିଲା। ଗଣତି ପାଇଁ ପ୍ରସ୍ତୁତ ପ୍ରତି ଟିମରେ ୫ ଜଣ ଥିବାବେଳେ ସେଥି ମଧ୍ୟରେ ବନ କର୍ମଚାରୀ ଓ ଏନଜିଓ, ଛାତ୍ରଛାତ୍ରୀ ରହିଛନ୍ତି। ରେଞ୍ଜର, ଫରେଷ୍ଟର ଓ ପକ୍ଷୀ ଗବେଷକଙ୍କ ସମେତ ଅନ୍ୟମାନେ ଗଣନା ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ବାଇନ କୁଲାର ଓ ଜିପିଏସ କ୍ୟାମେରା ସାହାଯ୍ୟରେ ବନ ବିଭାଗ କର୍ମଚାରୀ ପକ୍ଷୀ ଗଣନା କରିଛନ୍ତି। ସକାଳ ୬ରୁ ଦିନ ୧୧ ପର୍ଯ୍ୟନ୍ତ ଗଣନା କାର୍ଯ୍ୟ ହେଉଥିବାବେଳେ ଆସନ୍ତା ଜାନୁଆରୀ ୨୦ ତାରିଖ ପର୍ଯ୍ୟନ୍ତ ଗଣନା କରାଯିବ। ପକ୍ଷୀ ଗଣନା ରିପୋର୍ଟ ଆକଳନ କରି ରାଜ୍ୟସ୍ତରୀୟ ରିପୋର୍ଟ ପାଇଁ ହସ୍ତାନ୍ତର କରାଯିବ। କୁହୁଡ଼ି ପାଇଁ ସକାଳୁ ପକ୍ଷୀ ଗଣନାରେ କିଛି ସମସ୍ୟା ଉପୁଜିଥିଲା। ଶୀତ ଋତୁରେ ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଥିବାବେଳେ ପକ୍ଷୀଙ୍କ ଗତିବିଧିକୁ ଲକ୍ଷ୍ୟ କରାଯାଇ ଡାଇରେକ୍ଟ ସାଇଟିଂ ପଦ୍ଧତିରେ ଗଣନା କରାଯାଇଛି। ଶୀତଋତୁରେ ସାଇବେରିଆନ ଅଞ୍ଚଳରେ ପ୍ରବଳ ବରଫ ପାତ ହେଉଥିବା ଯୋଗୁଁ ହଜାର ହଜାର କିଲୋମିଟର ଅତିକ୍ରମ କରି ଖାଦ୍ୟ ଅନ୍ୱେଷଣରେ ପକ୍ଷୀମାନେ ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ଆସିଥା'ନ୍ତି। ବିଦେଶରୁ ଆସିଥିବା ମାନେ ପୋଖରିଆ ଡ୍ୟାମ, ନେସା ଡ୍ୟାମ, ମଣଦା, ସୁଦର୍ଶନପୁର, ଫିଶାରୀ, ପଟେପାଣି, ମେଘନା, ଆହାର ବନ୍ଧ, ସୁଲେଇ ପାଟ, କେନ୍ଦୁପୋଖରୀ, ବାଙ୍କବଳ, ରାଜାବସା, ବିଞ୍ଝଧର ଆଦି ବୃହତ ଜଳାଶୟରେ ଆଶ୍ରୟ ନେଇଥା'ନ୍ତି। ପକ୍ଷୀଙ୍କ ପ୍ରଜାତି ତାଙ୍କର ଗତିବିଧିକୁ ରେକର୍ଡ କରିବା ସହ ଏମାନଙ୍କ ସଂଖ୍ୟାର ଆକଳନ କରାଯାଇଥାଏ। ଜିଲ୍ଲାରେ ଥିବା ଜଳ ଉତ୍ସରେ ଘରୋଇ ପକ୍ଷୀଙ୍କ ସହ ଗଡ଼ୱାଲ, ଲିଟିଲ କାର୍ବୋରେଣ୍ଟ, ଲଫାଙ୍ଗ, ହୁଇସିଲ ବାର୍ଡ ଭଳି ବିଭିନ୍ନ ପ୍ରଜାତିର ପକ୍ଷୀ ଦେଖିବାକୁ ମିଳିଥା'ନ୍ତି। ଚଳିତବର୍ଷ ଭଲ ଶୀତ ଅନୁଭୂତ ହେଉଥିବାବେଳେ ଅଧିକ ବିଦେଶୀ ପକ୍ଷୀ ଆସିଥିବା ସମ୍ଭାବନା ରହିଛି। ଗତବର୍ଷ ରିପୋର୍ଟ ଅନୁଯାୟୀ ରାଇରଙ୍ଗପୁର ବନଖଣ୍ଡର ୪ଟି ରେଞ୍ଜକୁ ୭, ୨୭୩ଟି ପକ୍ଷୀ ଆସିଥିବା ନେଇ ବନ ବିଭାଗ ପକ୍ଷରୁ ରିପୋର୍ଟ ପ୍ରଦାନ କରାଯାଇଥିଲା।

**▶▶ ୩ ଦିନ ଧରି ବିଦେଶାଗତ ପକ୍ଷୀଙ୍କ ଗତିବିଧି ଓ ସଂଖ୍ୟା ହେବ ରେକର୍ଡ**

**▶▶ କୁହୁଡ଼ି ପାଇଁ ଗଣନାରେ ହେଲା ବିଳମ୍ବ**

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/20 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ | ସର୍ବାଧିକ ବୟସ (31.12.2025 ଅନୁସାରେ) |
|---|---|---|
| ଏ. ଭି. ପି. (ମାନବ ସମ୍ବଳ ଯୋଜନା ଏବଂ ନିଯୁକ୍ତି) | 1 | 42 ବର୍ଷ |
| ଏ. ଭି. ପି. (ଶିକ୍ଷଣ ଏବଂ ବିକାଶ) | 1 | 42 ବର୍ଷ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query)ରେ ଉପଲବ୍ଧ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 12.01.2026 ରୁ 02.02.2026 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 12.01.2026
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

ସକାଳ
THE SAKALA

# ସମ୍ପାଦକୀୟ



ମୋ ମତରେ ସର୍ବସାଧାରଣ ହିତର ସୁରକ୍ଷା ପାଇଁ ସାମାଜିକ ଗଣମାଧ୍ୟମ ଉପରେ ନିୟନ୍ତ୍ରଣ ଜରୁରୀ ହୋଇପଡ଼ିଛି ।
-ଏଲୋନ ମସ୍କ

## 'ବିୟୁକ୍ତ ୪୦'ର ବିତର୍କ

ଡାକ୍ତରୀ ପାଠ୍ୟକ୍ରମରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପାଇଁ ଡାକ୍ତରୀ ସ୍ନାତକ(ଏମ୍‌ବିବିଏସ୍) ଛାତ୍ରଛାତ୍ରୀଙ୍କୁ ବୋଧହୁଏ ଆଉ ବେଶି କସରତ କରିବାକୁ ପଡ଼ିବନି । ଆମ ଦେଶରେ ଡାକ୍ତରୀ ପାଠ୍ୟକ୍ରମ ଶିକ୍ଷା ଓ ତାଲିମ୍ ବ୍ୟବସ୍ଥା ଏଭଳି ହୋଇଛି ଯେ ଜଣେ ପରୀକ୍ଷାର୍ଥୀ ଏଥିପାଇଁ ଉଦ୍ଦିଷ୍ଟ ପ୍ରବେଶିକା ପରୀକ୍ଷା(ନିଟ୍-ପିଜି)ରେ ବିୟୁକ୍ତ ୪୦ ନମ୍ବର ରଖିଲେ ମଧ୍ୟ ନାମ ଲେଖାଇବାକୁ ବା ପଢ଼ିବାକୁ ଯୋଗ୍ୟ ବିବେଚିତ ହୋଇପାରୁଛି । ନିକଟରେ ଏଭଳି ଏକ ଉଦାହରଣ ସୃଷ୍ଟି ହେବା ପରେ ଜାତୀୟସ୍ତରରେ ବିତର୍କ ଓ ବିବାଦର ଝଡ଼ ସୃଷ୍ଟି ହୋଇଛି ଏବଂ ଭାରତର ଡାକ୍ତରୀ ଶିକ୍ଷା ଓ ଡିଗ୍ରୀଧାରୀ ଡାକ୍ତରମାନଙ୍କର ଗୁଣାତ୍ମକ ଦକ୍ଷତାକୁ ନେଇ ପ୍ରଶ୍ନ ଉଠିଛି । ଏପରିକି ଏ ସମ୍ପର୍କିତ ଖବର ପ୍ରକାଶ ପାଇବା ପରେ ବିଦେଶରେ ମଧ୍ୟ ଭାରତୀୟ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଅବମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହେବାର ଆଶଙ୍କା ସୃଷ୍ଟି ହୋଇଛି ।

ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବା ବା ଡାକ୍ତରୀ ଡିଗ୍ରୀ ହାସଲ କରିବା ପାଇଁ ଛାତ୍ରଛାତ୍ରୀଙ୍କ ଯୋଗ୍ୟତା ନିର୍ଦ୍ଧାରଣ କରିବାକୁ ଆମ ଦେଶରେ ନିର୍ଦ୍ଦିଷ୍ଟ ପ୍ରବେଶିକା ପରୀକ୍ଷା(ଏମ୍‌ବିବିଏସ୍ ପାଇଁ ନିଟ୍ ୟୁଜି ଏବଂ ସ୍ପେଶାଲିଷ୍ଟ ପାଇଁ ନିଟ୍ ପିଜି) ପ୍ରଚଳିତ ଅଛି । ଏହି ପ୍ରବେଶିକା ପରୀକ୍ଷାର ଫଳାଫଳ(ସ୍କୋର) ଆଧାରରେ ମାନ୍ୟତାପ୍ରାପ୍ତ ମେଡକାଲ୍ କଲେଜ୍‌ରେ ନାମ ଲେଖାଇବାର ସୁଯୋଗ ମିଳୁଛି । ପ୍ରତି ଠିକ୍ ଉତ୍ତର ପାଇଁ ୪ ନମ୍ବର ମିଳୁଥିବା ବେଳେ ପ୍ରତି ଭୁଲ୍ ଉତ୍ତର ପାଇଁ ୧ ନମ୍ବର ବିୟୁକ୍ତ ହୋଇଯାଏ ଏବଂ ଆଦୌ ଉତ୍ତର ନ ଲେଖିଲେ ଶୂନ(୦) ମିଳେ । ମୋଟ ଠିକ୍ ଉତ୍ତର ଗୁଣନ ୪ର ଫଳାଫଳରୁ ମୋଟ ଭୁଲ୍ ଉତ୍ତର ଗୁଣନ ୧ ଫଳାଫଳକୁ ବିୟୁକ୍ତ କଲେ ଯେଉଁ ସର୍ବଶେଷ ନମ୍ବର ରହେ ତାହା ଯୋଗ୍ୟତା ମାନଦଣ୍ଡ ବା ମେଧା ନିର୍ଦ୍ଧାରଣ କରେ । ସାମାନ୍ୟ ବା ଅତି ନଗଣ୍ୟ ପଏଣ୍ଟ ବ୍ୟବଧାନରେ ଭାଗ୍ୟ ନିର୍ଦ୍ଧାରଣ ହେଉଥିବାରୁ ଛାତ୍ରଛାତ୍ରୀମାନେ ଗଳଦର୍ଘମ ଉଦ୍ୟମ କରିଆସୁଛନ୍ତି ଏବଂ ମେଡିକାଲ୍ ଛାତ୍ରଛାତ୍ରୀ ଉତ୍ପାଦନକାରୀ ମେସିନ୍ ରୂପେ ପରିଚିତ ରାଜସ୍ଥାନର କୋଟାରେ ଛାତ୍ରଛାତ୍ରୀମାନେ ଆକାଂକ୍ଷା, ପ୍ରତିଯୋଗିତା ଓ ମାତ୍ରାଧିକ ଚାପରେ ଆତ୍ମହତ୍ୟା କରୁଥିବା ଭଳି ଉଦାହରଣ ବଢ଼ିବାରେ ଲାଗିଛି । କିନ୍ତୁ ସଦ୍ୟତମ ନିଟ୍ ପିଜିରେ ସୃଷ୍ଟି ହୋଇଥିବା ଏହି ବ୍ୟତିକ୍ରମ ଯେତିକି ଆଶ୍ଚର୍ଯ୍ୟଜନକ ତତୋଧିକ ଉଦ୍‌ବେଗଜନକ । ଏହି ପରୀକ୍ଷାରେ ଠିକ୍ ଉତ୍ତର ଓ ଆଦୌ ଉତ୍ତର ଦେଇନଥିବା ପ୍ରଶ୍ନ ତୁଳନାରେ ଅଧିକ ଭୁଲ୍ ଉତ୍ତର ଦେଇଥିବା ବା ବିୟୁକ୍ତାତ୍ମକ ୪୦(-୪୦) ନମ୍ବର ରଖିଥିବା ଜଣେ ପରୀକ୍ଷାର୍ଥୀଙ୍କୁ ପିଜି(ସ୍ପେଶାଲିଷ୍ଟ) ପାଠ୍ୟକ୍ରମରେ ନାମ ଲେଖାଇବାର ସୁଯୋଗ ମିଳିଛି । ଏହି ଧାରା ପୂର୍ବବର୍ଷମାନଙ୍କରୁ ଜାରି ରହିଥିବା ବେଳେ ଚଳିତ ବର୍ଷ ବିୟୁକ୍ତ ୪୦ ପର୍ଯ୍ୟନ୍ତ ହ୍ରାସ ପାଇଛି ।

ଏଭଳି ପରିସ୍ଥିତି ସୃଷ୍ଟି ହେବା ପଛରେ ଯେଉଁକେତେକ କାରଣ ରହିଛି ତାହା ଆମ ଶିକ୍ଷାବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ଏବଂ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ର ପ୍ରତି ଗୁରୁତର ଆହ୍ୱାନ ସୃଷ୍ଟି କରିଛି । ଚଳିତ ବର୍ଷ ଦେଶର ବିଭିନ୍ନ ମେଡିକାଲ୍ କଲେଜ୍‌ରେ ପ୍ରାୟ ୧୦ ହଜାର ଅଧିକ ପିଜି ସିଟ୍ ସଂଖ୍ୟା ଯୋଡ଼ା ଯାଇଛି; ଅଥଚ ସେଥିରେ ନାମ ଲେଖାଇବା ପାଇଁ ପରୀକ୍ଷାର୍ଥୀମାନେ ଆଶାନୁରୂପ ନମ୍ବର ରଖି ପାରିନାହାନ୍ତି । ତେଣୁ ସମସ୍ତ ପିଜି ସିଟ୍ ସଂଖ୍ୟା ପୂରଣ କରିବା ଉଦ୍ଦେଶ୍ୟରେ ଶତପ୍ରତିଶତ ନମ୍ବର ରଖିଥିବା ପ୍ରାର୍ଥୀଙ୍କ ସହିତ ଶୂନ୍ ଏବଂ ତା' ତଳକୁ ୪୦ ପର୍ଯ୍ୟନ୍ତ ବିୟୁକ୍ତାତ୍ମକ ନମ୍ବର ରଖିଥିବା ପ୍ରାର୍ଥୀଙ୍କୁ ସୁଯୋଗ ଦେବାକୁ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି । ଅର୍ଥାତ୍ ଡାକ୍ତରୀ ପିଜିରେ ନାମ ଲେଖା ପାଇଁ ଚଳିତ ବର୍ଷ କଟ୍‌ଅଫ୍ ମାର୍କ ବିୟୁକ୍ତ ୪୦କୁ ଖସି ଆସିଛି । ବିଶେଷଜ୍ଞ ହେବାକୁ ଯାଉଥିବା ଆମ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଯୋଗ୍ୟତା କେତେ ତାହା ଏଥିରୁ ବୁଝାପଡୁଛି । କିନ୍ତୁ ଏହି ଘଟଣାରେ ବା ବ୍ୟବସ୍ଥାରେ ସେମାନଙ୍କୁ ଦୋଷ ଦେଇ ହେବ ନାହିଁ । ସରକାରୀ ସ୍ତରରେ ଯେଉଁ ଅପରିଣାମଦର୍ଶୀ ନୀତି ନିର୍ଦ୍ଧାରଣ ହୋଇଛି ଏବଂ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି ବା ନିଆଯାଉଛି ତାହାରି ପ୍ରତିଫଳନ କେବଳ ଦୃଶ୍ୟମାନ ହୋଇଛି ।

ଏବେ ଯେତିକି ସଂଖ୍ୟାରେ ମେଡିକାଲ୍ କଲେଜ୍‌ମାନ ଖୋଲୁଛି, ସେହି ଅନୁପାତରେ ଭିତ୍ତିଭୂମି, ଆବଶ୍ୟକ ପାରାମେଡିକାଲ୍ ସୁବିଧା ଏବଂ ସର୍ବୋପରି ଶିକ୍ଷକଙ୍କ ଘୋର ଅଭାବ ରହୁଛି । ତେଣୁ ଡାକ୍ତରୀ ଶିକ୍ଷା ଓ ତାଲିମ୍ ଭଳି ଏକ କ୍ଷେତ୍ର, ଯାହା ଅଧିକରୁ ଅଧିକ ପ୍ରୟୋଗାତ୍ମକ(ପ୍ରାକ୍ଟିକାଲ୍) ହେବା କଥା, ସେଠାରେ ଆମ ଡାକ୍ତରୀ ଛାତ୍ରଛାତ୍ରୀମାନେ କେବଳ ବହି ପଢ଼ି(ଥିଓରି) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଡିଗ୍ରୀ ହାସଲ କରୁଛନ୍ତି । ସଂଖ୍ୟାତ୍ମକ ଦୃଷ୍ଟିରୁ ସରକାରଙ୍କ ଶ୍ରେୟ ନେବାର ଏହି ପ୍ରୟାସରେ ବର୍ଷକୁ ବର୍ଷ ଡିଗ୍ରୀଧାରୀ ଡାକ୍ତର ସଂଖ୍ୟା ତ ବଢୁଛି; କିନ୍ତୁ ଗୁଣାତ୍ମକତା ଦିନିକୁ ଦିନ ହ୍ରାସ ପାଇବାରେ ଲାଗିଛି । ତେଣୁ ନିଟ୍ ପିଜିରେ ଯଦି ବିୟୁକ୍ତ ୪୦ ନମ୍ବର ରଖିଥିବା ଜଣେ ଛାତ୍ର ନାମ ଲେଖାଇବାର ସୁଯୋଗ ପାଇଲା ସେଥିରେ ଅଧିକ ଆଶ୍ଚର୍ଯ୍ୟ ହେବାର ନାହିଁ ।

ଯଦି ଏହି ଧାରା ଜାରି ରହେ ତେବେ ଆଗାମୀ ଦିନରେ ଛାତ୍ରଛାତ୍ରୀମାନେ ନିଟ୍ ପିଜିରେ କେବଳ ଶତପ୍ରତିଶତ ନିଶ୍ଚିତ ଥିବା ଦୁଇ/ଚାରିଗୋଟି ଉତ୍ତର ଲେଖିଦେଇ କିମ୍ବା ଆଦୌ ଉତ୍ତର ନ ଲେଖି ଖାତା ଦେଇ ଚାଲିଆସିବାର ସମ୍ଭାବନା ଯେ ସୃଷ୍ଟି ନ ହେବ ତାହା କିଏ କହିବ? କାରଣ ଯେଉଁଠି କଟ୍‌ଅଫ୍ ମାର୍କ ବିୟୁକ୍ତ ୪୦ ପର୍ଯ୍ୟନ୍ତ ଯାଉଛି ସେଠାରେ ୧୨/୧୬ ନମ୍ବର କିମ୍ବା ଶୂନ୍ ରଖିଲେ ମଧ୍ୟ ନାମ ଲେଖା ପାଇଁ ସୁଯୋଗ ମିଳିପାରିବ । ହୁଏତ କର୍ତ୍ତୃପକ୍ଷ 'ବିୟୁକ୍ତ ୪୦ ବିତର୍କ' ଓ ସମାଲୋଚନାରୁ ବର୍ତ୍ତିବା ପାଇଁ ଆଗାମୀ ବର୍ଷଠାରୁ ଅତି ସହଜ ପ୍ରଶ୍ନପତ୍ର ପ୍ରସ୍ତୁତ କରିବେ ଏବଂ କଟ୍‌ଅଫ୍ ମାର୍କ ବିୟୁକ୍ତାତ୍ମକ ନ ହୋଇପାରେ; କିନ୍ତୁ ଏହାଦ୍ୱାରା ବିନା ପ୍ରାକ୍ଟିକାଲ୍ କିମ୍ବା ବିନା ଶିକ୍ଷକରେ ଉତ୍ତୀର୍ଣ୍ଣ ହୋଇଥିବା ଆମ ଏମ୍‌ବିବିଏସ୍ ଡିଗ୍ରୀଧାରୀମାନଙ୍କର ମେଧାଶକ୍ତି ଯେ ବୃଦ୍ଧି ପାଇବ ତାହା ଭାବିବା ଭୁଲ୍ । ପୁଣି ଏହି ପରମ୍ପରା ଯଦି ଏମ୍‌ବିବିଏସ୍ ପାଠ୍ୟକ୍ରମ ବା ନିଟ୍‌ୟୁଜିକୁ ସଂକ୍ରମିତ ହୁଏ ଆଗାମୀ ଦିନରେ ଆମ ସ୍ୱାସ୍ଥ୍ୟସେବାକୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା 'ଭବିଷ୍ୟତର ଡାକ୍ତର'ମାନଙ୍କର ରୋଗ ନିଦାନ ଦକ୍ଷତା, ଚିକିତ୍ସାଗତ ପାରଦର୍ଶିତା ଓ ସ୍ୱାସ୍ଥ୍ୟ ବିଜ୍ଞାନ ସମ୍ପର୍କିତ ଜ୍ଞାନ ଓ ଅଭିଜ୍ଞତା କ'ଣ ହେବ ତାହା ଅନୁମେୟ । ଏକପକ୍ଷରେ ସରକାର ଅଧିକ ଡାକ୍ତର ସୃଷ୍ଟି କରିବାର ଶ୍ରେୟ ସାଉଁଟି ଚାଲିଥିବେ; ଅପରପକ୍ଷରେ ରୋଗୀମାନେ କେବଳ ଭାଗ୍ୟ ଓ ଭଗବାନଙ୍କୁ ଭରସା କରି ଡାକ୍ତରଖାନାକୁ ଯାଉଥିବେ କିମ୍ବା ସେଠାରୁ ଫେରୁଥିବେ ।

## ଓଡ଼ିଶାରେ ନଦୀଜଳ ପ୍ରଦୂଷଣ ଓ ନିରାକରଣ

ବିଦ୍ୟାଧର ମହାରଣା

ପ୍ରାଚୀନ ସଭ୍ୟତା ଗଢ଼ି ଉଠିଥିଲା ନଦୀ କୂଳରେ । ନଦୀ ତଟବର୍ତ୍ତୀ ଉର୍ବର ମାଟିରେ କୃଷି, ପାନୀୟ, ଗୃହକାର୍ଯ୍ୟ ଆଦି ପାଇଁ ଜଳଯୋଗାଣ ସହିତ ବେପାର ବଣିଜ ପାଇଁ ନଦୀ ପଥରେ ପରିବହନ ସୁବିଧା ଯୋଗୁଁ ଜନବସତି ଗଢ଼ି ଉଠିଥିଲା ନଦୀ କୂଳରେ । ନଦୀଜଳ ସବୁଠାରୁ ସ୍ୱଚ୍ଛ । କାରଣ ଏହା ପାର୍ବତ୍ୟ ଅଞ୍ଚଳରୁ ବାଲୁକା ଶଯ୍ୟାରେ ବହିଯାଇ ସମୁଦ୍ରରେ ମିଶିଯାଏ । ତେଣୁ ନଦୀକୂଳିଆ ସହରଗୁଡ଼ିକ ଅଧିକ ସ୍ୱାସ୍ଥ୍ୟକର ବୋଲି ମନେ କରାଯାଉଥିଲା । ଏପରିକି ପାନୀୟଜଳ ପାଇଁ ନଦୀର ଚୂଆ ଉପରେ ସ୍ଥାନୀୟ ଲୋକେ ନିର୍ଭର କରୁଥିଲେ । ଏବେ କିନ୍ତୁ ନଦୀଜଳ ପ୍ରଦୂଷିତ ହୋଇ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କଲାଣି ।

ସମଗ୍ର ଦେଶରେ ୩୫୧ ଗୋଟି ନଦୀର ଜଳ ପ୍ରଦୂଷିତ ଥିଲା ବେଳେ ଓଡ଼ିଶାରେ ଏପରି ନଦୀ ସଂଖ୍ୟା ୧୯ ରେ ପହଞ୍ଚିଛି । ଓଡ଼ିଶାରେ ମୁଖ୍ୟତଃ ୧୧ ଗୋଟି ନଦୀ ଅବବାହିକା ରହିଛି, ଯେଉଁଗୁଡ଼ିକର ବହୁ ଶାଖାନଦୀ ଓ ଉପନଦୀ ରହିଛି । ମୁଖ୍ୟ ନଦୀ ଅବବାହିକାଗୁଡ଼ିକ ହେଲା ମହାନଦୀ, ବ୍ରାହ୍ମଣୀ, ସୁବର୍ଣ୍ଣରେଖା, ବୈତରଣୀ, ଋଷିକୂଲ୍ୟା, ବୁଢ଼ାବଳଙ୍ଗ, ବଂଶଧାରା, ନାଗାବଳି, ଇନ୍ଦ୍ରାବତୀ, କୋଲାବ ଓ ବାହୁଡ଼ା । ରାଜ୍ୟର ସବୁଠାରୁ ବଡ଼ନଦୀର ମାନ୍ୟତା ପାଇଥିବା ମହାନଦୀର ଜଳଗ୍ରହ ଅଞ୍ଚଳ ୬୫୬୨୮ ବର୍ଗ କିଲୋମିଟର । ଦ୍ୱିତୀୟ ବୃହତ୍ତମ ନଦୀ ବ୍ରାହ୍ମଣୀର ଜଳଗ୍ରହ ଅଞ୍ଚଳ ୩୯୧୧୬ ବର୍ଗ କିଲୋମିଟର । ଏହି ଦୁଇନଦୀ ରାଜ୍ୟର ଅସଂଖ୍ୟ ଲୋକଙ୍କୁ ପାନୀୟ ଓ ଘରୋଇ ଆବଶ୍ୟକ ପୂରଣ କରିବା ସହିତ କୃଷି ପାଇଁ ଜଳଯୋଗାଣ କରନ୍ତି । କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତଥ୍ୟ ଅନୁସାରେ ଓଡ଼ିଶାର ଗଙ୍ଗୁଆ, ଗୁରାଡିହ ନାଳ, କାଠଯୋଡ଼ି, ନନ୍ଦିରା ଯୋର, ଦୟା, କୁଆଖାଇ, ବାଙ୍ଗୁର ନାଳ, ଭେଡେନ, ବ୍ରାହ୍ମଣୀ, ବୁଢ଼ାବଳଙ୍ଗ, କୁସୁମୀ, ମହାନଦୀ, ମଙ୍ଗଳା, ନାଗାବଳୀ, ଲୁଣା, ରତ୍ନଚିରା, ଋଷିକୂଲ୍ୟା, ସାବୁଳିଆ ଓ ସାରୁଆ ନଦୀ ଅଧିକ ମାତ୍ରାରେ ପ୍ରଦୂଷିତ ।

ନଦୀ ଜଳରେ ଅଧିକ ପରିମାଣର ଜୈବିକ ଅମ୍ଳଜାନ ଚାହିଦା ବା ବିଓଡି ସ୍ତର, ରାସାୟନିକ ଅମ୍ଳଜାନ ଚାହିଦା ସ୍ତର ଓ ମୋଟ କୋଲିଫର୍ମ ବ୍ୟାକ୍ଟେରିଆ ପରିମାଣକୁ ନେଇ ନଦୀ ଜଳ ପ୍ରଦୂଷଣ ହିସାବ କରାଯାଏ । ଏହାଛଡ଼ା ଆର୍ସେନିକ, ପାରଦ, ଦସ୍ତା ଇତ୍ୟାଦି ଭାରି ଧାତୁ ପରିମାଣ ମଧ୍ୟ ହିସାବ କରାଯାଏ । କାରଣ ଏଗୁଡ଼ିକ ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ । ନଦୀଜଳରେ ବିଓଡି ସ୍ତର ଆକଳନ କରିବା ପାଇଁ ପ୍ରଥମେ ନଦୀରୁ ନମୁନା ଜଳ ସଂଗ୍ରହ କରି ଏଥିରେ କେତେ ଦ୍ରବୀଭୂତ ଅମ୍ଳଜାନ ଅଛି ପରୀକ୍ଷା କରାଯାଏ । ଏହି ନମୁନା ଜଳକୁ ଏହାପରେ ୫ ଦିନ ପାଇଁ ଇନକୁବେଟରରେ ୨୦ ଡିଗ୍ରୀ ସେଲସିୟସ ଉତ୍ତାପରେ ରଖିବା ପରେ ପୁଣି ଦ୍ରବୀଭୂତ ଅମ୍ଳଜାନ ପରିମାଣ ମପାଯାଏ । ଏହି ଦୁଇ ସଂଖ୍ୟାର ଆଧାରରେ ବିଓଡି ହିସାବ କରାଯାଏ । ବିଓଡିକୁ ନିୟୁତାଂଶ ଆକାରରେ ବା ଲିଟର ପ୍ରତି ମିଲିଗ୍ରାମ ହିସାବରେ ପ୍ରକାଶ କରାଯାଏ । ନିରାପଦ ପାନୀୟ ଜଳ ପାଇଁ ବିଓଡି ମାତ୍ରା ୧-୨ ରହିବା କଥା । ସାଧାରଣତଃ ଏହା ୫ ରୁ ଅଧିକ ହେଲେ ଜଳ ପ୍ରଦୂଷିତ ବୋଲି ବିବେଚନା କରାଯାଏ । ଭୁବନେଶ୍ୱର ଓ କଟକ ଠାରେ ମହାନଦୀ ଜଳରେ ଏବଂ ରାଉରକେଲା ଠାରେ ବ୍ରାହ୍ମଣୀ ନଦୀରେ ଜୈବିକ ଅମ୍ଳଜାନ ଚାହିଦା ସ୍ତର ୧.୮ ରୁ ୩୯ ମିଲିଗ୍ରାମ ହେଉଥିବା ଓଡ଼ିଶା ରାଜ୍ୟ ପ୍ରଦୂଷଣ ବୋର୍ଡ ରିପୋର୍ଟ ଅନୁସାରେ ଜଣାପଡ଼ିଥିଲା । ସେହିପରି ଚାନ୍ଦବାଲି ଓ ଧାମରାଠାରେ ବୈତରଣୀ ନଦୀରେ, ସୁବର୍ଣ୍ଣରେଖା ଓ ଇନ୍ଦ୍ରାବତୀ ନଦୀରେ ମଧ୍ୟ ଏକାପ୍ରକାରର ସମସ୍ୟା ଦେଖାଯାଇଛି ।

ନଦୀଜଳ ପ୍ରଦୂଷିତ ହେବାର ମୁଖ୍ୟକାରଣ ହେଲା ଶିଳ୍ପ ନିର୍ଗତ ମଇଳା ହିସାବରେ ଇସ୍ପାତ, କାଗଜ, ସାର, ଫାର୍ମାସିଉଟିକାଲ ଓ ଖଣିଜ ଶିଳ୍ପରୁ ନିର୍ଗତ ହୋଇଥିବା ମଇଳାଜଳ ଓ ଭାରିଧାତୁ, ସହରାଞ୍ଚଳର ଅଶୋଧିତ ନାଳ ନର୍ଦ୍ଦମାର ଜଳ, ଜଙ୍ଗଲ କଟା, କୃଷି କ୍ଷେତ୍ରରୁ ବୋହି ଯାଉଥିବା ରାସାୟନିକ ସାର ଓ କୀଟନାଶକ ଅବଶେଷ, ନଦୀ କୂଳରେ ଅବାଧରେ ମଳତ୍ୟାଗ, ପର୍ବପର୍ବାଣୀରେ ମୂର୍ତ୍ତି ବିସର୍ଜନ ଏବଂ ବ୍ୟାକ୍ଟେରିଆଲ୍ ଦୂଷିତକରଣ ଇତ୍ୟାଦି । ଏହାଛଡ଼ା ନଦୀନାଳରେ ଯାବତୀୟ ଆବର୍ଜନା ବର୍ଷ ସାରା ପକାଯାଏ । ଏହି ବିଷାକ୍ତଜଳ ପ୍ରତ୍ୟକ୍ଷ ବା ପରୋକ୍ଷରେ ଚିଲିକା ଓ ବଙ୍ଗୋପସାଗରରେ ମିଶି ପ୍ରଦୂଷଣ ବଢ଼ାଉଛି । ଭୁବନେଶ୍ୱର, କଟକ ଓ ରାଉରକେଲା ଭଳି ସହରରୁ କ୍ରମାଗତ ଭାବରେ ଉପଚାର ବିନା ଘରୋଇ ଆବର୍ଜନା ଓ ମଇଳା ନଦୀକୁ ଛାଡ଼ି ଦିଆଯିବା ଫଳରେ ଭାରିଧାତୁ ଓ ରୋଗ ବୀଜାଣୁ ନଦୀଜଳ ସହିତ ମିଶେ । ବ୍ରାହ୍ମଣୀ, ମହାନଦୀ ଓ ଋଷିକୂଲ୍ୟା ନଦୀତଟରେ ଥିବା ଇସ୍ପାତ, କାଗଜ, ସାର ଓ ଖଣିଜ କାରଖାନାଗୁଡ଼ିକରୁ ବିଷାକ୍ତ ରାସାୟନିକ ପଦାର୍ଥ, ଭାରିଧାତୁ ହିସାବରେ ଦସ୍ତା, ପାରଦ, ଟିଣ ଓ କ୍ରୋମିୟମ, ବିଭିନ୍ନ ଅମ୍ଳ ଓ କ୍ଲୋରାଇଡ୍ ନିର୍ଗତ ହୋଇ ନଦୀଜଳରେ ମିଶିବା ଫଳରେ ଏହା ବିପଦର କାରଣ ହୋଇଥାଏ ।

ନଦୀ ଜଳ ସହିତ ଭୂଗର୍ଭ ଜଳ ମଧ୍ୟ ପ୍ରଦୂଷିତ ହୋଇଥାଏ । ୨୦୧୧ ଜନଗଣନା ଅନୁସାରେ ଦେଶରେ ପ୍ରାୟ ୫୦ ନିୟୁତ ସହର ବାସିନ୍ଦା ବାହାରେ ମଳ ତ୍ୟାଗ କରନ୍ତି । ସହରଗୁଡ଼ିକର ମଇଳା ଓ ଆବର୍ଜନା ବିନା ଉପଚାରରେ ନଦୀ ନାଳକୁ ଛାଡ଼ିବା ଫଳରେ ପ୍ରଦୂଷଣ ମାତ୍ରା ବୃଦ୍ଧି ପାଏ । କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତଥ୍ୟ ଅନୁଯାୟୀ ସହରାଞ୍ଚଳରେ ମାତ୍ର ୩୦ ପ୍ରତିଶତ ମଳମୂତ୍ର ଉପଚାର କରିବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଉଛି । ପରିଣାମ ସ୍ୱରୂପ ସହରାଞ୍ଚଳ ଓ ଶିଳ୍ପ କାରଖାନା ଯୋଗୁଁ ନଦୀଜଳ ଅଧିକ ମାତ୍ରାରେ ପ୍ରଦୂଷିତ ହେଉଛି । ଗ୍ରାମାଞ୍ଚଳରେ ମଧ୍ୟ ଗୋରୁଗାଈ ନଦୀକୁ ଗାଧୋଇବାକୁ ଯିବା ଦ୍ୱାରା ନଦୀଜଳ ପ୍ରଦୂଷିତ ହୋଇଥାଏ । ପ୍ରଦୂଷିତ ଜଳ ବ୍ୟବହାର ଦ୍ୱାରା ଜଳବାହିତ ରୋଗ ହିସାବରେ କାମଳ, ହଇଜା, ଆମାଶୟ ଇତ୍ୟାଦି ବ୍ୟାପିଥାଏ । ଏହାଛଡ଼ା ଭାରିଧାତୁଗୁଡ଼ିକ ଖାଦ୍ୟ ଶୃଙ୍ଖଳା ମଧ୍ୟରେ ଦୀର୍ଘଦିନ ଧରି ରହିଥାଏ । ନଦୀ ଜଳରେ ଜୈବିକ ଅମ୍ଳଜାନ ଚାହିଦା ବୃଦ୍ଧି ପାଇବା ଯୋଗୁଁ ଅମ୍ଳଜାନ ପରିମାଣ ହ୍ରାସ ପାଏ । ଏହାଦ୍ୱାରା ଅସଂଖ୍ୟ ଜଳଚର ପ୍ରାଣୀ ମୃତ୍ୟୁମୁଖରେ ପଡ଼ନ୍ତି । ନଦୀ ପାର୍ଶ୍ୱବର୍ତ୍ତୀ ଗ୍ରାମରେ ଚର୍ମ ଓ ହଇଜା ଆଦି ରୋଗ ଅଧିକ ଦେଖାଯାଏ ।

ଆମ ରାଜ୍ୟ ଓ ଦେଶରେ ନଦୀଜଳ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ମୁଖ୍ୟତଃ ଚାରିଟି ରଣକୌଶଳ ପରିଚାଳନା କରାଯାଇପାରେ । ପ୍ରଥମରେ ସହରାଞ୍ଚଳରେ ଜଳ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଗୁରୁତ୍ୱ ଦେବାକୁ ହେବ । ନାଳ ନର୍ଦ୍ଦମା ଜଳ ଓ ମଳମୂତ୍ର ଥିବା ସ୍ୱେରେଜ ଜଳକୁ ଶୁଦ୍ଧିକରଣ ପାଇଁ ଟ୍ରିଟମେଣ୍ଟ ପ୍ଲାଣ୍ଟ ବାଧ୍ୟତାମୂଳକ ହେବା ଆବଶ୍ୟକ । ଏପରି ଅପଶିଷ୍ଟ ବା ୱେଷ୍ଟୱାଟର ଉପଚାର ହେବା ପରେ ଏହାକୁ ବାଡ଼ି ବଗିଚା, ରାସ୍ତା ଓ ଗୃହ ନିର୍ମାଣ କାର୍ଯ୍ୟରେ ବିନିଯୋଗ କରାଯାଇପାରିବ । ଦ୍ୱିତୀୟରେ ଶିଳ୍ପ କେନ୍ଦ୍ର ଓ କଳ କାରଖାନା ପାଇଁ ସ୍ୱତନ୍ତ୍ର ଯୋଜନା ଆବଶ୍ୟକ । ଏହି ଅନୁଷ୍ଠାନଗୁଡ଼ିକ ସୀମିତ ଜଳ ବିନିଯୋଗ ପାଇଁ ନୂତନ ପ୍ରଯୁକ୍ତିବିଦ୍ୟା ଅନୁସରଣ କରିବେ ଏବଂ ବର୍ଜ୍ୟଜଳ ଶୁଦ୍ଧିକରଣ ହେବା ପରେ ପୁନଃବିନିଯୋଗ କରିବେ । ଶିଳ୍ପ ସଂସ୍ଥାଗୁଡ଼ିକ ପାଇଁ ଜଳ ସମୀକ୍ଷା ବ୍ୟବସ୍ଥା ବାଧ୍ୟତାମୂଳକ ହେବା ଆବଶ୍ୟକ । ଯେଉଁମାନେ କାରଖାନାରୁ ବାହାରୁଥିବା ବର୍ଜ୍ୟଜଳ ନଦୀକୁ ତ୍ୟାଗ କରିବେ ସେମାନଙ୍କୁ ଦଣ୍ଡିତ କରିବାକୁ ହେବ ଏବଂ ଯେଉଁମାନେ ଜଳ ସଂରକ୍ଷଣ କରିବେ ସେମାନଙ୍କ ପାଇଁ ପ୍ରୋତ୍ସାହନ ବ୍ୟବସ୍ଥା ଗ୍ରହଣ କରିବା ଆବଶ୍ୟକ । ଆମ ଦେଶରେ ୧୯୭୭ ଠାରୁ ପ୍ରଚଳିତ ପ୍ରଦୂଷଣ ନିୟନ୍ତ୍ରଣ ଓ ପ୍ରତିଷେଧକ ସେସ ଆଇନ୍‌କୁ ସଂଶୋଧନ କରି ଏହାକୁ ଅଧିକ କଠୋର କରିବା ଜରୁରୀ । ତୃତୀୟରେ ଗ୍ରାମାଞ୍ଚଳରେ କୃଷି କାର୍ଯ୍ୟକୁ ଏପରି ଭାବରେ ନିୟନ୍ତ୍ରଣ କରିବାକୁ ହେବ, ଯେପରି ଚାଷଜମିରୁ ରାସାୟନିକ ସାର ଓ କୀଟନାଶକ ଅବଶେଷ ନଦୀଜଳ ସହିତ ମିଶିବ ନାହିଁ । ଏବାବଦରେ ଚାଷୀଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦିଆଯିବା ଆବଶ୍ୟକ । ଚତୁର୍ଥରେ ନଦୀବନ୍ଧଗୁଡ଼ିକର ସୁରକ୍ଷା ପାଇଁ ଦୁଇ କୂଳରେ ବୃକ୍ଷରୋପଣ ସହିତ ନଦୀବନ୍ଧ ଦୃଢ଼ୀଭୂତ ଯୋଜନା କାର୍ଯ୍ୟକାରୀ ହେବା ଉଚିତ । ନଦୀ ପଠା ଓ ବନ୍ଧ ଉପରେ ଯେପରି ଲୋକମାନେ ମଳତ୍ୟାଗ ନ କରିବେ ସେଥିପ୍ରତି ଜନ ସଚେତନତା ସୃଷ୍ଟିହେବା ମଧ୍ୟ ଜରୁରୀ ।

ସାରାଂଶରେ ଏତିକି କୁହାଯାଇ ପାରିବ କି ଆମ ରାଜ୍ୟରେ ସବୁ ନଦୀ ଓ ନାଳଗୁଡ଼ିକରେ ସଠିକ ପ୍ରଦୂଷଣ ମାତ୍ରା ନିର୍ଣ୍ଣୟ କରିବା ଏକ ଦୁରୁହବ୍ୟାପାର । ଏହା କିନ୍ତୁ ନିଃସନ୍ଦେହରେ କୁହାଯାଇପାରେ କି ରାଜ୍ୟର ନଦୀଗୁଡ଼ିକ ଅଧିକ ମାତ୍ରାରେ ପ୍ରଦୂଷିତ ହେଉଥିବାରୁ ଏଥିପାଇଁ ସମନ୍ୱିତ ଓ ସମ୍ମିଳିତ ଉଦ୍ୟମ ଆବଶ୍ୟକ । ରାଜ୍ୟ ସରକାର ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କ୍ରମାଗତ ଭାବରେ ନଦୀଗୁଡ଼ିକର ପର୍ଯ୍ୟବେକ୍ଷଣ କରିବା ସହିତ କଠିନ ଦଣ୍ଡବ୍ୟବସ୍ଥା ଓ ଗୋଷ୍ଠୀ ସହଭାଗିତା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

## ଗାନ୍ଧୀ-ଦର୍ଶନରେ ଜୀବନ-ମନ୍ତ୍ର

ମାନସ କୁମାର କର

ଆଜିର ବସ୍ତୁବାଦୀ ଦୁନିଆରେ ମଣିଷ ପାଖରେ ସବୁକିଛି ଅଛି, କେବଳ ଶାନ୍ତିକୁ ଛାଡ଼ି । ସକାଳୁ ଉଠିବା ମାତ୍ରେ ସାମାଜିକ ଗଣମାଧ୍ୟମ ପରଦାରେ ଆଖି ପକାଇଲେ ପ୍ରଥମେ ଦୃଶ୍ୟମାନ ହୁଏ ପରସ୍ପର ପ୍ରତି କଟୁକ୍ତି, ବିଦ୍ୱେଷ ଓ ଘୃଣା ଭରା ସନ୍ଦେଶ । କେଉଁଠି ଧର୍ମ ନାମରେ ତ କେଉଁଠି ଜାତି ବା ରାଜନୀତି ନାମରେ ମଣିଷ ପରସ୍ପରର ରକ୍ତର ଶୋଷକ ସାଜିଛି । ଏହି ପରିପ୍ରେକ୍ଷୀରେ ମହାତ୍ମା ଗାନ୍ଧୀଙ୍କ ସେହି କାଳଜୟୀ ବାଣୀ ମନେପଡ଼େ - 'ଜଗତରେ ପରିବର୍ତ୍ତନ ଦେଖିବାକୁ ଚାହୁଁଥିଲେ, ପ୍ରଥମେ ନିଜ ଭିତରେ ସେହି ପରିବର୍ତ୍ତନ ଆଣ ।' କିନ୍ତୁ ଆଜି ଆମେ ଅନ୍ୟକୁ ବଦଳାଇବା ନିଶାରେ ନିଜ ଭିତରର ମାନବିକତାକୁ ହରାଇ ବସିଛୁ ।

ସାମାଜିକ ଗଣମାଧ୍ୟମ ଓ ଇଣ୍ଟରନେଟ୍‌ର ଆବିଷ୍କାର ହୋଇଥିଲା ଦୂରତାକୁ କମାଇବା ପାଇଁ । କିନ୍ତୁ ଆଶ୍ଚର୍ଯ୍ୟର କଥା, ଏହା ଲୋକଙ୍କୁ ଯୋଡ଼ିବା ପରିବର୍ତ୍ତେ ମନ ଭିତରେ ପାଚେରି ଠିଆ କରିଦେଇଛି । ଫେସବୁକ୍, ଟ୍ୱିଟର, ହ୍ୱାଟସଆପ୍ ଆଜି ଏକ ବୌଦ୍ଧିକ ଯୁଦ୍ଧକ୍ଷେତ୍ରରେ ପରିଣତ ହୋଇଛି । ଏଠାରେ ବ୍ୟକ୍ତି ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବା ପାଇଁ ଅନ୍ୟକୁ ଅତି ନୀଚସ୍ତରକୁ ଯାଇ ସମାଲୋଚନା କରୁଛି । ଗାନ୍ଧିଜୀ ସର୍ବଦା ଶବ୍ଦର ସଂଯମ ଉପରେ ଗୁରୁତ୍ୱ ଦେଉଥିଲେ । ସେ କହୁଥିଲେ, 'ଅସଂଯତ ଭାଷା ମଣିଷର ଅଶାନ୍ତ ମନର ପରିଚୟ ।' ଆଜିର ଡିଜିଟାଲ ଯୁଗରେ ଶବ୍ଦମାନେ ଶାଣିତ ଅସ୍ତ୍ର ପାଲଟିଛନ୍ତି, ଯାହା ଶରୀରକୁ ନୁହେଁ ବରଂ ମଣିଷର ଆତ୍ମାକୁ କ୍ଷତବିକ୍ଷତ କରୁଛି । ଶିକ୍ଷାର ପ୍ରସାର ହେଉଛି ସତ, କିନ୍ତୁ ବ୍ୟାବହାରିକ ଜ୍ଞାନ ଓ ସଂସ୍କାରର ଶୂନ୍ୟତା ଆମକୁ ଏକ ବୌଦ୍ଧିକ ଅନ୍ଧକାର ଆଡ଼କୁ ଠେଲି ଦେଉଛି ।

ଯେତେବେଳେ ବ୍ୟକ୍ତି ଭାବେ ଯେ ସେ ହିଁ ସର୍ବଶ୍ରେଷ୍ଠ ଏବଂ ତା'ର ବିଚାର ହିଁ ଏକମାତ୍ର ସତ୍ୟ, ସେତେବେଳେ ସେ ଅନ୍ୟର ଅସ୍ତିତ୍ୱକୁ ସ୍ୱୀକାର କରିପାରେ ନାହିଁ । ଗାନ୍ଧିଜୀ ନିଜ ଜୀବନରେ 'ଅହିଂସା'କୁ କେବଳ ଅସ୍ତ୍ର ନୁହେଁ, ବରଂ ଏକ ଜୀବନଶୈଳୀ ଭାବେ ଗ୍ରହଣ କରିଥିଲେ । ହିଂସା କେବଳ ଶାରୀରିକ ଆକ୍ରମଣ ନୁହେଁ, ବରଂ କାହା ପ୍ରତି ମନରେ ଖରାପ ଚିନ୍ତା କରିବା ମଧ୍ୟ ଏକପ୍ରକାର ହିଂସା । ଆଜିର ମଣିଷ ନିଜ ସଫଳତା ଅପେକ୍ଷା ଅନ୍ୟର ବିଫଳତାରେ ଅଧିକ ଆନନ୍ଦ ପାଉଛି । ଏହି ଈର୍ଷା ଓ ଅହଂକାର ମଣିଷକୁ ଏତେ କଠୋର କରିଦେଉଛି ଯେ, ସେ ସମ୍ପର୍କର ସୂତାକୁ ଅତି ସହଜରେ ଛିଣ୍ଡାଇ ଦେଉଛି । ଯଦି ଏହି ଅହଂକାର ବଢ଼ିଚାଲେ, ତେବେ ଆଗାମୀ ଦିନରେ ଆମେ ଏକ 'ଏକାକୀ ସମାଜ' ଦେଖିବାକୁ ପାଇବା, ଯେଉଁଠି ଭିଡ଼ ତ ଥିବ କିନ୍ତୁ ଆତ୍ମୀୟତା ନଥିବ ।

ଗାନ୍ଧିଜୀଙ୍କ ଦର୍ଶନରେ କ୍ଷମା ହେଉଛି ସବୁଠାରୁ ବଡ଼ ସଦ୍‌ଗୁଣ । ସେ କହୁଥିଲେ, 'କ୍ଷମା କରିବା ହେଉଛି ବୀରମାନଙ୍କର ଲକ୍ଷଣ ।' ସାଧାରଣତଃ ଲୋକେ ଭାବନ୍ତି ଯେ କାହାକୁ କ୍ଷମା କରିଦେଲେ ସେ ନିଜେ ଛୋଟ ହୋଇଗଲେ । କିନ୍ତୁ ବାସ୍ତବରେ କ୍ଷମା କରିବା ଦ୍ୱାରା ବ୍ୟକ୍ତି ନିଜ ଭିତରେ ଥିବା କ୍ରୋଧର ବୋଝରୁ ମୁକ୍ତ ହୋଇଥାଏ । ଘୃଣା ହେଉଛି ଏକ ଜଳନ୍ତା କୋଇଲା ପରି, ଯାହାକୁ ଆମେ ଅନ୍ୟ ଉପରକୁ ଫିଙ୍ଗିବା ପାଇଁ ହାତରେ ଧରିଥାଉ, କିନ୍ତୁ ପ୍ରକୃତରେ ତାହା ଆମ ନିଜ ହାତକୁ ହିଁ ପୋଡ଼ିଥାଏ । କ୍ଷମା କରିବାର ଅର୍ଥ ଏହା ନୁହେଁ ଯେ ଆମେ ଅନ୍ୟର ଭୁଲକୁ ସମର୍ଥନ କରୁଛୁ, ବରଂ ଏହାର ଅର୍ଥ ହେଉଛି ଆମେ ନିଜର ମାନସିକ ଶାନ୍ତିକୁ ଅନ୍ୟର ହୀନ ପ୍ରକୃତି ଅପେକ୍ଷା ଅଧିକ ଗୁରୁତ୍ୱ ଦେଉଛୁ । ଯେତେବେଳେ ଆମେ କାହାକୁ କ୍ଷମା କରୁ, ଆମେ ପ୍ରକୃତରେ ଗାନ୍ଧୀଙ୍କ 'ଆତ୍ମଶୁଦ୍ଧି'ର ମାର୍ଗକୁ ଆପଣେଇଥାଉ ।

ଘୃଣା ଦୂର କରିବାର ଏକ ମାତ୍ର ମାର୍ଗ ହେଉଛି ପତ୍ର ଲିଖନ ଓ ଆତ୍ମ-ସମୀକ୍ଷା । ଯଦି ଆମେ କାହା ପ୍ରତି ପ୍ରବଳ ଘୃଣା ପୋଷଣ କରୁଛୁ, ତେବେ ଗାନ୍ଧୀବାଦୀ ଉପାୟରେ ତାହାର ସମାଧାନ କରିବା ଆବଶ୍ୟକ । ଏକ କାଗଜ ଓ କଲମ ଧରି ମନ ଭିତରେ ଥିବା ସମସ୍ତ ଅସନ୍ତୋଷ, କ୍ରୋଧ ଓ ଅଭିଯୋଗ - କାହିଁକି ଆମେ କଷ୍ଟ ପାଉଛୁ? ସେହି ବ୍ୟକ୍ତି ଆମର କ'ଣ କ୍ଷତି କରିଛନ୍ତି? ଇତ୍ୟାଦି ସବୁକିଛି ସ୍ପଷ୍ଟ ଭାବେ ସେହି କାଗଜରେ ଲେଖିଦେଲେ ଆମକୁ ଏପରି ଅନୁଭବ ହେବ ଯେ ମନରୁ ଏକ ବଡ଼ ପଥର ଖସିଗଲା । ଲେଖା ସରିବା ପରେ ପତ୍ରଟିକୁ ଚିରି ଫୋପାଡ଼ି କିମ୍ବା ପୋଡ଼ି ଦିଆଯାଇପାରେ । ଏହି ପ୍ରକ୍ରିୟା ଆମ ମନରେ 'ଭେଣ୍ଟିଲେସନ୍' ଭଳି କାମ କରିବ । ଗାନ୍ଧିଜୀ ନିଜ ଜୀବନର ଭୁଲଗୁଡ଼ିକୁ ମାନି ନେଇ ନିଜ ପିତାଙ୍କୁ ଚିଠି ଲେଖିଥିଲେ, ଯାହା ତାଙ୍କୁ ଜଣେ ସାଧାରଣ ମଣିଷରୁ ମହାତ୍ମାରେ ପରିଣତ କରିଥିଲା ।

ଆଜିର ମଣିଷ ସମାଜଠାରୁ ବାହାରି ଯାଇଛି, ପ୍ରକୃତିଠାରୁ ଦୂରେଇ ଯାଇଛି ଏବଂ ସାହିତ୍ୟ ପ୍ରତି ବିମୁଖ ହୋଇଛି । ସେ ମୋବାଇଲର ଏକ କୃତ୍ରିମ ଦୁନିଆରେ ବଞ୍ଚୁଛି । ଗାନ୍ଧିଜୀ ସର୍ବଦା 'ସରଳ ଜୀବନ' ଓ 'ଉଚ୍ଚ ବିଚାର' ଉପରେ ଗୁରୁତ୍ୱ ଦେଉଥିଲେ । ଆଜି ଆମର ଜୀବନ ଜଟିଳ ହୋଇଯାଇଛି ଏବଂ ବିଚାର ନିମ୍ନଗାମୀ ହେଉଛି । ଏହାର ସମାଧାନ ପାଇଁ ଆମକୁ ଉତ୍ତମ ସାହିତ୍ୟ ପଠନ ଯଥା ମହାପୁରୁଷଙ୍କ ଜୀବନୀ ଏବଂ ସକାରାତ୍ମକ ପୁସ୍ତକ ପଢ଼ିବାକୁ ହେବ । ଏହାଦ୍ୱାରା ମନରୁ ବିଷାକ୍ତ ଚିନ୍ତାଧାରା ଦୂର ହେବ । ଗାନ୍ଧୀଙ୍କ 'ସର୍ବୋଦୟ' ବିଚାର ଅନୁସାରେ ସମସ୍ତଙ୍କର ମଙ୍ଗଳ ଚିନ୍ତା କରିବା ଶିଖିବାକୁ ହେବ । ସାମାଜିକ ଗଣମାଧ୍ୟମରେ କିଛି ବି ପ୍ରତିକ୍ରିୟା ଦେବା ପୂର୍ବରୁ ଦଶସେକେଣ୍ଡ ଚିନ୍ତା କରିବା ଆବଶ୍ୟକ - 'ମୋର ଏହି ଶବ୍ଦ କାହାକୁ ଶାନ୍ତି ଦେବ ନା କଷ୍ଟ?' ଜୀବନ ଅତି କ୍ଷଣସ୍ଥାୟୀ । ଏହି ସ୍ୱଳ୍ପ ସମୟ ଭିତରେ ଘୃଣା, ଷଡ଼ଯନ୍ତ୍ର ଓ ବିବାଦରେ ସମୟ ନଷ୍ଟ କରିବା କେତେଦୂର ଯୁକ୍ତିଯୁକ୍ତ? ଜୀବନର ପ୍ରକୃତ ଆନନ୍ଦ, ପ୍ରେମ, ସହଯୋଗ ଓ ସମନ୍ୱୟ ଭିତରେ ହିଁ ନିହିତ ।

ଯେତେବେଳେ ଆମେ ଅନ୍ୟର ଖୁସିରେ ଖୁସି ହେବା ଶିଖିଯିବା, ସେତେବେଳେ ଈର୍ଷା ନିଜେ ନିଜେ ପରାଜିତ ହେବ । ଗାନ୍ଧିଜୀଙ୍କ 'ରାମରାଜ୍ୟ'ର ପରିକଳ୍ପନା କେବଳ ଏକ ରାଜନୈତିକ ବ୍ୟବସ୍ଥା ନଥିଲା, ବରଂ ଏହା ଥିଲା ଏକ ସୁସ୍ଥ ମାନସିକ ସମାଜର ପ୍ରତିଫଳନ । ଯଦି ଆମେ ମନରୁ ଘୃଣାର ବିଷ ବାହାର କରି କ୍ଷମା ଓ ପ୍ରେମର ଅମୃତ ଭରିପାରିବା, ତେବେ ତାହା ହିଁ ହେବ ଗାନ୍ଧୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ଏବଂ ଜୀଇଁବାର ପ୍ରକୃତ ଶୈଳୀ ।

କୋତାଙ୍ଗ(କୋଣାର୍କ), ମୋ: ୭୩୮୧୩୮୨୨୧୦

## ଆମ ବୃକ୍ଷଲତା ଆମ ଜୀବନ

### ତେନ୍ତୁଳି
(Tamarind Tree- Tamarindus indica)

**ପ୍ରକୃତି-ପରିବେଶ**

ସୌଭାଗ୍ୟସୁନ୍ଦର

ତେନ୍ତୁଳି ଆଫ୍ରିକାର ଏକ ମୂଳଜାତ ଉଦ୍ଭିଦ ଏବଂ ଭାରତ ସମେତ ବିଭିନ୍ନ ଏସୀୟ ଦେଶ, କାରିବିଆନ୍, ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜରେ ଏହା ପ୍ରାକୃତିକୀକରଣ ହୋଇସାରିଛି । ବହୁବିଧ ବ୍ୟବହାର ଯୋଗୁଁ ସାରା ବିଶ୍ୱରେ ଉଷ୍ମମଣ୍ଡଳୀୟ ଏବଂ ଉପ-ଉଷ୍ମମଣ୍ଡଳୀୟ ଅଞ୍ଚଳରେ ଏହା ଚାଷ କରାଯାଏ । ଏଗୁଡ଼ିକୁ ସାଧାରଣତଃ ରାଜପଥ କଡ଼ରେ ଏବଂ ପାର୍କରେ ଶୋଭାବର୍ଦ୍ଧକ ଓ ଛାୟା ପ୍ରଦାନକାରୀ ବୃକ୍ଷ ଭାବରେ ଏବଂ ଧୂଳି ଧରି ରଖିବା ପାଇଁ ରୋପଣ କରାଯାଏ ।

ତେନ୍ତୁଳି ଏକ ଦୀର୍ଘଜୀବୀ ଚିରହରିତ ବୃକ୍ଷ, ଯାହା ସର୍ବାଧିକ ୨୫-୩୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼େ । ଗଛ ପରିପକ୍ୱ ହେବା ସହିତ ଶାଖାଗୁଡ଼ିକ ଗଣ୍ଡିର ଶୀର୍ଷ ଭାଗରୁ ଝୁଲିଯାଏ । ଏହାର ଆଦି ମୂଳ ବହୁତ ଶାଖାଯୁକ୍ତ । ପତ୍ରଗୁଡ଼ିକ ଯୌଗିକ, ସମପକ୍ଷଳ ଏବଂ ବିକଳ୍ପ ଭାବରେ ବ୍ୟବସ୍ଥିତ ହୋଇଥାଏ । ଫୁଲଗୁଡ଼ିକ ଆକାରରେ ଛୋଟ, ଗୋଲାପୀ ରଙ୍ଗର । ଏହାର ଫଳ ୧୨ ରୁ ୧୫ ସେମି ଲମ୍ବା, ଏକ କଠିନ ମାଟିଆ ରଙ୍ଗର ଚୋପା ଭିତରେ ରସାଳ ଉପାଦାନ ସହିତ ଅନେକ ମଞ୍ଜି ଗୋଟିକ ପରେ ଗୋଟିଏ ଲମ୍ବା ହୋଇ ସଜେଇ ହୋଇ ରହିଥାଏ । ଏହାର ଫଳକୁ ଲୋମେଣ୍ଟାମ ବା ମାଳା ଶିମ୍ବ କୁହାଯାଏ । ଏହାର ରସାଳ ବା ମାଂସଳ ଉପାଦାନ ପ୍ରଥମେ ଅମ୍ଳୀୟ ଥାଏ, ପରିପକ୍ୱ ହେଲେ ମାଟିଆ କିମ୍ବା ଲାଲମାଟିଆ ରଙ୍ଗର ହୋଇଯାଏ ଏବଂ କମ୍ ଅମ୍ଳ ବିଶିଷ୍ଟ ହୋଇ ଟିକିଏ ମିଠା ସ୍ୱାଦର ହୁଏ । ବିହନଗୁଡ଼ିକ କଠିନ, ଚେପଟା ଏବଂ ଚକଚକିଆ ଗାଢ଼ ମାଟିଆ ରଙ୍ଗର ।

ତେନ୍ତୁଳି ଗଛର ବିଭିନ୍ନ ରାନ୍ଧଣା, ବାଣିଜ୍ୟିକ ଓ ପରିବେଶଗତ ବ୍ୟବହାର ମୂଲ୍ୟ ଅଛି । କଅଁଳ ଫଳର କଠିନ ମାଂସଳ ଉପାଦାନ ବା ମଣ୍ଡ ଖଟା ହୋଇଥାଏ, ଯାହାକୁ ସ୍ୱାଦିଷ୍ଟ ଖାଦ୍ୟରେ ଆଚାର ଭାବରେ ବ୍ୟବହାର କରାଯାଏ । ଏହାର ବିହନଗୁଡ଼ିକରେ ପେକ୍ଟିନ ରହିଥିବା ହେତୁ ସାଧାରଣତଃ ଜେଲି, ମୋରବା ଜେଲ୍ ଓ ଜାମ୍‌ରେ ବ୍ୟବହୃତ ହୁଏ ଏବଂ ପନିର, ଆଇସକ୍ରିମ୍ ଓ ସସ୍ ତିଆରି କରିବା ପାଇଁ ସ୍ଥିରକାରୀ ଉପାଦାନ ଭାବରେ ବ୍ୟବହାର କରାଯାଏ । କିଛିଦେଶରେ ତେନ୍ତୁଳି ବିହନଗୁଡ଼ିକର ଉଚ୍ଚ ପ୍ରୋଟିନ୍‌ସ୍ତର ହେତୁ ଏହାକୁ ଜରୁରିକାଳୀନ ଖାଦ୍ୟ ଭାବରେ ବ୍ୟବହାର କରାଯାଏ । ତେନ୍ତୁଳି ଗଛର ପତ୍ରରେ କ୍ୟାଲସିୟମ୍ ଓ ପ୍ରୋଟିନ୍ ଅଧିକ ଥାଏ ଏବଂ ଏହାକୁ ମଣିଷ ସହିତ ବନ୍ୟପ୍ରାଣୀ ଓ ଗୃହପାଳିତ ପଶୁମାନେ ମଧ୍ୟ ଖାଦ୍ୟ ଭାବରେ ବ୍ୟବହାର କରନ୍ତି ।

ତେନ୍ତୁଳି ମଞ୍ଜି ପାଉଡରକୁ ବୟନ ଶିଳ୍ପରେ ଅଠା ବା ଆଧେସିଭ୍ ତିଆରିରେ ବ୍ୟବହାର କରାଯାଏ । ଏହାର ବିହନ ତେଲ ରଙ୍ଗ ବା ବାର୍ଣ୍ଣିସ୍ ତିଆରି ପାଇଁ ବ୍ୟବହୃତ ହୁଏ । ପତ୍ର ଓ ଫୁଲଗୁଡ଼ିକୁ ରଙ୍ଗ ପାଇଁ ସେଟିଂଏଜେଣ୍ଟ ଭାବରେ ବ୍ୟବହାର କରାଯାଏ । ତେନ୍ତୁଳି କାଠର ମଞ୍ଜ ଟାଣ ଓ ଗାଢ଼ ଲାଲ ହୋଇଥିବାରୁ ଆସବାବପତ୍ର, ଡଙ୍ଗା, ଅନ୍ୟାନ୍ୟ ଛୋଟ ଛୋଟ କାଠ ସାମଗ୍ରୀ ତିଆରିରେ ବ୍ୟବହୃତ ହୁଏ । ତେନ୍ତୁଳି ମଣ୍ଡ ପିତ୍ତଳ ଏବଂ ତମ୍ବା ମୂର୍ତ୍ତି, ଦୀପ, ପାତ୍ର ସାମଗ୍ରୀଗୁଡ଼ିକୁ ପଲିସ୍ କରିବା ପାଇଁ ବ୍ୟବହୃତ ହୁଏ ।

ତେନ୍ତୁଳି ପାରମ୍ପରିକ ଔଷଧର ଏକ ପ୍ରଧାନ ଉତ୍ସ । ତେନ୍ତୁଳି ଫଳ ରସକୁ ଜ୍ୱର ଆକ୍ରାନ୍ତଙ୍କ କପାଳରେ ଲେପ ଭାବରେ ଲଗାଯାଏ । ଏଥିସହିତ କୋଷ୍ଠକାଠିନ୍ୟ, ଚର୍ମ କ୍ଷତ ଓ ଜଳନ, କୁଷ୍ଠ ରୋଗ, ପତଳା ଝାଡ଼ା, କୃମି ଆଦିର ଉପଶମ ପାଇଁ ତେନ୍ତୁଳିର ବିଭିନ୍ନ ଅଂଶ ଉପଯୋଗ କରାଯାଏ । କଞ୍ଚା ତେନ୍ତୁଳି ଫଳରେ ୬୩ % କାର୍ବୋହାଇଡ୍ରେଟ୍ ବା ଶର୍କରା, ୩୧ % ପାଣି, ୩ % ପ୍ରୋଟିନ୍ ଓ ୧ % ଚର୍ବି ଥାଏ । ୧୦୦ ଗ୍ରାମର କଞ୍ଚା ତେନ୍ତୁଳି ୨୩୯ କ୍ୟାଲୋରୀ ଖାଦ୍ୟ ଶକ୍ତି ଯୋଗାଇଥାଏ ଏବଂ ଏହା ମ୍ୟାଗ୍ନେସିୟମ୍ ଓ ପୋଟାସିୟମ୍ ସମେତ ଥାୟାମିନ୍ ଓ ଖାଦ୍ୟ ଖଣିଜ ପଦାର୍ଥର ଏକ ସମୃଦ୍ଧ ଉତ୍ସ । ତେନ୍ତୁଳି ପତ୍ର ଓ ବିହନରେ ଲୁପିଓଲ୍, କ୍ୟାଟେଚିନ୍, ଏପିକେଟେଚିନ୍, କ୍ୱେର୍ସେଟିନ୍, ପ୍ରୋସିଆନିଡିନ୍ ଇ୨, କାଫିକ୍ ଏସିଡ୍, ଫେରୁଲିକ୍ ଏସିଡ୍, କ୍ଲୋରାମଫେନିକୋଲ୍, ମାଇରିସେଟିନ୍, ମୋରିନ୍, ଆପିଜେନିନ୍, କ୍ୟାମ୍ପଫେରୋଲ୍ ଏବଂ ଆଇସୋରହାମନେଟିନ୍ ରହିଛି ।

ଆମ ଦେଶରେ ମହାରାଷ୍ଟ୍ର, ଛତିଶଗଡ଼, କର୍ଣ୍ଣାଟକ, ତେଲେଙ୍ଗାନା, ଆନ୍ଧ୍ର ପ୍ରଦେଶ ଓ ତାମିଲନାଡୁରେ ଏହାର ଅଧିକ ଚାଷ କରାଯାଏ । ବିଂଶ ଶତାବ୍ଦୀର ଶେଷ ଭାଗରେ ଭାରତ ବାର୍ଷିକ ୨, ୫୦, ୦୦୦ ଟନ୍ ତେନ୍ତୁଳି ଉତ୍ପାଦନ କରୁଥିଲା । ଏକ ପରିପକ୍ୱ ବୃକ୍ଷ ପ୍ରତିବର୍ଷ ୨୨୫ କିଲୋଗ୍ରାମ ପର୍ଯ୍ୟନ୍ତ ଫଳ ଉତ୍ପାଦନ କରିପାରିବ । ଯୁକ୍ତରାଷ୍ଟ୍ରରେ ଏହା ଏକ ବଡ଼ ପରିମାଣର ଫସଲ, ଯାହା ବାଣିଜ୍ୟିକ ବ୍ୟବହାର ପାଇଁ ପ୍ରଚଳିତ (କେବଳ ଭାରତ ପରେ ନେଟ୍ ଉତ୍ପାଦନ ପରିମାଣରେ ଦ୍ୱିତୀୟ) ।

ଭୁବନେଶ୍ୱର, ମୋ: ୯୪୩୭୨୧୯୦୪୨୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ରାଜ୍ୟ ସରକାରଙ୍କ ମୁଖପତ୍ର 'ପ୍ରଗତି ପ୍ରବାହ' ଉନ୍ମୋଚିତ

**ଝାରସୁଗୁଡ଼ାର ସଫଳ ଯୁବ ଚାଷୀ ହୃଦାନନ୍ଦ ବିଶିଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ, ଜିଲ୍ଲା ପ୍ରଶାସନକୁ ସମସ୍ତ ସହାୟତା ଯୋଗାଇବାକୁ ନିର୍ଦ୍ଦେଶ**

ଭୁବନେଶ୍ୱର,୧୮।୧(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ସରକାରଙ୍କ ମୁଖପତ୍ର 'ପ୍ରଗତି ପ୍ରବାହ' ଉନ୍ମୋଚନ କରିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ ଏହି ପୁସ୍ତିକାଟିକୁ ମୁଖ୍ୟମନ୍ତ୍ରୀ ନିଜ ବାସଭବନ ତଥା ଆବାସିକ କାର୍ଯ୍ୟାଳୟରେ ଉନ୍ମୋଚନ କରିଥିଲେ। ପ୍ରଗତି ପ୍ରବାହ ରାଜ୍ୟ ବିକାଶର ଚଳନ୍ତି ପ୍ରତିଛବି ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିବା ସହ ଏହି ପୁସ୍ତିକାର ପ୍ରକାଶନ ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ଧନ୍ୟବାଦ ଦେଇଥିଲେ।

ସୂଚନାଯୋଗ୍ୟ ଯେ ପ୍ରଗତି ପ୍ରବାହର ଉନ୍ମୋଚନ ସମୟରେ ଝାରସୁଗୁଡା ଜିଲ୍ଲାର ଲଖନପୁର ଗ୍ରାମର ଜଣେ ସଫଳ ଯୁବ ଚାଷୀ ହୃଦାନନ୍ଦ ବିଶି ମଧ୍ୟ ଉପସ୍ଥିତ ଥିଲେ। ଏହି ପୁସ୍ତିକାରେ ହୃଦାନନ୍ଦଙ୍କ ସଫଳ କାହାଣୀ ମଧ୍ୟ ଉଲ୍ଲେଖ ଅଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ହୃଦାନନ୍ଦ ବିଶିଙ୍କୁ ସମ୍ମାନିତ କରିବା ସହିତ ତାଙ୍କ ସଫଳତା ପାଇଁ ଶୁଭେଚ୍ଛା ପ୍ରଦାନ କରିଥିଲେ। ଏହା ସହିତ ଆଗକୁ କିଭଳି ଆହୁରି ସରକାରଙ୍କ ହିତାକାଂକ୍ଷୀ ଯୋଜନା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ପି.ଏମ କିଷାନ ଓ 'ସିଏମ- କିଷାନ' ମାଧ୍ୟମରେ ଆହୁରି ନିଜର କୃଷି କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ସେ ବିଷୟରେ



ପରାମର୍ଶ ଦେଇଥିଲେ। ଆମ ସରକାର ଚାଷୀଙ୍କ ଉନ୍ନତି ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରୁଛି। ଚାଷୀଟିଏ ଆଜି ପ୍ରଧାନମନ୍ତ୍ରୀ ମୋଦୀଙ୍କ ଆତ୍ମନିର୍ଭରଶୀଳ ଭାରତର ଉଦ୍ଦେଶ୍ୟକୁ ପୂରଣ କରୁଛି। ଚାଷୀ ନିଜ ଫସଲ ଦ୍ୱାରା ଗୋଟିଏ ପରିବାର ନୁହେଁ ଅନେକ ପରିବାର ଚଳାଇବାର କ୍ଷମତା ରଖୁଛି, ଯାହାକି ଆମ ଦେଶର ପ୍ରକୃତ ଷ୍ଟାର୍ଟ-ଅପ ବୋଲି ମୁଖ୍ୟମନ୍ତ୍ରୀ ସଫଳ ଚାଷୀ ଶ୍ରୀ ବିଶିଙ୍କ ସହ କଥା ହୋଇ ତାଙ୍କୁ କହିଥିଲେ। ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶିଙ୍କୁ ସରକାରୀ ସହାୟତା ଓ ସବସିଡି ମିଳୁଛି କି ନାହିଁ ସେ ସମ୍ପର୍କରେ ପଚାରି ବୁଝିଥିଲେ। ଚାଷୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ଜରିଆରେ ସମସ୍ତ ସରକାରୀ ସହାୟତା ତୁରନ୍ତ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି କୋଲ୍ଡ କୃଷି ଭିତ୍ତିଭୂମିର ବିକାଶ ପାଇଁ ଜିଲ୍ଲାପାଳ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସେ ସ୍ପଷ୍ଟ କରିଥିଲେ। ଏଥିସହିତ ବିଭିନ୍ନ କୃଷି ଯୋଜନାର ସୁଯୋଗ ନେଇ ନିଜର କୃଷି କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେବା ସହ ଚାଷୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ।

**ବିଜେପିକୁ ଚକମା ଦେଲେ ଆଦିବାସୀ ନେତ୍ରୀ ଟିନା ହାଇବ୍ରୁ**

# ୨୪ ଘଣ୍ଟା ନ ପୂରୁଣୁ ବିଜେଡିକୁ ଫେରିଲେ

ଦାନଗଦି,୧୮।୧(ସମିସ): ଯାଜପୁର ଜିଲ୍ଲାରେ ବିଜେଡିର ହେଭିୱେଟ୍ ନେତାଙ୍କ ସଂଗଠନକୁ ଦୁର୍ବଳ କରିବା ଓ ସେମାନଙ୍କ ପତିଆରା ହ୍ରାସ ପାଇଁ ବିଭିନ୍ନ ଚାଲ କରି ବିଜେପିର ବିଧାୟକ, ସାଂସଦ, ମନ୍ତ୍ରୀ ଯେଉଁ ଷଡ଼ଯନ୍ତ୍ର ଆରମ୍ଭ କରିଛନ୍ତି, ତାହା ଫସର ଫାଟିବାରେ ଲାଗିଛି। ବିଜେଡି ଦୁର୍ଗକୁ ଭାଙ୍ଗି ଯାଜପୁରକୁ ଗେରୁଆମୟ କରିବା ପାଇଁ ବିଭିନ୍ନ ପ୍ରଲୋଭନ ଦେଖାଇ ଜନପ୍ରତିନିଧିମାନଙ୍କୁ କରାୟତ୍ତ କରିବାକୁ ଉଦ୍ୟମ କରୁଛି ବିଜେପି। ତେବେ ଯେଉଁ ନେତାମାନେ ବିଜେପିରେ ଯୋଗ ଦେଉଛନ୍ତି; ମିଶିବାର ୨୪ ଘଣ୍ଟା ନ ପୂରୁଣୁ ପୁଣି ନିଜ ଦଳ ବିଜେଡିକୁ ଫେରି ଆସୁଛନ୍ତି। ଏଭଳି ଏକ ଘଟଣା ଘଟିଛି ସୁକିନ୍ଦା ନିର୍ବାଚନ ମଣ୍ଡଳୀର ଦାନଗଦି ବ୍ଲକର ୯ ନମ୍ବର ଜୋନ୍‌ରେ। ଏହି ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟା ଆଦିବାସୀ ନେତ୍ରୀ ଟିନା ହାଇବ୍ରୁଙ୍କୁ ପୁଣିଥରେ ବିଜେଡିରେ ସାମିଲ କରି ବିଜେପିକୁ ଶକ୍ତ ଧକ୍କା ଦେଇଛନ୍ତି ବିଜେଡି ନେତା ପ୍ରୀତିରଞ୍ଜନ ଘଡ଼ାଇ (ଡାନି)। ବିଜେପିରେ ସାମିଲ ହୋଇଥିବା ଦାନଗଦି ବ୍ଲକ୍ ୯ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ଟିନା ହାଇବ୍ରୁ ଦଳ ଛାଡ଼ି ବିଜେପିରେ ସାମିଲ ହେବାର ମାତ୍ର କେଇ ଘଣ୍ଟା ପରେ ତାଙ୍କର ମୋହଭଙ୍ଗ ହୋଇଛି। ତାଙ୍କୁ ମିଛ ପ୍ରଲୋଭନ ଦେଖାଇ ବିଜେପିରେ ସାମିଲ କରାଯାଇଥିଲା ବୋଲି ସେ କହିଛନ୍ତି। ଘରବାହୁଡ଼ା



ହେବା ପରେ ପ୍ରୀତିରଞ୍ଜନ ତାଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଛନ୍ତି।

ରାଜ୍ୟରେ ଡବଲ ଇଞ୍ଜିନ୍ ସରକାରଙ୍କ ଉପରେ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ତେଣୁ ଦଳ ଛାଡ଼ି ବିଜେପିରେ ସାମିଲ ହୋଇଥିବା କିଛି ନେତା ଆଗକୁ ବିଜେଡିରେ ସାମିଲ ହେବାକୁ ବିଜେଡି ନେତାଙ୍କ ଯୋଗାଯୋଗରେ ଥିବା ଚର୍ଚ୍ଚା ହେଉଛି। ଖାଲି ସେତିକି ନୁହେଁ, ଅନେକ ବିଜେପି ନେତା ଡବଲ ଇଞ୍ଜିନି ସରକାରଙ୍କ ଜନମାରଣ ନୀତିକୁ ବିରୋଧ କରି ବିଜେଡିମୁହାଁ ହେବାର ବିଭିନ୍ନ ଚା' ଖଟିରେ ଆଲୋଚନା ଜୋର ଧରିବାର ଦେଖିବାକୁ ମିଳୁଛି।

**୫୭ ଶିଳ୍ପ ଉପରେ ୫୮୯୦ କୋଟି ଜଳ କର ବାକି**

# ଶିଳ୍ପ ସଂସ୍ଥା ଚମ୍ପଟ; ଚକ୍ଷୁ କୁଟୁଛି ବିଭାଗ

ଭୁବନେଶ୍ୱର,୧୮।୧(ସମିସ): ଆସନ୍ତା ମଙ୍ଗଳବାର ସେଚ ସଦନରେ ଜଳ ସମ୍ପଦ ବିଭାଗର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ବୈଠକର ପ୍ରସଙ୍ଗ ରହିଛି ହଜାର ହଜାର କୋଟି ଟଙ୍କା ବକେୟା ଜଳକର ଆଦାୟ ପାଇଁ ନୀତି ପ୍ରସ୍ତୁତି। ସରକାରୀ ରାଜସ୍ୱ ବାକି ରଖିଥିବା କମ୍ପାନୀଗୁଡ଼ିଠାରୁ ବକେୟା ଆଦାୟ କରିବାରେ କୌଣସି ଅସଙ୍ଗତି ନାହିଁ ଓ ଏହା ସର୍ବାଦୌ ସ୍ୱାଗତଯୋଗ୍ୟ। ମାତ୍ର ଯେଉଁ କମ୍ପାନୀଗୁଡ଼ିକ କୋଟି କୋଟି ଟଙ୍କା ବକେୟା ନ ଦେଇ ଶିଳ୍ପ ସଂସ୍ଥାରେ ତାଲା ପକାଇ ଦେଇଛନ୍ତି, ସେହି କମ୍ପାନୀଠାରୁ କିପରି ବକେୟା ଆଦାୟ ହେବ ସେ ପ୍ରସଙ୍ଗରେ ବିଚାରବିମର୍ଶ ପରିବର୍ତ୍ତେ ସରକାରଙ୍କୁ ନିୟମିତ ବ୍ୟବଧାନରେ ଟିକସ ଦେଉଥିବା ଏବଂ ଚାଲୁ ରହିଥିବା କମ୍ପାନୀରୁ ଟିକସ ଆଦାୟ ପାଇଁ ଚାପକୁ ନେଇ ଏବେ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି।

ବିଧାନସଭା ଶୀତ ଅଧିବେଶନରେ ରାଜ୍ୟରେ ବକେୟା ଜଳକର ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ଲିଖିତ ଉତ୍ତର ରଖିଥିଲେ। ଉତ୍ତର ଅନୁଯାୟୀ ରାଜ୍ୟରେ ପ୍ରାୟ ୫୭ଟି ଶିଳ୍ପ ସଂସ୍ଥା ଉପରେ ୫୮୯୦ କୋଟି ଟଙ୍କାର ଜଳକର ବକେୟା ରହିଥିବା ଜଣାପଡ଼ିଛି। ଜୟପୁରର ବିଲ୍ଟ ୟୁନିଟ୍ ଉପରେ ସର୍ବାଧିକ ୧୫୦୮ କୋଟିର ଜଳକର ବାକି ପଡିଥିବାବେଳେ ଚୌଦ୍ୱାର ସ୍ଥିତ ବଲାରପୁର ଇଣ୍ଡଷ୍ଟ୍ରିଜ୍ ଉପରେ ୧୪୫୭ କୋଟି ବାକି ରହିଛି। ଏହି ଦୁଇ କମ୍ପାନୀର ସ୍ଥିତି ଏବେ ଏକପ୍ରକାର ନିଶ୍ଚିହ୍ନ। ୧୧ କୋଟି ୪୬ ଲକ୍ଷ ଟଙ୍କାର ଜଳକର ବକେୟା ରଖିଥିବା ବିଦ୍ଧାଲ ସ୍ପଞ୍ଜ ଇତିମଧ୍ୟରେ ନିଜର କାରଖାନା ବନ୍ଦ କରି ସାରିଛି। ସେହିପରି ୨୩୧ କୋଟିର ବକେୟା ରଖିଥିବା ରାଠୀ ଷ୍ଟିଲ ଏବଂ ପାୱାର ଲିମିଟେଡ, ୧୪୫୭ କୋଟି ଟଙ୍କା ବକେୟା ରଖିଥିବା ଚୌଦ୍ୱାର ସ୍ଥିତ ବଲାରପୁର ଇଣ୍ଡଷ୍ଟ୍ରିଜ୍ ଏବଂ ଅନ୍ୟ କେତେକ ସଂସ୍ଥା ମଧ୍ୟ ଇତିମଧ୍ୟରେ ବନ୍ଦ ହୋଇ ସାରିଲେଣି। ୧୮୬ କୋଟି ଟଙ୍କା ବାକି ରଖିଥିବା ଆଧୁନିକ ମେଟାଲିକ୍ସ, ୨୪୪ କୋଟି ବକେୟା ଥିବା ଭୂଷଣ ପାୱାର ଓ ଷ୍ଟିଲର ପରିଚାଳନା ହସ୍ତାନ୍ତର ହୋଇ ସାରିଛି। ଏମାନଙ୍କ ଉପରେ ହଜାର ହଜାର କୋଟଟି ଟଙ୍କାର ବକେୟା ରହିଛି। ଏହି ବନ୍ଦ ହୋଇଥିବା ସଂସ୍ଥା ନିକଟରୁ ବକେୟା ଜଳକର ଆଦାୟ ହୋଇପାରିବ କି ନାହିଁ, ଯଦି ଆଦାୟ ହେବ କେଉଁ ପ୍ରକ୍ରିୟାର ହେବ ସେନେଇ ଉତ୍ତର କାହା ପାଖରେ ନାହିଁ।

# ନରାଜ ବ୍ୟାରେଜରୁ ନବଜାତ ଶିଶୁପୁତ୍ରର ମୃତଦେହ ଉଦ୍ଧାର

ତ୍ରିଶୂଳିଆ,୧୮।୧(ସମିସ): କଟକର ଉପକଣ୍ଠ ନରାଜ ବ୍ୟାରେଜ ନିକଟରେ ଏକ ଅତ୍ୟନ୍ତ ଦୁଃଖଦାୟକ ଘଟଣା ସାମ୍ନାକୁ ଆସିଛି। ବ୍ୟାରେଜର ୨୪ ନମ୍ବର ଗେଟ୍ ମଧ୍ୟରୁ ଏକ ନବଜାତ ଶିଶୁପୁତ୍ରର ମୃତଦେହ ଉଦ୍ଧାର କରାଯାଇଛି। କିଏ ଏବଂ କେଉଁ ପରିସ୍ଥିତିରେ ଏହି ନିଷ୍ପାପ ଶିଶୁଟିକୁ ଏଠାରେ ଫିଙ୍ଗି ଦେଇ ଚାଲିଯାଇଛି, ତାହା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ରବିବାର ସକାଳ ସମୟରେ ନରାଜ ଗ୍ରାମର କିଛି ମତ୍ସ୍ୟଜୀବୀ କାଠଯୋଡ଼ି ନଦୀକୁ ମାଛ ମାରିବାକୁ ଯାଇଥିବା ବେଳେ ବ୍ୟାରେଜ ଗେଟ୍‌ରେ ଶିଶୁଟିର ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ସେମାନେ ତୁରନ୍ତ ଏ ସମ୍ପର୍କରେ ବାରଙ୍ଗ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀର ଏକ ଦଳ ଘଟଣାସ୍ଥଳରେ ପହଞ୍ଚି ନବଜାତ ଶିଶୁଟିକୁ ଉଦ୍ଧାର କରିଥିଲେ ମଧ୍ୟ ସେତେବେଳକୁ ଶିଶୁଟିର ମୃତ୍ୟୁ ଘଟିସାରିଥିଲା। ଅଗ୍ନିଶମ ବିଭାଗ ପକ୍ଷରୁ ଶିଶୁର ମୃତଦେହକୁ ଉଦ୍ଧାର କରାଯାଇ ଗୋଡ଼ିସାହି ଫାଣ୍ଡି ପୁଲିସକୁ ହସ୍ତାନ୍ତର କରାଯାଇଛି। ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ମୃତଦେହକୁ କଟକ ବଡ଼ ମେଡିକାଲକୁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। କେଉଁ ପରିସ୍ଥିତିରେ ଶିଶୁଟିକୁ ନଦୀକୁ ଫିଙ୍ଗାଯାଇଛି ଏବଂ ଏଥିପାଇଁ କିଏ ଦାୟୀ, ସେ ନେଇ ପୁଲିସ ଆଖପାଖ ଅଞ୍ଚଳର ଲୋକଙ୍କୁ ପଚରାଉଚରା ଜାରି ରଖିଛି।

**କୋଲକାତା ଜୋନାଲସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ**

# ମାଲକାନଗିରି ଝିଅ ଦିବ୍ୟାଭାରତୀ ଶ୍ରେଷ୍ଠ କିଶୋରୀ ବୈଜ୍ଞାନିକ

ଚିତ୍ରକୋଣ୍ଡା,୧୮।୧(ସମିସ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଆରଏସସି ୬ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଆଦିବାସୀ ଛାତ୍ରୀ ଦିବ୍ୟାଭାରତୀ ପାଙ୍ଗିଙ୍କ ମ୍ୟାଜିକ୍ ଷ୍ଟିକ୍ ପ୍ରକଳ୍ପ କୋଲକତା ଜୋନାଲ ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ପୁରସ୍କୃତ ହୋଇଛି। ତାଙ୍କୁ ଶ୍ରେଷ୍ଠ କିଶୋରୀ ବୈଜ୍ଞାନିକ ପୁରସ୍କାର ଏବଂ ସ୍ୱତନ୍ତ୍ର ନବସୃଜନ ପ୍ରକଳ୍ପ ପୁରସ୍କାର ମିଳିଛି। ଦିବ୍ୟାଭାରତୀ ଏହି ପ୍ରକଳ୍ପକୁ ନେଇ ପ୍ରଥମେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା, ପରେ ବ୍ଲକସ୍ତର ଓ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ କୃତକାର୍ଯ୍ୟ ହୋଇଥିଲେ। ସେ ୧୩ ଜାନୁୟାରୀରୁ ୧୬ ଜାନୁୟାରୀରେ କୋଲକତାରେ ୪ଦିନ ଧରି ଚାଲିଥିବା ଏହି ପ୍ରଦର୍ଶନୀରେ କୋଲକାତା, ବିହାର, ଝାଡଖଣ୍ଡ, ଓଡିଶା, ଆଣ୍ଡମାନ ଓ ନିକୋବରରୁ ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରେ ଦିବ୍ୟାଙ୍କ ପ୍ରକଳ୍ପ ସମସ୍ତଙ୍କୁ ଆକର୍ଷିତ କରିଥିଲା। ତାଙ୍କର ଏହି ପ୍ରକଳ୍ପଟି କୃଷକ ମାନଙ୍କ ସହୟତା ପାଇଁ ହୋଇଥିଲା। ସାପ, ବିଷାକ୍ତ କୀଟପତଙ୍ଗଙ୍କ ଠାରୁ ରକ୍ଷା କରିବାରେ ସହାୟତା, ଟର୍ଚ୍ଚ ଲାଇଟ୍, ସାଇରନ ସହ ଜରୁରୀ ସମୟରେ ନିଜର ଆତ୍ମୀୟ, ଆମ୍ବୁଲାନ୍ସ ଚାଳକଙ୍କ ପାଖକୁ ମେସେଜ ପଠାଇବା, କୃଷକର ସ୍ୱାସ୍ଥ୍ୟ ପାଇଁ ଔଷଧ ରଖିବା ବ୍ୟବସ୍ଥା, ଖରା ଓ ବର୍ଷାରୁ ରକ୍ଷା ପାଇବା ପାଇଁ ଛତାର ବ୍ୟବସ୍ଥା ଓ ମହିଳା କୃଷକ ମାନେ ତାଙ୍କର ଶିଶୁଙ୍କୁ ସ୍ତନ୍ୟପାନ କରେଇବାରେ ମଧ୍ୟ ଏହା ସହାୟକ ହେବ। ଏହି ପ୍ରକଳ୍ପ ପୂର୍ବରୁ ରାଜ୍ୟସ୍ତରୀୟରେ ବେଶ ପ୍ରଶଂସା ସାଉଁଟି ଥିବା ବେଳେ ବର୍ତ୍ତମାନ ଏହା ଆହୁରି ଅଧିକ ଲୋକପ୍ରିୟ ହୋଇଛି।



# ୨ କୋଟିର ଅଫିମ ଚାଷ ଧ୍ୱଂସ



ବାରିପଦା, ୧୮।୧(ସମିସ): ମୟୂରଭଞ୍ଜ ଜିଲ୍ଲା ଯଶିପୁର ଥାନା ଅଧୀନରେ ଥିବା ଗୋପୀନାଥପୁର ଅଞ୍ଚଳରେ ଅବୈଧ ଭାବେ ଚାଷ ହୋଇଥିବା ପପି (ଅଫିମ) ଗଛର ଦୁଇଟି ବଡ଼ ଚାଷକ୍ଷେତକୁ ପୁଲିସ ଧ୍ୱଂସ କରିଦେଇଛି। ଏହି ଅଭିଯାନରେ ମୋଟ୍ ୯୫,୮୫୦ଟି ପପି ଗଛକୁ ନଷ୍ଟ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୧ କୋଟି ୯୧ ଲକ୍ଷ ୭୦ ହଜାର ଟଙ୍କାର ହେବ ବୋଲି କୁହାଯାଉଛି। ଯଶିପୁର ପୁଲିସ ଏହି ଅଭିଯାନକୁ ସଫଳ କରିବାରେ ଗୁଇନ୍ଦା ସୂଚନା ଆଧାରରେ କାର୍ଯ୍ୟ କରିଥିବା ଜଣାପଡ଼ିଛି। ଏହା ଉପରେ ଏନ୍‌ଡିପିଏସ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ମୟୂରଭଞ୍ଜ ଜିଲ୍ଲାରେ ପୂର୍ବରୁ ମଧ୍ୟ ଶିମିଳିପାଳ ଅଭୟାରଣ୍ୟ ଭିତରେ ଏଭଳି ଅବୈଧ ଅଫିମ ଚାଷ ବାରମ୍ବାର ଧରାପଡ଼ିଛି। ପୁଲିସ, ଅବକାରୀ ଓ ଜଙ୍ଗଲ ବିଭାଗର ମିଳିତ ଅଭିଯାନ ଏଭଳି ଅବୈଧ କାର୍ଯ୍ୟକଳାପ ବନ୍ଦ କରିବାକୁ କଠୋର ପଦକ୍ଷେପ ଗ୍ରହଣ କରୁଛନ୍ତି।

# ଚଳନ୍ତା ବସରୁ ଖସି ଯୁବକଙ୍କ ମୃତ୍ୟୁ

ଝାରସୁଗୁଡ଼ା,୧୮।୧(ସମିସ): ଚଳନ୍ତା ବସରୁ ଖସିପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଯୋରାବଗା ବସଷ୍ଟାଣ୍ଡ ନିକଟରେ ଏହି ଦୁର୍ଘଟଣା ଘଟିଛି। ମୃତ ଯୁବକ ଜଣକ ଝାରଖଣ୍ଡର ଜିତେନ୍ଦ୍ର ଯାଦବ ଓରଫ ରବି (୨୭) ବୋଲି ପୁଲିସ ସୂଚନା ଦେଇଛି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖା ଦେଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ବସ ଏବଂ ଚାଳକ ରମେଶ ଲୁହାକୁ ଅଟକ ରଖି ତଦନ୍ତ କରିଛି। ସୂଚନାନୁଯାୟୀ, ଝାରଖଣ୍ଡର ଜିତେନ୍ଦ୍ର ବେଲପାହାଡ ଅଞ୍ଚଳରେ ଏକ ଟ୍ରକ ହେଲ୍ପର ଭାବେ କାର୍ଯ୍ୟ କରୁଥିଲେ। ସେ ଆଜି ସକାଳେ ବନ୍ଧବାହାଲ ପଟୁ ଝାରସୁଗୁଡ଼ା ପଟକୁ ଯାଉଥିବା ଶେଖର ବସ (ଓଡି-୨୩ଜେ-୯୩୫୫) ଯୋଗେ ଯାତ୍ରା କରୁଥିଲେ। ଏହି ସମୟରେ ଜିତେନ୍ଦ୍ର ବସର ଗେଟ ପାଖରେ ଛିଡା ହୋଇଥିଲେ। ଅସାବଧାନତା ହେତୁ ହଠାତ୍ ବସରୁ ତଳକୁ ଖସିପଡି ଦୁର୍ଘଟଣାଗ୍ରସ୍ତ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ତେବେ ଦୁର୍ଘଟଣା ସ୍ଥଳରେ ହିଁ ଜିତେନ୍ଦ୍ରଙ୍କ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ବାସିନ୍ଦା ତଥା ଟ୍ରକ ଚାଳକ ଓ ହେଲ୍ପରମାନେ ଏକତ୍ରିତ ହୋଇ ମୃତକ ପରିବାର ପାଇଁ କ୍ଷତିପୂରଣ ଦାବି କରିଥିଲେ। ପୁଲିସ ଲୋକଙ୍କୁ ବୁଝାସୁଝା କରି ସ୍ଥିତି ନିୟନ୍ତ୍ରଣ କରିଥିଲା। ଏହାସହ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଜିତେନ୍ଦ୍ର କାହିଁକି ଗେଟ ପାଖରେ ଛିଡା ହୋଇଥିଲେ ଏବଂ ବସ ଡ୍ରାଇଭର କିମ୍ବା କଣ୍ଡକ୍ଟର ତାଙ୍କୁ ଭିତରକୁ କାହିଁକି ନେଇ ନଥିଲେ ବୋଲି ପ୍ରଶ୍ନ ଉଠିଛି। ପୁଣି ବସ କ୍ଷମତା ଠାରୁ ଅଧିକ ଯାତ୍ରୀ ନେଇ ଯାଉଥିବାରୁ ଏପରି ଦୁର୍ଘଟଣା ଘଟିଥିବା ମଧ୍ୟ ତଦନ୍ତ ସାପେକ୍ଷ ହୋଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନଥିରେ 'ପରିଷଦ'...

ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ନିଯୁକ୍ତିରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ବିକାଶମୂଳକ କାର୍ଯ୍ୟରେ ଅଗ୍ରଗତି ହୋଇପାରୁ ନାହିଁ ବୋଲି ମଧ୍ୟ ଅଭିଯୋଗ ହୋଇଛି। ଯଦି ବିକାଶମୂଳକ କାର୍ଯ୍ୟ କରାଯାଇ ପାରୁନାହିଁ, ତେବେ ବଜେଟରେ କାହିଁକି ସରକାର ବ୍ୟୟବରାଦ କରୁଛନ୍ତି ବୋଲି ଏବେ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି।

କେବଳ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ନୁହେଁ; ରାଜ୍ୟରେ କ୍ଷମତାକୁ ଆସିବା ପରେ ବିଜେପି ସରକାର ଉତ୍ତର ଓଡ଼ିଶା ବିକାଶ ପରିଷଦ ଓ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ ନିମନ୍ତେ ଘୋଷଣା କରିଥିଲା। ଏଥିପାଇଁ କମିଟି ମଧ୍ୟ ଗଠନ ହେଲା। ଚଳିତ ବର୍ଷ ବଜେଟରେ ଦୁଇ ପରିଷଦ ପାଇଁ ୨୦୦ କୋଟି ଟଙ୍କା ଲେଖାଏଁ ବ୍ୟୟବରାଦ କରାଗଲା। ଉତ୍ତର ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାର ଶାସକ ଦଳର ନେତାମାନେ ଏହାକୁ ନେଇ ଅନେକ ବୟାନବାଜୀ କଲେ। ମାତ୍ର ଆର୍ଥିକ ବର୍ଷ ସରିବାକୁ ବସିଲାଣି, ଆଗାମୀ ଆର୍ଥିକ ବର୍ଷ ପାଇଁ ବଜେଟ୍ ପ୍ରସ୍ତୁତି କାର୍ଯ୍ୟ ସରକାର ଆରମ୍ଭ କଲେଣି। ମାସକ ପରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବିଧାନସଭାରେ ବଜେଟ୍ ଆଗତ ହେବ। ମାତ୍ର ଦୁଇ ପରିଷଦର ରୂପରେଖ ସ୍ଥିର ହୋଇ ପାରିଲା ନାହିଁ, ପରିଷଦର ଅଧ୍ୟକ୍ଷ ଓ ସଦସ୍ୟ ନିଯୁକ୍ତି ଦିଆଯାଇ ପାରିଲା ନାହିଁ। ବଜେଟ୍ ବରାଦ ବ୍ୟୟ ହେବା ତ ଦୂରର କଥା, ଏ ସଂକ୍ରାନ୍ତରେ କୌଣସି ପ୍ରସ୍ତାବ ମଧ୍ୟ ଏଯାଏ ଆସି ପାରିଲା ନାହିଁ।

ଏଥିନିମନ୍ତେ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି ବିରୋଧୀ। ରାଜନୈତିକ ସମୀକ୍ଷକମାନେ ପରିଷଦ ପ୍ରସଙ୍ଗକୁ ନେଇ ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି। ସରକାର ସାମାନ୍ୟ ଆନ୍ତରିକତା ଦେଖାଇଥିଲେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ କ୍ରିୟାଶୀଳ ହୋଇ ପାରିଥାଆନ୍ତା ଓ ବିକାଶମୂଳକ କାମଗୁଡ଼ିକ ନିମନ୍ତେ ମଞ୍ଜୁର ଅର୍ଥ ବିନିଯୋଗ ହୋଇ ପାରିଥାଆନ୍ତା। ମାତ୍ର ଅନୁଦାନ ମଞ୍ଜୁର ପରେ କାମକୁ ରୋକିବା ପଛରେ ରାଜନୈତିକ ଷଡ଼ଯନ୍ତ୍ର ରହିଛି ବୋଲି ବିରୋଧୀ ପ୍ରଶ୍ନ ଉଠାଇଛନ୍ତି।

### ଡାକ୍ତର ନକଲି...

ନ ଥିଲେ କି ହସ୍ପିଟାଲରେ ପଢ଼ାଉ ନ ଥିଲେ। ରୋଗୀଙ୍କ ଚିକିତ୍ସା ମଧ୍ୟ କରୁ ନ ଥିଲେ। ଏନ୍ଏମ୍‌ସି ଅନୁମୋଦନ ଓ ବିନା ବାଧାରେ ମେଡିକାଲ କଲେଜକୁ ଚଳାଇବା ପାଇଁ ଏପରି କରାଯାଇଥିଲା। ଇଡି ଟେକ୍ସଟ୍ ମେସେଜ୍ ଓ ଭିଡିଓ ଚାଟର ମଧ୍ୟ ଯାଞ୍ଚ କରିଥିଲା। ଏଥରୁ ଜଣାପଡ଼ିଥିଲା ଯେ ନିୟାମକ ଯାଞ୍ଚ ପୂର୍ବରୁ ଅଲ-ଫଲାହ ହସ୍ପିଟାଲ ପ୍ରାୟତଃ କାର୍ଯ୍ୟକ୍ଷମ ନ ଥିଲା। ଯାଞ୍ଚର କିଛି ଦିନ ପୂର୍ବରୁ ଦେଖାଇବା ପାଇଁ କେବଳ ନକଲି ରୋଗୀମାନଙ୍କୁ ଭର୍ତ୍ତି କରାଯାଇଥିଲା। ଏନ୍ଏମ୍‌ସି ଯାଞ୍ଚର ତିନି ସପ୍ତାହ ପୂର୍ବରୁ କୌଣସି ରୋଗୀ, କର୍ମଚାରୀ କିମ୍ବା ଡାକ୍ତର ହସ୍ପିଟାଲ ପରିସରରେ ଉପସ୍ଥିତ ନ ଥିଲେ।

ସୂଚନା ଅନୁଯାୟୀ, ଅକ୍ଟୋବର ୨୦୨୧ରୁ ସାଧାରଣ ଔଷଧ ବିଭାଗର ଜୁନିଅର ରେସିଡେଣ୍ଟ ଭାବେ ଆତଙ୍କବାଦୀ ତଥା ଡ. ଗନି ଓ ଔଷଧ ବିଜ୍ଞାନରେ ସହାୟକ ପ୍ରାଧ୍ୟାପିକା ଭାବେ ଡ. ସାହିନ ସୈଦକୁ ୨୦୨୪ ମେ'ରେ ନିଯୁକ୍ତ କରାଯାଇଥିଲା। ଅଲ-ଫଲାହର ମାନବ ସମ୍ବଳ ମୁଖ୍ୟଙ୍କ ସୁପାରିସରେ ଏହି ନିଯୁକ୍ତି ଦିଆଯାଇଥିଲା। ଏହାକୁ ଜୱାଦ ଅନୁମୋଦନ ଦେଇଥିଲେ। ଖାଲି ସେତିକି ନୁହେଁ, ଏହି ବିଶ୍ୱବିଦ୍ୟାଳୟଠକେଇ କରି ୪୧୩.୨୪ କୋଟି ଆୟ କରିଥିବା ଆକଳନ କରାଯାଉଛି। ଏନ୍ଏଏସି ଓ ମିଥ୍ୟା ୟୁଜିସି ମାନ୍ୟତା ଥିବା ଦର୍ଶାଇ ଛାତ୍ରଛାତ୍ରୀଙ୍କୁ ପ୍ରତାରିତ କରି ବାର୍ଷିକ ଶିକ୍ଷା ଓ ପରୀକ୍ଷା ଫି ବାବଦରେ ପାଣ୍ଠି ସଂଗ୍ରହ କରାଯାଇଥିଲା। ଏଠାରେ ପଢୁଥିବା କିଛି ଛାତ୍ରଛାତ୍ରୀଙ୍କ ବିଦେଶୀ ଲିଙ୍କ ମଧ୍ୟ ସାମନାକୁ ଆସିଛି। ସିଦ୍ଦିକିର ପୁଅ ଅଫହାମ ଅହମ୍ମଦ ଓ ଝିଅ ଅଫିଆ ସିଦ୍ଦିକାଙ୍କ ଦ୍ୱୈତ ନାଗରିକତା ଥାଇପାରେ ବୋଲି ସନ୍ଦେହ କରାଯାଉଛି। କିଛି ବିଦେଶୀ ସଂସ୍ଥା ଫାଇଲିଂରେ ସେମାନଙ୍କୁ ବ୍ରିଟିଶ ନାଗରିକ ଭାବେ ଦର୍ଶାଇ ଯାଇଛି।

### ଅପାରଗତା ଲୁଚାଇବାକୁ...

ପିନ୍ଧି ନ ଥିବା ଫାଇନ୍ ଆସୁଥିବା ବେଳେ ସହର ଭିତରେ ସ୍କୁଟି ଚାଳକ ୭୦-୮୦ କିମି ବେଗରେ ଗାଡ଼ି ଚଳାଉଥିବା ଦର୍ଶାଇ ଜୋରିମାନା ଲଦି ଦିଆଯାଉଛି।

ପ୍ରଦୂଷଣ ନାମରେ ସାଧାରଣ ବ୍ୟକ୍ତିଙ୍କଠାରୁ ହଜାର ହଜାର ଟଙ୍କାର ଫାଇନ୍ ନେବା ଯୋଗୁଁ ରାଜ୍ୟରେ ବିଭିନ୍ନ ସଂଗଠନ ସରକାରଙ୍କୁ ଘେରିବାକୁ ରାସ୍ତାକୁ ଓହ୍ଲାଉଛନ୍ତି। ଜାନୁୟାରୀ ୨୮ ତାରଖରେ ନବନିର୍ମାଣ କୃଷକ ସଂଗଠନ ଦ୍ୱାରା ସକାଳ ୬ଟାରୁ ୨ଟା ପର୍ଯ୍ୟନ୍ତ ଓଡ଼ିଶା ବନ୍ଦର ଡାକରା ଦିଆଯାଇଛି। ସରକାର ଗୋଟିଏ ପଟେ ଜମି, ଖଣି, ଜଳ, ଜଙ୍ଗଲ ଇତ୍ୟାଦିକୁ ନଷ୍ଟ କରୁଥିବା ଖଣି କମ୍ପାନୀମାନଙ୍କଠାରୁ ସୁପ୍ରିମକୋର୍ଟ ଦେଇଥିବା ଆଦେଶକୁ କାର୍ଯ୍ୟକାରୀ କରି ତାଙ୍କ ଉପରେ ବାକିଥିବା ୩,୯୬୬ କୋଟି ଟଙ୍କା ଆଦାୟ କରିପାରୁନାହାନ୍ତି। କମ୍ପାନୀଗୁଡ଼ିକ ଉପରେ ଥିବା ୬ ହଜାର କୋଟି ଟଙ୍କା ଜଳ କର ଆଦାୟ କରିବାରେ ସରକାର ଅସମର୍ଥ ହୋଇଛନ୍ତି। ଚୁକ୍ତି ଖିଲାପ କରିଥିବା ଖଣି କମ୍ପାନୀଗୁଡ଼ିକ ଗତ ୫ ବର୍ଷରେ ୪୨ ହଜାର କୋଟି ଟଙ୍କା ଦେଇ ନାହାନ୍ତି। ଏମାନଙ୍କ ତଣ୍ଟି ଧରିବାକୁ ସରକାରଙ୍କ ସାହସ ପାଉନାହିଁ, ଅଥଚ ସାଧାରଣ ଲୋକଙ୍କ ଉପରେ ସରକାର ଜୁଲମ କରୁଛନ୍ତି ବୋଲି ସଙ୍ଗଠନ ଅଭିଯୋଗ କରିଛି। ଏହାର ପ୍ରତିବାଦରେ ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସଙ୍ଗଠନ ଚେତାବନୀ ଦେଇଛି।

### ୪ ଦିନରେ...

ପରେ ପାଣିପାଗ କେନ୍ଦ୍ର ପକ୍ଷରୁ ସମସ୍ତ ସତର୍କ ସୂଚନା ହଟାଇ ଦିଆଯାଇଛି। ତେବେ ରାଜ୍ୟର କିଛି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମଧରଣର କୁହୁଡ଼ି ନେଇ କେନ୍ଦ୍ର ପୂର୍ବାନୁମାନ କରିଛି। ସୋମବାର ରାତିରୁ ମଙ୍ଗଳବାର ସକାଳ ମଧ୍ୟରେ କଟକ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ କଳାହାଣ୍ଡିରେ ସ୍ୱଳ୍ପରୁ ମଧ୍ୟମ ଧରଣର କୁହୁଡ଼ି ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

### ଟ୍ରମ୍ପଙ୍କୁ ଗ୍ରୀନଲାଣ୍ଡରେ...

ଅନ୍ୟ ସହର ତଥା କୋପେନହେଗେନ୍ ଓ ଅନ୍ୟାନ୍ୟ ଡେନମାର୍କ ସହରରେ ମଧ୍ୟ ସମାନ ବିକ୍ଷୋଭ ଓ ରାଲି ଅନୁଷ୍ଠିତ ହୋଇଥିଲା। ଗ୍ରିନଲାଣ୍ଡ ପ୍ରଧାନମନ୍ତ୍ରୀ ଜେନ୍ସ-ଫ୍ରେଡେରିକ୍ ନିଲସନ୍ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଆମେରିକା ଗ୍ରୀନଲାଣ୍ଡକୁ ଭିନ୍ନ ଦିଗରେ ନେଇଯିବାକୁ ଏବଂ ଶୋଷଣ କରିବାକୁ ଚାହୁଁଛି ବୋଲି କହିଥିଲେ।

**ଅଚଳ ନିଯୋଜନ ନିର୍ଦ୍ଦେଶାଳୟ ୱେବସାଇଟ୍**

# ହୋଇପାରୁନି ଆଶାୟୀଙ୍କ ନିଯୋଜନ ପଞ୍ଜୀକରଣ

ଭୁବନେଶ୍ୱର, ୧୮।୧(ସମିସ): ଅଚଳ ହୋଇ ପଡ଼ିଛି ନିଯୋଜନ ନିର୍ଦ୍ଦେଶାଳୟ ୱେବସାଇଟ୍। ଦୀର୍ଘ ଦିନରୁ ଅଚଳାବସ୍ଥା ଲାଗି ରହିଥିବାରୁ ଆଶାୟୀମାନେ ନିଯୁକ୍ତି ପାଇଁ ପଞ୍ଜିକରଣ କରିପାରୁ ନାହାନ୍ତି। ବିଭିନ୍ନ କାର୍ଯ୍ୟାଳୟରେ ବହୁ ସଂଖ୍ୟାରେ ଆଶାୟୀ ନିଯୁକ୍ତି ପଞ୍ଜିକରଣ ପାଇଁ କହୁଥିଲେ ମଧ୍ୟ ୱେବସାଇଟ୍ ଖୋଲୁ ନ ଥିବାରୁ କର୍ମଚାରୀମାନେ ମଧ୍ୟ ହାତ ବାନ୍ଧି ବସିଛନ୍ତି। ଫଳରେ ସାରା ରାଜ୍ୟରେ ଆଶାୟୀମାନେ ପଞ୍ଜିକରଣ କରି ନ ପାରି ଅସନ୍ତୋଷ ପ୍ରକାଶ କରୁଛନ୍ତି।

ସୂଚନା ଅନୁଯାୟୀ ନିଯୁକ୍ତି ପୂର୍ବରୁ ଏମ୍ପ୍ଲୋୟମେଣ୍ଟ ଏକ୍ସଚେଞ୍ଜ ରେଜିଷ୍ଟ୍ରେସନ୍ ବା ନିଯୋଜନ ପାଇଁ ନାମ ପଞ୍ଜିକରଣ କରିବାକୁ ପଡ଼ିଥାଏ। ସମ୍ପ୍ରତି ଆର୍ଆଇ, ଅମିନ, ଆଇସିଡିଏସ୍ ସୁପରଭାଇଜର ପରି ବିଭିନ୍ନ ପଦପେ ନିଯୁକ୍ତି ପାଇଁ ଆବେଦନ ଆରମ୍ଭ ହୋଇଥିବାବେଳେ ନିଯୋଜନ ପଞ୍ଜିକରଣ ସାର୍ଟିଫିକେଟ୍ ବାଧ୍ୟତାମୂଳକ କରାଯାଇଛି। ଫଳରେ ପ୍ରଥମ କରି ପଞ୍ଜିକରଣ କରିବାକୁ ଅନେକ ଆଶାୟୀ ଅପେକ୍ଷା କରି ରହିଛନ୍ତି। ସେହିପରି ପୂର୍ବରୁ ପଞ୍ଜିକରଣ କରିଥିବା ଛାତ୍ରଛାତ୍ରୀମାନେ ନବୀକରଣ କରିବା ପାଇଁ ଅପେକ୍ଷା କରିଛନ୍ତି। ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ ହେଉଥିଲେ ମଧ୍ୟ ପ୍ରାୟ ମାସାଧିକ କାଳ ହେବ ନିଯୋଜନ ନିର୍ଦ୍ଦେଶାଳୟ ୱେବସାଇଟ୍ ଖୋଲୁନାହିଁ। କିଛି ସମୟରେ ଧିମେଇ ଧିମେଇ ଖୋଲୁଥିଲେ ମଧ୍ୟ ଅନେକ ସମୟରେ ଏରୋର୍ କୋଡ୍ ୫୦୦ ଆସୁଛି। ସେହିପରି ଏହି ୱେବସାଇଟ୍ ଅଧୀନରେ ଥିବା ଓଡ଼ିଶା ରାଜ୍ୟ ବୃତ୍ତି ସେବା (ଏସ୍‌ସିଏସ୍) ସାଇଟ୍ ମଧ୍ୟ ଆବେଦନ ଅଧାରୁ ବନ୍ଦ ହୋଇଯାଉଛି। ୫୦୪ ଗେଟ୍-ୱେ ଟାଇମ୍ ଆଉଟ୍ ସହିତ ୱେବସାଇଟ୍ କ୍ରାସ୍ ହୋଇଯାଉଛି। ଫଳରେ ଦୀର୍ଘ ସମୟ ଧରି ଆବେଦନ କରିବାକୁ ପ୍ରୟାସ କରି ମଧ୍ୟ ସଫଳ ହେଉ ନାହାନ୍ତି। ଦିନରାତି ଏକାକାର କରି ପ୍ରୟାସ କରୁଥିଲେ ମଧ୍ୟ ୱେବସାଇଟ୍ ପାଇଁ ସଫଳ ହେଉ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିବା ସହ ନିଯୋଜନ କାର୍ଯ୍ୟାଳୟକୁ ଧାଉଁଛନ୍ତି। ସେଠାରେ ମଧ୍ୟ ସେମାନଙ୍କୁ ୱେବସାଇଟ୍ ଚାଲୁ ନ ଥିବା ଦର୍ଶାଇ ନାସ୍ତି ବାଣୀ ଶୁଣି ଫେରିବାକୁ ପଡୁଛି। ୱେବସାଇଟ୍ ଠିକ୍ କରିବା ପାଇଁ ନିର୍ଦ୍ଦେଶାଳୟକୁ ସେମାନେ ପତ୍ର ଲେଖିଥିବା ଦର୍ଶାଇ ଉପରକୁ ହାତ ଟେକି ଦେଉଛନ୍ତି। ସରକାର ୱେବସାଇଟ୍ ପାଇଁ ବିପୁଳ ଅର୍ଥ ଖର୍ଚ୍ଚ କରୁଥିବାବେଳେ କାହିଁକି ସେଗୁଡ଼ିକର କାର୍ଯ୍ୟଦକ୍ଷତା ଉପରେ ସମୀକ୍ଷା କରି ପଦକ୍ଷେପ ନେଉ ନାହାନ୍ତି ବୋଲି ଆଶାୟୀମାନେ ପ୍ରଶ୍ନ କରିଛନ୍ତି।

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, vide CF. No. 51, dated 26.09.2025, **PRAMODA KUMAR PARIDA**, S/o Paramananda Parida resident of Vill.At- Injana, PO- Kalarahanga, Ps.- Mancheswar, Bhubaneswar Dist- Khordha, State- Odisha, Pin- 751024 declare that I have changed my name, from **PRAMOD PARIDA** to **PRAMODA KUMAR PARIDA**. Henceforth I shall be known as **PRAMODA KUMAR PARIDA** for all purposes.

Sd- **PRAMODA KUMAR PARIDA**

**AFFIDAVIT**

By virtue of an affidavit before The Executive Magistrate, BBSR, Vide CF No-109/ 15.01.2026. I, MAMA BISWAS aged about, 32 yrs, W/o- Satya Ranjan Biswas, Permanent resident of At- CN-22-B, Bhanwar Singh Camp, Vasant Vihar-1, Po- Vasant Vihar-1, Ps-Vasant Vihar, Dist-South West Delhi, State - Delhi-110057, Currently residing At-Kargil Basti, Tareni Sahi, Pokhariput, Ps-Airport, Bhubaneswar, Dist-Khordha, Odisha-751020 have changed my name from Mama Paramanik to Mama Biswas. Henceforth I shall be known as **Mama Biswas, W/o- Satya Ranjan Biswas** for all purposes.

**AFFIDAVIT**

I, Binoda Bihari Nayak, S/o Late Bimbadhar Nayak, resident of At Plot No. 833/3089, Khaleswar Nagar, Khaira, PO/PS- Jagatpur, Dist- Cuttack, PIN- 754021, Odisha declare by this affidavit No. 14104, dated- 12.12.2025, that now onwards I shall be known as **BINOD BIHARI NAYAK** for all future purposes.

ସକାଳ THE SAKALA



www.sakalaepaper.com

## ଘର ସମ୍ମୁଖରୁ ଦୁଇଟି ଇ-ରିକ୍ସା ଚୋରି

**ବାରିପଦା, ୧୮ ।୧(ସମିସ):** ପୃଥକ ସ୍ଥାନରେ ଘର ସମ୍ମୁଖରେ ପାର୍କିଂ ହୋଇଥିବା ଦୁଇଟି ଇ-ରିକ୍ସା ଚୋରି ହୋଇଥିବା ନେଇ ବାରିପଦା ଟାଉନ ଥାନାରେ ଅଭିଯୋଗ ହୋଇଛି। ସୁନାମୁଁହିର ପ୍ରଦୀପ ମହାନ୍ତି ଘର ସମ୍ମୁଖରେ ପ୍ରତିଦିନ ଭଳି ତାଙ୍କର ଇ-ରିକ୍ସା ପାର୍କିଂ କରିଥିଲେ। ସକାଳୁ ଦେଖିଲା ବେଳକୁ ଉକ୍ତ ସ୍ଥାନରେ ରିକ୍ସା ନ ଥିଲା। ବହୁ ଖୋଜାଖୋଜି ପରେ ପାଇ ନ ଥିଲେ। ଚୋରି ହୋଇଥିବା ଜାଣି ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ୧୧ନଂ ୱାର୍ଡ ଅଞ୍ଚଳର ନିର୍ମଳ ସେନଙ୍କ ଘର ସମ୍ମୁଖରେ ଇ-ରିକ୍ସା ପାର୍କିଂ ଥିଲା। ସକାଳେ ଦେଖିବା ବେଳକୁ ସେଠାରେ ଅଟୋ ନ ଥିଲା। ଚୋରି ନେଇ ଜାଣିବା ପରେ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୁଲିସ ପୃଥକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

**ଡେଥ୍ ଜୋନ୍ ପାଲଟିଛି ରାଣୀବନ୍ଧ**

## ଟ୍ରକ୍‌କୁ ଧକ୍କା ଦେଲା ବାଇକ୍, ଜଣେ ମୃତ

ରାଇରଙ୍ଗପୁର, ୧୮ ।୧(ସମିସ)

ସଡ଼କ ସୁରକ୍ଷା ସଚେତନତା ମାସ ଜାରି ରହିଥିବାବେଳେ ଦୁର୍ଘଟଣା ମାତ୍ରା କମିବାରେ ନାଁ ନେଉନାହିଁ। ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ରାଣୀବନ୍ଧ ଅଞ୍ଚଳ 'ଡେଥ୍ ଜୋନ୍' ପାଲଟିଥିବାବେଳେ ପୁଣି ଦୁର୍ଘଟଣାରେ ଜଣକ ଜୀବନ ଯାଇଛି। ରାଣୀବନ୍ଧ ନିକଟରେ ରାସ୍ତା କଡ଼ରେ ପାର୍କିଂ ଟ୍ରକ୍‌କୁ ବାଇକ୍ ଧକ୍କା ଦେବାରୁ ଆରୋହୀଙ୍କ ମୃତ୍ୟୁ ହୋଇଛି।

ଶନିବାର ବିଳମ୍ବିତ ରାତିରେ ରାଣୀବନ୍ଧ ନିକଟରେ ଏକ ଟ୍ରକ୍ ରାସ୍ତା କଡ଼ରେ ବିନା କୌଣସି ପାର୍କିଂ ଲାଇଟ୍ କିମ୍ବା ଇଣ୍ଡିକେଟରରେ ଛିଡ଼ା ହୋଇଥିଲା। ଉକ୍ତ ସମୟରେ ଏକ ବାଇକ୍ ଆସୁଥିବାବେଳେ ଟ୍ରକ୍ ପାର୍କିଂ ହୋଇଥିବା ଜାଣି ନ ପାରି ଟ୍ରକ ପଛରେ ଜୋରରେ ଧକ୍କା ଦେଇଥିଲା। ଫଳରେ ବାଇକ୍




ଆରୋହୀଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଏତେ ଭୟଙ୍କର ହୋଇଛି ଯେ ମୃତକଙ୍କ ମୁହଁ ନଷ୍ଟ ହୋଇ ଚେହେରା ଚିହ୍ନିବା ଅସମ୍ଭବ ହୋଇପଡ଼ିଛି। ମୃତକ ଜଣକ ପରିଚୟ ମିଳିପାରି ନ ଥିବାବେଳେ ଝାଡ଼ଖଣ୍ଡ ଅଞ୍ଚଳର ବୋଲି ସନ୍ଦେହ କରାଯାଉଛି। ସ୍ଥାନୀୟ ଲୋକେ ଉଦ୍ଧାର କରି ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ପୁଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଛି। ଟ୍ରକ୍ ଚାଳକ ବେପରୁଆ ଭାବେ ରାସ୍ତା କଡ଼ରେ ପାର୍କିଂ ପାଇଁ ଏହି ଦୁର୍ଘଟଣା ଘଟିଛି। ରାଣୀବନ୍ଧ ରାସ୍ତା କଡ଼ରେ ଆଲୋକୀକରଣ ବ୍ୟବସ୍ଥା ନ ଥିବାରୁ ଅନ୍ଧାରୁଆ ରହୁଛି। ଫଳରେ ଉକ୍ତ ସ୍ଥାନଟି 'ଡେଥ୍ ଜୋନ୍' ପାଲଟିଛି। କିଛିଦିନ ପୂର୍ବେ ଏକ ବସ୍ ୩ ଜଣ ଯୁବକଙ୍କୁ ଧକ୍କା ଦେଇ ଘୋଷାଡି ନେଇଥିଲା। ଫଳରେ ଘଟଣାସ୍ଥଳରେ ସେମାନଙ୍କର ମୃତ୍ୟୁ ହୋଇଥିଲା। ଉକ୍ତ ସ୍ଥାନରେ ବଡ଼ ବଡ଼ ଦୁର୍ଘଟଣା ଘଟୁଥିବାରୁ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ପ୍ରତି ଯତ୍ନଶୀଳ ହେବାର ଆବଶ୍ୟକତା ରହିଛି।

## ଶାଳଗାଁରେ ମକର ପର୍ବ ଓ ବଡ଼ାମ ପୂଜା



**ବଡ଼ସାହି, ୧୮ ।୧(ସମିସ):** ଶାଳଗାଁ ଆଦିବାସୀ ସାହିର ମା' ବଡ଼ାମ ଠାକୁରାଣୀଙ୍କ ଜାହିରା ପୀଠରେ ମକର ପର୍ବ ପାଳିତ ହୋଇଯାଇଛି। ଶାଳଗାଁର ପୂର୍ବତନ ସରପଞ୍ଚ କାଳୀଚରଣ ସିଂଙ୍କ ପୌରୋହିତ୍ୟରେ ମା' ବଡ଼ାମ ଠାକୁରାଣୀଙ୍କ ଜାହିରା ପୀଠରେ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲ୍ଲା କଳାକାର ସଂଘ ସଂଯୋଜକ ତଥା ବିଶିଷ୍ଟ ପାଲା ଗାୟକ ନରେନ୍ଦ୍ର ମହାକୁଡ, କପ୍ତିପଦା ବ୍ଲକ ସଂଯୋଜକ ନିତ୍ୟାନନ୍ଦ ବାରିକ, ବଡ଼ସାହି ବ୍ଲକ ସଂଯୋଜକ ମାର୍କଣ୍ଡ ବେହେରା, ଶାଳଗାଁ ପଞ୍ଚାୟତ ସମିତି ସଭ୍ୟ ବିଶ୍ୱମ୍ବର ବେହେରା, ଯୁବ ସମାଜସେବୀ ବିଜୟ ଭାସ୍କର ମହାଳିକ ପ୍ରମୁଖ ଯୋଗଦାନ କରି ଆଦିବାସୀ କଳା, ସଂସ୍କୃତି ଓ ପର୍ବ ପର୍ବାଣୀର ସ୍ୱତନ୍ତ୍ରତା ଓ ମହାନତା ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଶା ସରକାରୀ ପ୍ରେସ୍‌ର ଅବସରପ୍ରାପ୍ତ କର୍ମଚାରୀ ବାଙ୍କନିଧି ସିଂଙ୍କ ପ୍ରଶିକ୍ଷଣରେ ଶାଳଗାଁ ଆଖଡ଼ା ଦଳର ବାଡି ଖେଳ, ଆଦିବାସୀ ଯୁଦ୍ଧ କୌଶଳ, ମହିଳା ଓ ଝିଅଙ୍କ ଚିତ୍ତାକର୍ଷକ କାଠି ନାଚ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। କାର୍ଯ୍ୟକ୍ରମକୁ ଏକାଦଶୀ ସିଂ, ରଞ୍ଜନ ସିଂ ସହଯୋଗ କରିଥିବାବେଳେ ସୁଶୀଲ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳାଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗ

**ବୈଶିଙ୍ଗା, ୧୮ ।୧(ସମିସ):** ବୈଶିଙ୍ଗା ଥାନା ଅଧୀନ ରଘୁପୁର ଗ୍ରାମର ଜଣେ ଆଶା କର୍ମୀ ଠାକୁରତୋଟା ରେଳ ଷ୍ଟେସନରେ ଓହ୍ଲାଇ ସ୍ୱାମୀଙ୍କ ସହ ଘରକୁ ଫେରୁଥିବା ସମୟରେ ଉକ୍ତ ଗ୍ରାମର ଯୁବକ ପ୍ରଫୁଲ୍ଲ ବେହେରାଙ୍କ ପୁଅ ଗଜେନ୍ଦ୍ର ବାଇକ ଅଟକାଇବା ସହିତ ତାଙ୍କ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିବା ନେଇ ଅଭିଯୋଗ ପରେ ପୁଲିସ ଗଜେନ୍ଦ୍ରକୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

ସୂଚନା ମୁତାବକ, ରଘୁପୁର ଗ୍ରାମର ଆଶା କର୍ମୀ ମଧୁସୂଦନ ରାଉଳଙ୍କ ସ୍ତ୍ରୀ ବୀଣାପାଣି ଶନିବାର ବାରିପଦାରେ କାମ ସାରି ଟ୍ରେନରେ ଆସି ଠାକୁରତୋଟା ଷ୍ଟେସନରେ ଓହ୍ଲାଇଥିଲେ। ସେଠାରେ ଅପେକ୍ଷା କରିଥିବା ତାଙ୍କ ସ୍ୱାମୀଙ୍କ ସହିତ ବାଇକ୍‌ରେ ରଘୁପୁରସ୍ଥ ଘରକୁ ଆସୁଥିବା ସମୟରେ ଗାଁ ହାଟ ନିକଟରେ ଗଜେନ୍ଦ୍ର ତାଙ୍କୁ ଅଟକାଇଥିଲା। ବାଇକରୁ ଚାବି ଖୋଲି ନେଇଥିଲା ଓ ହଠାତ କିଛି ବୁଝିବା ପୂର୍ବରୁ ବୀଣାପାଣିଙ୍କ ତଣ୍ଟି ଚିପି ଧରି ମାରିଦେବାକୁ ଉଦ୍ୟତ ହେବା ସହିତ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲା। ବୀଣାପାଣିଙ୍କ ସ୍ୱାମୀ ଉଦ୍ଧାର କରିବା ସମୟରେ ବୀଣାପାଣି ସେଠାରୁ ଦୌଡ଼ି ପଳାଇଯିବାକୁ ଚେଷ୍ଟା କରୁଥିବା ସମୟରେ ଗଜେନ୍ଦ୍ର ତାଙ୍କୁ ପିଛା କରି ପୁଣି କାବୁ କରି ମାରିଦେବାକୁ ଚେଷ୍ଟା କରିଥିଲା। ଏ ସମୟରେ ବୀଣାପାଣିଙ୍କ ଭଣଜା ଦେବାଶିଷ ରାଉଳ ପହଞ୍ଚି ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ତେବେ ଗଜେନ୍ଦ୍ର ରାଗରେ ଦେବାଶିଷଙ୍କ ଆଙ୍ଗୁଳିକୁ କାମୁଡି ତାଙ୍କୁ ମଧ୍ୟ ରକ୍ତାକ୍ତ କରି ଚମ୍ପଟ ମାରିଥିଲା। ବୀଣାପାଣି ଚେତାଶୂନ୍ୟ ହୋଇ ପଡ଼ିଥିଲେ ଓ ଚେତା ଫେରିବା ପରେ ବୈଶିଙ୍ଗା ଥାନାରେ ଅଭିଯୋଗ କରିଥିଲେ। ସବଇନ୍ସପେକ୍ଟର ସରୋଜ ଜେନା ୨୭/୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଅଭିଯୁକ୍ତ ଗଜେନ୍ଦ୍ରକୁ ଅଟକ ରଖି ପଚରାଉଚରା ଆରମ୍ଭ କରିଛନ୍ତି।

## ରାଜ୍ୟସ୍ତରୀୟ ଟାଙ୍ଗରାଶୁଣୀ ମକର ମିଳନ ସାରସ୍ୱତ ସମାରୋହ




**କପ୍ତିପଦା, ୧୮।୧(ସମିସ):** ସାନଖିଲାଡ଼ି ଟାଙ୍ଗରାଶୁଣୀ ମହୋତ୍ସବ କମିଟି ଓ ଉଦଳା ପ୍ରଶାନ୍ତ ସ୍ମୃତି ପରିଷଦ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ମକର ମିଳନ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉଦଳାର ପ୍ରାକ୍ତନ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାକୁ ଉଦଳା ନଗରପାଳିକା ପ୍ରମିଳା ପଣ୍ଡା ଉଦ୍‌ଘାଟନ କରି କହିଲେ, ସୂର୍ଯ୍ୟ ଧନୁରାଶିରୁ ମକର ରାଶିକୁ ଗଲେ ମକର ଉତ୍ସବ ହୁଏ। ଉତ୍ତର ଓଡ଼ିଶାର ମକର ପର୍ବ ନିଆରା। ନାଚ ଗୀତ ଖିଆପିଆର ଉଲ୍ଲାସ ଘରେ ଘରେ ଏହାର ପ୍ରଭାବ ପ୍ରତିଟି ପରିବାରଙ୍କଠାରେ ଦେଖିବାକୁ ମିଳିଥାଏ। ମୁଖ୍ୟଅତିଥି ଭାବେ ଡା ରମାକାନ୍ତ ମହାନ୍ତ ଯୋଗଦେଇ ଆଞ୍ଚଳିକ ସଂସ୍କୃତି, ଆଧ୍ୟାତ୍ମିକତା ଓ ସାରସ୍ୱତ କାର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରିବା ସହ ପରିବେଶ ଓ ନିଶା ନିବାରଣ ସଚେନତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଶ୍ରୀନାଥ ସରେନ, ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ମହାଳିକ, ସାହିତ୍ୟିକ ସଚ୍ଚିଦାନନ୍ଦ ମହାନ୍ତି ଯୋଗ ଦେଇଥିଲେଉ। ଏ ଅବସରରେ ଟାଙ୍ଗରାଶୁଣୀ ସମ୍ମାନ ସଚ୍ଚିଦାନନ୍ଦ ପରିଡ଼ା, ମକର ମିଳନ ସମ୍ମାନ ଅରୁଣ ପାତ୍ର, ସମୀବୃକ୍ଷ ସମ୍ମାନ ଡ. ନିରୁପମା ନାୟକ୍, ଟାଙ୍ଗିରିଆ ସମ୍ମାନ କନ୍ୟାଶ୍ରୀ ସୁଶ୍ରୀ ସଙ୍ଗୀତା ବସା, ଉଦାଳ ସମ୍ମାନ ଡ. ସୁଧାକର ଗିରି, ଉପନ୍ୟାସ ଲେଡି ଟେଲର ପାଇଁ ଉତ୍ତରା ପୁସ୍ତକ ସମ୍ମାନ ଚନ୍ଦ୍ରମୋହନ ମହାପାତ୍ର, ନାଟ୍ୟ ଭାସ୍କର ସମ୍ମାନ କ୍ଷୀରୋଦ ସିଟ୍, ମୂର୍ତ୍ତି ଭାସ୍କର ସମ୍ମାନ ଜୟକୃଷ୍ଣ ମଲ୍ଲିକ, ନଚିକେତା ସମ୍ମାନ ସତ୍ୟନାରାୟଣ ମିଶ୍ର, ଡିଜିଟାଲ ସାହିତ୍ୟ ସମ୍ମାନ ପ୍ରିୟବ୍ରତ ବାରିକଙ୍କୁ ପ୍ରଦାନ କରାଯାଇଥିଲା।

କବିତା ପାଠୋତ୍ସବକୁ ଶିବଶଙ୍କର ଭୂୟାଁ ଓ ନମିତା ରାଉତ ସଂଯୋଜନା କରିଥିଲେ। ଏଥିରେ ପ୍ରମିଳା ଜେନା, ବ୍ୟଙ୍ଗକବି ପ୍ରଭାକର ସାହୁ, ଗାଁ ମଜଲିସ ସହିତ୍ୟ ସଂସଦ ସମ୍ପାଦକ ଦେବେନ୍ଦ୍ର ପ୍ରଧାନ, କରୁଣାକର ଦାସ, ସୁଶାନ୍ତ ସିଂହ, ରାମଚନ୍ଦ୍ର ସାହୁ, କ୍ଷଣପ୍ରଭା ଜେନା, ପଦ୍ମଲୋଚନ ପ୍ରଧାନ, କମଳା ଜେନା, ଚନ୍ଦନେଶ୍ୱର ମହାନ୍ତି, ଅବନ୍ତୀ ବାରିକ, ହିମାଦ୍ରୀ ତନୟା ମଲ୍ଲିକ, ସାମ୍ବାଦିକ ସନ୍ତୋଷ ଶତପଥୀ ଓ ଅନ୍ୟମାନେ କବିତା ଆବୃତ୍ତି କରିଥିଲେ। ଆୟୋଜକ ସୁଶାନ୍ତ ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଶିଷ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

**ବାସି ମୁଣ୍ଡା ଅଜଣା ରୋଗରେ ପୀଡ଼ିତ**

## ଚିକିତ୍ସାରେ ଅର୍ଥାଭାବ ହେଉଛି ବାଧକ

**ଶରତ, ୧୮ ।୧(ସମିସ):** ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ କଳମଗଡ଼ିଆ ପଞ୍ଚାୟତ ଅଧୀନ ବାଲିଚୁଆ ରାଜସ୍ୱ ଗ୍ରାମର ଲେୟାଙ୍ଗିସାହିର ବାସି ମୁଣ୍ଡା (୬୨) ଜନ୍ମରୁ ଏକ ଅଜଣା ରୋଗରେ ପୀଡ଼ିତ ଅଛନ୍ତି। ତାଙ୍କ ମୁହଁର ଉପର ଭାଗରେ ମାଂସ ପିଣ୍ଡୁଳା ବାହାରିଛି। ଦାରିଦ୍ର୍ୟତା ଓ ଅର୍ଥାଭାବ କାରଣରୁ ସେ ଚିକିତ୍ସା କରାଇ ପାରୁ ନ ଥିବା ପ୍ରକାଶ କରିଛନ୍ତି। ସେ



ଏକ ମାଟିଝାଟି କୁଡ଼ିଆ ଘରେ ଏକୁଟିଆ ରହୁଛନ୍ତି। ସରକାରଙ୍କ ଖାଦ୍ୟ ସୁରକ୍ଷା ଆଇନ ଯୋଜନାରେ ସେ ଏକ ରାସନ କାର୍ଡ ପାଇଛନ୍ତି ଓ ମାସକୁ ୫ କିଲୋ ଗ୍ରାମ ଚାଉଳ ପାଇ ଚଳୁଛନ୍ତି। ସେ ମୂଳରୁ ହିଁ ଅବିବାହିତ ରହିଛନ୍ତି। ଶୀତଋତୁରେ ଘୋଡାଇବା ପାଇଁ ତାଙ୍କ ପାଖରେ କମ୍ବଳ କିମ୍ବା ଚାଦର କି ଲୁଗା ବି ନାହିଁ। ଅଭାବ ଅସୁବିଧା ଓ ଦୁଃଖର ବଳୟ ମଧ୍ୟରେ ସେ ଜୀବନଯାପନ କରୁଛନ୍ତି।

ସେ ୬୨ ବର୍ଷ ବୟସରେ ପଦାର୍ପଣ କରିଥିଲେ ହେଁ ତାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳିପାରିନାହିଁ। ତାଙ୍କ ଚିକିତ୍ସା ପାଇଁ ଜିଲ୍ଲା ପ୍ରଶାସନ ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ତାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଓ ଆବାସ ଯୋଜନାରେ ଘର ପ୍ରଦାନ କରିବା ପାଇଁ ସେ ନିବେଦନ କରିଛନ୍ତି।

## ଦର୍ଶକଙ୍କୁ କନ୍ଦାଇଲା ନାଟକ 'ଫୁଲ ଶଯ୍ୟା'



**ବାରିପଦା, ୧୮ ।୧(ସମିସ):** ସ୍ଥାନୀୟ ସହିଦ ସ୍ମୃତି ଭବନରେ ସମ୍ଭାବନା ସାଂସ୍କୃତିକ ପରିଷଦ ପ୍ରଯୋଜିତ ନାଟକ 'ଫୁଲ ଶଯ୍ୟା' ମଞ୍ଚସ୍ଥ ହୋଇଯାଇଛି। ଅତିଥି ଭାବେ ଅନିରୁଦ୍ଧ ଜେନା ଯୋଗଦେଇ ନାଟକକୁ ଉଦ୍‌ଘାଟନ କରିଥିଲେ। ଏ ଅବସରରେ ନାଟ୍ୟକାରଙ୍କ ସ୍ମୃତିରେ ତାଙ୍କ ପରିବାରବର୍ଗ ଓ ଯୁବ ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ରାଜେଶ ଦାଶ ନାଟକ ଉପରେ ଆଲୋକପାତ କରିଥିଲେ। ଭଞ୍ଜମାଟିର ପ୍ରତିଷ୍ଠିତ ନାଟ୍ୟକାର ସ୍ୱର୍ଗତ ଆନନ୍ଦ ଶଙ୍କର ଦାଶଙ୍କ ରଚିତ ଓ ଯୁବ ନିର୍ଦ୍ଦେଶକ ଗୁହିରାମ ଜେନାଙ୍କ ନିର୍ଦ୍ଦେଶିତ ନାଟକରେ ଘନଶ୍ୟାମ କର, ସରୋଜ ଶତପଥୀ, ଧର୍ମପଦ ନନ୍ଦି, ଜ୍ୟୋତିଶଙ୍କର ପଟ୍ଟନାୟକ, କରୁଣାକର ବାରିକ, କ୍ରିଷ୍ଣା ଦାସ, ଲଭରଜିତ ସାହୁ, ହିମାଂଶୁ ସାହୁ, ନିକିତା ମହାନ୍ତି, ରାଜେସେନୀ ଜେନା ଅଭିନୟ କରିଥିଲେ। ସଙ୍ଗୀତରେ ବିଭୂତି ଭୂଷଣ ବେହେରା, ନୃତ୍ୟ ନିର୍ଦ୍ଦେଶନାରେ ଦେବାନନ୍ଦ ପାତ୍ର, ମଞ୍ଚ ସଜ୍ଜାରେ ନୃସିଂହ ବାରିକ, ରୂପସଜ୍ଜାରେ ଦିଲ୍ଲୀପ ଆଇଚ, ଆଲୋକରେ ଅଙ୍କେତ ଦାସ ଓ ମଞ୍ଚ ପରିଚାଳନାରେ ସୋମନାଥ ସିଂହ ସହଯୋଗ କରିଥିଲେ। ମନ ଭାଙ୍ଗିଗଲେ ଜୀବନ ଯେମିତି ଦୁର୍ବିସହ ହୋଇପଡେ, ନିଶାଶକ୍ତ ମଣିଷ କିପରି ମଣିଷପଣିଆ ହରାଇଥାଏ, ସମ୍ପର୍କ ଭିତରେ କିପରି ସଉଦା ହୁଏ, ଦୃଢ଼ମନ କେମିତି ଅସମ୍ଭବକୁ ସମ୍ଭବ କରିପାରେ, ଏଭଳି ପରିସ୍ଥିତିକୁ ନେଇ ଅଭିନେତାଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ବିମୋହିତ କରିଥିଲା।

## ସରକାରୀ ଶିକ୍ଷାନୁଷ୍ଠାନରେ ପୂଜା ଚାନ୍ଦା ଆଦାୟକୁ ବିରୋଧ

**ବାରିପଦା, ୧୮ ।୧(ସମିସ):** ରାଜ୍ୟସ୍ତରୀୟ ଟାଙ୍ଗରାଶୁଣୀ ମକର ମିଳନ ସାରସ୍ୱତ ସମାରୋହ (୫) ଭାରତ ଯାକାତ୍ ମାଝୀ ପାର୍ଗାନା ମହଲ, ଓଡ଼ିଶା ଓ ଆଦିବାସୀ ସାମାଜିକ ସଙ୍ଗଠନ ପକ୍ଷରୁ ଓଡ଼ିଶା ପନତ୍ ପାର୍ଗାନା ବାବା ମାନତାନ୍ ବାଲକ୍ ରାମ୍ ବାସ୍କେଙ୍କ ନେତୃତ୍ୱରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଜରିଆରେ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କୁ ଏହି ଦାବିପତ୍ର ଦିଆଯାଇଛି। ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟରେ ଗଣେଶ ପୂଜା ଓ ସରସ୍ୱତୀ ପୂଜା ନିମନ୍ତେ କୌଣସି ସରକାରୀ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କଠାରୁ କୌଣସି ଶୁଳ୍କ ବା ଚାନ୍ଦା ଆଦାୟ କରାଯିବ ନାହିଁ ବୋଲି ସ୍ପଷ୍ଟ ନିର୍ଦ୍ଦେଶ ଥିବା ସତ୍ତ୍ୱେ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କଠାରୁ ଅନ୍ୟାୟ ଭାବେ ପୂଜା ନାମରେ ଚାନ୍ଦା ଆଦାୟ କରାଯାଉଛି। ଏହାଦ୍ୱାରା ଗରିବ ଛାତ୍ରଛାତ୍ରୀ ଆର୍ଥିକ ଶୋଷଣର ଶିକାର ହେଉଛନ୍ତି। ସରକାର ସମସ୍ତଙ୍କୁ ମାଗଣାରେ ସାମୟିକ ଶିକ୍ଷା ପ୍ରଦାନ ନିମନ୍ତେ ବିଭିନ୍ନ ପ୍ରୋତ୍ସାହନ ପୂର୍ବକ ଯୋଜନା କାର୍ଯ୍ୟକାରୀ କରୁଥିବାବେଳେ



ପୂଜା ଚାନ୍ଦା ଆଦାୟ କରିବା ଛାତ୍ରଛାତ୍ରୀଙ୍କୁ ମାନସିକ ସ୍ତରରେ ଚାପଗ୍ରସ୍ତ କରାଯାଉଛି। ତତ୍‌ସହିତ ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର ହୋଇଥିବାରୁ ଶିକ୍ଷାନୁଷ୍ଠାନରେ ବିଭିନ୍ନ ଧର୍ମାବଲମ୍ବୀ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରୁଛନ୍ତି। ଶିକ୍ଷାନୁଷ୍ଠାନରେ ଏକ ନିର୍ଦ୍ଦିଷ୍ଟ ଏକ ଧର୍ମର ଧାର୍ମିକ ପ୍ରଥା ପରମ୍ପରାକୁ ଗୁରୁତ୍ୱ ପ୍ରଦାନ କରିବା କେତେ ଯୁକ୍ତିଯୁକ୍ତ ତାହା ମଧ୍ୟ ବିଚାର କରିବା ଆବଶ୍ୟକ।

ରାଜ୍ୟର ଅନେକ ଶିକ୍ଷାନୁଷ୍ଠାନ ଓ ସରକାରୀ କାର୍ଯ୍ୟାଳୟରେ ବିଭିନ୍ନ ଦେବାଦେବୀଙ୍କ ମୂର୍ତ୍ତି ସ୍ଥାପନ କରାଯାଇଥିବା ନଜିର ରହିଛି। ଏହାକୁ ମଧ୍ୟ ସଙ୍ଗଠନ ପକ୍ଷରୁ ବିରୋଧ କରାଯାଇଛି। ଏପରି କିଛି ଶିକ୍ଷାନୁଷ୍ଠାନ ଓ ଆବାସିକ ଶିକ୍ଷାନୁଷ୍ଠାନର ଅନ୍ତେବାସୀ ଛାତ୍ରଛାତ୍ରୀଙ୍କୁ ନିର୍ଦ୍ଦିଷ୍ଟ ଧର୍ମର ଦେବାଦେବୀଙ୍କୁ ନିୟମିତ ପୂଜା କରାଯାଉଥିବା ଦେଖିବାକୁ ମିଳିଥାଏ। ତେଣୁ ଏଭଳି ସମ୍ବେଦନଶୀଳ କାର୍ଯ୍ୟକଳାପ ଶିକ୍ଷାନୁଷ୍ଠାନ ଓ ସରକାରୀ କାର୍ଯ୍ୟାଳୟରେ ରୋକ୍ ଲଗାଇବା ନିମନ୍ତେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରା ଖୁବ୍‌ଶୀଘ୍ର ନିର୍ଦ୍ଦେଶ ଦେବାକୁ ଦାବି କରାଯାଇଛି। ଛାତ୍ରଛାତ୍ରୀଙ୍କଠାରୁ ପୂଜା ଚାନ୍ଦା ଆଦାୟ କରାଯାଇଥିବା ଟଙ୍କା କୁ ମଧ୍ୟ ବିଗତ ଦିନରେ ଛାତ୍ରଛାତ୍ରୀଙ୍କୁ ଫେରାଇ ଦିଆଯାଇଥିବା ଘଟଣା ଘଟିଛି। ଭବିଷ୍ୟତରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ବିଭାଗୀୟ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ଚେତାବନୀ ଦିଆଯାଇଛି।

## ତଳଙ୍ଗା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ଖୁଣ୍ଟ, ୧୮ ।୧(ସମିସ):** ଶୁକ୍ରୁଳି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ତଳଙ୍ଗା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ତାପସ ବେହେରାଙ୍କ ସଭାପତିତ୍ୱରେ ଆଲୋକପାତ କରିଥିଲେ। ଏଥିରେ ବରିଷ୍ଠ, କନିଷ୍ଠ ଓ ଉପକନିଷ୍ଠ ବିଭାଗରେ ଦୌଡ଼, ଲମ୍ବଡିଆଁ ଇତ୍ୟାଦି ୧୬ଟି ପ୍ରତିଯୋଗିତାରେ ୧୨୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ଦଶରଥ ଦାସ ଅତିଥି



ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବିଜନ ଚାତାର, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଭାପତି ଅଜିତ ନାୟକ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରବୀର ଶିଆଳ, ୱାର୍ଡମେମ୍ବର ଦୀନବନ୍ଧୁ ନାୟକ ପ୍ରଭୃତି ଯୋଗଦେଇ ପିଲାଙ୍କ ଉଦ୍ଦେଶ୍ୟରେ ପାଠ ସହିତ ଜୀବନ ଗଠନରେ କ୍ରୀଡ଼ାର ଭୂମିକା ସମ୍ପର୍କରେ ପରିଚୟ ଓ ଶିକ୍ଷୟିତ୍ରୀ ମାନିନୀ ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ, ଶିକ୍ଷୟିତ୍ରୀ, ପରିଚାଳନା କମିଟି ସଭ୍ୟସଭ୍ୟାଙ୍କ ସହଯୋଗରେ କ୍ରୀଡ଼ା ପ୍ରତିଯୋଗିତା ଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିଲା। କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅବସରରେ ପୁରସ୍କୃତ କରାଯିବ।

## ନୃସିଂହନାଥ ପୀଠରେ ବାର୍ଷିକ ଉତ୍ସବ

**କୁଆମରା, ୧୮ ।୧(ସମିସ):** ଗୋପବନ୍ଧୁନଗର ବ୍ଲକ କୁଆମରା ଗ୍ରାମର ପ୍ରସିଦ୍ଧ ନୃସିଂହନାଥ ପୀଠରେ ବାର୍ଷିକ ଉତ୍ସବ ଓ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି ଅନୁଷ୍ଠିତ ୨୧ତମ ବାର୍ଷିକ ଉତ୍ସବରେ ପୂଜା ସହ ବିଶ୍ୱଶାନ୍ତି ମହାଯଜ୍ଞ, ସହସ୍ର କୁମ୍ଭ, ଅଷ୍ଟପ୍ରହରୀ ଓ ଦିବାରାତ୍ର ସଂକୀର୍ତ୍ତନ ସମାପନ ହୋଇଛି। ସ୍ଥାନୀୟ କୃଷ୍ଣସାଗର ପୋଖରୀରୁ ମହିଳାମାନେ ୧୦୮ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ପରେ ଯଜ୍ଞ ମଣ୍ଡପରେ ପହଞ୍ଚିଥିଲେ। ଉକ୍ତ ଯଜ୍ଞ କାର୍ଯ୍ୟରେ ବସନ୍ତ କର, ପ୍ରମୋଦ ମିଶ୍ର, ରାଜେଶ ମିଶ୍ରଙ୍କ ସମେତ ୫ ଜଣ ବ୍ରାହ୍ମଣ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। କର୍ତ୍ତା ଭାବେ ନିତ୍ୟାନନ୍ଦ ମହାନ୍ତି, ସ୍ୱର୍ଣ୍ଣଲତା ମହାନ୍ତି, ସହଦେବ ଜେନା ଓ ସଞ୍ଜୁଲତା ଜେନା କାର୍ଯ୍ୟ



ତୁଲାଇଥିଲେ। ବିଭିନ୍ନ ପ୍ରାନ୍ତରରୁ ସାଧୁସନ୍ଥ ଓ ପଣ୍ଡିତମାନେ ଯୋଗ ଦେଇଥିଲେ। କମିଟି ଦ୍ୱାରା ଏହା ପରିଚାଳିତ ହୋଇଥିବାବେଳେ ଗ୍ରାମବାସୀ ସହଯୋଗ କରିଥିଲେ।

**ମାଗଣା ଡାକ୍ତର**

## ବିନା ଅର୍ଥରେ ରୋଗୀ ସେବା କରୁଛନ୍ତି ହରିଶ

ବାରିପଦା, ୧୮ ।୧(ସମିସ)

ଯେତେବେଳେ ନିଜ କର୍ମ ସେବାରେ ପରିଣତ ହୁଏ, ସେତେବେଳେ ବଦଳିଯାଏ ସଞ୍ଜ୍ଞା। ସେହି ନିଆରା ମନୋବୃତ୍ତି ହିଁ ଦେଇଥାଏ ନୂଆ ପରିଚୟ। ଅର୍ଥରୁ ଊର୍ଦ୍ଧ୍ୱରେ ସେବା ଓ ମାନବିକତା ଯେ ଶ୍ରେଷ୍ଠ, ତାହାର ଉଦାହରଣ ସାଜିଛନ୍ତି ଜଣେ ଡାକ୍ତର। ଯିଏକି ହେଉଛନ୍ତି ମାଗଣା ଡାକ୍ତର। ଘରର ନାମ ଦିଆଯାଇଛି ବିଷ୍ଣୁପ୍ରିୟା ସେବା ସଦନ। ଆଉ ନାମକୁ ଯଥାର୍ଥ କରିଛନ୍ତି ନିଜର ସେବା ମନୋବୃତ୍ତିରେ। ଯେଉଁଠି ଆଜିର ସମାଜରେ ସରକାରୀ ଡାକ୍ତରଖାନା ବାଦ୍ ଜଣେ ଡାକ୍ତରଙ୍କୁ ଭେଟି ଚିକିତ୍ସିତ ହେବାକୁ ଅର୍ଥର ଆବଶ୍ୟକତା ପଡ଼ିଥାଏ, ସେଠାରେ ତାହାର ବ୍ୟତିକ୍ରମ ପାଲଟିଛନ୍ତି ଏଭଳି ଜଣେ ଡାକ୍ତର। ସେ ହେଉଛନ୍ତି ମୟୂରଭଞ୍ଜ ଜିଲ୍ଲା ଗୋପବନ୍ଧୁନଗର ବ୍ଲକ ପୁରୁଣାବାରିପଦା ଗ୍ରାମର ହରିଶ ଚୌଧୁରୀ।



ହରିଶ ଚୌଧୁରୀ ପେଶାରେ ଡାକ୍ତର। ସେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଡାକ୍ତର ଭାବେ କାର୍ଯ୍ୟରତ। ରାଜଧାନୀରେ ରହୁଥିଲେ ସୁଦ୍ଧା ନିଜ ଗ୍ରାମ କଥା ଭୁଲି ନାହାନ୍ତି। ପ୍ରତି ମାସର ଦ୍ୱିତୀୟ ସପ୍ତାହରେ ପୁରୁଣା ବାରିପଦାସ୍ଥ ନିଜ ଘରକୁ ଆସନ୍ତି। ସେଠାରେ ପ୍ରତି ମାସର ଦ୍ୱିତୀୟ ଶନିବାର ଦିନ ରୋଗୀ ଦେଖିଥା'ନ୍ତି ନିଜ ଘରେ। ସମସ୍ତ ରୋଗୀଙ୍କୁ ସେ ମାଗଣାରେ ହିଁ ଚିକିତ୍ସା କରିଥା'ନ୍ତି। ଉତ୍ତମ ବ୍ୟବହାର, ହସ ହସ ମୁହଁ ସାଙ୍ଗକୁ ଉଚିତ ସେବା ଯୋଗାଇ ଦେଉଥିବାରୁ ମାସର ସେହି ଗୋଟିଏ ଦିନ ଏଠାରେ ଲୋକଙ୍କ ଭିଡ଼ ଜମିଥାଏ। ଗୋପବନ୍ଧୁନଗର ବ୍ଲକ ସମେତ ଉଦଳା, କପ୍ତିପଦା, ଖୁଣ୍ଟା, ବାଲେଶ୍ୱର, ବାରିପଦା ସମେତ ବିଭିନ୍ନ ଅଞ୍ଚଳରୁ ରୋଗୀ ଆସିଥା'ନ୍ତି ଡାକ୍ତର ହରିଶ ଚୌଧୁରୀଙ୍କ ନିକଟକୁ ଓ ମାଗଣାରେ ଚିକିତ୍ସିତ ହୋଇ ଫେରିଥା'ନ୍ତି। ଦୀର୍ଘ ବର୍ଷ ହେବ ସେ ଏପରି ରୋଗୀ ସେବା କରି ଆସୁଥିବାବେଳେ ଟଙ୍କାଠାରୁ ସେବା ଯେ ଜୀବନରେ ଜରୁରୀ, ସେବା ହିଁ ମଣିଷର ଅସଲ ପରିଚୟ ବୋଲି ସେ କୁହନ୍ତି। ପ୍ରତିଦିନ କେଉଁଠି ଟଙ୍କା ଥାଇ ଜୀବନ ଯାଉଛି ଆଉ କେଉଁଠି ଚିକିତ୍ସା ଅଭାବରୁ ରୋଗୀ ମୃତ୍ୟୁବରଣ କରୁଛି। ତେଣୁ ସେହି ଯନ୍ତ୍ରଣା କ'ଣ ତାହାକୁ ସେ ପାଖରୁ ଦେଖିଥିବା କୁହନ୍ତି ଡାକ୍ତର ଶ୍ରୀ ଚୌଧୁରୀ। ତାଙ୍କ ନିକଟକୁ ଚିକିତ୍ସା ହେବାକୁ ଆସି ଖୁବଶୀଘ୍ର ଅନେକ ବଡ଼ ବଡ଼ ରୋଗରୁ ଲୋକେ ସୁସ୍ଥ ହୋଇଥିବା ଓ ଡାକ୍ତରଙ୍କ ମାଗଣା ଚିକିତ୍ସା କରାଇବା ସମସ୍ତଙ୍କ ପାଇଁ ବରଦାନ ସାଜିଥିବା କୁହନ୍ତି ରୋଗୀ ରଞ୍ଜିତା ଶତପଥୀ। ରୋଗୀ ପରିବାର ଉଭୟ ମାନସିକ ଓ ଆର୍ଥିକ କଷ୍ଟ ପାଉଥିବାବେଳେ ସେମାନଙ୍କ ପାଇଁ ବଡ଼ ଉପଶମ ପାଲଟିଥିବା ଡାକ୍ତର ହରିଶ ଚୌଧୁରୀଙ୍କ ଚେଷ୍ଟା ପ୍ରଶଂସନୀୟ। ତାଙ୍କର ଏହି ସେବା ବୃତ୍ତି ଫଳରେ ସେ ଆଜି ସମସ୍ତଙ୍କ ପାଇଁ ସାଜଛନ୍ତି ଉଦାହରଣ।

## ହାଟରୁ ବାଇକ୍ ଚୋରି

**ରାଇରଙ୍ଗପୁର, ୧୮।୧(ସମିସ):** ହାଟ ପରିସରରେ କ୍ରୀଡ଼ା ପ୍ରତିଯୋଗିତା ଦେଖିବାକୁ ଯାଇଥିବାବେଳେ ବାଇକ୍ ଚୋରି ହୋଇଛି। ଏ ନେଇ ଉତ୍ତମ ନାୟକ ଯଶିପୁର ଥାନାରେ ଅଭିଯୋଗ କରିଛନ୍ତି। ଉତ୍ତମ ରାସ୍ତା କଡ଼ରେ ବାଇକ୍ ପାର୍କିଂ କରି ପ୍ରତିଯୋଗିତା ଦେଖିବାକୁ ଯାଇଥିଲେ। ସେଠାରୁ ଫେରି ଦେଖିଲା ବେଳକୁ ଉକ୍ତ ସ୍ଥାନରେ ବାଇକ୍ ନ ଥିଲା। ବହୁ ଖୋଜାଖୋଜି ପରେ ପାଇ ନ ଥିଲେ। ବାଇକ ଚୋରି ହୋଇଯାଇଥିବା ଜାଣି ଥାନାରେ ଅଭିଯୋଗ କରିଛନ୍ତି।

## ଘରୁ ବାଇକ୍ ଚୋରି

**ରାଇରଙ୍ଗପୁର, ୧୮।୧ (ସମିସ):** ଟୁସୁ ମେଳା ଦେଖିବାକୁ ଯାଇଥିବାବେଳେ ଘରୁ ବାଇକ୍ ଚୋରି ହୋଇଛି। ଏ ନେଇ ଯଶିପୁର ଥାନା ଅନ୍ତର୍ଗତ ଟଙ୍ଗାବିଲା ଗ୍ରାମର ଚନ୍ଦ୍ରଶେଖର ଲୋହାର ଯଶିପୁର ଥାନାରେ ଅଭିଯୋଗ କରିଛନ୍ତି। ଘର ମଧ୍ୟରେ ବାଇକ୍ ପାର୍କିଂ ଥିବାବେଳେ ଟୁସୁ ମେଳା ଦେଖିବାକୁ ଯାଇଥିଲେ। ଫେରି ଦେଖିଲା ବେଳକୁ ଉକ୍ତ ସ୍ଥାନରେ ବାଇକ୍ ନ ଥିଲା। ବହୁ ଖୋଜାଖୋଜି ପରେ ପାଇ ନ ଥିଲେ। ବାଇକ୍ ଚୋରି ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଛନ୍ତି।

## ଦୋକାନରୁ ଚୋରି

**ରାଇରଙ୍ଗପୁର, ୧୮।୧(ସମିସ):** ଗଡ଼ସ୍ଥ ଏକ ଦୋକାନରୁ ଚୋରି ହୋଇଛି। ଏ ନେଇ ଦୋକାନ ମାଲିକ ପିଙ୍କୁ ଲାଲ କୋଇରି ରାଇରଙ୍ଗପୁର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ତାଲା ଭାଙ୍ଗି ଦୁର୍ବୃତ୍ତ ଦୋକାନରୁ ସାମଗ୍ରୀ ଚୋରି କରିଛନ୍ତି। ପରଦିନ ଘଟଣା ବାବଦରେ ଜାଣିବା ପରେ ଥାନାରେ ଅଭିଯୋଗ କରିଛନ୍ତି।

## କୂଅରୁ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

**ବହଳଦା, ୧୮।୧ (ସମିସ):** ମୟୂରଭଞ୍ଜ ଜିଲ୍ଲା ତିରିଂ ଥାନା ତଥା ଝରାଡିହି ଫାଣ୍ଡି ଅନ୍ତର୍ଗତ ଠାକୁରବାଡ଼ି ଗ୍ରାମର ଜଣେ ଯୁବକଙ୍କ ମୃତଦେହ ଏକ କୂଅରୁ ଉଦ୍ଧାର କରାଯାଇଛି। ମକର ପର୍ବର ଉଲ୍ଲାସ ମଧ୍ୟରେ ୧୫ ତାରିଖଠାରୁ ନିଖୋଜ ଥିବା ଉକ୍ତ ଯୁବକଙ୍କ ମୃତଦେହ ଉଦ୍ଧାର ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ସୋହରିଆ ପଞ୍ଚାୟତ କାର୍ଯ୍ୟାଳୟ ଛାତ ଫାଟି ଆଁ

ଭୋଗରାଇ, ୧୮।୧ (ସମିସ)



ଭୋଗରାଇ ବ୍ଲକ ସୋହରିଆ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଛାତ ଫାଟିଆଁକରିଛି।ଏବାବଦରେ ବାରମ୍ବାର ଅଭିଯୋଗ ପରେବି ହୋଇପାରୁନାହିଁ ମରାମତି କାର୍ଯ୍ୟ। ସୂଚନା ଏହିକି ଯେ ସୋହରିଆ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଟି ୩୨ ବର୍ଷ ହେବ ନିର୍ମାଣ ହୋଇଥିଲା। ୨୦୦୩ ରେ ସେହି କାର୍ଯ୍ୟାଳୟଟିର ଉପର ମହଲା ନିର୍ମାଣ ହୋଇ ତତ୍କାଳୀନ ପଞ୍ଚାୟତିରାଜ ମନ୍ତ୍ରୀ ଦାମୋଦର ରାଉତ, ଭୋଗରାଇ ବିଧାୟକ ସ୍ୱର୍ଗତ କମଳା ଦାସ ଉଦଘାଟନ କରିଥିଲେ। ବର୍ତ୍ତମାନ ସେହି କାର୍ଯ୍ୟାଳୟର ଛାତ ଫାଟି ଯାଇ ବିପଦ ସଂକୁଳ ଅବସ୍ଥାରେ ରହିଅଛି। ବର୍ଷା ହେଲେ ଛାତର ବିଭିନ୍ନ ସ୍ଥାନରୁ ପାଣି ଗଳୁଛି। ଯାହାଦ୍ୱାରା କାର୍ଯ୍ୟାଳୟର ବିଭିନ୍ନ ଦରକାରୀ କାଗଜପତ୍ର ଓ ଆସବାବପତ୍ର ଓଦା ହୋଇ ନଷ୍ଟ ହେଉଛି। ଏବାବଦରେ ସୋହରିଆ ପଞ୍ଚାୟତର ସରପଞ୍ଚ ଜଗନ୍ନାଥ ସେଠୀ ଜିଲ୍ଲାପାଳଙ୍କୁ ୧୯ ଜୁନ୍ ୨୦୨୩, ୭ ସେପ୍ଟେମ୍ବର ୨୦୨୪ ଓ ୧୭ ଫେବୃଆରୀ ୨୦୨୫ ଲିଖିତ ଅଭିଯୋଗ ଦେଇଛନ୍ତି। ଏହି ଅଭିଯୋଗ ମୂଳେ ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ ଏଷ୍ଟିମେଟ କରି ବିଭାଗୀୟ ଅଧିକାରୀଙ୍କୁ ଦେଇଥିଲେ ମଧ୍ୟ କୈଣସି କାର୍ଯ୍ୟ ହୋଇପାରୁନାହିଁ। ପଞ୍ଚାୟତ କାର୍ଯ୍ୟାଳୟ ଉପରେ ପଞ୍ଚାୟତର ପାଖାପାଖି ୬ ହଜାର ଲୋକ ନିର୍ଭର କରନ୍ତି। ପ୍ରତ୍ୟେକ ଦିନ ଶହ ଶହ ଲୋକ ଏଠାକୁ ଯିବା ଆସିବା କରିଥାନ୍ତି। ବାର୍ଦ୍ଧକ୍ୟ ଭତ୍ତା ଓ ରେସନ ଚାଉଳ ନେବ ପାଇଁ ହଜାର ହଜାର ଲୋକ ଯିବା ଆସିବା ସମୟରେ ଛାତଟି ଲୋକଙ୍କ ଉପରେ ଛିଡିପଡି ଦୁର୍ଘଟଣା ଘଟେ ସେଥିପାଇଁ ସରକାର ଦାୟୀ ରହିବ କି। ଖୁବ୍‌ଶିଘ୍ର ପଞ୍ଚାୟତ କାର୍ଯ୍ୟାଳୟଟି ମରାମତି କରାନଗଲେ ଆଗାମୀ ଦିନରେ ସରପଞ୍ଚ ଜଗନ୍ନାଥ ସେଠୀ, ସମିତି ସଭ୍ୟା ସବିତା ସାହୁ, ନାଏବ ସରପଞ୍ଚ ବାସନ୍ତୀ ବେଜ, ପୂର୍ବତନ ସରପଞ୍ଚ ସର୍ବେଶ୍ୱର ପ୍ରଧାନ, ୱାର୍ଡ

## ଅଭିଯୋଗ ପରେ ବି ହେଉନି ମରାମତି

ସଭ୍ୟ ଜୟନ୍ତ ଗିରି, ସୁବାଷ ପ୍ରଧାନ, କାମେଶ୍ୱର ମଣ୍ଡଳ, ହିମାଂଶୁ ଶେଖର ଗିରି, ରାମକୃଷ୍ଣ ପ୍ରଧାନ, ଭବାନି ଶଙ୍କର ଆଧେକ, ବିଷ୍ଣୁପ୍ରିୟା ମହାନା, ଗୀତାଞ୍ଜଳି ବେହେରା, ମୋନାଲିସା ଦେ, ମାଳତୀ ସେଠୀ, ସରୋଜ ବେହେରା ଓ ପଞ୍ଚାୟତ ବାସୀ ରାଜରାସ୍ତା ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ମହୁଚାଷ ମହିଳା ଉଦ୍ୟୋଗୀଙ୍କ ୭ଦିନିଆ ପ୍ରଶିକ୍ଷଣ ଶିବିର



ଚନ୍ଦନେଶ୍ୱର, ୧୮।୧ (ସମିସ): ଭୋଗରାଇ ବ୍ଲକ ସାହାବାଜିପୁର ପଂଚାୟତ କାର୍ଯ୍ୟାଳୟ ପରିସରରେ ଏକ ୭ ଦିନିଆ ନିଃଶୁଳ୍କ ମହିଳା ମହୁଚାଷ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦଘାଟିତ ହୋଇ ଯାଇଛି। ରାଜ୍ୟ ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଅଧୀନ ଓଡିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ପକ୍ଷରୁ ଏହି ଶିବିରକୁ ସାହାବାଜିପୁର ସରପଂଚ ଅରୁଣ କୁମାର ଗିରି ଉଦଘାଟନ କରିଥିଲେ। ଏ ନେଇ ଆୟୋଜିତ ସଭାକୁ ସ୍ୱେଚ୍ଛାସେବୀ ସଂଗଠନ ଇକ୍ରିକର ଲାଇଭଲି ହୁଡ ଅଫିସର ଶର୍ମିଷ୍ଠା ସେନ ସଂଚାଳନ କରିଥିଲେ। ମୁଖ୍ୟ ଅତିଥି ସରପଂଚ ଗିରି ଯୋଗଦେଇ ଏହି ଶିବିର ଦ୍ୱାରା ୪ଟି ପଂଚାୟତର ୪୦ ଜଣ ମହିଳା ପ୍ରଶିକ୍ଷଣ ପାଇବା ପରେ ସ୍ୱାବଲମ୍ବୀ ହୋଇ ପାରିବେ ବୋଲି କହିଥିଲେ। ମୁଖ୍ୟବକ୍ତା ଖଦି ବୋର୍ଡର ଏଫଏସିଇଓ ଚନ୍ଦ୍ର ହାସ୍ୟ ନାୟକ ଯୋଗଦେଇ ସରକାରଙ୍କ ଏହା ଏକ ଅଭିନବ ପ୍ରୟାସ। ମହିଳା ମାନେ ଏହି ଶିବିରରୁ ପ୍ରଶିକ୍ଷଣ ପାଇବା ପରେ ୪୦ ହଜାର ଟଙ୍କାର ମହୁ ଚାଷ ସମ୍ପର୍କିତ ଉପକରଣ ସବୁ ଯୋଗାଇ ଦିଆଯିବ ବୋଲି ଉଲ୍ଲେଖ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଖଦି ବୋର୍ଡର ବାଲେଶ୍ୱର ଜିଲା ସଂଯୋଜକ ସନ୍ତୋଷ କୁମାର ଦଳାଇ, ମୁଖ୍ୟ ପ୍ରଶିକ୍ଷକ ହର ପ୍ରସାଦ ପଟ୍ଟନାୟକ, ଶିବ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶିବାୟନ ଜେନା ଧନ୍ୟବାଦ ଦେଇଥିଲେ। ଏଥିରେ ସାହାବାଜିପୁର, ହୁଗୁଳି, ଗୋଛିଦା ତେଘରି, ନାରାୟଣ ମହାନ୍ତି ପଡିଆ ପଂଚାୟତର ୪୦ଜଣ ମହିଳା ପ୍ରଶିକ୍ଷଣ ନେଇଥିଲେ।

# ୩୨ତମ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ରାଜଘାଟ, ୧୮।୧ (ସମିସ): ବସ୍ତା ବ୍ଲକ ଭେଲୋରା ପଞ୍ଚାୟତ ଅନ୍ତର୍ଗତ ତାରିଣୀ ମନ୍ଦିର ପଡ଼ିଆରେ ୩ ଦିନ ଧରି ଚାଲିଥିବା ୩୨ ତମ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶନିବାର ଉଦଯାପିତ ହୋଇଯାଇଛି। ଖେରୱାଲ୍ ଗାଦେଲ କମିଟି ଦ୍ୱାରା ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ସର୍ବମୋଟ ୨୨ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଇଲାଇଟ୍ କାଞ୍ଚନ ପାଳ ଓ ବଦନାମ୍ ଇଞ୍ଜିନିୟର ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ବଦନାମ୍ ଇଞ୍ଜିନିୟର ଟିମ୍ ୧-୦ ଗୋଲ୍ ଦେଇ ଚାମ୍ପିଅନ ହୋଇଥିଲା। ସନ୍ଧ୍ୟାରେ କମିଟିର ସଭାପତି ମୋହନ ହାଁସଦାଙ୍କ ପୌରହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ବିଜେପି ନେତା ବ୍ରଜମୋହନ ପ୍ରଧାନ, ମୁଖ୍ୟ ବକ୍ତା ଭାବେ ବିଜେପି ଉତ୍ତର ବାଲେଶ୍ୱର ଜିଲ୍ଲା ସଭାପତି ପ୍ରଦୀପ କୁମାର ପଣ୍ଡା ଓ ଅନ୍ୟ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବିଇଓ ତଥା ସମାଜସେବୀ ବିରଞ୍ଚନ ଦାସ ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ଚାମ୍ପୁ କିସ୍କୁ, କୁଳିଦାର ପ୍ରାକ୍ତନ ସରପଞ୍ଚ ଅତୁଲ କୁମାର ଜେନା, ସିଦ୍ଧେଶ୍ୱର ମଣ୍ଡଳ ସଭାପତି ଅନିଲ କୁମାର ସାହୁ, ଯୁବ ସମାଜସେବୀ ଜୟନ୍ତ ଭଦ୍ର ଯୋଗଦେଇ ବିଜୟୀ ଦଳକୁ ୨୫ ହଜାର, ରନର୍ସ ଅପ୍ ଦଳକୁ ୨୦ ହଜାର ଓ ଟୁର୍ଣ୍ଣାମେଣ୍ଟରେ ୧୬ ଦଳୀୟ ଶ୍ରେଣୀରେ ତୃତୀୟ ସ୍ଥାନ ଅଧିକାର କରିଥିବା ମା ବାଶୁଳୀ ଫୁଟବଲ ଟିମ୍ ଓ ଚତୁର୍ଥ ସ୍ଥାନରେ ଥିବା ହେମ୍ବ୍ରମ୍ ବ୍ରଦର୍ ଦଳକୁ ୨ ହଜାର ୫୦୦ ଟଙ୍କା ଓ ୬ ଦଳୀୟ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଗଙ୍ଗା ଯମୁନା ଏଫ୍ ସି କୁ ୫ ହଜାର ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପଥଦୁର୍ଗା ଦଳକୁ ୪ ହଜାର ଟଙ୍କା ପୁରସ୍କୃତ କରିଥିଲେ। ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟକୁ ରେଫରି ମଣ୍ଟୁ ମୁର୍ମୁ, ମିଟୁ ମୁର୍ମୁ ଓ ଦେବେନ୍ଦ୍ର ମାରାଣ୍ଡି ପରିଚାଳନା କରିଥିବା ବେଳେ ସମାଜସେବୀ ରାମଚନ୍ଦ୍ର ବେଶ୍ରା ମଞ୍ଚ ପରିଚାଳନା ଓ ଭୁଟା ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରାଣକୃଷ୍ଣ କଲଚରାଲ ଚାରିଟେବଲ ଫାଉଣ୍ଡେସନ ଟ୍ରଷ୍ଟର ବାର୍ଷିକ ଉତ୍ସବ



କାଳିପଦା, ୧୮।୧ (ସମିସ): ବାଲିଆପାଳ ବ୍ଲକ ଜଗାଇସ୍ଥିତ କାଳିପଦା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଭା ଗୃହରେ ରବିବାର ପ୍ରାଣକୃଷ୍ଣ କଲ ଚରାଲ ଚାରିଟେବଲ ଫାଉଣ୍ଡେସନ ଟ୍ରଷ୍ଟର ବାର୍ଷିକ ଉତ୍ସବ ଓ ସୁସାହିତ୍ୟିକ ପ୍ରାଣକୃଷ୍ଣ ବିଶ୍ୱାଳଙ୍କ ଜୟନ୍ତୀ ପାଳିତ ହୋଇ ଯାଇଛି। ଟ୍ରଷ୍ଟର ସଭାପତି ଡ. ମନୋରମା ବିଶ୍ୱାଳ ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଜଳେଶ୍ୱର ଦୀନକୃଷ୍ଣ ସ୍ମୃତି ପରିଷଦର ସମ୍ପାଦକ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ ଉଦଘାଟକ, ବାଗ୍ମୀ ସୁସାହିତ୍ୟିକ ତଥା ଜନନେତା ସତ୍ୟଶିବ ଦାସ ମୁଖ୍ୟଅତିଥି, ଶିଶୁ ସାହିତ୍ୟିକ ଡ଼ କାଳିକିଙ୍କର ଦାସ ମୁଖ୍ୟ ବକ୍ତା, ଅଧ୍ୟାପକ ଡ଼ ସୁକାନ୍ତ କୁମାର ଗିରି ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ପ୍ରାଣକୃଷ୍ଣଙ୍କ ବହୁମୁଖୀ ସାହିତ୍ୟ ପ୍ରତିଭା ଓ ଜନସେବା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାଣକୃଷ୍ଣଙ୍କ ବହୁ ଚର୍ଚ୍ଚିତ "ସୁନାଝିଅ' ପ୍ରତ୍ୟେକ ଓଡ଼ିଆ ଘରର ଝିଅ ବୋହୂଙ୍କ ପାଇଁ ଏକ ଉପାଦେୟ କବିତା ପୁସ୍ତିକା ବୋଲି ଅତିଥିମାନେ ମଧ୍ୟ ଆଲୋଚନା କରିଥିଲେ। ଏହି ଅବସରରେ ସାହିତ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ସାହିତ୍ୟ ଗବେଷକ ଡ. ଶ୍ରୀକାନ୍ତ ଚରଣ ପାତ୍ରଙ୍କୁ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ଟ୍ରଷ୍ଟର ସମ୍ପାଦକ କବି ନଳିନୀ କାନ୍ତ ପାଢ଼ୀ ଅତିଥି ପରିଚୟ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁମନ୍ଦିରର ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଛାତ୍ରଛାତ୍ରୀ ବେଦ ପାଠ ଓ ନୃତ୍ୟ ପରିବେଷଣ କରିଥିଲେ।

# ଅପପୁଷ୍ଟି ଶିଶୁ ଚିହ୍ନଟ ନେଇ ଓଜନ ଉତ୍ସବ



ବସ୍ତା ବ୍ଲକ, ୧୮।୧ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ମହିଳା ଓ ଶିଶୁ ସମ୍ପନ୍ଧିତ ବିଭାଗ ପକ୍ଷରୁ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ଓଜନ ଉତ୍ସବ ପାଳିତ ହୋଇଛି। ଜନ୍ମ ରୁ ୬ ବର୍ଷ ମଧ୍ୟରେ ଅଙ୍ଗନବାଡ଼ିକୁ ଆସୁଥିବା ସମସ୍ତ ପିଲାଙ୍କ ଉଚ୍ଚତା ତୁଳନାରେ ସେମାନଙ୍କ ର ଓଜନ କିପରି ଅଛି, ଯେପରିକି କୌଣସି ଶିଶୁ ଅପପୁଷ୍ଟିର ଶିକାର ନ ହେବେ ତାହା ଏହି ଉଜନ ଉତ୍ସବର ମୂଳ ଲକ୍ଷ୍ୟ ବୋଲି ବସ୍ତା ଭାରପ୍ରାପ୍ତ ସିଡିପିଓ ସ୍ନେହଲତା ଦାସ ପ୍ରକାଶ କରିଛନ୍ତି। ଯଦି ଉଚ୍ଚତା ସହିତ ଓଜନର ବହୁ ବ୍ୟବଧାନ ପରିଲକ୍ଷିତ ହୁଏ ତାହାଲେ ସେହି ପିଲାଙ୍କୁ ଚିହ୍ନଟ କରି ପରାମର୍ଶ କେନ୍ଦ୍ରକୁ ପଠା ଯିବ ଓ ଯଦି ପିଲା ଅତି ଦୁର୍ବଳର ଶିକାର ହୋଇଥାଏ ତାହେଲେ ସ୍ଥାନୀୟ ହସ୍ପିଟାଲରେ ଚିକିତ୍ସା ପାଇଁ ପଠା ଯିବାର ସରକାରୀ ବ୍ୟବସ୍ଥା ରହିଛି। ଏହି ପରିପ୍ରେକ୍ଷୀରେ ଓଜନ ଉତ୍ସବ ବ୍ଲକର ସବୁ ଅଙ୍ଗନବାଡ଼ି କେନ୍ଦ୍ରରେ ଆରମ୍ଭ ହୋଇଛି ଓ ଏହା ୧୫ ଦିନ ଧରି ଚାଲିବ ବୋଲି କୁହା ଯାଇଛି। ଏହି କାର୍ଯ୍ୟକ୍ରମ କିପରି ପାଳନ ହେଉଛି ଶନିବାର ବିଭାଗୀୟ ଏଡି ସନାଲ ସେକ୍ରେଟାରୀ ନିଲୁ ମହାପାତ୍ର ବସ୍ତା ବ୍ଲକ ଗସ୍ତରେ ଆସି କୁଡିଆ ଅଙ୍ଗନବାଡ଼ି କେନ୍ଦ୍ର ରେ ପହଞ୍ଚି ଥିଲେ। ତାଙ୍କ ସହିତ ବାଲେଶ୍ୱର ଡି ଏସ ଡବ୍ଲୁ ଜ୍ୟୋସ୍ନା ରାଣୀ ମହାନ୍ତି, ଭାର ପ୍ରାପ୍ତ ସି ଡି ପି ଓ ସ୍ନେହଲତା ଦାସ, ସୁପର ଭାଇଜର ସ୍ୱୟଂପ୍ରଭା ପ୍ରାମାଣିକ, ଅଙ୍ଗନବାଡ଼ି କର୍ମୀ ରେଣୁ ବାଳା ପାତ୍ର ଉପସ୍ଥିତ ଥିଲେ। ଶ୍ରୀ ମହାପାତ୍ର ଅଙ୍ଗନବାଡ଼ି ରେ ସକାଳେ ପିଲାଙ୍କୁ ମିଳୁଥିବା ସକାଳ ଜଳଖିଆ ର ମାନ ଓ ସ୍ୱାଦ ପରଖିଥିଲେ। ସେହି ପରି ଅଙ୍ଗନବାଡ଼ି ଗୃହ ପରିସର କୁ ଯେପରି ବୁଲା କୁକୁର ପ୍ରବେଶ ନ କରନ୍ତି ତାହା ଉପରେ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗ ନିର୍ଦ୍ଦେଶ ଦେଇଛି। କାନ୍ଥରେ ଏହାର ସତର୍କତା ଉପରେ ଚିତ୍ର ସହ ସତର୍କତା ମୂଳକ ପଦକ୍ଷେପ ନେଇ ବ୍ୟବସ୍ଥା କରା ଯିବାକୁ କୁହା ଯାଇଛି। ଅଙ୍ଗନବାଡ଼ି କେନ୍ଦ୍ରରେ ଡଷ୍ଟ ବିନ ବ୍ୟବହାର ସହ ପିଲା ମାନେ ପକାଇଥିବା ଖାଦ୍ୟ ପାଇଁ କୁକୁର ଯେପରି ଗୃହ ଭିତରକୁ ନ ଆସନ୍ତି ସେ ନେଇ ବ୍ୟବସ୍ଥା କରିବାକୁ ସମସ୍ତ କର୍ମୀକୁ କୁହାଯାଇଛି।

# ଜଳେଶ୍ୱରରେ ବୁଲିଲା ସ୍ୱଦେଶୀ ସଂକଳ୍ପ ସଚେତନତା ରଥ

ଜଳେଶ୍ୱର,୧୮।୧(ସମିସ) : ବିଦେଶୀ ଦ୍ରବ୍ୟ ବର୍ଜନ କରି ନିଜ ଦେଶରେ ଦ୍ରବ୍ୟର ଚାହିଦା ବଢାଇବା ପାଇଁ ସ୍ୱଦେଶୀ ସଂକଳ୍ପ ଯାତ୍ରା ସଚେତନତା ରଥ ପୁରୀ ଠାରୁ ଆରମ୍ଭ ହୋଇ ସଚେତନତା ରଥଟି ବାହାରି ବାରିପଦା ଦେଇ ଆଜି ଜଳେଶ୍ୱରରେ ପହଞ୍ଚିଥିଲା। ଏହି ଅବସରରେ ଜଳେଶ୍ୱର ସ୍ୱଦେଶୀ ଜାଗରଣ ମଞ୍ଚ ସଂଯୋଜକ ଫାଲ୍‌ଗୁନୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ବାସନ୍ତୀ ପଢ଼ିଆ ଠାରେ ଏକ ସଭା ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ଉତ୍ତର ବାଲେଶ୍ୱର ଜିଲ୍ଲାର ସଭାପତି ଡ. ପ୍ରଦୀପ ପଣ୍ଡା, ଜଳେଶ୍ୱର ବିଜେପି ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ, ବସ୍ତା ବିଜେପି ପ୍ରାର୍ଥୀ ରବୀନ୍ଦ୍ର ନାଥ ଅଣ୍ଡିଆ, ଭୋଗରାଇ ବିଜେପି ପ୍ରାର୍ଥୀ ଆଶିଷ ପାତ୍ର,ଜିଲ୍ଲା ସଂଯୋଜକ ଅରବିନ୍ଦ ଗିରି, ବସନ୍ତ ବାରିକ, ସୁମତି ଦେ, ତପନ




ବିଶ୍ୱାଳ, ଚନ୍ଦନ ଦାସ ପ୍ରମୁଖ ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କୁ ନେଇ ବାସନ୍ତୀ ପଢ଼ିଆଠାରୁ ରଥକୁ ସ୍ୱାଗତ କରିବା ସହ ସହର ବାସୀଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରି ଏକ ସଭାଯାତ୍ରା ଡାକ ବଙ୍ଗଳା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ବିଜେପି ନଗର ସଭାପତି ଶିବ ନାରାୟଣ ମହାପାତ୍ର, ସାଧାରଣ ସମ୍ପାଦକ ସମର କରଣ, ବରେନ୍ଦ୍ର ପରିଡ଼ା, ମଣ୍ଡଳ ସଭାପତି ଅନୁପ ପ୍ରଧାନ, ସଂଜୀବ ଜେନା, ସଂଜୀବ ସେନାପତି, ନବୀନ ସାମଲ, ଗୀତାଞ୍ଜଳି ବେହେରା, ସୁବାସିନୀ ଜେନା, ମଞ୍ଜୁଲିକା ଘୋଷ, ସୁଭଦ୍ରା ବେହେରା, ଦେବଯାନୀ ଅଣ୍ଡିଆ, ମୁକ୍ତାରାଣୀ ପାଳ, କାଳିଚରଣ ଦାସ, ତାପସ ପାଣିଗ୍ରାହୀ, ଚିତ୍ତରଞ୍ଜନ ସାହୁ, ହସିରୁଦ୍ଧିନ ବକ୍ସ, ଶେଖ ସୁଲତାନ, ଅଞ୍ଜନ ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ଆଦିବାସୀ ସମ୍ପ୍ରଦାୟ ଲୋକ ମହୋତ୍ସବ ଉଦ୍‌ଯାପିତ

ନୀଳଗିରି, ୧୮।୧ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ନରଣପୁର ଗ୍ରାମପଞ୍ଚାୟତ ଅଧୀନସ୍ଥ ନକୁଳକର ହାଟଠାରେ ଦୁଇ ଦିନ ଧରି ଚାଲିଥିବା ହୋ ଆଦିବାସୀ ସମ୍ପ୍ରଦାୟର ଲୋକ ମହୋତ୍ସବ ଉଦଯାପିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ନୀଳଗିରି ମାଟିର ସନ୍ତାନ ପ୍ରଶାସନିକ ଅଧିକାରୀ ସରୋଜ ସେଠୀ ଓ ମୁଖ୍ୟବକ୍ତା ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହୋ ଆଦିବାସୀ ରାଜ୍ୟ ସଭାପତି ବିଜୟ ବୋଦରା ଏବଂ ଲଗେନ ମୁଣ୍ଡୁୟା ପ୍ରମୁଖ ମଂଚାସୀନ ଥିଲେ। ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଆଦିବାସୀ ସମାଜର ସଂସ୍କୃତି, ପରମ୍ପରା ଏବଂ ଆଦିବାସୀ ଭାଇ ମାନଙ୍କ ଆମ ସମାଜ, ରାଜ୍ୟ, ଦେଶ ପାଇଁ ଅତୁଳନୀୟ ଅବଦାନ ପାଇଁ ଧନ୍ୟବାଦ ଦେଇଥିଲେ। ହୋ ଆଦିବାସୀ ସମାଜର ଭାଇ ମାନେ ତାଙ୍କ ସଂଘ ତରଫରୁ ସେମାନଙ୍କର ଅନେକ ସମସ୍ୟାର ସମାଧାନ ପାଇଁ ଅତିଥି ମାନଙ୍କ ପାଖରେ ଦାବି ରଖିଥିଲେ।

# ବ୍ଲକସ୍ତରୀୟ ବୃତ୍ତି ପରୀକ୍ଷାରେ ଛାତ୍ରଙ୍କ କୃତିତ୍ୱ

ରାଜଘାଟ, ୧୮।୧ (ସମିସ): ବ୍ଲକ୍ ସ୍ତରୀୟ ବୃତ୍ତି ପରୀକ୍ଷାରେ କୃତୀତ୍ୱ ଅର୍ଜନ କଲେ ପଣିସାପଡା ପ୍ରାଥମିକ ବିଦ୍ୟାଳୟର ଛାତ୍ର କୃଷ୍ଣକେଶବ। ବ୍ଲକ୍ ସ୍ତରୀୟ ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ କୃଷ୍ଣକେଶବ ପରିଡା ୯୫ ପ୍ରଶିଶତ ମାର୍କ ରଖି ବସ୍ତା ବ୍ଲକ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଥିବାର ପ୍ରକାଶ କରିଛନ୍ତି ଉକ୍ତ ବିଦ୍ୟାଳୟର ପ୍ରଧାନ



ଶିକ୍ଷୟିତ୍ରୀ ଆଶା ମଞ୍ଜରୀ ପ୍ରଧାନ। ବ୍ରାହ୍ମଣଦା ଗ୍ରାମର ମାତା ଶିକ୍ଷୟିତ୍ରୀ ଭାଗ୍ୟଶ୍ରୀ ପାତ୍ର ଓ ପିତା ରଶ୍ମିରଞ୍ଜନ ପରିଡାଙ୍କ ସୁପୁତ୍ର କୃଷ୍ଣକେଶବ ଏହି ସଫଳତା ପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ,ଜେଜେ ଶିକ୍ଷକ ପରମାନନ୍ଦ ପରିଡ଼ା ଓ ପରିବାର ବର୍ଗଙ୍କୁ ଶ୍ରେୟ ଦେଇଥିବା ବେଳେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି।

# ଅସହାୟ ଲୋକଙ୍କୁ କମ୍ବଳ ବଣ୍ଟନ

ବାଲେଶ୍ୱର,୧୮।୧ (ସମିସ): ସଦର ବ୍ଲକ ଗେଙ୍ଗୁଟି ପଞ୍ଚାୟତର ନବଗଠିତ 'ସୃଷ୍ଟି' ପକ୍ଷରୁ ପଳାସପୁର ଗ୍ରାମ ଜନଜାତି ଉପଜାତି ବସ୍ତିରେ ଅସହାୟ ବ୍ୟକ୍ତିଙ୍କୁ କମ୍ବଳ ବଣ୍ଟନ ହୋଇଥିଲା। ଏଥିସହିତ ସେହି ବସ୍ତିର କୁନିକୁନି ପିଲାମାନଙ୍କୁ ପାଠ୍ୟ ଉପକରଣ ଓ ଖେଳ ସାମଗ୍ରୀ ସଂଗଠନ ତରଫରୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସଂଗଠନ ମୁଖ୍ୟ ସନତ କୁମାର ପରିଡା ଓ ଅନ୍ୟମାନଙ୍କ ମଧ୍ୟରେ ମାନବାଧିକାର କର୍ମୀ ସୁଧାକର ସେଠୀ, ସତ୍ୟଜିତ ସିଂହ, ପ୍ରାକ୍ତନ ସରପଞ୍ଚ ବିରୂପାକ୍ଷ୍ୟ ମହାପାତ୍ର, ସାମାଜିକ କର୍ମୀ ସବ୍ୟସାଚି ପ୍ରଧାନ, ଅବନୀ ରାଉତ, ହରିଶଙ୍କର ଆଚାର୍ଯ୍ୟ, ଶକ୍ତିପ୍ରସାଦ ରାଉତ, ସୌମ୍ୟ ରଂଜନ ବାରିକ, ଗୌତମ ପ୍ରଧାନ, ରତିରଞ୍ଜନ ଆଚାର୍ଯ୍ୟ, ଶୁଭ୍ରଜିତ୍ ମହାନ୍ତି, ଚନ୍ଦନ ରାଜ ରାଉତ, ଶୁଭ୍ରାଂଶୁ ରାଉତ ଉପସ୍ଥିତ ଥିଲେ।

# ଜିଜ୍ଞାସା ଶିକ୍ଷାକେନ୍ଦ୍ରରେ ବିଦାୟକାଳୀନ ସମ୍ବର୍ଦ୍ଧନା



କମର୍ଦ୍ଦା, ୧୮।୧ (ସମିସ): ଭୋଗରାଇ ବ୍ଲକ ଅନ୍ତର୍ଗତ ଦହମୁଣ୍ଡାସ୍ଥିତ ଯୁକ୍ତ ଦୁଇ କଳା ଜିଜ୍ଞାସା ଶିକ୍ଷାକେନ୍ଦ୍ରରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ଡ. ଶିବନାରାୟଣ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନାଟ୍ୟକାର ତଥା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକ ଦେବବ୍ରତ ଦେ, ମୁଖ୍ୟବକ୍ତା ଭାବେ ପାଉଁଶକୁଲି ରାଧାନାଥ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶିବପ୍ରସାଦ ଜେନା ଯୋଗଦେଇ ମତବ୍ୟକ୍ତ କରିଥିଲେ। ଉକ୍ତ ସଭାରେ ଯୁକ୍ତ ଦୁଇ ପ୍ରଥମ ବର୍ଷର ଛାତ୍ରୀମାନେ ଦ୍ୱିତୀୟ ବର୍ଷର ଛାତ୍ରୀ ମାନଙ୍କୁ ଗୋଲାପ ଫୁଲ ଏବଂ ଉପହାର ପ୍ରଦାନକରି ବିଦାୟକାଳୀନ ସମ୍ବର୍ଦ୍ଧନା ଦେଇଥିଲେ। ଦ୍ୱିତୀୟ ବର୍ଷର ଛାତ୍ରୀମାନେ ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ସଫଳତା ଏବଂ ଭବିଷ୍ୟତ ଉଜ୍ଜଳମୟ ନିମନ୍ତେ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ଓ ଅଧ୍ୟାପକ ମାନଙ୍କଠାରୁ ଆଶୀର୍ବାଦ କାମନା କରିଥିଲେ। ଏଥିରେ ପ୍ରଥମ ବର୍ଷର ଛାତ୍ରୀ ଝାନସୀ ଗିରି, ଆଦ୍ୟାଶା ପରିଡ଼ା, ଯଶୋମତୀ ସେଠୀ, ଗାୟତ୍ରୀ ପ୍ରଧାନ, ଅନୁରାଧା କାମିଳା, ଜ୍ୟୋସ୍ନା ରାଣୀ ଦେ, ପ୍ରତିଭା ଦାସ, ଅର୍ଚ୍ଚନା ଦତ୍ତ, ସୁସ୍ମିତା ଚନ୍ଦ, ରାଜଲକ୍ଷ୍ମୀ ଦେ, ରେଖାରାଣୀ ମୁଖି, ସୁଭଦ୍ରା ପଣ୍ଡା ପ୍ରମୁଖ ସଭାକୁ ପରିଚାଳନା କରିଥିଲେ।

# ଦୀନକୃଷ୍ଣ ସ୍ମୃତିପୀଠରେ ହିନ୍ଦୁ ସମ୍ମିଳନୀ



ଜଳେଶ୍ୱର,୧୮।୧(ସମିସ) : ଜଳେଶ୍ୱର ବ୍ଲକ ରାଇବଣିଆ ଖୁଦିଆ ମାଝିସାହି ପଞ୍ଚାୟତ ଦୀନକୃଷ୍ଣ ସ୍ମୃତି ପୀଠ ମୁଣ୍ଡତୁଣିଆଠାରେ ବିଶାଳ ହିନ୍ଦୁ ସମ୍ମୀଳନୀ ଅନୁଷ୍ଠିତ ହୋଇଯାଇଛି। ରବିବାର ପ୍ରାତଃରେ ବେଦ ମନ୍ତ୍ର ପାଠ, ସାମୁହିକ ହନୁମାନ ଚାଳିଶା ପାଠ,ଗୋପୂଜନ ସହ ପଞ୍ଚାୟତର ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସମ୍ମିଳନୀରେ ପ୍ରଦୀପ କୁମାର ମିଶ୍ର ମଞ୍ଚ ଆହ୍ୱାନ କରିଥିବା ବେଳେ ଜଗଦିଶ ସାହୁ ସଭା ପରିଚାଳନା କରିଥିଲେ। ମୁଖ୍ୟବକ୍ତା ଭାବେ ରଞ୍ଜନ କୁମାର ମହାରଣା ଯୋଗଦେଇ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତ ବର୍ଷ ପୂର୍ତ୍ତି ଯାତ୍ରାର ସଂଘର୍ଷ, ବନ୍ୟା, ବାତ୍ୟା ଓ ଯୁଦ୍ଧ ସମୟରେ ସେବା ଏବଂ ଦେଶ ପାଇଁ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ହିନ୍ଦୁ ଧର୍ମ ଏବଂ ସଂସ୍କୃତି ବିଶ୍ୱକୁ ଦିଗଦର୍ଶନ ଦେବା, ଆଧ୍ୟାନିକ ଜାଗରଣ ସୃଷ୍ଟି ,ସନାତନ ଧର୍ମର ମହତ୍ୱ ସମ୍ପର୍କରେ ମୁଖ୍ୟଅତିଥି ସାଧୁ ଯଶୋନନ୍ଦନ ଦାସ ଅଭିଭାଷଣ ରଖିଥିଲେ। ସମ୍ମାନିତ ଅତିଥି ଭାବେ ସଂଘର ବାଲେଶ୍ୱର ଜିଲ୍ଲା ସଂଯୋଜକ ଶୁଭ୍ରାଂଶୁ ଶେଖର ଦାସମହାପାତ୍ର ଯୋଗଦେଇ ହିନ୍ଦୁମାନଙ୍କୁ ଏକତା ବଦ୍ଧ ଭାବେ ସଂଗଠିତ ହେବାକୁ ଆହ୍ୱାନ ଦେଇଥିଲେ। ସମ୍ମିଳନୀର ସଂଯୋଜକ ତପନ ସାହୁ, ବିପ୍ଳବ ପ୍ରଧାନ, ସୁଜିତ ସାହୁ, ଗୋପାଳ ପ୍ରଧାନ, ସୁଶାନ୍ତ ଘୋଷ, ଦୀପକ ସାହୁ, ସଂଜୀବ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ମାନିତ ଅତିଥିଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜିଲ୍ଲା କାର୍ଯ୍ୟନିର୍ବାହୀ ବିଜୟ କୁମାର ଦାସ ଯୋଗଦେଇ ସ୍ୱଦେଶୀ ଅପଣେଇବା, ପରିବେଶ ସୁରକ୍ଷା ନାଗରିକ କର୍ତ୍ତବ୍ୟ ବୋଧତା ପାଳନ ସମ୍ପର୍କରେ ପରାମର୍ଶ ଦେଇଥିଲେ।

# ବ୍ୟାସକବି ଫକୀରମୋହନଙ୍କ ଜୟନ୍ତୀ ଜନସଭା

ବାଲେଶ୍ୱର,୧୮।୧(ସମିସ): ଏଆଇଡିଏସ୍‌ଓ ବାଲେଶ୍ୱର ଜିଲ୍ଲା କମିଟି ପକ୍ଷରୁ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ଜନସଭା ଗୋଳାପୋଖରୀ ଛକସ୍ଥିତ ହାଜି ନାସିରୁଦ୍ଦିନ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଶ୍ରୀରାମ ଚନ୍ଦ୍ର ସଂସ୍କୃତ ବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଜିଲ୍ଲା କମିଟି ସମ୍ପାଦକ ପ୍ରଶାନ୍ତ କୁମାର ଦାସଙ୍କ ସଭାପତିତ୍ୱରେ ହାଜି ନାସିରୁଦ୍ଦିନ ବିଦ୍ୟାଳୟ ସମ୍ମୁଖରେ ଏକ ଜୟନ୍ତୀ ଜନସଭାରେ ବିଶିଷ୍ଟ ପ୍ରାକ୍ତନ ଶିକ୍ଷକ ଫଇଜଲ ଅଲ୍ଲୀ, ପ୍ରାକ୍ତନ ଶିକ୍ଷକ ନିତ୍ୟାନନ୍ଦ ପାତ୍ର ତଥା ଏଆଇଡିଏସଓ ଓଡିଶା ରାଜ୍ୟ କମିଟି ସଭାପତି ସୋମନାଥ ବେହେରା ଯଥାକ୍ରମେ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଓ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାର ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ଓ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ମୃତ୍ୟୁଞ୍ଜୟ ସେନାପତି ଧନ୍ୟବାଦ ଅର୍ପଣ କରିଥଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କମିଟି ସଦସ୍ୟ ମନୋଜ ପାତ୍ର, ମାନସିଂ ହୋ, ତନ୍ମୟ ପ୍ରଧାନ, ମଳୟ ରଞ୍ଜନ ବାରିକ ଅର୍ପିତା ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଜିକୃତ ସମସ୍ତ ଚାଷୀଙ୍କୁ ମିଳିନି ଟୋକନ୍

ଜଳେଶ୍ୱର, ୧୮।୧ (ସମିସ)

## ମଣ୍ଡିକୁ ଆସି ନିରାଶ ହୋଇ ଫେରୁଛି ଚାଷୀ

ଜଳେଶ୍ୱର ବ୍ଲକରେ ଚଳିତବର୍ଷ ୧୯ଟି ପ୍ୟାକ୍ସ ଅଧିନରେ ୨୩ଟି ସ୍ଥାନରୁ ଧାନକ୍ରୟ ହେବାର ସ୍ଥିର ହୋଇଛି। ୧୬ତାରିଖ ସଂଧ୍ୟାସୁଦ୍ଧା ଜଳେଶ୍ୱର ବ୍ଲକରେ ସବୁ ଧାନମଣ୍ଡି ଉଦ୍‌ଘାଟିତ ହୋଇଥିବା ବେଳେ ପ୍ରାୟ ୬ହଜାର ୯୦ କୁଇଣ୍ଟାଲ ଧାନ କ୍ରୟ ହୋଇଥିବା ବଜାର ନିୟନ୍ତ୍ରଣ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। କିନ୍ତୁ ଧାନ ଅମଳର ୨ମାସ ବିତିଥିଲେ ମଧ୍ୟ ଅଦ୍ୟାବଧି ସବୁ ଚାଷୀଙ୍କୁ ଟୋକନ୍ ମିଳିନାହିଁ। ଫଳରେ ଚାଷୀମାନେ ଧାନ ବିକ୍ରି କରିପାରିବେ କି ନାହିଁ ଏଥିନେଇ ସଂଶୟ ସୃଷ୍ଟି ହୋଇଛି। ଜଳେଶ୍ୱର ବ୍ଲକରେ ୧୯ଟି ସେବା ସମବାୟ ସମିତିର ୨୩ଟି ସ୍ଥାନରେ ଧାନକିଣା ଆରମ୍ଭ ହୋଇଥିବାବେଳେ ଆଜି ଜ୍ୟୋତି ଜଂଗମ ଓ ଖାଲିନା ମଣ୍ଡିରେ ଧାନ କ୍ରୟ କେନ୍ଦ୍ରରେ ସଂଜୟ କୁମାର କର, ସଂପାଦକ ଅଜିତ୍ କୁମାର ଜେନା ଉପସଭାପତି ଅଭୟ କୁମାର ଦେ, ସୁନିଲ କୁମାର ଦେ, ଆର୍‌ଏମ୍‌ସିର ପ୍ରଶାନ୍ତ ରାଜଙ୍କ ଉପସ୍ଥିତିରେ କ୍ରୟ ହୋଇଛି। ସ୍ଥାନୀୟ ଚାଷୀମାନେ ଧାନକ୍ରୟ ବେଳେ ଉପସ୍ଥିତ ରହୁଥିବା ବେଳେ ମିଲର ବାବା ଏଗ୍ରୀଟେକ ପକ୍ଷରୁ ଫକଜ ଅଗ୍ରୱାଲ ଉପସ୍ଥିତ ଥିଲେ। ପ୍ରକାଶଯୋଗ୍ୟ ଅଦ୍ୟାବଧି ଜଳେଶ୍ୱର ବ୍ଲକ ଅଧିନରେ ନାମ ପଂଜିକରଣ କରିଥିବା ସବୁ ଚାଷୀଙ୍କର ଟୋକନ୍ ପହଞ୍ଚି ନାହିଁ। ଟୋକନ୍ ପହଂଚିନଥିବାରୁ କେତେ ଧାନକ୍ରୟ ହେବ ସେ ସଂପର୍କରେ ମଧ୍ୟ ବିବରଣୀ କାହା ନିକଟରୁ ମିଳୁନାହିଁ। ଟୋକନ୍ ଆସୁନଥିବାରୁ ଚାଷୀମାନେ ବାରମ୍ବାର ମଣ୍ଡିକୁ ଆସି ଫେରୁଛନ୍ତି। ଅନ୍ୟପକ୍ଷରେ ଅଦ୍ୟାବଧି ଚାଷୀମାନେ ଧାନକ୍ରୟ କରିପାରିନଥିବାରୁ ଧାର କରଜ, ସାରଦୋକାନୀର ବକେୟା ମଧ୍ୟ ପୈଠ ହୋଇନଥିବା ବହୁ ଚାଷୀ ଦୁଃଖର ସହିତ ଆଜି ଧାନ ମଣ୍ଡିଠାରେ କହିଥିବା ପ୍ରକାଶ। ଅତିଶୀଘ୍ର ସମସ୍ତ ପଂଜିକୃତ ଚାଷୀଙ୍କ ଟୋକନ୍ ଦେବା ସଂପର୍କରେ ସବୁ ମଣ୍ଡିର ଚାଷୀ କମିଟି ଓ କେତେକ ସଭ୍ୟ ଦାବି କରିଛନ୍ତି।

# ବିଶାଳ ହିନ୍ଦୁ ସମ୍ମିଳନୀ ଉଦ୍‌ଘାଟିତ

ସିମୁଳିଆ, ୧୮।୧ (ସମିସ): ବାଲେଶ୍ୱର ଜିଲ୍ଲାର ୫ଟି ମଣ୍ଡଳର ସିମୁଳିଆ ଉପଖଣ୍ଡ ରଘୁନାରାୟଣ ହାଇ ସ୍କୁଲ ପଡିଆରେ ଆୟୋଜକ ସମଗ୍ର ହିନ୍ଦୁ ସମାଜ ଆନୁକୂଲ୍ୟରେ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ. ମୁଖ୍ୟବକ୍ତା ପ୍ରମଦ ନାୟକ, ସମ୍ମାନିତ ଅତିଥି ନାରାୟଣ ପଣ୍ଡା, ନୟନା ମଲ୍ଲିକ. ନାରାୟଣ ମହାକୁଡ଼, ଗଜେନ୍ଦ୍ର ସେଠି ଯୋଗଦେଇଥିଲେ। ମଞ୍ଚ ପରିଚାଳନାରେ ସୂର୍ଯ୍ୟମଣୀ ବୋଇତି ଏବଂ ସହଯୋଗ କରିଥିଲେ ରଞ୍ଜନ ବେହେରା, ନିରଜ ମିଶ୍ର, ଅରୁଣ ମହାଳିକ, ରାଜୀବ ମହାନ୍ତି।

ସକାଳ THE SAKALA



# ଯୋଡ଼ା ହାଇସ୍କୁଲ ୧୯୯୦ ବ୍ୟାଚ୍ ବନ୍ଧୁ ମିଳନ

ଯୋଡ଼ା, ୧୮।୧(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଦାମପୁର ଗ୍ରାମଠାରେ ଥିବା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ପର୍ଯ୍ୟଟନସ୍ଥଳ ମିରିଗ ସିଂଘାଠାରେ ଯୋଡ଼ା ହାଇସ୍କୁଲ ୯୦ ଦଶକର ସମସ୍ତ ସହପାଠୀଙ୍କୁ ନେଇ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବିଦ୍ୟାଳୟର କିଛି ଛାତ୍ର ଯୋଡ଼ାରେ ଅବସ୍ଥାନ କରୁଥିବା ଜଣେ ଶିକ୍ଷକ ଓ ଜଣେ ଶିକ୍ଷୟିତ୍ରୀଙ୍କୁ ଭେଟି ସମ୍ମାନ ପୂର୍ବକ ଉତ୍ତରୀୟ ପ୍ରଦାନ କରିବା ପରେ ଅନୁଷ୍ଠିତ ସଭାରେ ସାଂସଦ ପ୍ରତିନିଧି ତଥା ସହପାଠୀ ବିଏନ ଦାଶଙ୍କୁ ସ୍ୱାଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସହପାଠୀ ସଂଜୀବ ଜେନା, ସନ୍ତୋଷ ସାହୁ, ରମାକାନ୍ତ ମଲିକ, ରଂଜିତ ସାହୁ, ନକୁଳ ଓରାମ, ଶୁଭେନ୍ଦୁ ସାହୁ, ରମେଶ ଲୋହାର, କୁଳମଣି ପାତ୍ର, ବାବା ମଣି ମହାନ୍ତି, ହେମନ୍ତ ମିଶ୍ର (କାଳୀ), ଦୁଷ୍ମନ୍ତ ପାତ୍ର, ରାଜେଶ ଗୋଛାୟାତ, ଫଂକଞ୍ଜ ବେହେରା, ଶ୍ରୀକାନ୍ତ ମୁଣ୍ଡା, କୁନା ତ୍ରିପାଠୀ, ବିଷ୍ଣୁ ନାଏକ, କୁନୁ ଖାଲକୋ, ବିନୋଦ ମାଝୀ, କର୍ମୁ ଲୋହାର, ଅମର ଦାଶ ପଟନାୟକ, ଶଙ୍କର ନାଏକ, ମୁକେଶ ମହାନ୍ତି, ମହେଶ୍ୱର ସିଂ, ରଞ୍ଜନ ମହାନ୍ତି, ଅଶୋକ ମହାକୁଡ଼, ବିଦ୍ୟୁତ ସାହୁ, ବିଶ୍ୱନାଥ ବେହେରା, ଫକୀର ମୋହନ ଗିରି, ମନୋଜ ରାଉତ, ଦିଲ୍ଲୀପ ପଟନାୟକ ପ୍ରଦୀପ ହେମ୍ବ୍ରମ, କିଶୋର ନନ୍ଦ, ରତ୍ନାକର ମହାପାତ୍ର ଯୋଗ ଦେଇଥିଲେ। ଜାନୁଆରୀ ୨୬ ତାରିଖରେ ଏକ ସାମାଜିକ କାର୍ଯ୍ୟ କରିବାକୁ ସମସ୍ତ ସହପାଠୀ ମତ ରଖିଥିଲେ।



# କେନ୍ଦୁଝର ବନଖଣ୍ଡରେ ପକ୍ଷୀ ଗଣନା; ୩୪ ଟିମ ସାମିଲ





କେନ୍ଦୁଝର/ତୁରୁମୁଙ୍ଗା, ୧୮।୧(ସମିସ):

କେନ୍ଦୁଝର ବନଖଣ୍ଡରେ ବନ ବିଭାଗ ପକ୍ଷରୁ ପକ୍ଷୀ ଗଣନା କାର୍ଯ୍ୟକ୍ରମ ରବିବାର ଶେଷ ହୋଇଛି। ସଦର ରେଞ୍ଜ, ଘଟଗାଁ, ତେଲକୋଇ ଓ ଚମ୍ପୁଆ ରେଞ୍ଜ ଅଧିନ ୨୧ଟି ବନ୍ଧ, ପୋଖରୀ ଓ ଆଦ୍ରଭୂମି ଚିହ୍ନଟ କରାଯାଇଥିଲା। ଏଥିପାଇଁ ୩୪ଟି ଟିମ୍ ଗଠନ କରାଯାଇଥିଲା। ପୂର୍ବରୁ କେନ୍ଦୁଝରକୁ ବିଦେଶୀ ପକ୍ଷୀ ଆଗମନ କରୁନଥିବାବେଳେ ଚଳିତବର୍ଷ ଅତ୍ୟଧିକ ଥଣ୍ଡା ଅନୁଭୂତ ହେଉଥିବାରୁ ରଙ୍ଗବେରଙ୍ଗ ବିଦେଶୀ ପକ୍ଷୀ ଆଗୁଆ ଆସି ପହଞ୍ଚିଛନ୍ତି। ସଦର ରେଞ୍ଜ ଅଧିନ ୯ଟି ସ୍ଥାନ ନଳପଙ୍ଗା ଡ୍ୟାମ, ବଡଶାସନ ପୋଖରୀ, ଟିକରପଡା ଡ୍ୟାମ, ଚାନ୍ଦିନୀ ପୋଖରୀ, ସାପୁଆ ଡ୍ୟାମ୍, କୋଡିପଶା ଡ୍ୟାମ, କାନ୍ଝାରୀ ଜଳଭଣ୍ଡାର, ଜଗଦଳା ଡ୍ୟାମ ଓ ଧୂଳିଆବେଡା ଡ୍ୟାମ ପ୍ରଭୃତି ଅଞ୍ଚଳରେ ପକ୍ଷୀ ଗଣନା କରାଯାଇଛି। ଘଟଗାଁ ରେଞ୍ଜ ଅଧିନରେ ୩ଟି ସ୍ଥାନ ମାନପୁର ଡ୍ୟାମ, କାଳିମାଟି ଜଳଭଣ୍ଡାର ଓ କାଣ୍ଡସର ଡ୍ୟାମ୍‌ରେ ପକ୍ଷୀ ଗଣନା ପାଇଁ କର୍ମଚାରୀ ନିୟୋଜନ କରାଯାଇଥିଲା। ବଡଘାଗରା ଜଳଭଣ୍ଡାର ଓ ତେଲକୋଇ ରେଞ୍ଜ ଅଧୀନ ୫ଟି ସ୍ଥାନ ଖଜୁରିଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଦଣ୍ଡାଧାର ଡ୍ୟାମ, ଖୁଣ୍ଟାପଡା ଡ୍ୟାମ, କାକୁଡିଅମ୍ବା ଡ୍ୟାମ୍ ଓ ସଲେଇକେନା ଡ୍ୟାମ୍‌ରେ ପକ୍ଷୀ ଗଣନା କରାଯାଇଛି। ଚମ୍ପୁଆ ରେଞ୍ଜ ଅଧିନ ଯୋଡା ସେକ୍ସନର ଟାଟାଷ୍ଟିଲ ସିଲ୍‌ମେ ଡ୍ୟାମ୍‌ରେ ପକ୍ଷୀ ଗଣନା ହୋଇଛି। ପାଟଣା ବନାଞ୍ଚଳର ରାଜନଗର ବୈତରଣୀ ନଦୀ ଏବଂ ଖିରେଇଟାଙ୍ଗିରୀ ବଡବନ୍ଧରେ ମଧ ପକ୍ଷୀ ଗଣନା କରାଯାଇଛି। ମୋଟ ୩୪ଟି ସ୍ଥାନ ପାଇଁ ଟିମ୍‌କୁ ବାଇନକୁଲର, କ୍ୟାମେରା, ଜିପିଏସ୍ ଓ ଡିଏଚ୍‌ଏଫ୍ ଆଦି ଯନ୍ତ୍ର ବନବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଥିଲା। ଏଥିନେଇ ମତ୍ସ୍ୟଜୀବୀମାନଙ୍କୁ ମଧ ସଚେତନ କରାଯାଇଥିଲା। ପକ୍ଷୀ ଗଣନା ୩ଟି ପଦ୍ଧତିରେ କରାଯାଇଥାଏ। ପ୍ରଥମ ହେଲା ଯେଉଁଠି ସ୍ୱଳ୍ପ ସଂଖ୍ୟକ ପକ୍ଷୀ ଥିବେ ସେଠାରେ ସିଧାସଳଖ ୧,୨,୩,୪ ହିସାବରେ ଗଣନା କରାଯାଏ। ଦ୍ୱିତୀୟ ପଦ୍ଧତି ହେଉଛି ଯେଉଁଠି ଅଧିକ ପକ୍ଷୀ ଥିବେ ଉକ୍ତ ଅଂଚଳକୁ ବାଇନାକୁଲର ଦ୍ୱାରା ଗୋଟିଏ ଗୋଟିଏ ବ୍ଲକରେ ବିଭକ୍ତ କରାଯାଇଥାଏ। ଗୋଟିଏ ବ୍ଲକରେ ଥିବା ପକ୍ଷୀଙ୍କ ସମଷ୍ଟୀକରଣ କରାଯାଇ ଯେତୋଟି ବ୍ଲକ ହୋଇଥାଏ ତାହାକୁ ଗୁଣିତ କରି ପକ୍ଷୀ ସଂଖ୍ୟା ନିର୍ଦ୍ଧାରଣ ହୁଏ। ତୃତୀୟଟି ହେଲା ଗୋଟିଏ ସ୍ଥାନରେ ଅଗଣତି ପକ୍ଷୀ ଯାହାକି ବାଇନାକୁଲାର ପରିଧିକୁ ଆସେ ନାହିଁ ତାହାକୁ ଜିପିଏସ୍ ସ୍କେଲ ଦ୍ୱାରା ମପାଯାଇ ପ୍ରଜାତି ଓ ସଂଖ୍ୟା ନିର୍ଦ୍ଧାରଣ କରାଯାଇଥାଏ। ବିଶେଷ କରି ଲେସର ହୁଇସଲିଂ ବତକ, ଗ୍ରେବସ୍, କୁଟସ୍, ଟିଲସ୍, କମନ ମୁର ହେନ, ଇଣ୍ଡିଆନ୍ କରମରାଣ୍ଟ, ଲୋପୱିଙ୍ଗ ଆଦି ବହିରାଗତ ପକ୍ଷୀ ଦେଖିବାକୁ ମିଳିଛି।

ପାଟଣା ରେଞ୍ଜରେ ଖିରେଇଟାଙ୍ଗିରି ସେକ୍ସନ ରାଜନଗର ନିକଟ ବୈତରଣୀ ନଦୀର ଚଢେଇକୁଦୁର ଘାଟ ସହ ଖିରେଇଟାଙ୍ଗିରୀ ଗ୍ରାମର ବଡ଼ବନ୍ଧଠାରେ ଦୁଇଟି ଟିମରେ ୧୦ ଜଣ କର୍ମଚାରୀ ପକ୍ଷୀ ଗଣନା କରିଥିଲେ। ବନ ବିଭାଗ ପକ୍ଷରୁ ୬ ଶହ ପକ୍ଷୀ ଆସିଥିବା ସୂଚନା ମିଳିଛି। ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ପକ୍ଷୀ ଗଣନା କାର୍ଯ୍ୟ ଚାଲିଥିବା ବେଳେ ରାଜନଗର ଚଢେଇକୁଦର ଘାଟରେ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ ତିଣ୍ଡା ବିଟ୍ ବନରକ୍ଷୀ ସୁଜାତା ସାହୁ ଜମୁନାପଶି ବିଟ୍ ବନରକ୍ଷୀ ଅନନ୍ୟା ପ୍ରିୟଦର୍ଶିନୀ ନାୟକ ସ୍ୱାଡ ଶିରପାଣି ମହାନ୍ତ, ଝାଡେଶ୍ୱର ମହାନ୍ତ ସାମିଲ ହୋଇଥିଲେ। ଲେସର ହ୍ୱିଷ୍ଟିଙ୍ଗ ଡ଼କ(ହଂସ ଜାତୀୟ ପକ୍ଷୀ), ପାଣିକୁଆ, ମାଛରଙ୍କା ଡାହୁକ ଆଦି ପକ୍ଷୀ ଆସିଛନ୍ତି। ଖିରେଇଟାଙ୍ଗିରୀ ବଡ଼ବନ୍ଧରେ ରାଜନଗର ବନରକ୍ଷୀ ଦେବଜାନୀ ମହାନ୍ତ, ଖିରେଇଟାଙ୍ଗିରୀ ବନରକ୍ଷୀ ଡଲିରାଣୀ ସାହୁଙ୍କ ସମେତ ପାରାଷ୍ଟାଫ ସାମିଲ ଥିଲେ।

# ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ ଦେଲେ କାୟାକଳ୍ପ ଟିମ୍



ତୁରୁମୁଙ୍ଗା, ୧୮।୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଗାଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ରବିବାର କାୟାକଳ୍ପ ଟିମ ପରିଦର୍ଶନ କରିଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧକ୍ଷ ଡାକ୍ତର ଡାକ୍ତର ଶୁଭେନ୍ଦୁ ସାଗର କୁମାର ନାଏକ, ବିପିଏମ ଦୀପକ ନାୟକ, ପିଏଚଇଓ ସରୋଜିନୀ ସେଠୀ ଓ ଅନ୍ୟମାନେ କାୟାକଳ୍ପ ଟିମ୍‌କୁ ସ୍ୱାଗତ କରିଥିଲେ। ରାଜ୍ୟ ସ୍ତରରୁ ଆଇଡିଏସପିର ନିର୍ଦ୍ଦେଶକ ଡାକ୍ତର ଅଶୋକ କୁମାର ପାଇକରାୟ, ଆୟୁଷ ପରାମର୍ଶଦାତା ଡାକ୍ତର ପୀଯୂଷ ରଞ୍ଜନ ମହାନ୍ତି, ୟୁନିସେଫର ତୃପ୍ତି ମିଶ୍ର, ଜିଲ୍ଲା ସ୍ତରରୁ ଗୁଣବତ୍ତା ନିର୍ଣ୍ଣାୟକ ବିଭାଗର ସହକାରୀ ପରିଚାଳକ ଅଭିଷେକ ଷଡଙ୍ଗୀ ପ୍ରମୁଖ ଏହି କାୟାକଳ୍ପ ଟିମରେ ସାମିଲ ଥିଲେ। ଡାକ୍ତର ରାଧାରମଣ ସାହୁ, ଡାକ୍ତର ସ୍ୱାଗତ ପ୍ରଧାନ, ଡାକ୍ତର ଅଭିଷେକ ସାହୁ, ଡାକ୍ତର ଅର୍ଣ୍ଣବ ସାହୁ, ଡାକ୍ତର ନୀଳାଦ୍ରି ବାହିନୀ ପତି, ଡାକ୍ତର ଚମ୍ପକ ବେହେରା, ଡାକ୍ତର ପାର୍ଥସାରଥୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଫକୀରପୁରରେ ଶ୍ରଦ୍ଧାଞ୍ଜଳି ସଭା


ଆନନ୍ଦପୁର, ୧୮।୧ (ସମିସ): ଆନନ୍ଦପୁର ପୌରାଞ୍ଚଳର ଫକୀରପୁରରେ ଧର୍ମପ୍ରାଣା ମହିଳା ଜାଡି ଜେନାଙ୍କ ସ୍ମୃତିଚାରଣ ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ସନ୍ତୋଷ ଜେନାଙ୍କ ସଂଯୋଜନାରେ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ଆନନ୍ଦପୁର ପୌରାଧକ୍ଷ ରଜନୀ ରାଣୀ ଖଟୁଆ କଂଗ୍ରେସ ନେତା ଶ୍ରୀଧର ଦଳେଇ ନିକୁଞ୍ଜ ବିହାରୀ ମିଶ୍ର କାଉନସିଲର ନିବେଦିତା ବେହେରା ସତ୍ୟାନନ୍ଦ ମିଶ୍ର ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ ଆଇନଜୀବୀ ହେମନ୍ତ କୁମାର ମଲିକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଯାତ୍ରା କଳାକାର ସଙ୍ଘର ବୈଠକରେ ବରିଷ୍ଠ କଳାକାର ସମ୍ବର୍ଦ୍ଧିତ




କେନ୍ଦୁଝର, ୧୮।୧(ସମିସ): କେନ୍ଦୁଝର ସଦର ବ୍ଲକ ରାଇସୁଆଁଠାରେ ଯାତ୍ରା କଳାକାର ସଙ୍ଘ ପକ୍ଷରୁ ଏକ ବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମରେ। ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସଙ୍ଘର ସଭାପତି ଭାଗୀରଥି ସେଠୀ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ବିରବର ଘୋଷ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶରତଚନ୍ଦ୍ର ଦାଶ ପରିଚାଳନା କରିଥିଲେ। ସଙ୍ଘ ପ୍ରଯୋଜନାରେ ଆଗାମୀଦିନରେ ହେବାକୁ ଥିବା ଯାତ୍ରା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ବରିଷ୍ଠ କଳାକାରମାନେ ସେମାନଙ୍କର ନୈତିକ ସାମର୍ଥନ ଦେବେ ବୋଲି ବହୁ ବରିଷ୍ଠ କଳାକାର ମତ ଦେଇଥିବାବେଳେ ବରିଷ୍ଠ କଳାକାରମାନେ କିପରି କଳାକାର ଭତ୍ତା ପାଇପାରିବେ ସେ ସମ୍ପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାକୁ ଉପସ୍ଥିତ କଳାକାରମାନେ ମତ ଦେଇଥିଲେ। ସନାତନ ରାଉତ, ତାପସ ଘୋଷ, ଜିତେନ୍ଦ୍ର ଘୋଷ, ପପୁ ମନ୍ତ୍ରୀ, ସୁବ୍ରତ ସେଠୀ, କୁନା ସାହୁ, ବନମାଳି ଘୋଷ, ଅଶୋକ ରାଉତ, କୁନା ପାତ୍ର, କାମଦେବ ପାତ୍ର ପ୍ରମୁଖଙ୍କ ନେତୃତ୍ୱରେ ସଙ୍ଘର ସଦସ୍ୟ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଶାକମ୍ବରୀ ଟୁସୁ ମେଳା ଉଦ୍‌ଯାପିତ



କରଞ୍ଜିଆ,୧୮।୧(ସମିସ): କରଞ୍ଜିଆ ଏନ ଏ ସି ଅନ୍ତର୍ଗତ ୧୪ ନମ୍ବର ୱାର୍ଡ ଅଂକୁରା ଝଗଡାନାଳଠାରେ ଅନୁଷ୍ଠିତ ହେଉଥିବା ଶାକମ୍ବରୀ ଟୁସୁମେଳା ଓ ପ୍ରତିଯୋଗିତା ଆଜି ଉଦଯାପିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ କରଞ୍ଜିଆ ଏନ୍‌ଏସି ଅଧକ୍ଷା ପପି ପୃଷ୍ଟି ଓ ବସ୍ତିର ବରିଷ୍ଠ ନାଗରିକ ହୀରାଲାଲ ମହାନ୍ତ, ୧୪ ନମ୍ବର ୱାର୍ଡ ମେମ୍ବର ଭାବଗ୍ରାହୀ ମହାନ୍ତ ଓ ଗୋବିନ୍ଦ ମହାନ୍ତ ଯୋଗଦେଇ କୃତୀ ଟୁସୁ ପ୍ରତିଯୋଗୀ ଦଳକୁ ପୁରସ୍କୃତ କରିଥିଲେ। ଚଳିତ ବର୍ଷ ପ୍ରଥମ ଦଳ ରାଇରଙ୍ଗପୁର ଦଳ ହୋଇଥିବାରୁ ତାଙ୍କୁ ୩୫ ହଜାର ୫୫୫, ଦ୍ୱିତୀୟ ବିଜେତା ଦଳ ଯଶିପୁରକୁ ୩୦ ହଜାର ୫୫୫ ଟଙ୍କା, ତୃତୀୟ ବିଜେତା ଦଳ ମଦରଙ୍ଗାଯୋଡ଼ିକୁ ୨୫ ହଜାର ୫୫୫, ଚତୁର୍ଥ ଦଳ ସଲରାପଦାକୁ ୨୦ ହଜାର ୫୫୫ ଟଙ୍କା ଓ ପଞ୍ଚମ ବିଜେତା ଦଳ ଜାମଖଞ୍ଜୀରୀ ଦଳକୁ ୧୫ ହଜାର ୫୫୫ ଟଙ୍କା ଓ ଦୂରତା ଅନୁଯାଇ ସ୍ୱାନ୍ତ୍ୱନା ମୂଳକ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶାକମ୍ବରୀ ଟୁସୁ କମିଟି ସଭାପତି ରୋହିତ କୁମାର ମହନ୍ତ, ସମ୍ପାଦକ ବିଭୁ କଲ୍ୟାଣ ମହନ୍ତ, ରଞ୍ଜନ ମହାନ୍ତ, ହରିଶ ମହାନ୍ତ, ଅମିତ ମହାନ୍ତ, ଗେଣ୍ଟୁ, ଚନ୍ଦ୍ର ମୋହନ ମହନ୍ତ ପ୍ରମୁଖ ପରିଚାଳନା କରିଥିଲେ। କମିଟି ପକ୍ଷରୁ ରାତ୍ରିରେ ମନୋରଞ୍ଜନ ପାଇଁ ଝୁମର ମେଲଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜିନ୍ଦଲ ଷ୍ଟିଲ୍ ପକ୍ଷରୁ ତମାଖୁମୁକ୍ତ ସଚେତନତା ପକ୍ଷ



ଯୋଡ଼ା, ୧୮।୧(ସମିସ): ଜିନ୍ଦଲ ଷ୍ଟିଲ ପକ୍ଷରୁ ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ତମାଖୁମୁକ୍ତ ସଚେତନତା ପକ୍ଷ ଉଦଯାପିତ ହୋଇଯାଇଛି। ଜିନ୍ଦଲ ଷ୍ଟିଲର କାଶିଆ ଓ ରୋଇଡ଼ା ମାଇନ୍ସ ପାରିପାର୍ଶ୍ୱିକ ଅଞ୍ଚଳକୁ ତମାଖୁମୁକ୍ତ କରିବା ପାଇଁ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଜିନ୍ଦଲ ଷ୍ଟିଲ ବିକେଟିଆର କ୍ଲଷ୍ଟର ହେଡ୍ ପ୍ରମୋଦ ପାତ୍ର ଏକ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରଥ ସେରେଣ୍ଡା ଓ ଭଦ୍ରାସାହି ପଞ୍ଚାୟତ ଅଞ୍ଚଳରେ ପରିଭ୍ରମଣ କରିଥିଲା। ସିଏସଆର, ଏଚଆର ଓ ଆଡମିନ ବିଭାଗର ତତ୍ତ୍ୱାବଧାନରେ ଆୟୋଜିତ ଏହି ପକ୍ଷରେ ପାରିପାର୍ଶ୍ୱିକ ଗ୍ରାମାଞ୍ଚଳରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଚେତନତା ପକ୍ଷର ଉଦଯାପନୀ ଦିବସରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବରିଷ୍ଠ ଅଧିକାରୀଙ୍କ ସମେତ ଶତାଧିକ କର୍ମଚାରୀ ଯୋଗଦେଇଥିଲେ।

# ରାସଗୋବିନ୍ଦପୁରରେ ୧୮୫୭ ଓ ବେତନଟୀ ରେଞ୍ଜରେ ୭୩୪୧ ପକ୍ଷୀ ଚିହ୍ନଟ



ମୋରଡା,୧୮।୧(ସମିସ): ରବିବାର ରାସଗୋବିନ୍ଦପୁର ବନାଞ୍ଚଳ ଓ ବେତନଟୀ ବନାଞ୍ଚଳ ଅଧୀନରେ ଥିବା ବିଭିନ୍ନ ସ୍ଥାନରେ ବନ ବିଭାଗ ପକ୍ଷରୁ ଟିମ ଗଠନ କରାଯାଇ ପକ୍ଷୀ ଗଣନା କରାଯାଉଥିବା ଦେଖିବାକୁ ମିଳିଛି। ରାସଗୋବିନ୍ଦପୁର ରେଞ୍ଜର ଘନଶ୍ୟାମ ସିଂଙ୍କ ସୂଚନା ମୁତାବକ ଉକ୍ତ ରେଞ୍ଜ ଅଧୀନରେ ଥିବା ରାଜାବନ୍ଧ, ଘୋଡ଼ାବନ୍ଧ, ଘାଗରାବନ୍ଧ, ରାସଗୋବିନ୍ଦପୁର ବନ୍ଧ ଓ ଗାଁ ଅମର୍ଦା ବଡ଼ପୋଖରୀରେ ଟିମ ନିୟୋଜିତ କରାଯାଇ ୧୧ଟି ପ୍ରଜାତିର ସମୁଦାୟ ୧୮୫୭ଟି ପକ୍ଷୀ ଗଣନା କରାଯାଇଛି। ସେହିପରି ବେତନଟୀ ରେଞ୍ଜର ଧ୍ରୁବେନ୍ଦ୍ର ନାଥ ନାୟକଙ୍କ ସୂଚନା ମୁତାବକ ବେତନଟୀ ବନାଞ୍ଚଳ ଅନ୍ତର୍ଗତ ବଡ଼ଜୋଡ ଡ୍ୟାମ, ପାଉଁଶିଆ ଡ୍ୟାମ, ଦାନ୍ତିଆମୁହାଁ ଡ୍ୟାମ, ହାଣ୍ଡିଭଙ୍ଗା ଡ୍ୟାମ, ବାଉଁଶନାଳ ବଡଗୁମା, ତୋଟାପଡା ଆଶ୍ରମ ସ୍କୁଲ, ପଦ୍ମପୋଖରୀ, ପଞ୍ଚ ପୁଟୁଳି ଗଡ଼ଦେଉଳିଆ, ସାରିଆ ଡ୍ୟାମ, ଆମଜୋଡା, ଶୁଖିଲାହର, ଛାଡ଼କଟା ଓ ନଡ଼ପୁର ଆଦି ଅଞ୍ଚଳରୁ ୨୬ଟି ପ୍ରଜାତିର ପ୍ରାୟ ୭୩୪୧ଟି ପକ୍ଷୀ ଗଣନା କରାଯାଇଛି। ଦୁଇଟି ବନାଞ୍ଚଳ ଅଧୀନରେ ଥିବା ଜଳାଶୟରେ ସର୍ବାଧିକ ସରାଳି ପକ୍ଷୀ ଗଣନା କରାଯାଇଥିବାବେଳେ ରାସଗୋବିନ୍ଦପୁର ରେଞ୍ଜରେ ୧୬୧୪ ଓ ବେତନଟୀ ରେଞ୍ଜରେ ୩୯୪୪ଟି ଚିହ୍ନଟ କରାଯାଇଛି।

# ଅନୀତା ହୋଟେଲ ପକ୍ଷରୁ ପ୍ରତିଭା ସମ୍ମାନ ପ୍ରଦାନ ଉତ୍ସବ

କଳାବାଡିଆ,୧୮।୧(ସମିସ): ବାଙ୍ଗିରିପୋଷି ବ୍ଲକ୍ ବୁଢ଼ାମରା ଛକ ନିକସ୍ଥ ଅନୀତା ହୋଟେଲ ପରିସରରେ ନିର୍ଦ୍ଦେଶିକା ଅନୀତା ପୁଟୀଙ୍କ ପୌରୋହିତ୍ୟରେ ପ୍ରତିଭା ସମ୍ମାନ ଉତ୍ସବ ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସୁଦାମ ମାରାଣ୍ଡି, ପଥୁରୀ ପଞ୍ଚାୟତ ସରପଞ୍ଚ ଜୟନ୍ତୀ ସିଂ, କଳାବାଡିଆ ସରପଞ୍ଚ ମିତା ନାଏକ, କୁମ୍ଭାରମୁଣ୍ଡାକଟା ସରପଞ୍ଚ ଲିପି ନାଏକ, କଳାବାଡିଆ ସମିତି ସଭ୍ୟା ସୌଦାମିନୀ ସିଂ, କୁମ୍ଭାରମୁଣ୍ଡାକଟା ସମିତି ସଭ୍ୟା ଶର୍ମିଷ୍ଠା ବେହେରା, ପଥୁରୀ ସମିତି ସଭ୍ୟା ଜଳେଶ୍ୱରୀ ସିଂ, ଦୀନବନ୍ଧୁ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀହରି ଗିରି, ପଥୁରୀ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜ୍ୟାସ୍ମିନ ବେହେରା, କୁମ୍ଭାରମୁଣ୍ଡାକଟା ସରକାରୀ ନୋଡାଲ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ସାହୁ, ସମାଜସେବୀ ଅମର ସେଠୀ, ପୂର୍ବତନ ଅଧକ୍ଷ ପ୍ରିୟ ମାରାଣ୍ଡି ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀ ଶିକ୍ଷା ବ୍ୟତୀତ ସମାଜ ସହିତ ତାଳ ଦେବା ପାଇଁ ହେଲେ ସବୁ କ୍ଷେତ୍ରରେ ଆଗକୁ ବଢ଼ିବାକୁ ହେବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଦୀନବନ୍ଧୁ ଉଚ୍ଚବିଦ୍ୟାଳୟ, ପଥୁରୀ ସରକାରୀ ଉଚ୍ଚବିଦ୍ୟାଳୟ, ଜଗନ୍ନାଥଖୁଣ୍ଟା ସରକାରୀ ଉଚ୍ଚବିଦ୍ୟାଳୟ, କୁମ୍ଭାରମୁଣ୍ଡାକଟା ସରକାରୀ ନୋଡାଲ ବିଦ୍ୟାଳୟର ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ମାନସିକ ପରୀକ୍ଷା ଦେଇଥିଲେ। ଏଥିରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ, ୨୦୨୫ର କୃତୀ ଛାତ୍ରଛାତ୍ରୀ, ସଫଳ ବ୍ୟବସାୟୀ ଶିବପ୍ରସାଦ ସାହୁ, ଚାଷୀ କୀର୍ତ୍ତିବାସ ପୁଟୀ, ଯନ୍ତ୍ରୀ ମୃତ୍ୟୁଞ୍ଜୟ ବେହେରା, କୃଷ୍ଣଚନ୍ଦ୍ର ବେହେରା, ହୋଟେଲ ସେଫ୍ ରଶ୍ମିରଞ୍ଜନ ବାରିକ, ହୋଟେଲ ମ୍ୟାନେଜର ଦେବାଶିଷ ସାହୁ, ମାଝିବାବା ଭାଳ ସୋରେନ, ଲକ୍ଷ୍ମଣ ହେମ୍ବ୍ରମଙ୍କୁ ସମ୍ମାନିତ କରାଯାଇଥିଲା। ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀଙ୍କୁ ହୋଟେଲ ଅନୀତା ପକ୍ଷରୁ ସମ୍ମାନିତ କରାଯାଇଥିଲା। ଅନୀତା ମାଲିକ ସୁମନ୍ତ ପୁଟୀ, ସମାଜସେବୀ କମଳାକାନ୍ତ ବାରିକଙ୍କ ସହ ହୋଟେଲର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ପଥୁରୀ ସରକାରୀ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ବିନୋଦ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ସମାଜସେବୀ କମଳାକାନ୍ତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ମୟୂରଭଞ୍ଜ ଜିଲ୍ଲାର ୩୨ଟି ସ୍ଥାନରେ ପକ୍ଷୀ ଗଣନା

ବାରିପଦା, ୧୮ ।୧(ସମିସ):

ମୟୂରଭଞ୍ଜ ଜିଲ୍ଲାର ୩୨ଟି ବନାଞ୍ଚଳରେ ରବିବାର ପକ୍ଷୀ ଗଣନା କରାଯାଇଛି। ଜିଲ୍ଲାର ଶିମିଳିପାଳ ଜାତୀୟ ଅଭୟାରଣ୍ୟ ସମେତ ବାରିପଦା, ରାଇରଙ୍ଗପୁର, ଉଦଳା, କରଞ୍ଜିଆ ବନଖଣ୍ଡ ଅଧୀନରେ ଥିବା ବନାଞ୍ଚଳର ବିଭିନ୍ନ

- ବିଦେଶୀ ପକ୍ଷୀଙ୍କ ଗତିବିଧି ଓ ସଂଖ୍ୟା ହେଲା ରେକର୍ଡ
- ଗଣନା ପ୍ରକ୍ରିୟାରେ ସାମିଲ ହେଲେ ସାମ୍ବାଦିକ ଓ ଏନଜିଓ ସଦସ୍ୟ


ଜଳଭଣ୍ଡାର ଓ ଆର୍ଦ୍ର ସ୍ଥାନକୁ ମିଶାଇ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଶୀତଦିନିଆ ଜଳରେ ବିଚରଣ କରୁଥିବା ପକ୍ଷୀଙ୍କ ଗଣନା ହୋଇଛି। ତେବେ ଏଥର ଦୁଇ ସପ୍ତାହ ପରେ ଗଣନା କାର୍ଯ୍ୟ ଅନୁଷ୍ଠିତ ପାଇଁ ଜଳଭଣ୍ଡାରରେ ପର୍ଯ୍ୟାପ୍ତ ପକ୍ଷୀ ଦୃଷ୍ଟି ଗୋଚର ହୋଇନାହାନ୍ତି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ବାରିପଦା ବନଖଣ୍ଡ ଅନ୍ତର୍ଗତ ୭ଟି ରେଞ୍ଜର ୪୪ଟି ସ୍ଥାନରେ ପକ୍ଷୀ ଗଣନା କରାଯାଇଛି। ବାରିପଦା ବନଖଣ୍ଡ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୫୦ରୁ ଅଧିକ ବନ କର୍ମଚାରୀ ବେତନଟୀ, ଉଦଳା, ଦେଉଳି, ବାଙ୍ଗିରିପୋଷି ଆଦି ଅଞ୍ଚଳରେ ଗଣନା କରିଛନ୍ତି। ଏ ନେଇ ବନବିଭାଗ ପକ୍ଷରୁ କର୍ମଚାରୀଙ୍କୁ ପୂର୍ବରୁ ସତନ୍ତ୍ର ତାଲିମ ପ୍ରଦାନ କରାଯାଇଥିଲା।

ବାରିପଦା ବନଖଣ୍ଡ ପକ୍ଷରୁ ଗଣତି ପାଇଁ ୪୪ଟି ଟିମ ନିୟୋଜିତ ହୋଇଥିଲେ। ପ୍ରତି ଟିମରେ ୫ଜଣ ସଦସ୍ୟ ଥିବାବେଳେ ସେଥିରେ ୩ ଜଣ ବନ କର୍ମଚାରୀ ଓ ୨ ଜଣ ଏନଜିଓ ସଦସ୍ୟ ଓ ସାମ୍ବାଦିକ ଥିଲେ। ରେଞ୍ଜର, ଫରେଷ୍ଟର ଓ ପକ୍ଷୀ ଗବେଷକଙ୍କ ସମେତ କେତେକ ସ୍ଥାନରେ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ ଗଣନା ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ବାଇନ କୁଲାର ଓ ଜିପିଏସ କ୍ୟାମେରା ସାହାଯ୍ୟରେ ବନବିଭାଗ କର୍ମଚାରୀ ପକ୍ଷୀ ଗଣନା କରିଛନ୍ତି। ସକାଳ ୬ରୁ ଦିନ ୧୧ ପର୍ଯ୍ୟନ୍ତ ଗଣନା କାର୍ଯ୍ୟ ହେଉଥିବାବେଳେ ଏହାର ରିପୋର୍ଟ ଆକଳନ



କରି ରାଜ୍ୟସ୍ତରୀୟ ରିପୋର୍ଟ ପାଇଁ ହସ୍ତାନ୍ତର କରାଯିବ। କୁହୁଡ଼ି ପାଇଁ ସକାଳୁ ପକ୍ଷୀ ଗଣନାରେ କିଛି ସମସ୍ୟା ଉପୁଜିଥିଲା। ଶୀତ ଋତୁରେ ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଥିବାବେଳେ ପକ୍ଷୀଙ୍କ ଗତିବିଧିକୁ ଲକ୍ଷ୍ୟ କରାଯାଇ ଡାଇରେକ୍ଟ ସାଇଟିଂ ପଦ୍ଧତିରେ ଗଣନା କରାଯାଇଛି। ଶୀତଋତୁରେ ସାଇବେରିଆନ ଅଞ୍ଚଳରେ ପ୍ରବଳ ବରଫ ପାତ ହେଉଥିବା ଯୋଗୁଁ ହଜାର ହଜାର କିଲୋମିଟର ଅତିକ୍ରମ କରି ଖାଦ୍ୟ ଅନ୍ୱେଷଣରେ ପକ୍ଷୀ ମାନେ ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ଆସିଥା'ନ୍ତି। ବିଦେଶରୁ ଆସିଥିବା ପକ୍ଷୀ ଜିଲ୍ଲାର ଜମ୍ବୀରା, ହଳଦିଆ, ବଡଯୋଡ, ବଡ଼ଯୋଡ, ରାଜାବନ୍ଧ, କାଳ, ସୋନ, ନେସା, ବାଙ୍କବଲ, ଖଡଖାଇ, ଦେଓ ପରି ବୃହତ ଜଳାଶୟରେ ବିଚରଣ କରିଥା'ନ୍ତି। ପକ୍ଷୀଙ୍କ ପ୍ରଜାତି ତାଙ୍କର ଗତିବିଧିକୁ ରେକର୍ଡ କରିବା ସହ ଏମାନଙ୍କର ସଂଖ୍ୟାର ଆକଳନ କରାଯାଇଥାଏ। ଜିଲ୍ଲାରେ ଥିବା ଜଳଉତ୍ସରେ ଘରୋଇ ପକ୍ଷୀଙ୍କ ସହ ଗଡ଼ୱାଲ, ଲିଟିଲ କାର୍ବୋରେଣ୍ଟ, ଲଫାଙ୍ଗ, ହୁଇସିଲ ବାର୍ଡ ଭଳି ବିଭିନ୍ନ ପ୍ରଜାତିର ପକ୍ଷୀ ଦେଖିବାକୁ ମିଳିଥା'ନ୍ତି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଗଣନାରେ ପକ୍ଷୀ ପ୍ରକାର ଓ ସଂଖ୍ୟାର ସମ୍ପୂର୍ଣ୍ଣ ତଥ୍ୟ ମିଳିନାହିଁ।

# ନୂଆସାହି ଡିଗ୍ରୀ ମହାବିଦ୍ୟାଳୟରେ ଭୋଟର ସଚେତନତା



କପ୍ତିପଦ,୧୮।୧(ସମିସ): ନୂଆସାହି ଡିଗ୍ରୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଡ ଲିପିକା ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଚେତନତା ସଭାରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଜାତୀୟ ସେବା ଯୋଜନାର ମହିଳା କାର୍ଯ୍ୟକ୍ରମ ଅଧିକାରିଣୀ ଶ୍ରୀମତୀ ମଞ୍ଜନା ମହାପାତ୍ର ଅତିଥି ପରିଚୟ ପ୍ରଦାନ ସହିତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପୁରୁଷ କାର୍ଯ୍ୟକ୍ରମ ଅଧିକାରୀ ଲମ୍ବୋଦର ବାରିକ ଦେଶର ସୁଶାସନ ଦିଗରେ ଭୋଟରଙ୍କ ଭୂମିକା ସମ୍ପର୍କରେ ସଚେତନ କରାଇଥିଲେ। ମୁଖ୍ୟଅତିଥି ଭାବେ କପ୍ତିପଦା ତହସିଲଦାର ଆଶିଷ ମହାପାତ୍ର ନିଜ ବକ୍ତବ୍ୟରେ ପ୍ରତି ଭୋଟର ମୂଲ୍ୟ ଅତ୍ୟନ୍ତ ମୂଲ୍ୟବାନ। ତେଣୁ ସମସ୍ତେ ନିଜ ନିଜର ମୂଲ୍ୟବାନ ଭୋଟ ସମ୍ପର୍କରେ ସଚେତନ ହେବାକୁ ଅବଗତ କରିଥିଲେ। ଏ ଅବସରରେ ଏକ ଇଲେକ୍ଟୋରାଲ ଗଠନ କରାଯାଇଥିଲା। ଭୋଟର ସଚେତନତା ବୃଦ୍ଧି କରିବା ପାଇଁ ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ଲୋଗାନ ପ୍ରତିଯୋଗିତା, ପଥପ୍ରାନ୍ତ ନାଟକ ଓ ରିଲସ ତିଆରି ପ୍ରତିଯୋଗିତା କରାଯାଇଥିଲା। ଇତିହାସ ବିଭାଗ ଅଧ୍ୟାପକ ସଞ୍ଜୟ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜିର ରାଶିଫଳ

**ମେଷ:** ସମାଜରେ ମାନପ୍ରତିଷ୍ଠା ବୃଦ୍ଧି ପାଇବ। ଛାତ୍ରଛାତ୍ରୀମାନେ ବିଦେଶ ଯାତ୍ରା କରିପାରନ୍ତି। କର୍ମକ୍ଷେତ୍ରରେ ଆଗୁଆ ରହିବେ। ଭାଇଭଉଣୀଙ୍କଠାରୁ ପୂର୍ଣ୍ଣ ସହଯୋଗ ପାଇବେ।

**ବୃଷ:** ଦିନଟି ହସଖୁସିରେ କଟିବ। ବରିଷ୍ଠ ବ୍ୟକ୍ତିଙ୍କଠାରୁ ସହଯୋଗ ପାଇବେ। ପରିବାରରେ ଆନନ୍ଦ ଉଲ୍ଲାସ ଦେଖାଦେବ। ନୂତନ ନିବେଶ କରି ଲାଭବାନ ହେବେ।

**ମିଥୁନ:** ପୁରୁଣା କାର୍ଯ୍ୟଗୁଡ଼ିକ କରିବାରେ ସମୟ କଟିବ। ଉତ୍ତମ ନିଷ୍ପତ୍ତି ଆର୍ଥିକ ପକ୍ଷ ଲାଗି ଲାଭଦାୟକ ହେବ। ଛାତ୍ରମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ।

**କର୍କଟ:** ଆଜି କୌଣସି ଅପ୍ରୀତିକର ପରିସ୍ଥିତିରେ ପଡ଼ି ଯାଇପାରନ୍ତି। ନିଜ ସାହସ ଓ ବୁଦ୍ଧି ବଳରେ ସହଜରେ ସଫଳତା ପାଇ ପାରିବେ। ଅଧିକ ଖର୍ଚ୍ଚାନ୍ତରେ ପଡ଼ିଯାଇପାରନ୍ତି।

**ସିଂହ:** ଆତ୍ମବିଶ୍ୱାସ ଓ ସାହସିକତାର ସହ କାର୍ଯ୍ୟ କରିବେ। ସାମାଜିକ କାର୍ଯ୍ୟରେ ଭାଗନେବେ। ସମସ୍ୟାର ସମାଧାନ ରାସ୍ତା ପାଇବେ। ପରିବାରରେ ଆନନ୍ଦ ଉଲ୍ଲାସ ଦେଖାଦେବ।

**କନ୍ୟା:** ଅଧିକ ପରିଶ୍ରମ କରି ଅସୁସ୍ଥ ମନେ କରିପାରନ୍ତି। ସାଙ୍ଗସାଥୀଙ୍କ ସହ ସମ୍ପର୍କ ସୁଦୃଢ଼ ରହିବ। ଆର୍ଥିକ ସମସ୍ୟା ନେଇ ଚିନ୍ତିତ ରହିବେ। ଜୀବନସାଥୀଙ୍କ ସହଯୋଗ ପାଇବେ।

**ତୁଳା:** ଦୀର୍ଘଦିନ ଧରି ଲାଗି ରହିଥିବା ସମସ୍ୟା ଅପସରି ଯିବ। ନିଜ ପ୍ରତିଭାରେ ଅନ୍ୟମାନଙ୍କୁ ଆକର୍ଷିତ କରିବେ। ଜମି ସମସ୍ୟା ସମାଧାନ ହୋଇଯିବ। ଜୀବନସାଥୀ ଓ ପରିଜନଙ୍କ ସ୍ନେହ ପାଇବେ।

**ବିଛା:** ଗୁରୁଜନଙ୍କ ପରାମର୍ଶ ଅନୁଯାୟୀ କାର୍ଯ୍ୟ କରିବେ। ପରିବାରରେ ଲାଗି ରହିଥିବା ଅଶାନ୍ତି ଦୂର ହେବ। କ୍ଷୁଦ୍ର ବ୍ୟବସାୟୀଙ୍କୁ ଆଶାଠୁ ଅଧିକ ଧନଲାଭ ହେବ।

**ଧନୁ:** କାର୍ଯ୍ୟ କରିବା ସମୟରେ ମନକୁ ଶାନ୍ତ ରଖନ୍ତୁ। ବିବାହଯୋଗ୍ୟ ଯୁବକ ଯୁବତୀଙ୍କ ବିବାହ ସ୍ଥିର ହୋଇପାରେ। ସାଙ୍ଗସାଥୀଙ୍କ ସହଯୋଗରେ ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ।

**ମକର:** ପରିବାର ମଧ୍ୟରେ ଉତ୍ତମ ବୁଝାମଣା ରହିବ। ମହିଳାମାନେ ରାଜନୀତିରେ ସକ୍ରିୟ ଭୂମିକା ନିର୍ବାହ କରିବେ। ଛାତ୍ରଛାତ୍ରୀ ଲେଖାପଢ଼ାରେ ଅଧିକ ଧ୍ୟାନ ଦିଅନ୍ତୁ।

**କୁମ୍ଭ:** ସ୍ୱାସ୍ଥ୍ୟରେ ଅବନତି ଦେଖାଦେଇପାରେ। କୌଣସି ଖବର ଶୁଣି ଉତ୍ସାହିତ ହୋଇପାରନ୍ତି। ମୂଲ୍ୟବାନ ସାମଗ୍ରୀ ନଷ୍ଟ ହେବାର ସମ୍ଭାବନା ରହିଛି । କୋର୍ଟକଚେରୀ ମାମଲାରେ ପଡ଼ିଯାଇପାରନ୍ତି।

**ମୀନ:** କୌଣସି କାମକୁ ନୂଆକରି ଆରମ୍ଭ କରିବେ। ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ପରିବାରରେ ଅଶାନ୍ତି ଦେଖା ଦେଇପାରେ । ରାଜନୀତି କ୍ଷେତ୍ରରେ ଥିବା ବ୍ୟକ୍ତିଙ୍କୁ ପ୍ରଶଂସା ମିଳିବ।

## ଆଜିର ଇତିହାସ

- ୧୬୪୯ - ଚାର୍ଲସ୍ ପ୍ରଥମଙ୍କ ବିରୋଧରେ ମୋକଦ୍ଦମା ଆରମ୍ଭ ହେଲା।
- ୧୯୨୭ - ବ୍ରିଟେନ ତାର ସେନାକୁ ଚୀନ୍‌କୁ ପଠାଇବା ପାଇଁ ନିଷ୍ପତ୍ତି ନେଲା।
- ୧୯୫୭ - ରୁଷିଆ ପରମାଣୁ ପରୀକ୍ଷା କରିଥିଲା।
- ୧୯୬୬ - ଇନ୍ଦିରା ଗାନ୍ଧୀ ଭାରତର ପ୍ରଧାନମନ୍ତ୍ରୀ ହେଇଥିଲେ।
- ୧୯୭୭ - ବିଶ୍ୱର ସବୁଠାରୁ ବଡ଼ ଭିଡ଼ ଆହ୍ଲାବାଦର କୁମ୍ଭ ମେଳାରେ ହୋଇଥିଲା।


## ‘ଧୁରନ୍ଧର ୨’କୁ ଫେରିବେ ଅକ୍ଷୟ



ଆଦିତ୍ୟ ଧରଙ୍କ ଫିଲ୍ମ ‘ଧୁରନ୍ଧର’ ଏବେ ବି ବକ୍ସ ଅଫିସ୍‌ରେ ତା’ର ଦବ୍‌ଦବା ଜାରି ରଖିଛି। ଏଥିରେ ରଣବୀର ସିଂହଙ୍କ ଠାରୁ ଅକ୍ଷୟ ଖାନ୍ନାଙ୍କ ଅଭିନୟକୁ ନେଇ ଅଧିକ ଚର୍ଚ୍ଚା ହେଉଛି। ରେହମାନ ଡକାୟତ ଭୂମିକାରେ ଅକ୍ଷୟ ପରଦାରେ ଛାଇ ଯାଇଥିଲେ। ବିଶେଷକରି ଏହି ଫିଲ୍ମରେ ଅକ୍ଷୟଙ୍କ FA9LA ଗୀତରେ ଅଧିକ ରିଲ୍ସ ହୋଇଛି। ‘ଧୁରନ୍ଧର’ରେ ଅକ୍ଷୟଙ୍କ ଚରିତ୍ରର ଅନ୍ତ ହୋଇଥିବାରୁ ସିକ୍ୱେଲରେ ତାଙ୍କୁ ବାଦ୍ ଦିଆଯାଇପାରେ ବୋଲି ଦୀର୍ଘଦିନରୁ ଚର୍ଚ୍ଚା ହେଉଥିଲା। ‘ଧୁରନ୍ଧର ୨’ରେ ପୁଣିଥରେ ଅକ୍ଷୟଙ୍କୁ ଦେଖିବାକୁ ମିଳିବ ବୋଲି ଏବେ ଜଣାପଡ଼ିଛି। ଏହାର ପ୍ରଥମ ପାର୍ଟରେ ରଣବୀର ଅଣ୍ଡରକଭର୍ ଏଜେଣ୍ଟ ହମ୍‌ଜା ଅଲୀ ମଜାରି ଭୂମିକାରେ ସିକ୍ୱେଲରେ ନଜର ଆସିବେ ବୋଲି ଦେଖାଯାଇଥିଲା। ତେବେ ସିକ୍ୱେଲରେ କେବଳ ରଣବୀରଙ୍କ କାହାଣୀ ନୁହେଁ; ରେହମାନ ଡକାୟତର ପୂର୍ବ କାହାଣୀ ଦେଖାଯିବ ବୋଲି ଜଣାପଡ଼ିଛି। ‘ଧୁରନ୍ଧର ୨’କୁ ଅକ୍ଷୟ ଫେରିବା କଥା ଜାଣି ଦର୍ଶକେ ମଧ୍ୟ ବେଶ୍ ଉତ୍ସାହିତ ଅଛନ୍ତି। ଏଥିରେ ଅକ୍ଷୟ ଓ ରଣବୀରଙ୍କ ସହ ଅର୍ଜୁନ୍ ରାମପାଲ, ଆର୍. ମାଧବନ୍, ସଞ୍ଜୟ ଦତ୍ତ ଓ ସାରା ଅର୍ଜୁନ୍ ପ୍ରମୁଖ ଦେଖାଯିବେ। ଏହା ୧୯ ମାର୍ଚ୍ଚରେ ପରଦାକୁ ଆସିବ।

## ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବ ସୁନାମି ୱାଲ୍

ଗଛ ଓ ମଣିଷର ସମ୍ପର୍କ ବେଶ୍ ନିବିଡ଼। ମଣିଷର ସୁସ୍ଥ, ନୀରୋଗ ଓ ସୁଖମୟ ଜୀବନଯାପନ ସାଙ୍ଗକୁ ତା’ର ସାମଗ୍ରିକ ବିକାଶ ପଛରେ ପ୍ରତ୍ୟକ୍ଷ ବା ପରୋକ୍ଷରେ ବୃକ୍ଷଲତାଗୁଡ଼ିକର ପ୍ରଚ୍ଛନ୍ନ ଭୂମିକା ରହିଛି। ହେଲେ ଗଛ ପ୍ରତି ମଣିଷ କିନ୍ତୁ ଚିରକାଳ ଅବହେଳା କରିଆସିଛି। ମଣିଷ ନିଜ ସ୍ୱାର୍ଥ ପାଇଁ ଜଙ୍ଗଲ କାଟି ସଫା କରି ଦେଉଛି। ଏହି କାରଣରୁ ମଣିଷ ଅନେକ ସମୟରେ ବନ୍ୟା, ବାତ୍ୟା, ମରୁଡ଼ି, ସୁନାମି ଭଳି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ତେବେ ପ୍ରକୃତି ଓ ପ୍ରାକୃତିକ ସମ୍ବଳ ନଷ୍ଟ ଯୋଗୁଁ ୨୦୧୧ ମସିହାରେ ଜାପାନ ଏକ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରିଥିଲା। ଏହି ସମୟରେ ଭୂମିକମ୍ପ ପରେ ସୁନାମି ଆସିଥିଲା। ମାର୍ଚ୍ଚ ୧୧ରେ ଜାପାନ ଉପକୂଳରେ ଆସିଥିବା ସୁନାମିରେ ପାଖାପାଖି ୧୮,୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା। ବିଗତ ୧୫ ବର୍ଷ ମଧ୍ୟରେ ଜାପାନ ଏଭଳି ବିପର୍ଯ୍ୟୟର ସାମ୍ନା କରିବା ପାଇଁ ଚେଷ୍ଟା ଚଳାଇଛି। ଆଜି ଏହି ଦେଶ ସୁନାମି ଭଳି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଏମିତି ଏକ ବ୍ୟବସ୍ଥା ବାହାର କରିଛି, ଯାହାକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା ହେଉଛି। ଜାପାନ ଏଥିପାଇଁ ୩୯୫ କିଲୋମିଟର ଏକ ସିମେଣ୍ଟର କାନ୍ଥ ନିର୍ମାଣ କରିଛି। ଏହାର ନାଁ ‘ସୁନାମି ୱାଲ୍’ ରଖାଯାଇଛି। ଏହି କାନ୍ଥଗୁଡ଼ିକ ୧୦ରୁ ୧୫ ମିଟର ଉଚ୍ଚ। ସୁନାମି ସମୟରେ ବଡ଼ ବଡ଼ ଢେଉଗୁଡ଼ିକ କାନ୍ଥରେ ବାଡ଼େଇ ହେବା ଦ୍ୱାରା ଏହାର ଶକ୍ତି ହ୍ରାସ ପାଇବ। କେବଳ ସେତିକି ନୁହେଁ, କାନ୍ଥରେ ବାଡ଼େଇହେବା ପରେ ଏହି ସୁଉଚ୍ଚ ଢେଉଗୁଡ଼ିକୁ ନବେ ଲକ୍ଷ ଗଛ ସହିତ ଧକ୍କା ଖାଇବାକୁ ମଧ୍ୟ ହେବ। ଏହି ଜୁଆର ଲୋକଙ୍କ ପାଖରେ ଯେତେବେଳେ ପହଞ୍ଚିବ, ସେତେବେଳେ ଏହାର ତୀବ୍ରତା ଅନେକ ପରିମାଣରେ ହ୍ରାସ ପାଇବ । ଏହାବାଦ୍ ଗଛ ଯୋଗୁଁ ଜାପାନର ଇକୋସିଷ୍ଟମ ମଧ୍ୟ ପୁଣିଥରେ ଟ୍ରାକ୍‌କୁ ଫେରିଆସୁଛି। ଜାପାନର ଏଭଳି ଏକ ପ୍ରୟାସ ଏବେ ଚର୍ଚ୍ଚା ସାଉଁଟିଛି।




## ବିଶ୍ୱାସରେ ଚାଲିଛି ଦୋକାନ



ଆଜିକାଲି ଅନେକ ସମୟରେ ଦିନ ଦ୍ୱିପହରରେ ଦୋକାନରୁ ଲୁଟ୍ ହେବା କଥା ସାମ୍ନାକୁ ଆସୁଛି। ଏହି କ୍ରମରେ କେରଳର ପୟ୍ୟାନୁର ତ୍ରିକାରିପୁରସ୍ଥିତ ବାଏପାସ୍ ରୋଡ୍‌ରେ ଥାଲିଚଲମ ବ୍ରିଜ୍ ନିକଟରେ ଥିବା ଏକ ଛୋଟ ଦୋକାନ ବିଷୟରେ ଜାଣି ଯେକେହି ବି ଆଶ୍ଚର୍ଯ୍ୟ ହେବେ। ଥାଲିଚଲମ ନିବାସୀ ମୁଣ୍ଡକୁଣ୍ଡିଲ ସୁଲେମାନ ଏହି ଦୋକାନର ଆରମ୍ଭ କରିଥିଲେ। ବିଦେଶରେ ରହି ଅନେକ ଦିନ କାମ କରିବା ପରେ ଗାଁକୁ ଆସି ସେ ଏହି ଦୋକାନଟିର ଆରମ୍ଭ କରିଥିଲେ। ଆଖାପାଖରେ ରହୁଥିବା ଲୋକ ଓ ଯାତ୍ରୀଙ୍କ ଉଦ୍ଦେଶ୍ୟରେ ସେ ଏହି ଦୋକାନଟିକୁ ଖୋଲିଥିଲେ। ବିସ୍କୁଟ୍, ମିକ୍ସଚର୍‌ଠାରୁ ଆରମ୍ଭ କରି ଷ୍ଟେସନାରି ଆଇଟମ୍ ସବୁକିଛି ଏଠାରେ ମିଳିଥାଏ। ପ୍ରତ୍ୟେକ ଜିନିଷ ଉପରେ ଏହାର ଦାମ୍ ଲେଖା ହୋଇଥାଏ। ଦୋକାନ ଭିତରେ ନା କ୍ୟାସ୍ କାଉଣ୍ଟର ଅଛି ନା ଏଠାରେ କେହି କ୍ୟାସିୟର୍ ବସିଛନ୍ତି। ଟଙ୍କା ରଖିବା ପାଇଁ ଦୋକାନରେ ଗୋଟିଏ ବାକ୍ସ ଅଛି। ଯେଉଁଥିରେ ଲୋକେ ଟଙ୍କା ରଖି ଦିଅନ୍ତି। ଡିଜିଟାଲ ପେମେଣ୍ଟ ପାଇଁ କ୍ୟୁଆର୍ କୋଡ୍ ଲାଗିଛି। ଯଦି କାହା ପାଖରେ ଟଙ୍କା ନାହିଁ ସେ ବାକିରେ ମଧ୍ୟ ନେଇ ପାରିବେ। ଦୋକାନରେ ସିସିଟିଭି କି ଜଗିବା ପାଇଁ ସିକ୍ୟୁରିଟି ଗାର୍ଡ ନ ଥିଲେ ବି ଏଯାବତ୍ ତାଙ୍କ ଦୋକାନରୁ ଚୋରି ହୋଇ ନାହିଁ। ସୁଲେମାନ ସକାଳୁ ଆସି ଖାଲି ହୋଇଥିବା ଜିନିଷ ଭର୍ତ୍ତି କରି ଦେଇ ଯାଆନ୍ତି। ରାତିରେ ଥରୁଟିଏ ଦେଖିବାକୁ ଆସିଥାନ୍ତି। ନିୟମିତ ୫୦୦ରୁ ୧୦୦୦ ଟଙ୍କା ମଧ୍ୟରେ ତାଙ୍କର ବିକ୍ରି ହୋଇଥାଏ। ତେବେ ଏହି ଦୋକାନଟି ଏହି କଥା ପ୍ରମାଣ କରୁଛି ଯେ, ଆଜିବି ଦୁନିଆରୁ ବିଶ୍ୱାସ ହଜିନାହିଁ।

## ମାଘ ସପ୍ତମୀ



**ସନାତନ ଧର୍ମୀୟ ଆଚରଣରେ ବୁଡ଼ର ଖୁବ୍ ମହତ୍ତ୍ୱ ରହିଛି। ଏଥିପାଇଁ ଗ୍ରହ ଓ ନକ୍ଷତ୍ରର ସ୍ଥିତି ବିଚାରରେ ତଥା ନିର୍ଦ୍ଦିଷ୍ଟ ତିଥିରେ ପବିତ୍ର ନଦୀରେ ଶ୍ରଦ୍ଧାଳୁମାନେ ସ୍ନାନ କରିଥାନ୍ତି। ବୁଡ଼ର ମାହାତ୍ମ୍ୟ ସମ୍ପର୍କରେ ପୁରାଣ ଶାସ୍ତ୍ରରେ ଅନେକ କଥା ବର୍ଣ୍ଣନା ରହିଛି। ବୁଡ଼ ଦ୍ୱାରା ପୁଣ୍ୟ ଅର୍ଜନ ହେଉଥିବା ବିଶ୍ୱାସ। କାହିଁ କେଉଁ କାଳରୁ ଏହି ପରମ୍ପରା ଚାଲି ଆସିଛି। ପବିତ୍ର ମାଘ ମାସରେ ପ୍ରୟାଗରାଜରେ ପ୍ରତିବର୍ଷ ହୋଇଥାଏ ମାଘ ମେଳା। ଆମ ରାଜ୍ୟରେ ମାଘ ସପ୍ତମୀରେ ଅର୍କକ୍ଷେତ୍ର କୋଣାର୍କର ଚନ୍ଦ୍ରଭାଗା ତୀର୍ଥରେ ଲକ୍ଷାଧିକ ଶ୍ରଦ୍ଧାଳୁ ବୁଡ଼ ପକାଇଥାନ୍ତି।**

ଏହିଦିନ ଚଳଚଞ୍ଚଳ ହୋଇଥାଏ ଅର୍କକ୍ଷେତ୍ର କୋଣାର୍କର ଚନ୍ଦ୍ରଭାଗା। ପ୍ରତିବର୍ଷ ଏହି ତିଥିରେ ହଜାର ହଜାର ଶ୍ରଦ୍ଧାଳୁ ମାଘ ମାସର ହାଡ଼ଭଙ୍ଗା ଶୀତକୁ ଖାତିର ନ କରି ବୁଡ଼ ପକାନ୍ତି। ମାଘ ସପ୍ତମୀରେ ବୁଡ଼ ପରମ୍ପରା ସେମିତି ଅବ୍ୟାହତ ଅଛି। କିମ୍ବଦନ୍ତୀ ଅନୁସାରେ, ମାଘ ଶୁକ୍ଳ ସପ୍ତମୀରେ ସୂର୍ଯ୍ୟଦେବ ଜନ୍ମଗ୍ରହଣ କରିଥିଲେ। ଏହିଦିନର ବିଶେଷତ୍ୱ ହେଉଛି ସ୍ନାନ ଓ ସୂର୍ଯ୍ୟ ଦର୍ଶନ। ସ୍ନାନ ପରେ ଶ୍ରଦ୍ଧାଳୁ ସୂର୍ଯ୍ୟଙ୍କୁ ଦର୍ଶନ କରନ୍ତି। ଦାନ ଧର୍ମ କରି ପୁଣ୍ୟ ଅର୍ଜନ କରିଥାନ୍ତି। କୁହାଯାଏ, ଏହିଦିନ ବୁଡ଼ ପକାଇଲେ ବିଭିନ୍ନ ରୋଗରୁ ଉପଶମ ଏବଂ ମାନସିକ ଶାନ୍ତି ମିଳିଥାଏ।

ଓଡ଼ିଶା ତଥା ପଡ଼ୋଶୀ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥାଏ। ସ୍ଥାନୀୟ ଅଞ୍ଚଳର ଆରାଧ୍ୟ ଠାକୁର ତ୍ରିବେଣୀଶ୍ୱର, ଐଶାନେଶ୍ୱର ଓ ଦକ୍ଷିଣେଶ୍ୱରଙ୍କ ମହାସ୍ନାନ ପରେ ଶ୍ରଦ୍ଧାଳୁମାନେ ଚନ୍ଦ୍ରଭାଗାରେ ବୁଡ଼ ପକାନ୍ତି। ଏହା ଚନ୍ଦ୍ରଭାଗା ଯାତ୍ରା ବା ଚନ୍ଦ୍ରଭାଗା ମେଳା ନାମରେ ପ୍ରସିଦ୍ଧ। କୁହାଯାଏ, ଏହିମେଳା ଉପଲକ୍ଷେ ପୂର୍ବେ କୋଣାର୍କ ସୂର୍ଯ୍ୟ ମନ୍ଦିରରେ ପ୍ରତିଷ୍ଠିତ ସୂର୍ଯ୍ୟ ଏବଂ ଚନ୍ଦ୍ର ଏକ ବିମାନରେ ଚନ୍ଦ୍ରଭାଗା ତୀର୍ଥକୁ ଯାତ୍ରା କରୁଥିଲେ। ଏହି ପ୍ରତିମାଙ୍କ ସହ କୋଣାର୍କର ଅଷ୍ଟଶମ୍ଭୁ ଓ ଅଷ୍ଟଚଣ୍ଡୀ ମଧ୍ୟ ଚନ୍ଦ୍ରଭାଗା ତୀର୍ଥକୁ ଯାତ୍ରା କରନ୍ତି। ସୂର୍ଯ୍ୟଦେବଙ୍କର ଏହି ରଥଯାତ୍ରା ଅତ୍ୟନ୍ତ ବିରଳ। ବ୍ରହ୍ମପୁରାଣରେ ଏହା ‘ସୌର ଗୁଣ୍ଡିଚା’ ନାଁରେ ଖ୍ୟାତି ଲାଭ କରିଛି। ସେହିପରି ଆହୁରି ଅନେକ ସ୍ଥଳୀରେ ସପ୍ତମୀ ବୁଡ଼ ଦେଇ ଶ୍ରଦ୍ଧାଳୁମାନେ ମହାପୁଣ୍ୟର ଅଧିକାରୀ ହୋଇଥାନ୍ତି।

ପରମ୍ପରା ଅନୁସାରେ, ଚନ୍ଦ୍ରଭାଗା ମେଳା ପଡ଼ିଆରେ ଷଷ୍ଠୀ ତିଥିରୁ ମହିଳାମାନେ ମେଳା ପଡ଼ିଆରେ ଶିବିର ପକାଇ ଥାନ୍ତି। ରାତିରେ ମାଟିହାଣ୍ଡିରେ ଶୁଖୁଆ ଡାଲମା, ଭାତ ରାନ୍ଧି ଏହାର କିଛି ଅଂଶକୁ ଅର୍କାସୁର ଉଦ୍ଦେଶ୍ୟରେ ସମର୍ପଣ କରିଥାନ୍ତି। ବଳକା ଅଂଶକୁ ନିଜେ ସେବନ କରନ୍ତି। ଏହାପରେ ମାଟିହାଣ୍ଡିକୁ ହାଣ୍ଡିଭଙ୍ଗା ପଡ଼ିଆରେ ଭାଙ୍ଗି ତୀର୍ଥ ପୁଷ୍କରିଣୀରେ ଭୋର ସମୟରେ ବୁଡ଼ ପକାଇ ସୂର୍ଯ୍ୟଦେବଙ୍କୁ ପୂଜା କରନ୍ତି। ଅନ୍ୟପକ୍ଷରେ ଏକାମ୍ରକ୍ଷେତ୍ରରେ ଏହି ଅବସରରେ ପ୍ରସିଦ୍ଧ ଖଣ୍ଡଗିରି କୁମ୍ଭମେଳା ବି ଆରମ୍ଭ ହୋଇଥାଏ। ସାଧୁସନ୍ଥମାନଙ୍କ ଉପସ୍ଥିତି ଏବଂ ଶ୍ରଦ୍ଧାଳୁଙ୍କ ଆଗମନରେ ଖଣ୍ଡଗିରି ଚଳଚଞ୍ଚଳ ହୋଇ ଉଠେ।

## ସଂସ୍କୃତି

## ବସନ୍ତ ପଞ୍ଚମୀ



ମାଘ ଶୁକ୍ଳ ପଞ୍ଚମୀକୁ ‘ଶ୍ରୀ ପଞ୍ଚମୀ’ ବା ‘ବସନ୍ତ ପଞ୍ଚମୀ’ ଭାବେ ପାଳନ କରାଯାଏ। ଏହା ହେଉଛି ବିଦ୍ୟା ଓ ସଙ୍ଗୀତର ଦେବୀ ମା’ ସରସ୍ୱତୀଙ୍କର ଆରାଧନାର ଦିନ। ଏହିଦିନ ଦେବୀ ସରସ୍ୱତୀ ଆବିର୍ଭୂତ ହୋଇଥିବା ବିଶ୍ୱାସ ରହିଛି। ଏହି ଅବସରରେ ସରସ୍ୱତୀ ମା’ଙ୍କୁ ଭକ୍ତି ଓ ନିଷ୍ଠାର ସହ ପୂଜା କଲେ ବୁଦ୍ଧି ଓ ସଫଳତା ମିଳେ। ବିଦ୍ୟା ପ୍ରାପ୍ତି ତଥା ବିଦ୍ୟା ନିମିତ୍ତ ବିଦ୍ୟାର୍ଥୀମାନେ ମା’ ବାଗ୍‌ଦେବୀଙ୍କର ବିଶେଷ ପୂଜା ଓ ଆରାଧନା କରିଥାନ୍ତି। ସୂର୍ଯ୍ୟୋଦୟ ପୂର୍ବରୁ ବିଦ୍ୟାର୍ଥୀମାନେ ସ୍ନାନ ସାରି ନୂଆ ବସ୍ତ୍ର ପରିଧାନ କରନ୍ତି। ନିଜ ନିଜ ଶିକ୍ଷାନୁଷ୍ଠାନରେ ଭକ୍ତି ପୁଷ୍ପାଞ୍ଜଳି ଦେଇଥାନ୍ତି। ସଙ୍ଗୀତଶିଳ୍ପୀମାନେ ମଧ୍ୟ ଦେବୀ ବୀଣାପାଣିଙ୍କ ପୂଜାର୍ଚ୍ଚନା କରିଥାନ୍ତି। ତା’ସହ ସରସ୍ୱତୀ ଯନ୍ତ୍ର ବି ପୂଜା କରାଯାଏ। ସରସ୍ୱତୀ ସ୍ତୋତ୍ର ପାଠ କରି ବିଦ୍ୟାର୍ଥୀମାନେ ପରୀକ୍ଷାରେ ସଫଳତା କାମନା କରିଥାନ୍ତି। ଏହାଛଡ଼ା ଏହି ଅବସରରେ ଛୋଟ ଛୋଟ ପିଲାମାନେ ବାଗ୍‌ଦେବୀଙ୍କ ଆଗରେ ‘ଖଡ଼ିଛୁଆଁ’ କରି ବିଦ୍ୟାରମ୍ଭ କରିଥାନ୍ତି। ଜାନୁଆରୀ ୨୩ ତାରିଖରେ ବସନ୍ତ ପଞ୍ଚମୀ ପାଳନ କରାଯିବ।

## ନବରତ୍ନ ଧାରଣ

**ନଅଟି ବିଶେଷ**

**ରତ୍ନର ସମୂହ ହେଉଛି ନବରତ୍ନ। ମାଣିକ, ମୋତି, ମୁଙ୍ଗା, ପନ୍ନା, ପୋଖରାଜ, ହୀରା, ନୀଲମ, ଗୋମେଦ, ଲହସୁନିଆ ରତ୍ନ ଯେତେବେଳେ ଏକ ସଙ୍ଗରେ ମିଶେ, ଏହା ଏକ ଶକ୍ତିଶାଳୀ ସୁରକ୍ଷା କବଚ ଭଳି କାମ କରିଥାଏ। ଏହି ରତ୍ନ ମନକୁ ଶାନ୍ତ ଓ ଚିନ୍ତାକୁ କମ୍ କରିବାରେ ସାହାଯ୍ୟ କରେ। କୁହାଯାଏ, ନବରତ୍ନକୁ ଧାରଣ କରିବା ଦ୍ୱାରା କ୍ୟାରିୟର ତଥା ବ୍ୟବସାୟର ବାଧା ଦୂର ହୁଏ। ସେହିପରି ନବରତ୍ନର ପ୍ରଭାବ ଦ୍ୱାରା ସାମାଜିକ ଓ ପାରିବାରିକ ସମ୍ବନ୍ଧରେ ମଧୁରତା ଆସେ।**



### ନିୟମ

- ସବୁ ରାଶି ପାଇଁ ନବରତ୍ନ ଶୁଭ ଫଳ ପ୍ରଦାନ କରେ ନାହିଁ।
- ତେଣୁ ଏହାକୁ ଧାରଣ କରିବା ପୂର୍ବରୁ ଜ୍ୟୋତିର୍ବିଦଙ୍କ ପରାମର୍ଶ ନେବା ଜରୁରି।
- ରତ୍ନ ଧାରଣ ପୂର୍ବରୁ ଏହାକୁ ଶୁଦ୍ଧିକରଣ କରିବା ଦରକାର।
- ରତ୍ନର ପ୍ରଭାବକୁ ବଜାୟ ରଖିବା ଲାଗି ଏହାକୁ ଗଙ୍ଗାଜଳ ଏବଂ କଞ୍ଚା କ୍ଷୀରରେ ଶୁଦ୍ଧ କରନ୍ତୁ।
- ନବରତ୍ନ ଧାରଣ କରୁଥିଲେ ଏହାକୁ ଅନ୍ୟ କାହାକୁ ଦିଅନ୍ତୁ ନାହିଁ।
- ତେବେ ନବରତ୍ନ ଯେଭଳି ଭାଙ୍ଗି ନ ଥିବ ଧ୍ୟାନ ଦେବେ। କାରଣ ଖଣ୍ଡିତ ରତ୍ନ ଅଶୁଭ ଫଳ ପ୍ରଦାନ କରେ।

## ଘରର କେଉଁ ସ୍ଥାନକୁ ଅପରିଷ୍କାର ରଖିବେ ନାହିଁ

**ବାସ୍ତୁ ଶାସ୍ତ୍ର ଅନୁସାରେ, ମାତା ଲକ୍ଷ୍ମୀ ପରିଷ୍କାର ପରିବେଶ ତଥା ଘରେ ବାସ କରନ୍ତି। ତେଣୁ ଘରକୁ ସଫାସୁତୁରା ରଖିବା ଉପରେ ବିଶେଷ ଧ୍ୟାନ ଦିଆଯାଏ। ସେହିପରି ଅଳିଆ ଆବର୍ଜନା ଘରର ଶକ୍ତି ଉପରେ ନକାରାତ୍ମକ ପ୍ରଭାବ ପକାଏ। ବିଶେଷକରି ଏହାର ସିଧା ପ୍ରଭାବ ଘରର ପରିବେଶ, ସ୍ୱାସ୍ଥ୍ୟ, ମାନସିକ ଶାନ୍ତି ଏବଂ ଆର୍ଥିକ ସମୃଦ୍ଧି ଉପରେ ପଡ଼ିଥାଏ। ତେବେ ଘରର କେଉଁ ସ୍ଥାନକୁ ଅପରିଷ୍କାର ରଖିବା ଅନୁଚିତ, ସେ ସମ୍ପର୍କରେ ଜାଣିବା।**



- ସକାରାତ୍ମକ ଶକ୍ତିର ମୁଖ୍ୟ ଉତ୍ସ ହେଉଛି ଘରର ମୁଖ୍ୟ ଦ୍ୱାର। ଯଦି ଏହି ସ୍ଥାନ ଅଳିଆ ଆବର୍ଜନାରେ ଭର୍ତ୍ତି ରହିବ ଏବଂ ଜୋତା ଚପଲ ଏଣେତେଣେ ପଡ଼ି ରହିଲେ, ନକାରାତ୍ମକ ଶକ୍ତିର ପ୍ରବେଶ ବଢ଼େ।
- ରୋଷେଇ ଘରକୁ ସ୍ୱାସ୍ଥ୍ୟ ଏବଂ ସମୃଦ୍ଧିର କେନ୍ଦ୍ର ବୋଲି ବିବେଚନା କରାଯାଏ। ଏହି ସ୍ଥାନ ଅଳିଆ ହେଲେ ଅଗ୍ନି ତତ୍ତ୍ୱ ଦୁର୍ବଳ ହୋଇଥାଏ। ଏହା ଦ୍ୱାରା ଆର୍ଥିକ ସମସ୍ୟା ଉତ୍ପନ୍ନ ହୋଇପାରେ।
- ଘରର ପୂଜା ସ୍ଥାନ ଆଧ୍ୟାତ୍ମିକ ଶକ୍ତିର କେନ୍ଦ୍ର। ତେଣୁ ଏହି ସ୍ଥାନ ଅପରିଷ୍କାର ରହିବାକୁ ଅଶୁଭ ବୋଲି କୁହାଯାଏ। ମନରେ ଅଶାନ୍ତି ସୃଷ୍ଟି ହୁଏ।
- ବାସ୍ତୁ ଅନୁସାରେ, ବାଥରୁମ୍ ଅପରିଷ୍କାର ରହିଲେ ସ୍ୱାସ୍ଥ୍ୟ ସମସ୍ୟା ଏବଂ ମାନସିକ ଚିନ୍ତା ବଢ଼େ। ତେଣୁ ଏହାକୁ ପ୍ରତିଦିନ ସଫା ରଖିବା ଉଚିତ।
- ସେହିପରି ଘରର ଉତ୍ତର-ପୂର୍ବ ଦିଗକୁ ଅପରିଷ୍କାର ରଖିବା ବାସ୍ତୁ ସମ୍ମତ ନୁହେଁ।
- ଅନ୍ୟପଟେ ଶୋଇବା ଘରକୁ ସଫା ରଖିବା ଖୁବ୍ ଜରୁରି। ଏହି ସ୍ଥାନ ଅବ୍ୟବସ୍ଥିତ ତଥା ଅପରିଷ୍କାର ରହିଲେ ସକାରାତ୍ମକ ଶକ୍ତି ପ୍ରଭାବିତ ହୁଏ।

## ମିଚେଲ ଓ ଫିଲିପ୍ସଙ୍କ ଆଗରେ ଫିକା ପଡ଼ିଲା କୋହଲିଙ୍କ ୫୪ତମ ଦିନିକିଆ ଶତକ

# ନ୍ୟୁଜିଲାଣ୍ଡର ଐତିହାସିକ ସିରିଜ୍ ବିଜୟ



ଇନ୍ଦୋର,୧୮।୧(ଏଜେନ୍ସି): ଭାରତକୁ ୭ଥର ଟୁର୍‌ରେ ନ୍ୟୁଜିଲାଣ୍ଡ ଦଳ ଯାହା କରି ପାରି ନ ଥିଲା ମାଇକେଲ୍ ବ୍ରେସ୍‌ୱେଲଙ୍କ ନେତୃତ୍ୱରେ ଗଠିତ ବି' ଦଳ ୮ମ ଟୁର୍‌ରେ ତାହା କରି ଦେଖାଇଛି। ଏଠାରେ ଆଜି ଖେଳାଯାଇଥିବା ତୃତୀୟ ତଥା ଶେଷ ଦିନିକିଆ ମ୍ୟାଚ୍‌ରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ୪୧ ରନ୍‌ରେ ଭାରତକୁ ପରାସ୍ତ କରିଛି। ଏହା ଫଳରେ ନ୍ୟୁଜିଲାଣ୍ଡ ୨-୧ ବ୍ୟବଧାନରେ ଐତିହାସିକ ସିରିଜ୍ ବିଜୟ ହାସଲ କରିଛି। ଏଠାରେ ଡାରିଲ ମିଚେଲ କ୍ରମାଗତ ଦ୍ୱିତୀୟ ଶତକ ସହ ୧୩୧ ବଲ୍‌ରେ ୧୩୭ ଓ ଗ୍ଲେନ୍ ଫିଲିପ୍ସ ୮୮ ବଲ୍‌ରେ ୧୦୬ ରନ୍ କରିଥିଲେ। ଏମାନେ ଚତୁର୍ଥ ୱିକେଟ ପାର୍ଟନରସିପ୍‌ରୁ ୨୧୯ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ ହରାଇ ୩୩୭ ରନ୍ ସଂଗ୍ରହ କରିଥିଲା। ଜବାବରେ ଭାରତ ବିରାଟ କୋହଲି (୧୨୪ରନ୍, ୧୦୮ବଲ୍, ୧୦ ଚୌକା, ୩ଛକା)ଙ୍କ ୫୪ତମ ଦିନିକିଆ ଶତକ ସତ୍ତ୍ୱେ ଦଳ ୪୬ ଓଭରରେ ୨୯୬ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ୭୧ ରନ୍‌ରେ ୪ ୱିକେଟ ହରାଇ ବିପଦରେ ପଡ଼ିଥିଲାବେଳେ ବିରାଟ କୋହଲି ଓ ନୀତୀଶ କୁମାର ରେଡ୍ଡୀ ୫ମ ୱିକେଟରେ ୮୮, କୋହଲି ଓ ହର୍ଷିତ ରାଣା ୭ମ ୱିକେଟରେ ୯୯ ରନ୍ ଉଠାଇ ଭାରତ ଲାଗି କିଛିଟା ଆଶା ସଞ୍ଚାର କରିଥିଲେ। ରେଡ୍ଡୀ ୫୭ବଲ୍‌ରେ ୫୩ ଓ ରାଣା ୪୩ ବଲ୍‌ରେ ୫୨ ରନ୍ କରି ପ୍ରଥମ ଅର୍ଦ୍ଧଶତକ ହାସଲ କରିଥିଲେ। କିନ୍ତୁ ୩ଜଣଯାକ ଖେଳାଳି ବଡ଼ ସଟ୍ ଖେଳିବାକୁ ଯାଇ ଆଉଟ ହୋଇଥିଲେ। ଯାହା ଫଳରେ ଘରୋଇ ମାଟିରେ ଭାରତକୁ ପ୍ରଥମଥର ନ୍ୟୁଜିଲାଣ୍ଡ ନିକଟରୁ ଦିନିକିଆ ସିରିଜ୍‌ରେ ପରାଜିତ ହେବାକୁ ପଡ଼ିଛି। ବିଜୟୀ ନ୍ୟୁଜିଲାଣ୍ଡ ପକ୍ଷରୁ କ୍ରିଷ୍ଟିଆନ୍ କ୍ଲାର୍କ ଓ ଜାକାରୀ ଫୋକ୍ସ ୩ଟି ଲେଖାଏଁ, ଜେଡେନ ଲେନ୍ନକ୍ସ ୨ଟି ୱିକେଟ ଅକ୍ତିଆର କରିଥିଲେ। ଏହା ପରେ ଜାନୁଆରୀ ୨୧ରୁ ଦୁଇ ଦେଶ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳାଯିବ।

### ମିଚେଲ-ଫିଲିପ୍ସଙ୍କ ଦ୍ୱିଶତକୀୟ ଭାଗୀଦାରି

ତୃତୀୟ ତଥା ନିର୍ଣ୍ଣାୟକ ମ୍ୟାଚ୍‌ରେ ଭାରତୀୟ ଅଧିନାୟକ ଶୁବମନ ଗିଲ ଗୁରୁତ୍ୱପୂର୍ଣ୍ଣ ଟସ୍ ଜିତିବା ପରେ ନ୍ୟୁଜିଲାଣ୍ଡକୁ ପ୍ରଥମେ ବ୍ୟାଟିଂ କରିବାକୁ ସୁଯୋଗ ଦେଇଥିଲେ। ଭ୍ରମଣକାରୀ ଦଳର ଓପନର ହେନେରୀ ନିକୋଲସ୍‌ଙ୍କୁ ପ୍ରଥମ ଓଭରରେ ଅର୍ଶଦୀପ ଓ ଡେଭନ କନୱେଙ୍କୁ ଦ୍ୱିତୀୟ ଓଭରରେ ହର୍ଷିତ ରାଣା ଆଉଟ କରି ଭାରତକୁ ଭଲ ଆରମ୍ଭ ଦେଇଥିଲେ। ଦଳୀୟ ସ୍କୋର ୫୮ ରନ୍‌ରେ ୱିଲ ୟଙ୍ଗ ତୃତୀୟ ଖେଳାଳି ଭାବେ ଆଉଟ ହୋଇଥିଲେ। ଏହା ପରେ ଡାରିଲ ମିଚେଲ ଓ ଗ୍ଲେନ୍ ଫିଲିପ୍ସଙ୍କ ମଧ୍ୟରେ ଆରମ୍ଭ ହୋଇଥିଲା ମାରାଥନ ଭାଗୀଦାରି। ଏମାନେ ଭାରତୀୟ ବୋଲରଙ୍କୁ କୌଣସି ସୁଯୋଗ ନ ଦେଇ ଚତୁର୍ଥ ୱିକେଟରେ ୧୮୬ ବଲ୍ ଖେଳି ୨୧୯ ରନ୍ ସଂଗ୍ରହ କରିଥିଲେ। ଏହି ଭାଗୀଦାରି ବଳରେ ମ୍ୟାଚ୍‌ରୁ ଭାରତର କବ୍‌ଜା ହାତଛଡ଼ା ହୋଇଯାଇଥିଲା। ଚଳିତ ସିରିଜ୍‌ରେ କ୍ରମାଗତ ଶତକ ହାସଲ କରିଥିବା ମିଚେଲ ୧୩୧ ବଲ୍ ଖେଳି ୧୫ ଚୌକା ଓ ୩ ଛକା ସହ ୧୩୭ ଓ ଫିଲିପ୍ସ ୮୮ ବଲ୍‌ରୁ ୯ ଚୌକା ଓ ୩ ଛକା ସହ ୧୦୬ ରନ୍ କରିଥିଲେ। ଏହି ସିରିଜ୍‌ରେ ମିଚେଲ ୩୫୨ ରନ୍ ଉଠାଇ ଜବରଦସ୍ତ ଫର୍ମରେ ରହିଛନ୍ତି। ଉଭୟ ଖେଳାଳି ୭ ରନ୍ ବ୍ୟବଧାନରେ ଆଉଟ ହୋଇଥିଲାବେଳେ ଅନ୍ୟ କେହି ଭଲ ସ୍କୋର କରି ନ ଥିଲେ। କେବଳ ଅଧିନାୟକ ମାଇକେଲ ବ୍ରେସ୍‌ୱେଲ ୧୮ ବଲ୍‌ରୁ ୧ ଚୌକା ଓ ୩ ଛକା ସହାୟତାରେ ଅପରାଜିତ ରହି ୨୮ ରନ୍ କରିଥିଲେ।

ଭାରତ ପକ୍ଷରୁ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳିଥିବା ଫାଷ୍ଟ ବୋଲର ଅର୍ଶଦୀପ ସିଂହ ଓ ହର୍ଷିତ ରାଣା ୩ଟି ଲେଖାଏଁ ୱିକେଟ ନେଇଥିଲେ। ୧୦ ଓଭରରେ ରାଣା ୮୪ ଓ ଅର୍ଶଦୀପ ୬୩ ରନ୍ ବ୍ୟୟ କରିଥିଲେ। କ୍ୟାରିୟରର ପ୍ରଥମ ୧୪ଟି ମ୍ୟାଚ୍‌ରୁ ରାଣା ୨୬ଟି ୱିକେଟ ଅକ୍ତିଆର କରିଛନ୍ତି ସତ, କିନ୍ତୁ ଏଥିଲାଗି ତାଙ୍କୁ ହାରାହାରି ୨୮ ରନ୍ ଓ ଓଭର ପ୍ରତି ୬ରୁ ଅଧିକ ରନ୍ ବ୍ୟୟ କରିଛନ୍ତି।

| ଟି-୨୦ ସିରିଜ୍ ସୂଚୀ | | |
|---|---|---|
| ତାରିଖ | ମ୍ୟାଚ୍ | ଭେନ୍ୟୁ |
| ୨୧।୧ | ପ୍ରଥମ ଟି- ୨୦ | ନାଗପୁର |
| ୨୩।୧ | ଦ୍ୱିତୀୟ ଟି-୨୦ | ରାୟପୁର |
| ୨୫।୧ | ତୃତୀୟ ଟି-୨୦ | ଗୁଆହାଟୀ |
| ୨୮।୧ | ଚତୁର୍ଥ ଟି-୨୦ | ବିଶାଖାପାଟଣା |
| ୩୧।୧ | ପଞ୍ଚମ ଟି-୨୦ | ତିରୁଅନନ୍ତପୁରମ |

### ସଂକ୍ଷିପ୍ତ ସ୍କୋର

**ନ୍ୟୁଜିଲାଣ୍ଡ:** ୩୩୭/୮, ୫୦ ଓଭର (ଡାରିଲ ମିଚେଲ-୧୩୭, ଗ୍ଲେନ୍ ଫିଲିପ୍ସ-୧୦୬, ଅର୍ଶଦୀପ ସିଂହ-୩/୬୩, ହର୍ଷିତ ରାଣା-୩/୮୪)।

**ଭାରତ-** ୨୯୬/୧୦, ୪୬ ଓଭର (କୋହଲି-୧୨୪, ନୀତୀଶ- ୫୩, ହର୍ଷିତ- ୫୨, ଗିଲ୍- ୨୩, ରୋହିତ- ୧୧, ଆୟାର- ୩, ରାହୁଲ- ୧, ଜାଡେଜା- ୧୨, କ୍ଲାର୍କ- ୩/୫୪, ଫୋକସ୍- ୩/୭୭)।

## ● ବିଜୟ ହଜାରେ ଟ୍ରଫି
# ଅଥର୍ବ ତାଇଡେଙ୍କ ଶତକ

ବେଙ୍ଗାଲୁରୁ, ୧୮।୧(ଏଜେନ୍ସି): ଏଠାରେ ରବିବାର ଅନୁଷ୍ଠିତ ବିଜୟ ହଜାରେ ଟ୍ରଫିର ସୌରାଷ୍ଟ୍ର ବିପକ୍ଷ ଫାଇନାଲରେ ବିଦର୍ଭ ଓପନର ଅଥର୍ବ ତାଇଡେ ଶତକ ହାସଲ କରିଛନ୍ତି। ସେ ୧୧୮ ବଲ୍‌ରେ ୧୨୮ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ବିଦର୍ଭ ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ ହରାଇ ୩୧୭ ରନ୍ ସଂଗ୍ରହ କରିଛି। ଅନ୍ୟ ମାନଙ୍କ ମଧ୍ୟରେ ଯୁବ ଖେଳାଳି ଯଶ ରାଠୋଡ ୫୪ ରନ୍ କରିଥିଲେ। ତାଇଡେ ଓ ରାଠୋଡ ଦ୍ୱିତୀୟ ୱିକେଟରୁ ୧୩୩ ରନ୍ ଉଠାଇ ଦଳକୁ ଏକ ବିଶାଳ ସ୍କୋର ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ପ୍ରଭାବଶାଳୀ ବ୍ୟାଟିଂ କରିଥିବା ବିଦର୍ଭର ଅନ୍ୟତମ ଓପନର ଅମନ ମୋଖାଡେ ୩୩ ରନ୍ କରିବା ସହ ପ୍ରଥମ ୱିକେଟରେ ତାଇଡେଙ୍କ ସହ ୮୦ ରନ୍ ଉଠାଇ ଭଲ ଆରମ୍ଭ ଦେଇଥିଲେ। ରବିକୁମାର ସମର୍ଥ ୨୫, ଫୈଜ୍ ମହମ୍ମଦ୍ ସେଖ ୧୯, ହର୍ଷ ଦୁବେ ୧୭ ଓ ଦର୍ଶନ ନାଲକାଣ୍ଡେ ୧୪ ରନ୍ କରି ଡବଲ ଫିଗର ଛୁଇଁଥିଲେ। ସୌରାଷ୍ଟ୍ର ପକ୍ଷରୁ ବାମହାତି ପେସ୍ ବୋଲର ଅଙ୍କୁ ପାନୱାର ୬୫ ରନ୍ ଦେଇ ସର୍ବାଧିକ ୪ ୱିକେଟ ପାଇଥିଲେ। ଚେତନ ସାକାରିଆ ଓ ଚିରାଗ ଜାନିଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଥିଲା। ଜବାବରେ ୩୧୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ସୌରାଷ୍ଟ୍ର ୨୭ ଓଭର ଖେଳ ଶେଷସୁଦ୍ଧା ୪ ୱିକେଟ ହରାଇ ୧୪୩ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ପ୍ରେରକ ମଙ୍କଡ ୫୬ ଓ ଚିରାଗ ଜାନି ୧୪ ରନ୍‌ରେ ବ୍ୟାଟିଂ କରୁଥିଲେ। ଦଳ ପକ୍ଷରୁ ଅଧିନାୟକ ହାର୍ଭିକ ଦେଶାଇ ୨୦, ବିଶ୍ୱରାଜ ଜାଡେଜା ୯, ସମର ଗଜ୍ଜର ୨୫, ପାର୍ଶ୍ୱରାଜ ରାଣା ୭ ରନ୍ କରି ଆଉଟ ହୋଇଛନ୍ତି। ପ୍ରତିପକ୍ଷ ବିଦର୍ଭ ପକ୍ଷରୁ ନଚିକେତ ଭୁତେ ୨ଟି, ଯଶ ଠାକୁର ଓ ଦର୍ଶନ ନାଲକାଣ୍ଡେ ଗୋଟିଏ ଲେଖାଏଁ ୱିକେଟ ନେଇଛନ୍ତି।

## ■ ୧୯ ବର୍ଷରୁ କମ୍ ବିଶ୍ୱକପ୍
# ଆଫଗାନିସ୍ତାନର ପୁଣି ବିପର୍ଯ୍ୟୟ

ୱିଣ୍ଡହୋକ,୧୮।୧(ଏଜେନ୍ସି): ନାମିବ୍ୟାରେ ଚାଲିଥିବା ୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପ୍‌ରେ ଏସୀୟ ଦେଶ ଆଫଗାନିସ୍ତାନ ଆଉ ଏକ ବଡ଼ ବିପର୍ଯ୍ୟୟ ଘଟାଇଛି। ରବିବାର ଅନୁଷ୍ଠିତ ଗ୍ରୁପ୍-ଡି'ର ଏକ ମ୍ୟାଚରେ ଆଫଗାନିସ୍ତାନ ୧୩୮ ରନରେ ୨୦୧୬ ବିଜେତା ୱେଷ୍ଟଇଣ୍ଡିଜକୁ ହରାଇଦେଇଛି। ଓସମାନ ସାଦତ (୮୮ ରନ) ଓ ଅଧିନାୟକ ମହବୁବ ଖାନ (୮୬)ଙ୍କ ଅର୍ଦ୍ଧଶତକ ବଳରେ ଆଫଗାନିସ୍ତାନ ୫୦ ଓଭରରେ ୬ ୱିକେଟ ହରାଇ ୨୬୨ ରନ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ ୩୩.୨ ଓଭରରେ ୧୨୪ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଆଫଗାନିସ୍ତାନ ଏଥିପୂର୍ବରୁ ପ୍ରଥମ ମ୍ୟାଚରେ ୨୮ ରନରେ ୨୦୧୪ ସଂସ୍କରଣ ବିଜେତା ଦକ୍ଷିଣ ଆଫ୍ରିକାକୁ ହରାଇ ବିପର୍ଯ୍ୟୟ ଘଟାଇଥିଲା। ଆଫଗାନିସ୍ତାନ ଏବେ ୨ ମ୍ୟାଚରୁ ୪ ପଏଣ୍ଟ ପାଇ ଗ୍ରୁପ୍-ଡି ଶୀର୍ଷରେ ରହିଛି। ଭାରତ ଯୁବ ଦଳ ମଧ୍ୟ ୨ଟି ମ୍ୟାଚରୁ ୪ ପଏଣ୍ଟ ପାଇ ଗ୍ରୁପ୍-ବି'ରେ ଏକ ନମ୍ବର ସ୍ଥାନ ହାସଲ କରିଛି।

# ଫାଓ ଏକାଡେମୀର ସହଜ ବିଜୟ

କଟକ,୧୮।୧(ସମିସ): ବୋକାରୋ ଷ୍ଟିଲ୍ ସିଟିରେ ରବିବାରଠାରୁ ଏଆଇଏଫଏଫ ୟୁଥ୍ ଲିଗ୍ ଆରମ୍ଭ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଫାଓ ଏକାଡେମୀ ୭-୦ ଗୋଲରେ ସେଲ୍ ଫୁଟବଲ ଏକାଡେମୀକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧରେ ଫାଓ ପକ୍ଷରୁ ଦୁଇଟି ଗୋଲ ହୋଇଥିଲା। ଫରୱାର୍ଡ ମିଥୁନ ସାନ୍ତା ୪ର୍ଥ ଏବଂ ୩୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ ପ୍ରଦାନ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଦଳ ୫ଟି ଗୋଲ ସ୍କୋର କରି ସହଜ ବିଜୟ ହାସଲ କରିଥିବା ବେଳେ ଆକାଶ ସାହୁ ୪ଟି ଓ ମୋହନ ଗୁଣ୍ଡ ଗୋଟିଏ ଗୋଲ ଦେଇଥିଲେ।

## ■ ଜାତୀୟ ଶକ୍ତିଉତ୍ତୋଳନ ଚାମ୍ପିଅନ୍‌ସିପ୍
# ପ୍ରଥମ ଦିନରେ ଓଡ଼ିଶାକୁ ୨ ପଦକ





ଭୁବନେଶ୍ୱର,୧୮।୧ (ସମିସ): ଉତ୍ତରାଖଣ୍ଡର ଆରମ୍ଭ ହୋଇଥିବା ଜାତୀୟ ଶକ୍ତିଉତ୍ତୋଳନ ଚାମ୍ପିଅନସିପ୍‌ର ପ୍ରଥମ ଦିନରେ ଓଡ଼ିଶାକୁ ୨ଟି ପଦକ ମିଳିଛି। ଜୁନିଅର ପୁରୁଷ ୫୯ କିଲୋଗ୍ରାମ୍ ଶ୍ରେଣୀରେ ଶ୍ୟାମ ମାରାଣ୍ଡି କାଂସ୍ୟ ପଦକ ବିଜୟ ହାସଲ କରିଛନ୍ତି। ସେହିପରି ସବ୍‌ଜୁନିଅର ୫୫ କିଲୋଗ୍ରାମ୍ ଶ୍ରେଣୀରେ ସରୋଜିନୀ ପରିଡ଼ା କାଂସ୍ୟ ପଦକ ହାସଲ କରିଛନ୍ତି। ପାରା ସ୍ପୋର୍ଟ୍ସ ଆସୋସିଏସନ ଉଭୟ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ରାଜ୍ୟ ଲନ୍‌ବଲ ଚାମ୍ପିଅନସିପ୍ ଉଦ୍‌ଯାପିତ
# ବଲାଙ୍ଗିରକୁ ହ୍ୟାଟ୍ରିକ୍ ଟାଇଟଲ

ଭୁବନେଶ୍ୱର,୧୮।୧(ସମିସ): ରାଜ୍ୟ ଲନ୍‌ବଲ ପ୍ରତିଯୋଗିତାର ତୃତୀୟ ସଂସ୍କରଣ ଆଜି ଉଦ୍‌ଯାପିତ ହୋଇଛି। ଆୟୋଜକ ବଲାଙ୍ଗିର ଜିଲ୍ଲା କ୍ରମାଗତ ତୃତୀୟଥର ସକାଶେ ଦଳଗତ ଚାମ୍ପିଅନ ହେବା ସହ ହ୍ୟାଟ୍ରିକ୍ ଟାଇଟଲ ଜିତିନେଇଛି। ଏହି ପ୍ରତିଯୋଗିତାର ବରିଷ୍ଠ ବିଭାଗରେ ୫ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୧ କାଂସ୍ୟ ପଦକ ହାସଲ କରିଥିଲା। ସେହିପରି ୨୫ ବର୍ଷରୁ କମ୍ ପୁରୁଷ ବିଭାଗରେ ସ୍ୱର୍ଣ୍ଣ ଓ ମହିଳା ବିଭାଗରେ କାଂସ୍ୟ ପଦକ ହାସଲ କରି ସର୍ବାଧିକ ପଏଣ୍ଟ ସହ ଦଳଗତ ଟାଇଟଲ କବ୍‌ଜା କରିଥିଲା। ବଲାଙ୍ଗିରକୁ କଡ଼ା ଚ୍ୟାଲେଞ୍ଜ ଦେଇଥିବା ସମ୍ବଲପୁର ଜିଲ୍ଲା ରନର୍ସଅପ୍ ହୋଇଛି। ସମ୍ବଲପୁର ବରିଷ୍ଠ ବିଭାଗରେ ଗୋଟିଏ ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ହାସଲ କରିଛି। ସେହିପରି ୨୫ ବର୍ଷରୁ କମ୍ ମହିଳା ବିଭାଗରେ ଗୋଟିଏ ସ୍ୱର୍ଣ୍ଣ ହାସଲ କରିବା ଫଳରେ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛି। ଖେଳଶେଷରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ବଲାଙ୍ଗିର



ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠୀ, ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ ଓ ରାଜ୍ୟ ଲନ୍‌ବଲ ସଂଘ ସଭାପତି ଅନଙ୍ଗ ଉଦୟ ସିଂହଦେଓ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସଂଘର ସାଧାରଣ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କରିଶ୍ମା ରାଉତ, ଅନ୍ୱେଷା ରାଉତ, ରୋଶନ ସାହୁ, ନରେଶ ପ୍ରଧାନ, ବୁଦ୍ଧିରାଜ ବିଶ୍ୱାଳ, ପୁରନ୍ଦର ସେଡି, ବିଭୁତି ସ୍ୱାଇଁ ପ୍ରମୁଖ ଏହି ପ୍ରତିଯୋଗିତାକୁ ସଫଳତାର ସହ ପରିଚାଳନା କରିଥିଲେ।

# ପ୍ରୀତିସ୍ମିତା, କାଳୁଚରଣ ଓ ଏମ୍‌ଜିଏମ୍‌କୁ 'ଓସ୍‌ଜା' ପୁରସ୍କାର

ଭୁବନେଶ୍ୱର, ୧୮।୧ (ସମିସ): ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା)ର ୯ମ ବାର୍ଷିକ ପୁରସ୍କାର ପ୍ରଦାନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗ ଷ୍ଟାଡିୟମସ୍ଥିତ ଟେନିସ ସେଣ୍ଟର ଅଡିଟୋରିୟମଠାରେ ଆୟୋଜିତ ଏହି ଉତ୍ସବରେ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଲାଗି ୩ଜଣଙ୍କୁ 'ଓସ୍‌ଜା' ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ବର୍ଷ ୨୦୨୫ ଲାଗି ଯୁବ ଭାରୋତ୍ତୋଳିକା ପ୍ରୀତିସ୍ମିତା ଭୋଇ ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ। ସେହିଭଳି ପାଖାପାଖି ୪ ଦଶନ୍ଧି ଧରି ଡଜନେରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ଖେଳାଳି ଗଢ଼ିତୋଳିଥିବା ମହାନ ହକି ପ୍ରଶିକ୍ଷକ କାଳୁଚରଣ ଚୌଧୁରୀଙ୍କୁ ଜୀବନବ୍ୟାପୀ ସେବା ସମ୍ମାନ (ଲାଇଫ ଟାଇମ ଆଚିଭମେଣ୍ଟ)ରେ ପୁରସ୍କୃତ କରାଯାଇଥିଲା। ଉଭୟ ପ୍ରୀତିସ୍ମିତା ଓ କାଳୁଚରଣଙ୍କୁ ୨୫ ହଜାର ଲେଖାଏ ଟଙ୍କା ସହ ପ୍ରଶସ୍ତିପତ୍ର, ଉତ୍ତରୀୟ ଓ ବିଶେଷ ଟ୍ରଫି ଦିଆଯାଇଥିଲା। ଅପରପକ୍ଷରେ ଏଥର ଓସଜା ପକ୍ଷରୁ ଏକ ନୂଆ ବର୍ଗରେ




ଅର୍ଥାତ କ୍ରୀଡ଼ାର ବିକାଶ ଦିଗରେ ପ୍ରମୁଖ ସହଯୋଗର ହାତ ବଢ଼ାଇଥିବା ସଂସ୍ଥାକୁ ସମ୍ମାନିତ କରାଯାଇଥିଲା। ପ୍ରଥମଥର ଦିଆଯାଇଥିବା ଏହି ପୁରସ୍କାର ଏମ୍‌ଜିଏମ୍ ଗ୍ରୁପର ଅଧ୍ୟକ୍ଷ ପଙ୍କଜ ମହାନ୍ତିଙ୍କ ତରଫରୁ ଏଜିଏମ୍ ଉତ୍ତମ ନାୟକ ଗ୍ରହଣ କରିଥିଲେ।

ପୁରସ୍କାର ପ୍ରଦାନ ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଓ ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଖୁବ ଶୀଘ୍ର କଳିଙ୍ଗ ଷ୍ଟାଡିୟମରେ ଏକ କ୍ରୀଡ଼ା ସଂଗ୍ରହାଳୟ ଓ ବ୍ୟାଡ୍‌ମିଣ୍ଟନ କୋର୍ଟ୍ 'ସଟଲ୍' ପରିସରରେ ସର୍ବନିମ୍ନ ଆବଶ୍ୟକତା ସହିତ ଏକ ମିଡିଆ ସେଣ୍ଟର କରାଯିବ ବୋଲି କ୍ରୀଡ଼ାମନ୍ତ୍ରୀ ଘୋଷଣା କରିଥିଲେ। 'ଓସ୍‌ଜା'ର ସଭାପତି ସନ୍ଦୀପ ମିଶ୍ରଙ୍କ ପୌରହିତ୍ୟ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ସୁରେଶ ସ୍ୱାଇଁ କୃତଜ୍ଞତା ଜ୍ଞାପନ କରିଥିବାବେଳେ ବରିଷ୍ଠ ଉପସଭାପତି ସମୀକ୍ଷା ପଟ୍ଟନାୟକ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ଓସ୍‌ଜାର ସମସ୍ତ କର୍ମକର୍ତ୍ତା, ସଦସ୍ୟ, ରାଜ୍ୟର ପ୍ରତିଷ୍ଠିତ ପ୍ରଶିକ୍ଷକ, ଖେଳାଳି, କର୍ମକର୍ତ୍ତା, ବିଭିନ୍ନ କ୍ରୀଡ଼ସଂଘର ସଦସ୍ୟ ଓ ଉଦୀୟମାନ ଖେଳାଳିମାନେ ଏହି ଅବସରରେ ଉପସ୍ଥିତ ରହିଥିଲେ।

# ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ାରେ ଓଡ଼ିଶାରୁ ଭାଗନେବେ ୨୧ ସନ୍ତରଣକାରୀ

ଭୁବନେଶ୍ୱର, ୧୮।୧ (ସମିସ): ଛତିଶଗଡ଼ରେ ହେବାକୁ ଯାଉଥିବା ପ୍ରଥମ ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ାରେ ଭାଗ ନେବାକୁ ଓଡ଼ିଶାର ୨୧ଜଣ ସନ୍ତରଣକାରୀ ଯୋଗ୍ୟତା ଅର୍ଜନ କରିଛନ୍ତି। ରାଜ୍ୟସନ୍ତରଣ ସଂଘ ପକ୍ଷରୁ ୫୫ଜଣ ଜନଜାତି ପ୍ରତିଯୋଗୀଙ୍କୁ ନେଇ କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା ଜଳକ୍ରୀଡ଼ା କେନ୍ଦ୍ରରେ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲେ। ଏଥିରେ ୧୦ଜଣ ବାଳକ ଯଥା ରାଜେଶ ସୋରେନ, କାହ୍ନୁ ସୋରେନ, ସିତାରାମ ମୁର୍ମୁ, ଭିକି ଭୋଇ, ସର୍ବେଶ୍ୱର ବିରୁଆ, ଗୋପୀନାଥ ହେମ୍ବ୍ରମ, ଉତ୍କଳମଣି ଗୋପବନ୍ଧୁ, ସୋହମ ମାଝି, ଆଲୋକ ଡୁଙ୍ଗଡୁଙ୍ଗ୍, ଫୁର୍ମାଲ ହେମ୍ବ୍ରମ ଏବଂ ବାଳିକା ବିଭାଗରେ ଅଞ୍ଜଳି ମୁଣ୍ଡା, ଶ୍ରୀୟା ପଡ଼ିଆମି, ଅଞ୍ଜଳି ମଲ୍ଲିକ, ରିଙ୍କି ମୁର୍ମୁ, ଅନିତା ମାଝି, କୃଷ୍ଣପ୍ରିୟା ନାୟକ, ସୁକମଣି କିସାନ, ରିତିକା ମିଞ୍ଜ୍, ରୂପାଲି ହେମ୍ବ୍ରମ୍, ପୂଜା ପ୍ରଧାନ ଓ ଶୁଭସ୍ମିତା ବାଇପାଇ। ପୁରୁଷ ବିଭାଗରେ ଉତ୍କଳମଣି ଓ ମହିଳା ବିଭାଗରେ ରିତିକାକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ପ୍ରତିଯୋଗୀ କିଟ୍‌ର ବୋଲି ଓଡ଼ିଶା ରାଜ୍ୟ ସନ୍ତରଣ ସଂଘ ସଭାପତି ପ୍ରଦୀପ ପାଢ଼ୀ ଜଣାଇଛନ୍ତି। ଫେବୃଆରୀ ଦ୍ୱିତୀୟ ସପ୍ତାହରେ ଏହି ପ୍ରତିଯୋଗିତା ଆୟୋଜିତ ହେବ।

## ହକି ଇଣ୍ଡିଆ ଲିଗ୍
# କଳିଙ୍ଗ ଲାନ୍ସର୍ସର ବିଜୟ ଛକା

ଭୁବନେଶ୍ୱର, ୧୮।୧ (ସମିସ): ଚଳିତ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ରେ ଘରୋଇ ବେଦାନ୍ତ କଳିଙ୍ଗ ଲାନ୍ସର୍ସ କ୍ରମାଗତ ୬ଷ୍ଠ ବିଜୟ ହାସଲ କରିଛି। ରବିବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଲାନ୍ସର୍ସ ଦଳ ସୁଟ୍ ଆଉଟ୍‌ରେ ୪-୧ ଗୋଲ୍‌ରେ ତାମିଲନାଡୁ ଡ୍ରାଗନ୍ସକୁ ହରାଇଥିଲା। ଏହି ମ୍ୟାଚର ନିର୍ଦ୍ଧାରିତ ୬୦ ମିନିଟ୍ ସୁଦ୍ଧା ଉଭୟ ଦଳ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଫଳରେ ମ୍ୟାଚ୍ ୧-୧ରେ ବରାବର୍ ରହିଥିଲା। ଏହାପରେ ସୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ କଳିଙ୍ଗ ଲାନ୍ସର୍ସର ଗୋଲ୍‌ରକ୍ଷକ ଜେଡ୍ ସ୍ନୋଡେନ ପ୍ରଭାବୀ ପ୍ରଦର୍ଶନ କରି ପ୍ରତିପକ୍ଷର ପ୍ରୟାସକୁ ବିଫଳ ହେବାକୁ ଦେଇଥିଲେ। ସୁଟ୍‌ଆଉଟ୍‌ରେ ଲାନ୍ସର୍ସ ୪ଟି ଓ ଡ୍ରାଗନ୍ସ ଗୋଟିଏ ଗୋଲ୍ ଦେବାରେ ସମର୍ଥ ହୋଇଥିଲା। ଆର୍ଥର ଭାନ ଡୋରେନଙ୍କ ନେତୃତ୍ୱାଧୀନ କଳିଙ୍ଗ ଲାନ୍ସର୍ସ ଏଥିସହ ୬ଷ୍ଠ ମ୍ୟାଚରୁ ୪ ବିଜୟ ଓ ୨ଟି ସୁଟ୍ ଆଉଟ୍ ବିଜୟ ସହ ମୋଟ୍ ୧୬ ପଏଣ୍ଟ ପାଇ ପ୍ଲେ-ଅଫ୍‌ରେ ସ୍ଥାନ ପକ୍କା କରିଛି। ଅପରପକ୍ଷରେ ଅମିତ ରୋହିଦାସଙ୍କ ତାମିଲନାଡୁ ଡ୍ରାଗନ୍ସ ୬ଷ୍ଠ ମ୍ୟାଚରୁ ୩ୟ ପରାଜୟବରଣ କରି ୮ ପଏଣ୍ଟ ସହ ୬ଷ୍ଠ ସ୍ଥାନରେ ରହିଛି। ଲାନ୍ସର୍ସ ଏହାର ପରବର୍ତ୍ତୀ ମ୍ୟାଚରେ ମଙ୍ଗଳବାର ସୁରମା ହକି କ୍ଲବକୁ ଭେଟିବ।



| ଆଜିର ମ୍ୟାଚ୍ |
|---|
| ଏଚ୍‌ଆଇଏଲ୍ ଜିସି-ରାଞ୍ଚି ରୟାଲ୍ସ |
| ଆରମ୍ଭ: ରାତି ୭ଟା ୩୦ |

ଅପରପକ୍ଷରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ଶାରଚି ବେଙ୍ଗଲ ଟାଇଗର୍ସ ୩-୨ ଗୋଲ୍‌ରେ ଏସ୍‌ଜି ପାଇପର୍ସକୁ ମାତ୍ ଦେଇଛି। ଦିଲ୍ଲୀଭିତ୍ତିକ ଦଳ ପାଇପର୍ସ ଏକଦା ୨-୦ରେ ଆଗୁଆ ରହିଥିଲା। କିନ୍ତୁ ବେଙ୍ଗଲ ଟାଇଗର୍ସ ଦମଦାର ପ୍ରତ୍ୟାବର୍ତ୍ତନ କରି ୩ ମିନିଟ୍ ବ୍ୟବଧାନରେ ୩ଟି ଗୋଲ୍ ଦେଇ ପାଇପର୍ସ ନିକଟରୁ ବିଜୟ ଛଡ଼ାଇ ଆଣିଥିଲା। ବେଙ୍ଗଲର ୭ମ ମ୍ୟାଚରୁ ଏହା ୩ୟ ବିଜୟ ଥିଲା।

# ସାବାଲେଙ୍କା, ଆଲ୍‌କାରାଜଙ୍କ ବିଜୟ ଅଭିଯାନ




ମେଲବୋର୍ଣ୍ଣ, ୧୮।୧ (ଏଜେନ୍ସି): ସ୍ଥାନୀୟ ମେଲବୋର୍ଣ୍ଣ ପାର୍କରେ ରବିବାରଠାରୁ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନ୍‌ର ୧୧୪ତମ ସଂସ୍କରଣ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ପୁରୁଷ ବିଭାଗରେ ଟପ୍ ସିଡ୍ ସ୍ପେନର କାର୍ଲୋସ ଆଲ୍‌କାରାଜ ସହଜ ବିଜୟ ସହ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଆଲ୍‌କାରାଜ ୬-୩, ୭-୬ (୨), ୬-୨ ସେଟ୍‌ରେ ଘରୋଇ ଖେଳାଳି ଆଦାମ ୱାଲଟନ୍‌ଙ୍କୁ ହରାଇଥିଲେ। ସେହିଭଳି ୩ୟ ସିଡ୍ ଜର୍ମାନୀର ଆଲେକ୍ସଜାଣ୍ଡର ଜ୍ୱେରେଭ ୬-୭, ୬-୧, ୬-୪, ୬-୨ ସେଟରେ କାନାଡାର ଗ୍ରାବିଏଲ୍ ଡିଆଲୋଙ୍କୁ ହରାଇ ଅଭିଯାନ ଆରମ୍ଭ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ୧୦ମ ସିଡ୍ ରୁଷିଆର ଆଲେକ୍ସଜାଣ୍ଡର ବବ୍‌ଲିକ, ଆମେରିକାର ଫ୍ରାନସିସ୍ ତିଆଫୋଏ ପ୍ରମୁଖ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ତେବେ ବ୍ରିଟେନର କ୍ୱାଲିଫାୟର ଖେଳାଳି ଆର୍ଥର ଫେରୀ ୭-୬ (୭-୧), ୬-୪, ୬-୧ ସେଟ୍‌ରେ ବିଶ୍ୱମାନ୍ୟତାର ୨୦ତମ ସ୍ଥାନରେ ରହିଥିବା ଇଟାଲୀର ଫ୍ଲାଭିଓ କୋବୋଲିଙ୍କୁ ହରାଇ ଦିବସର ବଡ଼ ବିପର୍ଯ୍ୟୟ ଘଟାଇଛନ୍ତି। ବିଶ୍ୱ ମାନ୍ୟତାର ୧୮୬ତମ ସ୍ଥାନରେ ରହିଥିବା ଫେରୀଙ୍କ କ୍ୟାରିୟରର ଏହା ଶ୍ରେଷ୍ଠ ବିଜୟ ହୋଇଛି।

### ୪୫ ବର୍ଷୀୟା ଭେନସ୍ ବିଦା

ଅପରପକ୍ଷରେ ମହିଳା ବିଭାଗରେ ୭ଥରର ଗ୍ରାଣ୍ଡସ୍ଲାମ ଚାମ୍ପିଅନ ଭେନସ୍ ୱିଲିୟମ୍ସ ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେଇଛନ୍ତି। ୧୬ ମାସର ମାତୃତ୍ୱ ଛୁଟି ପରେ ଫେରିଥିବା ୪୫ ବର୍ଷୀୟା ଭେନସ୍‌ଙ୍କୁ ଅଷ୍ଟ୍ରେଲିଆନ ଓପନ୍ ଲାଗି ୱାଇଲ୍ଡ କାର୍ଡ ମିଳିଥିଲା। ପ୍ରଥମ ରାଉଣ୍ଡରେ ସେ ୭-୬ (୭/୫), ୩-୬, ୪-୬ ସେଟରେ ଆମେରିକାର ଓଲଗା ଡାନିଲୋଭିଚଙ୍କଠାରୁ ହାରିଯାଇଛନ୍ତି। ଅଷ୍ଟ୍ରେଲିଆନ୍ ଓପନ୍ ମୁଖ୍ୟ ରାଉଣ୍ଡ ଖେଳିବାରେ ସେ ବିଶ୍ୱର ବୟୋଜ୍ୟେଷ୍ଠ ଖେଳାଳି ହୋଇଛନ୍ତି। ମହିଳା ବିଭାଗରେ ଅନ୍ୟ ମ୍ୟାଚରେ ଏକ ନମ୍ବର ମାନ୍ୟତା ଖେଳାଳି ବେଲାରୁଷର ଆରିନା ସାବାଲେଙ୍କା ୬-୪, ୬-୧ ସେଟ୍‌ରେ ଫ୍ରାନ୍ସର ତିଆନସ୍ତୋଆ ରାକାଓନାଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସେହିଭଳି ୨୮ତମ ସିଡ୍ ଇମା ରାଡୁକାନୁ, ୧୨ତମ ସିଡ୍ ଏଲିନା ସ୍ୱିତୋଲିନା, ୭ମ ସିଡ୍ ଜସ୍ମିନ ପାଓଲିନ ପ୍ରମୁଖ ପ୍ରଥମ ରାଉଣ୍ଡରେ ସହଜରେ ବିଜୟ ହୋଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS